ସ୍ମରଣିକା ୨୦୨୩

Souvenir 23

# ସଂଗ୍ରାମ ସରିନାହିଁ

# SANGRAM SARINAHIN



ନିଶାମୁକ୍ତି ସଂଗ୍ରାମର ସାରଥୀ
ପୂର୍ବତନ ମୁଖ୍ୟମନ୍ତ୍ରୀ
√ ନବକୃଷ୍ଣ ଚୌଧୁରୀ




## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ

## MILITA ODISHA NISHA NIBARAN ABHIJAN

(Registered under The Indian Trust Act-1882 vide No. : 1081603503)

853/1431, Madhusudan Nagar, Unit-4, Bhubaneswar-751001, Odisha
Email: monnaodisha@gmail.com, Website : https://monnaodisha.com

*With Best Compliments From:*

**Angul-Sukinda Railway Ltd.**

**CIN : U45203OR2009PLC010620**











ଅକ୍ଟୋବର ୨, ୨୦୨୨ ଗାନ୍ଧୀଜୟନ୍ତୀ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମୋନାର ମଦ ବିରୋଦ୍ଧରେ ପ୍ରତିବାଦ ସଭା

# ସଂଗ୍ରାମ ସରିନାହିଁ
## ସ୍ମରଣିକା
# Sangrama Sarinahin
## Souvenier

**ସମ୍ପାଦନା ମଣ୍ଡଳୀ**

ଶ୍ରୀଯୁକ୍ତ ପଦ୍ମଚରଣ ନାୟକ
ଶ୍ରୀ ଗିରିଜା ପ୍ରସାଦ ନାୟକ
ଶ୍ରୀ ମଳୟ କୁମାର ତ୍ରିପାଠୀ
ଶ୍ରୀ ପ୍ରିୟନାଥ ଆଚାର୍ଯ୍ୟ
ଶ୍ରୀ କୈଳାସ ମଲ୍ଲିକ

**Editorial Board**

Sj. Padmacharana Nayak
Sj. Girija Prasad Nayak
Sj. Malay Kumar Tripathy
Sj. Priyanath Acharya
Sj. Kailash Mallik

**ଷଷ୍ଠ ସଂକଳନ**

୨୦୨୨ - ୨୩

**6th Edition**
2022 - 23

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ

**ପ୍ରକାଶକ**

ଗୋପବନ୍ଧୁ, ରମାଦେବୀ ଆଶ୍ରମ ଟ୍ରଷ୍ଟ୍
ବରୀ, ପୋ : ବରୀ-କଟକ, ଜି: ଯାଜପୁର, ଓଡ଼ିଶା

On behalf of
Milita Odisha Nisha Nibaran Abhijana (MONNA)
monnaodisha@gmail.com

**Published by:**

Gopabandhu, Ramadevi Ashram Trust,
At-Bari, P.O.- Bari Cuttack, Dist.- Jajpur, Odisha
gramtrustbari@gmail.com,

ସହଯୋଗ ରାଶି : ଟ.୫୦/- ମାତ୍ର

ଛାପା ସଂଖ୍ୟା : ୨୦୦୦
Print Copies : 2000

**ଅଳଙ୍କରଣ: ବୁଲୁ ଏବଂ ଅଜିତାଭ ସାହୁ (କୁନୁ)**

**Printed at :** Perfect Print & Graphics Pvt. Ltd, BBSR



# ନିଶା ଯୋଗୁଁ ପ୍ରପିଡ଼ୀତା ଓଡ଼ିଶାର ମା' ଭଉଣୀ ତଥା ସମସ୍ତ ନିଶା ବିରୋଧୀମାନଙ୍କ ନିମନ୍ତେ ଉତ୍ସର୍ଗୀକୃତ ଆମର ଏ ଆନ୍ଦୋଳନ

## *ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟର ଓଡ଼ିଶାରେ ଜୀବନବ୍ୟାପୀ ନିଶା ବିରୋଧୀ ସଂଘର୍ଷରେ ପ୍ରମୁଖ ଭୂମିକା ନେଇଥିବା ତିନି ମହିୟସୀ ମହିଳା*



**୰ ମା' ରମାଦେବୀ**



**୰ ମାଳତୀ ଚୌଧୁରୀ**



**୰ ଅନ୍ନପୂର୍ଣ୍ଣା ମହାରଣା**

### ଶୁଭେଚ୍ଛୁ ବୃନ୍ଦ

ପଦ୍ମଶ୍ରୀ ଡାଃ. ତୁଳସୀ ମୁଣ୍ଡା
ଶ୍ରୀମତୀ ସୁମନୀ ଝୋଡ଼ିଆ
ଜଷ୍ଟିସ୍ ଚୌଧୁରୀ ପ୍ରତାପ କେଶରୀ ମିଶ୍ର
ଡଃ. ସୁଧାଂଶୁ ଭୁଷଣ ମିଶ୍ର
ଶ୍ରୀମତୀ କୃଷ୍ଣା ମହାନ୍ତି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ
ଶ୍ରୀଯୁକ୍ତ ପ୍ରଭାତ ରଂଜନ ମଲ୍ଲିକ
ଶ୍ରୀଯୁକ୍ତ ମହମ୍ମଦ ମୋକି
ଶ୍ରୀମତୀ ରାଧାରାଣୀ ପଣ୍ଡା
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ଶ୍ରୀଯୁକ୍ତ ପଞ୍ଚାନନ କାନୁନ୍‌ଗୋ
ଶ୍ରୀଯୁକ୍ତ ଭୃଗୁ ବକ୍ସିପାତ୍ର
ଶ୍ରୀଯୁକ୍ତ ଅଚ୍ୟୁତ ଦାସ
ଶ୍ରୀଯୁକ୍ତ ଲିଙ୍ଗରାଜ
ଶ୍ରୀମତୀ ଡଲି ଦାସ
ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର
ଆଡ୍‌ଭୋକେଟ୍ ନୀଳମଣି ପ୍ରହରାଜ
ଶ୍ରୀଯୁକ୍ତ ସହଦେବ ସାହୁ
ଶ୍ରୀମତୀ ପ୍ରିୟମ୍ବଦା ପଟ୍ଟନାୟକ
ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ପଣ୍ଡା
ଶ୍ରୀଯୁକ୍ତ ଆଦିତ୍ୟ ପାତ୍ର
ଶ୍ରୀଯୁକ୍ତ ସତ୍ୟବ୍ରତ ଲେଙ୍କା
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥି
ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର
ଶ୍ରୀଯୁକ୍ତ ଅନନ୍ତ ଦାସ
ଶ୍ରୀଯୁକ୍ତ ରବି ନାରାୟଣ ମହାପାତ୍ର
ଶ୍ରୀଯୁକ୍ତ ପଦ୍ମନାଭ ବେହେରା
ଶ୍ରୀଯୁକ୍ତ ନିଶିକାନ୍ତ ମହାପାତ୍ର
ଶ୍ରୀଯୁକ୍ତ ସୁଦର୍ଶନ ନାୟକ
ଶ୍ରୀଯୁକ୍ତ କିଶୋର ଦାସ
ଶ୍ରୀଯୁକ୍ତ ଜଗଦାନନ୍ଦ
ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମନ୍ତରା
ଶ୍ରୀମତୀ ପ୍ରମିଳା ସ୍ୱାଇଁ
ଶ୍ରୀଯୁକ୍ତ ଶୈଳଜ ରବି
ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ସାହୁ
ଶ୍ରୀଯୁକ୍ତ ରାଧାକାନ୍ତ ସେଠୀ
ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ଟିକାୟତରାୟ
ଶ୍ରୀଯୁକ୍ତ ଆଲୋକ କାନୁନ୍‌ଗୋ
ଶ୍ରୀଯୁକ୍ତ ଦେବପ୍ରସାଦ ରାୟ ପିତାମ୍ବର ମହାପାତ୍ର
ଡାକ୍ତର ନିତ୍ୟାନନ୍ଦ ପଟ୍ଟନାୟକ
ଶ୍ରୀଯୁକ୍ତ ସିଦ୍ଧାର୍ଥ ଦାସ

ତଥା ଆହୁରି ଅନେକ ବଦାନ୍ୟ ବ୍ୟକ୍ତିବିଶେଷ, ଶୁଭେଚ୍ଛୁ ଏବଂ ସହୃଦୟ ବିଜ୍ଞାପନଦାତା, ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ, ସମ୍ବାଦପତ୍ର, ସାମ୍ବାଦିକ ବନ୍ଧୁ ତଥା ବୈଦ୍ୟୁତିକ ଗଣମାଧ୍ୟମଙ୍କ ସହ ସମଗ୍ର ରାଜ୍ୟରେ ବିକ୍ଷିପ୍ତ ଭାବରେ ନିଶା ନିବାରଣ ପାଇଁ କାର୍ଯ୍ୟରତ ସମଭାବାପନ୍ନ ଅନୁଷ୍ଠାନ ସମୂହ।

*(ସମ୍ପାଦନା ମଣ୍ଡଳୀର ଚେଷ୍ଟା ସତ୍ତ୍ୱେ ଯେଉଁମାନଙ୍କର ନାମ ଏଠାରେ ସ୍ଥାନ ପାଇପାରିନାହିଁ, ସେ ସମସ୍ତଙ୍କ ନିକଟରେ ଆମେ ନିଃସର୍ତ୍ତ କ୍ଷମା ପ୍ରାର୍ଥୀ ଏବଂ ଆଜୀବନ ଋଣୀ।)*

କୃତଜ୍ଞତାର ସହ

ପଦ୍ମଚରଣ ନାୟକ, ଆବାହକ

**ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ**



।।श्रीहरिः।।

।।श्रीगणेशाय नमः।।

पूर्वाम्नाय श्रीगोवर्द्धनमठ-पुरीपीठाधीश्वर

श्रीमज्जगद्गुरु-शङ्कराचार्य-स्वामी निश्चलानन्दसरस्वती

श्रीगोवर्द्धनमठ-पुरीपीठ-श्रीमज्जगद्गुरु-शङ्कराचार्य-महासंस्थानम्-पुरी ७५२००१, ओडिशा

सम्पर्क- ०६७५२-२३१७१६, फैक्स- ०६७५२-२३१०९४, मो.- ९४३७०३१७१६

निज सचिव - स्वामी श्रीनिर्विकल्पानन्दसरस्वती

e mail: contact@govardhanpeeth.org, website: www.govardhanpeeth.org

पत्र क्रमाङ्क -

दिनाङ्क- ०५.०८.२०२३

**न मे स्तेनो जनपदे न कदर्यो न मद्यपः। नानाहिताग्निर्नाविद्वान् न स्वैरी स्वैरीणी कुतः।।**
छान्दोग्योपिनषद् के इस वचनके अनुशीलनसे यह तथ्य सिद्ध है कि, आदर्श राजाके राज्यमें मद्यपान करनेवाला कोई नहीं होता। प्रज्ञाशक्ति और प्राणशक्तिमें उत्तेजना उत्पन्न कर मादकद्रव्य इन्हें विकृत और विलुप्त किए बिना नहीं रहता। भक्ति, विरक्ति और भगवत्प्रबोधसे समन्वित महानुभावोंके जीवनमें आत्मरति, आत्मतृप्ति और आत्मसंतुष्टि सम्पन्नतारूपा तन्मयता निसर्गसिद्ध है। अत एव उनके जीवनमें मादकतद्रव्योंकी दासता सर्वथा असम्भव है। उक्त तथ्यकी परिपुष्टि श्रीमद्भागवतके निम्नलिखित वचनके अनुशीलनसे सिद्ध है-

**देहं च नश्वरमवस्थितमुत्थितं वा सिद्धो न पश्यति यतोऽध्यगमत् स्वरूपम्।**
**दैवादपेतमुत दैववशादुपेतं वासो यथा परिकृतं मदिरामदान्धः।।**
**(श्रीमद्भागवत ११.१३.३६)**

ध्यान रहे **काँटेसे काँटा निकलता है** इस कहावतके अनुसार धर्म, अध्यात्म और राष्ट्र-भक्ति सुलभ मादकताके अमोघ प्रभावसे बाह्यमादकतासे त्राण सम्भव है। अन्यथा नशामुक्तिके नामपर मादकद्रव्योंकी तस्करी ही सम्भव है।

**संग्राम सॅरी नाहीं** इस पित्रकाके माध्यमसे प्रसारित तथ्योंकी उपादेयता इस सन्दर्भमें हृदयङ्गम करनेयोग्य है।

निश्चलानन्दसरस्वती

**श्रीमज्जगद्गुरु-शङ्कराचार्य**
**ऋग्वेदीय-पूर्वाम्नाय-गोवर्द्धनमठ-पुरीपीठ**



KRIYA YOGA INTERNATIONAL

24757 SW 167 Avenue, Homestead, Florida, USA 33031, TEL: 1-305-247-1960, www.kriya.org
Hariharananda Gurukulam, P.O. Chaithana. Balighai, Puri, Odisha, India 752002, TEL: 91-6752-246644

THE KRIYA YOGA OF BABAJI MAHARAJ, SHRI LAHIRI MAHASHAYA, SWAMI SHRIYUKTESHWAR, SHRI SANYAL MAHASHAYA, PARAMAHAMSA YOGANANDA, SWAMI SATYANANDA, PARAMAHAMSA HARIHARANANDA, & PARAMAHAMSA PRAJNANANANDA

Shri Padma Charan Nayak — April 29, 2023
The President, Milita Odisha Nisha Nibarana Abhijana
Bhubaneswar, Odisha

Loving Padma Charan Bapa.
Jay Jagannath.
I offer my love and regard to you and thank you for remembering me. You are in my thought and prayer. You are an ideal for all of us. You have dedicated your life for the country and countrymen from the period of the freedom movement until now. Your struggle from your young age has not ended. Your dream and vision to make India free from the clutches of all sorts of vices, especially being free from harmful addictions like alcohol and other intoxicants, resulted in you starting a rapid movement, along with many like-minded people, to make Odisha free from the dangers of addiction and intoxication, which spoils a person, the family, the society, and the country.

Our culture since the period of the Vedas had condemned the use of alcohol and other intoxications. It is said in the Vedas, madyam apeyeyam, agrahyam, adeyan ca: "alcohol and other intoxicants should not be consumed, accepted, or given to anyone." In the name of modernity. civilization, and progressiveness, people are blinded with glamor and glitter, forgetting their own good as well as the common good and the greater interest for all.

It is unfortunate that so-called people's representatives in a democratic country like ours are keeping their eyes closed and turning a deaf ear to this greatest evil of the present society. It is all selfishness and a short-sighted attitude.

Let outr struggle proceed further with more strength and momentum.
Let you see your dream be truly fulfilled in your lifetime.
My love to all who are working selflessly with you.

With love,

Paramahansa Prajanananda



Prof. Ganeshi Lal
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJ BHAVAN
BHUBANESWAR - 751 008

ରାଜଭବନ
ଭୁବନେଶ୍ୱର-୭୫୧ ୦୦୮

ତା.୧୬.୦୪.୨୦୨୩

## ।। ବାର୍ତ୍ତା ।।

ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ବାର୍ଷିକ ସ୍ମରଣିକା 'ସଂଗ୍ରାମ ସରିନାହିଁ' ପ୍ରକାଶ ପାଉଥିବା ଜାଣି ଖୁସି ହେଲି ।

ନିଶା ଆମ ସମାଜର ଏକ ବଡ଼ ଶତ୍ରୁ । ଏହା ସମାଜକୁ କବଳିତ କରିରଖିଛି । ଧନ ଓ ଜୀବନ ନଷ୍ଟ କରିଚାଲିଛି । ଏକ ସୁସ୍ଥ ଓ ସୁନ୍ଦର ସମାଜ ନିମନ୍ତେ ନିଶାଠୁ ମୁକ୍ତି ଏକାନ୍ତ ଜରୁରୀ । ନିଶାର କୁପ୍ରଭାବ ସମ୍ପର୍କରେ ବ୍ୟାପକ ଜନସଚେତନ ଓ କ୍ରିୟାଶୀଳତା ଦରକାର ଏବଂ ଏଥିନିମନ୍ତେ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପ୍ରମୁଖ ଭୂମିକା ନେଇଛି । ବର୍ଷୀୟାନ ସ୍ୱାଧିନତା ସଂଗ୍ରାମୀ ପଦ୍ମଚରଣ ନାୟକଙ୍କ ମାର୍ଗଦର୍ଶନ ବେଶ୍ ପ୍ରେରଣାଦାୟୀ । ନିଶାନିବାରଣ କ୍ଷେତ୍ରରେ କର୍ଯ୍ୟରତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୋର ବିଶେଷ ଶ୍ରଦ୍ଧା ଓ ସମ୍ମାନ ଜଣାଉଛି । ମୋର ବିଶ୍ୱାସ, ଯେ ପର୍ଯ୍ୟନ୍ତ ଅଛି ନିଶା ମରି ନାହିଁ; ସଂଗ୍ରାମ ସରିନାହିଁ । ସେ ପର୍ଯ୍ୟନ୍ତ କେହି ଥକି ଯିବା ନାହିଁ ।

ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ମହତ ପ୍ରୟାସ ପାଇଁ ସାଧୁବାଦ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

Tel. : 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in



Cell: 9437023671
9437446730

## *Justice Ch. Pratap Keshari Mishra*

Retd.Judge, Orissa High Court.
Surya Vihar, Lane-2,
Behind Nishamani Convention
Link Road, Cuttack-753012,Odisha, India

ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ମଦ ବିରୋଧରେ ସଚେତନତା ପୁସ୍ତକ **"ସଂଗ୍ରାମ ସରିନାହିଁ"** ପୁସ୍ତକଟି ପ୍ରକାଶ ପାଇବାକୁ ଯାଉଛି ଶୁଣି ବହୁତ ଖୁସି ଲାଗିଲା । ଏହି ପତ୍ରିକାଟି ସାଧାରଣ ଲୋକଙ୍କ ମନକୁ ଛୁଇଁଲାଭଳି ପତ୍ରିକା । ଏଥିରେ ବହୁ ଉପାଦେୟ ତଥ୍ୟ ପ୍ରକାଶ ପାଇଛି । ମଦ ରୂପକ ରାକ୍ଷସ ସମାଜକୁ ତଳିତଳାନ୍ତ କରିପକାଉଛି । ମଦ ପିଇବା ଦ୍ୱାରା କେବଳ ଅର୍ଥନୈତିକ କ୍ଷତି ଘଟାଏ ନାହିଁ, ଏହାଦ୍ୱାରା ସାମାଜିକ,ମାନସିକ,ନୈତିକ ବିଚ୍ୟୁତି ମଧ୍ୟ ଘଟିଥାଏ । ଏଣୁ ମଦ ବିରୋଧରେ ବ୍ୟାପକ ଜନସଚେତନତାର ଆବଶ୍ୟକତା ଅଛି । ଏହି ପତ୍ରିକାଟି ସମାଜର ମୌଳିକ ପ୍ରସଙ୍ଗକୁ ଛୁଉଁଛି । ମୁଁ ଏହାର ଉତରୋତ୍ତର ଉନ୍ନତି କାମନା କରୁଛି ।

ଚୌଧୁରୀ ପ୍ରତାପ ମିଶ୍ର

(ଜଷ୍ଟିସ ଚୌଧୁରୀ ପ୍ରତାପ କେଶରୀ ମିଶ୍ର)

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | | ୧ |
| ନିଶା ନିବାରଣ, ନାରୀ ଜାଗରଣ ଓ ମହାତ୍ମା ଗାନ୍ଧୀ | ସିଦ୍ଧାର୍ଥ କାନୁନ୍‌ଗୋ | ୨ |
| ପଥଭ୍ରଷ୍ଟ ସମାଜ | ଶ୍ରୀ ଗୋବିନ୍ଦଚନ୍ଦ୍ର ନନ୍ଦ | ୩ |
| ମହିଳାଙ୍କ ସ୍ୱର ଶୁଭୁନାହିଁ | ପାର୍ବତୀ ନାୟକ | ୫ |
| ନିଶା ନିବାରଣ କାହିଁକି ଜରୁରୀ | ଆଦିକନ୍ଦ ରାଉଳ | ୭ |
| ବିଷାକ୍ତ ମଦ, ମଦମୃତ୍ୟୁ ଓ ସରକାରଙ୍କ ବିଶୁଦ୍ଧ ମଦ | ଗିରିଜା ପ୍ରସାଦ ନାୟକ | ୯ |
| ମଦ କବଳରେ ପ୍ରଚଳିତ ଗଣତନ୍ତ୍ର | ଶୁଭେନ୍ଦୁ କୁମାର ରାଉତରାୟ | ୧୧ |
| ଜୁଆଙ୍ଗ ଜାତି ସଭାରେ ଗାନ ହୋଇଥିବା କବିତା | ଇନ୍ଦ୍ରମଣି ପ୍ରଧାନ | ୧୨ |
| ନିଶା | ପ୍ରମୋଦ କୁମାର ଖୁଣ୍ଟିଆ | ୧୨ |
| ମୋନା (ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ) ସମାବେଶ | | ୧୩ |
| ନ କହିଲେ କୁଳ ଭାସିଯାଉଛି | ଛନ୍ଦା ମିଶ୍ର | ୧୪ |
| ମଦ ପାଇଁ ଆଜି ମୋ ଗାଁ କାନ୍ଦୁଛି | ଅରୁଣ କୁମାର ସାମନ୍ତରାୟ | ୧୫ |
| ନିଶା ନିବାରଣରେ ଆଧ୍ୟାତ୍ମିକ ବ୍ୟକ୍ତି ଏବଂ ସଂସ୍ଥାର ଭୂମିକା | ପଦ୍ମଚରଣ ନାୟକ | ୧୬ |
| ସେମାନଙ୍କ ପାଇଁ ସଂଗ୍ରାମ ସରିନାହିଁ | ଅରୁଣ କୁମାର ପଣ୍ଡା | ୧୮ |
| ମଦରେ ଭାସୁଛି ଓଡ଼ିଶା | ପାର୍ବତୀ ନାୟକ | ୧୯ |
| ଆମେ ଛୋଟ ଛୋଟ ଗୁଣ୍ଡୁଚି | | ୧୯ |
| ସାଧାରଣ ମଣିଷର ମୁଖ୍ୟମନ୍ତ୍ରୀ ଓ ମଦମୁକ୍ତି | ତାରାକାନ୍ତ ନାୟକ | ୨୦ |
| ମଳମୁକ୍ତ ଭାରତ ବନାମ ମଦମୁକ୍ତ ଭାରତ | ଡ. ବିଜୟ କୁମାର ସ୍ୱାଇଁ | ୨୨ |
| ନିର୍ବାଚନରେ ନିଶାକୁ ନିଘା | ଡ. ପ୍ରଭାସ ଆଚାର୍ଯ୍ୟ | ୨୪ |
| ନ୍ୟୁଜିଲାଣ୍ଡରେ ଯୁବପିଢିଙ୍କୁ ଧୂମପାନ ମନା (ସଂଗୃହୀତ) | | ୨୫ |
| ମାଆ ଭଉଣୀଏ ଏକାଠି ହେବା, ନିଶାମୁକ୍ତ ଗାଆଁ ଆମେ ଗଢ଼ିବା | ଅପର୍ଣ୍ଣା ନାୟକ | ୨୬ |
| ମଦମୁକ୍ତ ଓଡ଼ିଶା ଯୋଜନା ନାହିଁ | | ୨୭ |
| ନିଶାମୁକ୍ତ ଗାଁ ପାଇଁ ଗୀତଟିଏ | ଅପର୍ଣ୍ଣା ନାୟକ | ୨୭ |
| ନିୟମିତ ମଦ ପିଇ ସମସ୍ତଙ୍କୁ ପିଟୁଥିଲା | | ୨୮ |
| ନିଶାଦ୍ରବ୍ୟ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଦାବି | | ୨୮ |
| ମୁଁ ମୋ ପୁଅକୁ ବଞ୍ଚେଇ ପାରିଲିନି | | ୨୯ |
| ମଦ ଛାଡ଼, ପାଠ ପଢ | ବିଚିତ୍ରାନନ୍ଦ ପଣ୍ଡା | ୨୯ |
| ସଂକ୍ଷେପରେ କାର୍ଯ୍ୟଧାରା... ନିଜ ଅନୁଭୂତିରୁ | ପ୍ରିୟନାଥ ଆଚାର୍ଯ୍ୟ | ୩୦ |
| ନିଶାଗ୍ରସ୍ତ ବାପା ଓ ଅନ୍ଧବିଶ୍ୱାସ ସଞ୍ଜା ସାଗରୀକା (ରାକ୍ଷୀ) | | ୩୨ |
| ନିଶା ରାକ୍ଷସର ନିପାତ କରିବ କିଏ? | ପ୍ରହଲ୍ଲାଦ କୁମାର ସିଂହ | ୩୩ |
| କଟକ ଆକାଶବାଣୀ କେନ୍ଦ୍ରରୁ ପ୍ରସାରିତ ଏକ ସାକ୍ଷାତକାର କାର୍ଯ୍ୟକ୍ରମର ଭାବାନୁବାଦ। | ପ୍ରୋଜେକ୍ଟ ସ୍ୱରାଜ, ନିଶାମୁକ୍ତି କେନ୍ଦ୍ର, କଟକ | ୩୫ |
| ସ୍ୱାସ୍ଥ୍ୟପ୍ରଦ ପାନୀୟକୁ ସ୍ୱାଗତ | ଡା. ଶିବ କୁମାର ସରିନ୍ | ୩୯ |

| | | |
|---|---|---|
| ମଦ ଅଭିଶାପ | (ଡିଜିଟାଲ) ଅଭିମତ ସମ୍ପାଦକୀୟ | ୪୦ |
| ଆମ ହାତେ ହେବ ନିଶା ବନ୍ଦୀ | ଅପର୍ଣ୍ଣା ନାୟକ | ୪୧ |
| ଯମଜ ଭଗିନୀ- ନିଶା ଆଉ ହିଂସା | ନିରଞ୍ଜନ ସାହୁ | ୪୨ |
| ଭଲ ଗାଁଟିଏ ଗଢ଼ିବା | ବିଚିତ୍ରାନନ୍ଦ ପଣ୍ଡା | ୪୪ |
| ନର୍କ ଓ ରାକ୍ଷସ | ବିଚିତ୍ରାନନ୍ଦ ପଣ୍ଡା | ୪୫ |
| ମଦ ପହଂଚିବ ପାଇପ୍‌ରେ | ପ୍ରତାପ କୁମାର ମିଶ୍ର | ୪୬ |
| ବୈଜ୍ଞାନିକ ସିଦ୍ଧାନ୍ତ | (ନିଶା କବଳରେ ମଣିଷ ପୁସ୍ତକରୁ ଉଦ୍ଧୃତ) | ୪୭ |
| ମଦ୍ୟପାନ ସମ୍ବନ୍ଧରେ ବିଭିନ୍ନ ଅନ୍ଧ ବିଶ୍ୱାସ | (ନିଶା କବଳରେ ମଣିଷ ପୁସ୍ତକରୁ ଉଦ୍ଧୃତ) | ୪୮ |
| ମଦ ଯୋଗୁଁ ଅପରାଧ | (ନିଶା କବଳରେ ମଣିଷ ପୁସ୍ତକରୁ ଉଦ୍ଧୃତ) | ୪୯ |
| ମଦମୁକ୍ତି ଆନ୍ଦୋଳନ - ଏକ ସଂଗ୍ରାମୀର ଅନୁଭବ | ସତ୍ୟବ୍ରତ ପୃଷ୍ଟି | ୫୦ |
| ଏକ ଅନୁଭୂତିର ସ୍ପର୍ଶ | ମନମୋହନ ମିଶ୍ର | ୫୩ |
| ନିଶା ନିବାରଣ | ଲେଖକ :- ୰ ପବିତ୍ର ମୋହନ ପ୍ରଧାନ | ୫୪ |
| ଧନ୍ୟ ନବକୃଷ୍ଣ ଚୌଧୁରୀ ବାବୁ | ଗୀତା ଦାସ | ୫୮ |
| ୨୮/୧୦/୨୦୦୬ ଦିନ "ଓଡ଼ିଶା ନିଶା ନିବାରଣ କମିଟି" ର ପ୍ରେସ୍ ବିଜ୍ଞପ୍ତି | ଇତିହାସ ପୃଷ୍ଠାରୁ | ୫୯ |
| ନିଶା ଓ ନିଶା | ସୁନନ୍ଦା ମହାନ୍ତି, | ୬୦ |
| କାନ୍ ଖୋଲ୍‌କର୍ ଶୁନ୍ ସରକାର୍ (୮) | ତ୍ରିଲୋଚନ କାନୁନଗୋ | ୬୧ |
| ନିଶା | ଅତିଶ କୁମାର ରାଉତ | ୬୩ |
| ଓଡ଼ିଶାରେ ତଥ୍ୟର ଖଣି | ଶ୍ରୀ ବିଜୟ ସାହୁଙ୍କ କଲମରୁ - | ୬୪ |
| ନିଶାର ପ୍ରାବଲ୍ୟ ଦାରିଦ୍ର୍ୟର ମୁଖ୍ୟ କାରଣ | ଅର୍ଜ୍ଜୁନ ଚରଣ ସାମନ୍ତରାୟ | ୬୫ |
| ନିଶାମୁକ୍ତ ଓଡ଼ିଶା | ମଧୁସୂଦନ ମିଶ | ୬୬ |
| ବୁଲା ଫକୀରର ଝୁଲାମୁଣି | ତୁଷାରକାନ୍ତ | ୬୭ |
| ନିଶାର ସ୍ୱରୂପ | କୁନ୍ତଳା କୁମାରୀ ବିଶ୍ୱାଳ | ୬୮ |
| "ମୋନା"ର ବାର୍ଷିକ ବିବରଣୀ | (୨୦୧୯ ରୁ ୨୦୨୩) | ୬୯ |
| **Odisha Nishanibarana Committee** | ଇତିହାସ ପୃଷ୍ଠାରୁ | ୭୪ |
| **Nitish Kumar & Congress to undertake pan Bihar prohibition Awareness Yatras** | | ୭୮ |
| **Hooch tragedy has nothing to do with prohibition** | | ୭୯ |
| **From Mada Mukta Shreekhetra to Liquor – Free Odisha** | **Girija Prasad** | ୮୦ |
| **ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଯୋଗାଯୋଗ** | | **୮୧** |
| **ମୂଳୁ ମାଇଲେ ଯିବ ସରି : ଦେବଙ୍କ ସଙ୍ଗେ କିମ୍ବା କଳି** | **ତୁଷାରକାନ୍ତ** | **୮୪** |
| **ଆମେ କ'ଣ ସତରେ ନିଶା ବିରୋଧୀ ???** | **ମଳୟ କୁମାର ତ୍ରିପାଠୀ** | **୮୬** |
| **ଅନେଶତ ପାହାଚରେ** | **ଅପର୍ଣ୍ଣା ନାୟକ** | **୮୮** |
| **ଜାଗରଣ ସଂଗୀତ ଓ ନିଶା ନିବାରଣ ସ୍ଲୋଗାନ** | | **୯୧** |
| Statement of Accounts | | **୯୨** |

# ସମ୍ପାଦକୀୟ



## ମାୟା ରାବଣର ସୁନା ହରିଣ ଭଳି ମାୟାରେ ଭୁଲିବାର ନାହିଁ

### ନବୀନଙ୍କ ଅମଳରେ ଅକାଳରେ ଲକ୍ଷ ଲକ୍ଷ ବିଧବା ହୋଇଥିବା ମା'ମାନେ ଏବେ ଜବାବ ମାଗିବେ

ନବୀନ ପଟ୍ଟନାୟକଙ୍କ ବାଇଶି ବର୍ଷର ଶାସନ କାଳରେ ରାଜ୍ୟରେ ଯାହା ହୋଇନଥିଲା, ଏହି ନିର୍ବାଚନ ବର୍ଷରେ ତା'ଠାରୁ ଅଧିକ ଲୋକ ହିତକାରୀ କାର୍ଯ୍ୟ ହେଉଛି ବୋଲି ପ୍ରଚାରରୁ ଜାଣିହୁଏ। ଗଣମାଧମରେ ପ୍ରତି ଦିନ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କିଛି ନୂଆ ଉପହାର ଦେଉଛନ୍ତି, ଯହିଁରେ ମୁଗ୍ଧ ହୋଇ ଲୋକଙ୍କ ମୁହଁରେ ଖାଲି ହସ ଆଉ ହସର ବିଜ୍ଞାପନ ଦେଖିବାକୁ ମିଳୁଛି । ସେହି ହସରେ ବି ନବୀନ ହସ ହସ। ଏହା କ'ଣ ବାସ୍ତବତା ?

ପାଞ୍ଚବର୍ଷରେ ନିର୍ବାଚନ କାଳ ଏକ ହିସାବ ନିକାସର ବେଳ। ଯେଉଁ ସବୁ ଉପହାର ମୋଦି ବା ନବୀନ ଦେଶବାସୀଙ୍କୁ ଦେଉଛନ୍ତି ବୋଲି ଘୋଷଣା କରୁଛନ୍ତି, ତାହା ଲୋକଙ୍କ ଟିକସ ପାଣ୍ଠିରୁ ଖର୍ଚ୍ଚ ହେଉଛି; କାହାର ବ୍ୟକ୍ତିଗତ ଦାନ ନୁହେଁ। ସେମାନେ ତାହାକୁ ଠିକ୍ ଭାବରେ ଖର୍ଚ୍ଚ କରୁଛନ୍ତି ତ ! ଏ ବାବଦ ପ୍ରଶ୍ନ ଲୋକେ କରନ୍ତୁ ଓ ତା'ର ଉତ୍ତର ମିଳିବା ଦରକାର।

ଏ ବାବଦରେ ରାଜ୍ୟର ମା'ମାନଙ୍କ ସମେତ ସବୁ ଗରିବ ଲୋକଙ୍କର ଗୋଟିଏ ଅଭିଯୋଗ ଯେ, ମଦର ପ୍ରସାର ଫଳରେ ଏଭଳି ଲୋକଟିଏ ନାହିଁ ଯାହାର ନିଜ ପରିବାରର, ନଚେତ୍ ବନ୍ଧୁ ବାନ୍ଧବର, ନହେଲେ ପ୍ରିୟ ଲୋକଟିଏ ମଦ ରାକ୍ଷସର କବଳରେ ନ ପଡ଼ିଛି। ମଦ ଯୋଗୁ ପରିବାର ଠାରୁ ଆରମ୍ଭ କରି ସମଗ୍ର ସମାଜ ଆଜି ଉଚ୍ଛନ୍ନ। ମଦ ଯୋଗୁ ଗରିବ ପରିବାରଟିର ବି ମଦରେ ବର୍ଷକୁ ୩୦ରୁ ୪୦ ହଜାର ଟଙ୍କା ଯାଉଛି; ରୋଗ ଓ ଅଶାନ୍ତି ବଢୁଛି। ଯାକୁ ଲକ୍ଷ୍ୟ କଲେ ସରକାର ମା'ମାନଙ୍କ ପାଇଁ ଓ ଚାଷୀ ପାଇଁ ଯାହା ଖର୍ଚ୍ଚ କରୁଛନ୍ତି ତାହା କିଛି ନୁହେଁ। ଲୋକଙ୍କୁ ଲୁଚାଇ ଗୁପ୍ତରେ ନୋଟିସ ଜାରି କରି ପ୍ରତିବର୍ଷ ଅଧିକରୁ ଅଧିକ ମଦ ଦୋକାନ ଖୋଲାଯାଉଛି। ଯେଉଁଠି ବି ଲୋକେ ଜାଣିପାରି ଆପତ୍ତି ଜଣାଉଛନ୍ତି ତାହା ମୋଟେ ବିଚାରକୁ ନିଆଯାଉ ନାହିଁ।




ରାଜ୍ୟ ସରକାରଙ୍କ ୨ଲକ୍ଷ ୫୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ୍‌ରେ ମାତ୍ର ୬ ହଜାର କୋଟି ଟଙ୍କାର ଅବକାରୀ ଆୟ ନଗଣ୍ୟ ଅଂଶ ମାତ୍ର। ଏତକ ନ ମିଳିଲେ ସରକାର ଅଚଳ ହୋଇଯିବ ନାହିଁ। ଗରିବ ବିହାର ରାଜ୍ୟ ଏହାକୁ କାର୍ଯ୍ୟକାରୀ କରି ଦେଖାଇ ଦେଇଛି। ସରକାରଙ୍କର ଅନ୍ୟ ଏକ ଆଳ, ସରକାର ବିଶୁଦ୍ଧ ମଦର ବ୍ୟବସ୍ଥା ନକଲେ ବିଷାକ୍ତ ମଦ ଖାଇ ବହୁ ଲୋକ ମରିଯିବେ। କିନ୍ତୁ ବିଷାକ୍ତ ମଦମୃତ୍ୟୁର ହଜାର ଗୁଣ ଅଧିକ ଲୋକ ସରକାରୀ ମଦ ଖାଇ ଅକାଳରେ ଯେ ମରୁଛନ୍ତି ଏହା ଆମ ସମସ୍ତଙ୍କ ବାସ୍ତବ ଅନୁଭବ।

ସରକାରଙ୍କ ମଦ ନୀତି ଫଳରେ ଗତ ୨୨ ବର୍ଷ ମଧ୍ୟରେ ପ୍ରାୟ ୧୨ଲକ୍ଷ ଯୁବକ ମଦ୍ୟାସକ୍ତ ହୋଇ ଅକାଳରେ ମରିଛନ୍ତି। ସେମାନଙ୍କ ବିଧବା ପତ୍ନୀ, ବାପଛେଉଣ୍ଡ ପିଲାଙ୍କ ମୁହଁରୁ ସବୁଦିନ ପାଇଁ ହସ ଶୁଖିଯାଇଛି। ଏଣୁ ସମଗ୍ର ଓଡ଼ିଆ ଜାତି ପାଇଁ ମଦମୁକ୍ତ ଓଡ଼ିଶା ଆଜିର ସବୁଠାରୁ ବଡ଼ ଆହ୍ୱାନ।

ଗତ ପାଞ୍ଚ ବର୍ଷରେ ରାଜ୍ୟର ଭୋଟରମାନେ ଏ ବାବଦରେ ପଚାରିବା ଲାଗି ଏବେ ଏକ ସୁଯୋଗ ପାଇଛନ୍ତି। ନବୀନ ପଟ୍ଟନାୟକଙ୍କୁ ଏଥି ଲାଗି ୨୦୧୫ ମସିହାରେ ରାଜ୍ୟର ଦଶ ଲକ୍ଷ ଲୋକଙ୍କ ଦସ୍ତଖତ ଥିବା ଦାବୀପତ୍ର ଦିଆଯାଇଛି, ବ୍ୟକ୍ତିଗତ ଭାବରେ ଦେଖା କରି ଅନୁରୋଧ ମଧ୍ୟ କରାଯାଉଛି। ସେ ବି ଏ ବାବଦରେ କିଛି ନିଶ୍ଚୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସବୁ କିଛି ଏ ପର୍ଯ୍ୟନ୍ତ ନିଷ୍ଫଳ। ତେଣୁ ଶେଷ ଥର ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକେ, ବିଶେଷକରି ମା'ମାନଙ୍କ ପ୍ରତିନିଧି ନିଜ ବ୍ଲକ୍ ଓ ସହରର ମୁଖ୍ୟ ସ୍ଥାନରେ ଏକତ୍ର ହୋଇ ତାଙ୍କୁ ଏ ଦାବି ଜଣାଇବେ। ମଦମୁକ୍ତ ଓଡ଼ିଶା ହେବ ଆଗାମୀ ନିର୍ବାଚନର ମୁଖ୍ୟ ରଣଧ୍ୱନୀ। ଟଙ୍କା, ମାଂସ, ମାଛ ଓ ମଦକୁ ନେଇ ଭୋଟ୍ କିଣିବା ଖେଳ ଏଥର କାମ ଦେବ ନାହିଁ।

'ମଦ, ନିଶା ହଟେଇବ ଯିଏ, ଆମର ଭୋଟ ପାଇ ସିଏ' ଏହି ଧ୍ୱନୀରେ ରାଜଧାନୀ ଠାରୁ ରାଜ୍ୟର ପୁରପଲ୍ଲୀ ପ୍ରକମ୍ପିତ ହେବ।

ପଦ୍ମଚରଣ ନାୟକ

# ନିଶା ନିବାରଣ, ନାରୀ ଜାଗରଣ ଓ ମହାତ୍ମା ଗାନ୍ଧୀ

ସିଦ୍ଧାର୍ଥ କାନୁନ୍‌ଗୋ

ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ମହାତ୍ମା ଗାନ୍ଧୀ ଖଦି ଓ ଗ୍ରାମ୍ୟଶିଳ୍ପର ପ୍ରସାର, ନିଶା ନିବାରଣ, ମୌଳିକ ଶିକ୍ଷା, ନାରୀଶିକ୍ଷା ତଥା ନାରୀ ଜାଗରଣ, ସାମ୍ପ୍ରଦାୟିକ ଏକତା, ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କର ଉନ୍ନତି ପାଇଁ ୧୮ ଦଫା କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ଦେଶ ସ୍ୱାଧୀନ ହେବାର ୭୨ ବର୍ଷ ପରେ ମଧ୍ୟ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ଏହି ୧୮ ଦଫା କାର୍ଯ୍ୟକ୍ରମ ମଧ୍ୟରୁ ଅନେକ କାର୍ଯ୍ୟକାରୀ ହୋଇପାରି ନାହିଁ।

ପ୍ରଥମେ ଗାନ୍ଧୀଙ୍କ ସମ୍ପୂର୍ଣ୍ଣ ନିଶା ନିବାରଣ ଉପରେ ଆଲୋଚନା କରିବା। ଏଠାରେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ସମ୍ପାଦିତ 'ୟଙ୍ଗ ଇଣ୍ଡିଆ'ର ତା୪.୨.୧୯୨୬ରିଖ ସଂସ୍କରଣରେ ପ୍ରକାଶ ପାଇଥିବା ଲେଖାର କିୟଦଂଶ ଉଲ୍ଲେଖ କରିବା ଉଚିତ ହେବ - "ଆର୍ଥିକ କ୍ଷତିଠାରୁ ନୈତିକ କ୍ଷତି ଓ ଅଧଃପତନ ଅଧିକ ଗୁରୁତର। ଯେଉଁମାନେ ମଦ୍ୟପାନ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଆସକ୍ତ ସେମାନେ ଓ ଯେଉଁମାନେ ସେ ବ୍ୟବସାୟ କରନ୍ତି, ଉଭୟଙ୍କର ଅଧଃପତନ ହୁଏ।"

ବାସ୍ତବରେ ନିଶାସକ୍ତମାନେ ସମାଜ ପାଇଁ ବିପଦ। ନିଶା ଅତୀତରେ ଓ ବର୍ତ୍ତମାନ ମଧ୍ୟ ବହୁ ପରିବାରର ସୁଖଶାନ୍ତିକୁ ଦଳିଚକଟି ଦେଇଛି। ଅଦ୍ୟାବଧି ଏଥିରେ କିଛି ପରିବର୍ତ୍ତନ ଆସିନାହିଁ। ଭାରତୀୟ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦଟି ଉଲ୍ଲେଖ କରିବା କଥା ଓଡ଼ିଶା ବିଧାନସଭାରେ ସରକାରୀ ଦଳ କିଛିଦିନ ପୂର୍ବେ ଉଠାଇଥିଲେ। ଏହା ଭଲ କଥା। ସମ୍ବିଧାନର ୪୨ତମ ସଂଶୋଧନରେ ପ୍ରଥମ ଥର ପାଇଁ ମୁଖବନ୍ଧରେ'ଧର୍ମନିରପେକ୍ଷ' ଶବ୍ଦ ଯୋଡ଼ାଗଲା। ସେହିପରି ଆମ ସମ୍ବିଧାନର ୪୭ ଧାରାରେ 'ସମ୍ପୂର୍ଣ୍ଣ ନିଶା ନିବାରଣ' କଥା ଉଲ୍ଲେଖ ଅଛି। ପ୍ରଥମରେ ଏହାକୁ ତାମିଲନାଡ୍ରୁ, ବିହାର ଓ ଓଡ଼ିଶା ପରି କେତେକ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରାଯାଇଥିଲା; କିନ୍ତୁ ତାହା ପ୍ରଭାବଶାଳୀ ହୋଇପାରିନାହିଁ।

ନିକଟ ଅତୀତରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧିକ ମଦ ବିକୁଥିବା ଲାଇସେନ୍ସପ୍ରାପ୍ତ ମଦ ବେପାରୀଙ୍କୁ ପୁରସ୍କୃତ କରିବା ପାଇଁ ସୁପାରିସ କରିଛନ୍ତି। ଏଥିରେ ଗଣମାଧ୍ୟମରେ ତୁମ୍ବି ତୋଫାନ ସୃଷ୍ଟି ହୋଇଛି। ଏଠାରେ ଏହା ସ୍ପଷ୍ଟ ହେବା ଉଚିତ ଯେ ବିଧାନସଭା ଷ୍ଟାଣ୍ଡିଂ କମିଟିରେ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକମାନେ ସଦସ୍ୟ ଥାଆନ୍ତି। ବିଧାନସଭା ହେଉ ବା ନ୍ୟାୟପାଳିକା ହେଉ, ଏମାନେ ଆମ ସମସ୍ତଙ୍କ ଉର୍ଦ୍ଧ୍ୱରେ। ସେମାନଙ୍କ ପ୍ରାଜ୍ଞ ବିଚାର ଉପରେ ମନ୍ତବ୍ୟ ଦେବା ଅସାମ୍ବିଧାନିକ ଓ ଅନୁଚିତ। ଏଠାରେ ନମ୍ରତାର ସହ ଏକଥା କୁହାଯାଇପାରେ ଯେ, ଷ୍ଟାଣ୍ଡିଂ କମିଟିର ସମସ୍ତ ସୁପାରିସକୁ ସରକାର ମାନିବାକୁ ବାଧ୍ୟ ନୁହନ୍ତି।

ପୂର୍ବରୁ ସୂଚିତ କରାଯାଇଛି ଯେ ଆମ ସମ୍ବିଧାନରେ ନିଶା ନିବାରଣ ବିଷୟରେ ଉଲ୍ଲେଖ ଅଛି, କିନ୍ତୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଶା ନିବାରଣ ନେଇ ସଚେତନତା ସୃଷ୍ଟି ହୋଇପାରିଲା ନାହିଁ। ଏହା ହିଁ ହେଉଛି ଦୁଃଖ ଓ ପରିତାପର ବିଷୟ। କିଛି ଲୋକଙ୍କ ଯୁକ୍ତି ହେଲା ଅବକାରୀରୁ ମିଳୁଥିବା ରାଜସ୍ୱ ରାଜ୍ୟ ରାଜସ୍ୱର ଏକ ପ୍ରମୁଖ ଅଂଶ ଅଟେ। ଏହା ସ୍ୱୀକାର୍ଯ୍ୟ, କିନ୍ତୁ ଏହି ଅବକାରୀ ଟିକସ ପାଇଁ କ'ଣ ମଦ ବ୍ୟବସାୟକୁ ଉତ୍ସାହିତ କରିବା ଉଚିତ ହେବ। କଥାଟି ସେଠାରେ ନାହିଁ। ସରକାର ମଧ୍ୟ ବହୁ ସମୟରେ ବେଆଇନ ମଦ କାରବାର ଉପରେ ପଦକ୍ଷେପ ନେଉଛନ୍ତି। ବିଜୁବାବୁ ବେଆଇନ ମଦ କାରବାରକୁ ରୋକିବା ପାଇଁ ବେଆଇନ ଭାବେ ଗଢ଼ିଉଠିଥିବା ମଦ ଦୋକାନ ଭାଙ୍ଗିବା ଲାଗି ଆହ୍ୱାନ ଦେଇଥିଲେ। ଫଳ ସ୍ୱରୂପ କିଛି ମଦ ଦୋକାନ ମଧ୍ୟ ଭଙ୍ଗାଯାଇଥିଲା। ବର୍ତ୍ତମାନ ମଧ୍ୟ କିଛି ମହିଳା ଓ ବ୍ୟକ୍ତିବିଶେଷ ଏସବୁ ମଦ ଦୋକାନକୁ ଭାଙ୍ଗୁଛନ୍ତି; କିନ୍ତୁ ଏହା ଦ୍ୱାରା କ'ଣ ସମ୍ପୂର୍ଣ୍ଣ ନିଶା ନିବାରଣ ହୋଇପାରିଛି। ମନେ ହୁଏ ମଦ ଆମ ସଭ୍ୟତାର ଅଂଶ ବିଶେଷ ହୋଇଯାଇଛି। ଏମିତି ଦେଖିବାକୁ ଗଲେ ଅଶୀ ପ୍ରତିଶତ ଲୋକ ଏପରି ଭାବେ ନିଶାସକ୍ତ। ଏବେ ତ ପୁଣି ଧଳାଜହର ବା ବ୍ରାଉନ୍‌ସୁଗର ତା'ର କାୟା ମେଲାଇ ଚାଲିଛି। ଯାହା ଆମେ ଗଣମାଧ୍ୟମରୁ ଜାଣିବାକୁ ପାଉଛୁ।

ଅବକାରୀ ଟିକସ ସପକ୍ଷରେ ଯୁକ୍ତିବାଢ଼ି କେହି କେହି କହୁଛନ୍ତି ଯେ ସମ୍ପୂର୍ଣ୍ଣ ନିଶାନିବାରଣ ହେଲେ ରାଜ୍ୟ ପାଉଥିବା ଅବକାରୀ ଟିକସ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ, କିନ୍ତୁ ଏ ଯୁକ୍ତି ସର୍ବାଦୌ ଗ୍ରହଣୀୟ ନୁହେଁ। ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଆକଳନ ଅନୁସାରେ ଅବକାରୀ ଟିକସରୁ ୪୫୦୦ କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଉଛି। ଏହା ଏତେ ବଡ଼ ପରିମାଣର ଅର୍ଥ ନୁହେଁ ଯେ ଏହାକୁ ବାଦ୍ ଦେଲେ ରାଜ୍ୟର ବିକାଶରେ ଅନ୍ତରାୟ ଘଟିବ। ନିକଟ ଅତୀତରେ ସରକାର ବିକ୍ରି କର କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ତନଖି ଫାଟକ ଉଚ୍ଛେଦ ବ୍ୟବସ୍ଥା ଲାଗୁ କଲେ। ଏହାଦ୍ୱାରା ସାମୟିକ ଭାବେ ହୁଏତ ସରକାରଙ୍କର କିଛି ରାଜସ୍ୱ ହାନି ହୋଇଥାଇପାରେ, କିନ୍ତୁ ଜନତାଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କୁ ବିଭିନ୍ନ ସମୟରେ ଏପରି ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଭାରତ ହେଉଛି ଏକ ଜନମଙ୍ଗଳ ରାଷ୍ଟ୍ର। ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ ସର୍ବନିମ୍ନ ସୁବିଧା ପାଇଁ ଗଣତାନ୍ତ୍ରିକ ସରକାର ଉଦ୍ୟମ ଜାରି ରଖିବା ଉଚିତ। ବିନମ୍ର ନିବେଦନ ସରକାର ତଥା ଜନସାଧାରଣ ଅଣ ଟିକସ ଓ ଟିକସ ଆଦାୟ କ୍ଷେତ୍ରରେ ହେଉଥିବା ଚୋରିକୁ ରୋକିବା ପାଇଁ ପ୍ରଥମେ ଉଦ୍ୟମ କରିବା ଉଚିତ ଏବଂ ବିଭିନ୍ନ

କାରଣରୁ ବର୍ଷ ବର୍ଷ ଧରି ଆଦାୟ ନହୋଇ ପଡ଼ିରହିଥିବା ଟିକସ କିପରି ଆଦାୟ ହେବ ସେ ଦିଗରେ ସୁଚିନ୍ତିତ ପଦକ୍ଷେପ ନେବା ଉଚିତ। ଏହାଦ୍ୱାରା ବହୁ ପରିମାଣରେ ରାଜସ୍ୱ ମିଳିପାରିବ।

ବର୍ତ୍ତମାନ ଆମେ ଦ୍ୱିତୀୟ ପ୍ରସଙ୍ଗକୁ ଆସିବା। ନାରୀ ଶିକ୍ଷା ଓ ନାରୀ ଜାଗରଣ ଆଉ ଏକ କଥା। ବଧୂହତ୍ୟା, ବଳାତ୍କାର ଆଜି ପ୍ରତ୍ୟହ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। କେବଳ ସଂକ୍ଷେପରେ ଏକଥା କୁହାଯାଇପାରେ ଯେ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ନାରୀ ଆଜି ଅସୁରକ୍ଷିତା। ମହାତ୍ମା ଗାନ୍ଧୀ କହିଥିଲେ ସେଦିନ ପୂର୍ଣ୍ଣ ସ୍ୱରାଜ ଆସିବ, ଯେଉଁଦିନ ନାରୀ ନିଶାର୍ଦ୍ଧରେ ବିନା ଭୟରେ ଏକାକୀ ବିଚରଣ କରିପାରିବ। ନିଶାର୍ଦ୍ଧ କଥା ଛାଡ଼ନ୍ତୁ, ବର୍ତ୍ତମାନ ଦିନ ଦ୍ୱିପ୍ରହରରେ ମଧ୍ୟ ମହିଳାମାନେ ଅସୁରକ୍ଷିତ। ଉଭୟ ନିଶା ନିବାରଣ ଓ ନାରୀ ନିର୍ଯ୍ୟାତନା ପରିସମାପ୍ତି କେବଳ ଭାଷଣ ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଜନସଚେତନତା ଆବଶ୍ୟକ। ବିଶେଷ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଠାରେ ଗୋଟିଏ କଥା ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟ ସରକାର ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜଧାନୀରେ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ ହେବ ବୋଲି ଘୋଷଣା କରିଛନ୍ତି। ବାପୁଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ କେହି ବିରୋଧ କରୁନାହାନ୍ତି, କିନ୍ତୁ ବିଶାଳ ମୂର୍ତ୍ତି ନୁହେଁ, ସମ୍ପୂର୍ଣ୍ଣ ନିଶା ନିବାରଣ ଓ ନାରୀ ନିର୍ଯ୍ୟାତନାର ବିଲୋପ ହିଁ ହେବ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଏ କ୍ଷେତ୍ରରେ ସରକାରଙ୍କର ଯେତିକି ଦାୟିତ୍ୱ ଅଛି ଆମ ସମସ୍ତଙ୍କର ମଧ୍ୟ ସେତିକି ନୈତିକ ଦାୟିତ୍ୱ ଅଛି। ଏହା ଆମେ ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

ଅତିରିକ୍ତ ଶାସନ ସଚିବ ପୂର୍ତ୍ତବିଭାଗ

# ପଥଭ୍ରଷ୍ଟ ସମାଜ

**ଶ୍ରୀ ଗୋବିନ୍ଦଚନ୍ଦ୍ର ନନ୍ଦ**

ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଦେଖିବାକୁ ମିଳେ ଯେ ବିଭିନ୍ନ ସମୟରେ ବିଭିନ୍ନ ମତବାଦ ଜନ ସମାଜର ଆଧ୍ୟାତ୍ମିକ ଓ ସାମାଜିକ ଜୀବନକୁ ବହୁଭାବରେ ପ୍ରଭାବିତ କରିଥିଲା। ବହୁ ମହାମାନବ ମାନେ ସମାଜରେ ବହୁ ମତବାଦ ସମାଜର ଜନଜୀବନ ସ୍ତରରେ ଏକ ବ୍ୟାପକ ପରିବର୍ତ୍ତନର ଧାରା ପ୍ରବର୍ତ୍ତନ କରିପାରିଥିଲେ। ଏହା ଦେଶ ଓ ଦେଶର ହିତ ସାଧନକାରୀ ଥିଲା। ଏ ପରିବର୍ତ୍ତନର ପ୍ରକ୍ରିୟା ଊର୍ଦ୍ଧଗାମୀ ଓ ମଙ୍ଗଳକାରୀ ଥିଲା। କାରଣ ଏହା ସତ୍ୟ ଓ ନ୍ୟାୟଯୁକ୍ତ ପନ୍ଥା ଉପରେ ଆଧାରିତ ହୋଇଥିବାରୁ ଜନକଲ୍ୟାଣକାରୀ ହେବା ସହିତ କାଳଜୟୀ ହୋଇପାରିଥିଲା।

ପ୍ରକୃତରେ ବିଂଶ ଶତାବ୍ଦୀରେ ପରିବର୍ତ୍ତନର ଧାରା ବହୁକ୍ଷେତ୍ରରେ ବ୍ୟାପକ ଭାବେ ସ୍ପଷ୍ଟ ପରିଲକ୍ଷିତ ହୁଏ। ବିଶେଷ କରି ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତରେ ବହୁ କ୍ଷେତ୍ରରେ ଏହି ପରିବର୍ତ୍ତନର ଧାରା ତୀବ୍ର ବେଗରେ ଧାବିତ ହେବାରେ ଲାଗିଛି। ବୈଷୟିକ କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ଗମନାଗମନ, କୃଷି ସମେତ ବହୁ ବିଭାଗରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିବାର ସ୍ପଷ୍ଟ ପ୍ରତୀୟମାନ ହେଉଛି। କିନ୍ତୁ ପରିତାପର ବିଷୟ ହେଉଛି ଏହି ଯେ ଇତି ମଧ୍ୟରେ ନୈତିକତା, ମାନବିକତାର ଚରମ ବିପର୍ଯ୍ୟୟ ହୋଇଛି। ତଥାକଥିତ ଶିକ୍ଷା ଦୀକ୍ଷା ପ୍ରାପ୍ତ କିଛି ବ୍ୟକ୍ତି ତାଙ୍କ କାର୍ଯ୍ୟ ଓ ଅବାଂଛିତ ଯୁକ୍ତି ମାଧ୍ୟମରେ ଦେଶର ଐତିହ୍ୟ, ସଂସ୍କୃତି, ନୈତିକତା ଓ ମାନବିକତାକୁ ରସାତଳକୁ ଠେଲି ଦେଉଛନ୍ତି। ତାଙ୍କର ସେହି ସର୍ବନାଶୀଯୁକ୍ତି ଭାରତୀୟ ସଂସ୍କୃତି ଓ ସର୍ବୋପରି ସରଳ ନିରୀହ ମଣିଷଙ୍କୁ 'ସର୍ବନାଶର ପଥେ' ଠେଲି ଦେବାହିଁ ସାର ହେଉଛି।

ଏ କ୍ଷେତ୍ରରେ ସର୍ବପ୍ରଥମେ ମଦ୍ୟପାନ ପ୍ରସଙ୍ଗକୁ ଧରାଯାଉ। ଏହି ମଦ, ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ, ଚାଷୀ, ମୂଲିଆ ନିର୍ବିଶେଷରେ ବହୁଲୋକଙ୍କ ଘରେ କଳା କନା ବୁଲାଇ ଦେଉଛି। ଧନୀ ଲୋକଙ୍କୁ ଭିକାରି ସଜାଉଛି। ଶିକ୍ଷିତ ପିଲାଟିକୁ ସମାଜରେ ଏକ ନିନ୍ଦିତ ଓ ଘୃଣିତ ବ୍ୟକ୍ତି ସଜାଇ ଦେଇ ସେମାନଙ୍କ ପିତାମାତାଙ୍କ ଆଶାର ସୌଧକୁ ମାଟିରେ ମିଶାଇ ଦେଉଛି।

ନିଶାସକ୍ତ ଥିବା ଅବସ୍ଥାରେ ଏମାନେ ପୁଷ୍ପକ ଯାନରେ ବସି ଭ୍ରମଣ କରିଥାନ୍ତି। ସେହି ସମୟରେ ଏମାନେ କଣ କହୁଥାନ୍ତି, କ'ଣ କରୁଥାନ୍ତି, ସେମାନେ ଜାଣିପାରୁନଥାନ୍ତି। ନିଶା ଘାରିଥିବା ବେଳେ ଦେଶ କାଳ ପାତ୍ର ସମେତ ସମସ୍ତ ହିତାହିତ ଜ୍ଞାନ ଏମାନଙ୍କର ବିଲୁପ୍ତ ହୋଇ ଯାଇଥାଏ। ବେଳେ ବେଳେ ବାହ୍ୟ ଚେ଼ତନା ରହିତ ହୋଇ ମୃତବତ୍ ଅବସ୍ଥାକୁ ଆସିଯାଇଥାନ୍ତି।

ଏବେ ଏହି ମଦର ବ୍ୟବହାର ଉପସ୍ଥିତ ସମାଜରେ ବ୍ୟାପକ କ୍ଷେତ୍ରରେ ଓ ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି। ଏହି ଅଭ୍ୟାସ ଏକ ସାମାଜିକ ପ୍ରଚଳନ ବିଧିକୁ ସଂପ୍ରସାରିତ ହେବାକୁ ବସିଲାଣି। ଯେ କୌଣସି ବିବାହ, ବ୍ରତ, ମହୋତ୍ସବ, ଦେବାଦେବୀ, ପୂଜା ଅନୁଷ୍ଠାନ, ହୋଲି, ରଜ ମଉଜ ଆଦି ସବୁ ଅନୁଷ୍ଠାନରେ ଏହା ଏକ ଅବିଚ୍ଛେଦ୍ୟ ଅଙ୍ଗରୂପେ ପରିଗଣିତ ହେଲାଣି, ବିଶେଷ କରି ପୁତ୍ରବିବାହ ତାଲିକାରେ ଏହା ପ୍ରଥମସ୍ଥାନରେ ଦେଖିବାକୁ ମିଳୁଛି। ହୋଲିରେ ନାଲିରଙ୍ଗ ଖର୍ଚ୍ଚଠାରୁ ନାଲି ମଦପାଣିର ଖର୍ଚ୍ଚ ଅଧିକ ହେଉଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ଯେ ଶ୍ମଶାନକୁ ଶବ ବୋହି ନେବା ବେଳେ

ନିଶା ସେବନ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି।

ଏହି ମଦର ପ୍ରଚଳନକୁ ପ୍ରତିହତ କରିବାର ସାମର୍ଥ୍ୟ ପ୍ରାୟ ସମସ୍ତେ ହରାଇ ବସିଲେଣି। ଅବସ୍ଥା ଏତେ ଖରାପ ହୋଇ ଯାଇଛି ଯେ ବର୍ତ୍ତମାନ ଯିଏ ମଦକୁ ହଟାଇବାକୁ ଉଦ୍ୟମ କରିବ, ଶେଷରେ ତାକୁ ହଟିବାକୁ ପଡିବ। ଏ କ୍ଷେତ୍ରରେ କେବଳ କୁହାଯାଇପାରେ ଯେ 'ନଷ୍ଟସ୍ୟ କାନ୍ୟା ଗତିଃ"। ସାମୟିକ ଆନନ୍ଦ ଉପଭୋଗ ପାଇଁ ଏକ ନଷ୍ଟ ବ୍ୟବସ୍ଥା ଆମର ଏ ସମାଜରେ ଦୃଢ ଆସନ ଜମାଇଲାଣି। ନିଶ୍ଚିତ ଭାବେ ଏହା ବ୍ୟକ୍ତି, ପରିବାର, ସମାଜ ଓ ଦେଶପାଇଁ ଅତ୍ୟନ୍ତ ଅମଙ୍ଗଳ କାରକ ଅଟେ।

ଏହି ମଦର ପ୍ରଚାର ଓ ପ୍ରଚଳନ ପାଇଁ ପ୍ରଥମେ ଏ ମଦ୍ୟପମାନେ ବହୁ ତତ୍ପର ଥିବା ଅତି ସ୍ୱାଭାବିକ। କେତେକ ଅର୍ଥଲୋଭୀ ବ୍ୟବସାୟୀ, ଉତ୍ପାଦନକାରୀ, ପ୍ରସ୍ତୁତକାରୀ ବା ଯୋଗାଣକାରୀମାନେ ଏହାର ପଛରେ ରହିଥାନ୍ତି। କିନ୍ତୁ ଏମାନଙ୍କଠାରୁ ଅଧିକ ବିପଜ୍ଜନକ ହେଲେ, ମଦ୍ୟପାନ ସପକ୍ଷରେ ପ୍ରବକ୍ତା ସାଜିଥିବା କେତେକ ଅବାଞ୍ଛିତ ଯୁକ୍ତିବାଦୀ। ଏମାନେ ଯୁକ୍ତିଛଳରେ କହିଥାନ୍ତି ଯେ ମାନସିକ ଅଶାନ୍ତି ବା ଯନ୍ତ୍ରଣାରୁ କିଛି ସମୟ ପାଇଁ ମୁକ୍ତି ପାଇବା ନିମିତ୍ତ ଏହା ଏକ ଅବଲମ୍ବନ। କିନ୍ତୁ ନିଶା ଛାଡିଗଲା ପରେ ସେହି ଦୁଃଖ ଦଶଗୁଣ ହୋଇ ମନ ଭିତରକୁ ଆସିଥାଏ। ଦୁଃଖ ଲାଘବ ହୋଇଯିବା ପାଇଁ ମଦ୍ୟପାନ ଏକ ଅସ୍ତ୍ର ନୁହେଁ। ବରଂ ଏହି ସୁରାପାନ ଦ୍ୱାରା ଦୁଃଖ ନଦୀର ମଝିରେ ଉବୁଟୁବୁ ହେଉଥିବା ବ୍ୟକ୍ତିଟି ଦୁଃଖର ସାଗର ମଧ୍ୟକୁ ଚାଲିଯାଏ। ପରିଣତିରେ ନିଜର ଦୁଃଖକୁ ବହୁଗୁଣିତ କରି ମହାଦୁଃଖରେ ପଡିଯାଏ। ଉଦ୍ଧାର ପାଇବାର ସମସ୍ତ ଆଶାକୁ ଏହା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦିଏ। ଯଦି ଦୁଃଖ ଲାଘବ ହେବାର କିଛି ଅନ୍ୟ ବାଟ ଥାଏ, ତାହା ମଧ୍ୟ ଏହି ମଦ୍ୟପାନ ଅଭ୍ୟାସ ଦ୍ୱାରା ପୂର୍ଣ୍ଣ ଅବରୋଧ ହୋଇଯାଏ। ଦୁଃଖ ଲାଘବ କରିପାରିବାର ଶକ୍ତିଥିବା ବନ୍ଧୁ, ପ୍ରିୟଜନ ବା ସମ୍ପର୍କୀୟମାନେ ଏହି ମଦ ଅଭ୍ୟାସକୁ ଦେଖି ଆଡେଇ ହୋଇଯାଆନ୍ତି। ଅତଏବ ସର୍ବନାଶୀ ପଥକୁ ବା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବା ପଥକୁ ଲୋକଟିକୁ ଠେଲି ଦେବାକୁ ଏ ସୁରାପାନ ପୂର୍ଣ୍ଣ ସହାୟକ ହୋଇଥାଏ।

ଆଉ କେତେକ ଅବାଞ୍ଛିତ ଯୁକ୍ତିବାଦୀ ଅଛନ୍ତି, ଯେଉଁ ମାନେ କି ଦେବତାମାନଙ୍କ ସୋମରସ ପାନ, ଦ୍ୱାପରରେ ଯଦୁବଂଶୀଙ୍କ କାଦମ୍ବରୀ ପ୍ରସଙ୍ଗ କଥା କହିଥାନ୍ତି। ଏପରିକି ଦେବ ଦେବ ମହାଦେବଙ୍କୁ ଆଣି ଗଂଜେଇ ଭାଙ୍ଗ ପାଖରେ ବସେଇ ଦିଅନ୍ତି। ଏହି ଯୁକ୍ତିକାରୀମାନେ ଏକ ନଷ୍ଟପଥରେ ଆଗେଇଯିବା ପାଇଁ ଏକ ସର୍ବନାଶୀ ବୁଦ୍ଧି ପ୍ରଦାନ କରିଥାନ୍ତି। ଆଜିର ସମାଜରେ ଏହି ଯୁକ୍ତିବାଦୀମାନଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥାଏ। ମଦର ଏହି ପୃଷ୍ଠପୋଷକ ତଥା ପ୍ରବକ୍ତାମାନଙ୍କ ଆଗରେ ଆମ ସମାଜ, ହତଭାଗା ପିତାମାତା, ସ୍ତ୍ରୀ, ସନ୍ତାନସନ୍ତତିମାନେ ଏକପ୍ରକାର ଅସହାୟ ହୋଇପଡନ୍ତି। ଏମାନେ ସମ୍ପୂର୍ଣ୍ଣ ମର୍ମାହତ ହୋଇରହିବା ବ୍ୟତୀତ ଆଉ ଭିନ୍ନ ଉପାୟ କିଛି ନଥାଏ।

ଗଣତନ୍ତ୍ର ଶାସନରେ ସରକାର ଚାହିଁଲେ ଏ ଦିଗରେ କିଛି ସୁଫଳ ମିଳିପାରିବ। ପ୍ରକୃତରେ ଏହି ନିଶା ନିବାରଣ କ୍ଷେତ୍ରରେ ଆବଶ୍ୟକତା ହେଲା, "ଜନ ସଚେତନତା"। ସମାଜର ଏହି ମନ୍ଦ କାର୍ଯ୍ୟଟିକୁ ସଂଗଠିତ ଭାବେ ବିରୋଧ କଲେ ଓ ଘୃଣା କଲେ ତଥା ସଂଖ୍ୟାଧିକ ଲୋକ ଏହି ଘଟଣାକୁ ନିନ୍ଦା କଲେ ବଢି ବଢି ଚାଲିଥିବା ଏହି ଖରାପ କଥାଟି ପଛକୁ ହଟି ଚାଲନ୍ତା। ଫଳରେ କିଛି ଦିନ ପରେ ସମ୍ପୂର୍ଣ୍ଣ ଲୋପ ପାଇପାରନ୍ତା। କିନ୍ତୁ ଦୁଃଖ ଓ ହତାଶାର ବିଷୟ ହେଲା ଯେ ମଦର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଯେତେ ପ୍ରଚେଷ୍ଟା ଓ ଆନ୍ଦୋଳନ ହେଲେ ମଧ୍ୟ ତାହା ସରକାରଙ୍କ କର୍ଣ୍ଣଗୋଚର ହେଉନାହିଁ। ସରକାରଙ୍କ ହାତକୁ ଅଧିକ ରାଜସ୍ୱ ଆସୁଛି ବୋଲି ସେ ମଦବିରୋଧି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ସଦାସର୍ବଦା ଚେଷ୍ଟା କରୁଛନ୍ତି। ଭାରତର ପାଞ୍ଚଟି ରାଜ୍ୟ ସମ୍ପୂର୍ଣ୍ଣ ନିଶା ନିବାରଣକୁ ଫଳବତୀ କରିବାକୁ ତାଙ୍କର ପ୍ରଚେଷ୍ଟା ଜାରି ରଖିଥିବା ବେଳେ ମଦ ଆଦାୟ ରାଜସ୍ୱକୁ ଆଦୌ ଗୁରୁତ୍ୱ ଦେଉନାହାଁନ୍ତି। କାରଣ ନିଶା ଯୋଗୁଁ ସମାଜ ଆଜି ଧ୍ୱଂସ ହେବାକୁ ବସିଛି। ଆମ ଓଡ଼ିଶାରୁ ଏହି ଅବକାରୀ ରାଜସ୍ୱ ତିନିହଜାର କୋଟି ମିଳୁଥିବା ବେଳେ ସମାଜରେ ଘଟୁଥିବା କ୍ଷତି ଯଥା:- ନିଶା ଖାଇ ଦ୍ରୁତ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା, ନିଶା ସେବନ ଯୋଗୁଁ ଲକ୍ଷ ଲକ୍ଷ ଲୋକ କର୍କଟ, ହୃଦରୋଗ, କିଡ୍‌ନୀ ଓ ଲିଭର ରୋଗ, ପାକସ୍ଥଳୀରେ ଘା ଆଦି ନାନା ରୋଗ ଭୋଗିବା ଓ ସେଥି ପାଇଁ ମୃତ୍ୟୁବରଣ କରିବା ଯୋଗୁ ଅନେକ ସଂସାର ଭାସିଯିବା ଆଦି ଘଟଣା ଯୋଗୁ ବର୍ଷକୁ ସମାଜର ତିରିଶ ହଜାର କୋଟି କ୍ଷତି ଘଟୁଛି ଯାହାକି ସରକାରଙ୍କ ଦୃଷ୍ଟିଗୋଚର ହେଉନି ବା ଦୃଷ୍ଟିଗୋଚର ହେଲେ ମଧ୍ୟ ତିନିହଜାର କୋଟି ଲୋଭରେ ସରକାର ଯେପରି ବଧିର ପାଲଟି ଯାଇଛନ୍ତି।

ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତରଫରୁ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ସଂଗ୍ରାମ ଜାରି ରହିଛି। ମହାତ୍ମା ଗାନ୍ଧୀ ଚାହିଁଥିଲେ, ସ୍ୱାଧିନତା ପ୍ରାପ୍ତିର ଚବିଶିଘଣ୍ଟା ମଧ୍ୟରେ ସାରା ଭାରତ ବର୍ଷରୁ ନିଶାନିବାରଣ କରିବା ପାଇଁ। ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ଓଡ଼ିଶା ବିଧାନସଭାରେ ପାରିତ ହୋଇଥିବା ଏହି ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନକୁ ଆଜିଯାଏ କାର୍ଯ୍ୟକାରୀ ନକରିବା ଆମ ଓଡ଼ିଶା ପାଇଁ ଦୁର୍ଭାଗ୍ୟଜନକ କହିଲେ ଅତ୍ୟୁକ୍ତି ହେବ ନାହିଁ। ନାରୀମାନେ ଏଥିପାଇଁ ଆଗେଇ ଆସି ଏ ସମାଜରୁ ନିଶାକୁ ହଟେଇବା ପାଇଁ ଆଜି ଅଣ୍ଟା ଭିଡିଛନ୍ତି। ସମଗ୍ର ଓଡ଼ିଶାରେ ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ନମତରା ଗୁଳିକାଣ୍ଡ। ଏହି ଖରସ୍ରୋତା ଉପତ୍ୟକାର ନାରୀ ସମାଜ ଆଜି ସମଗ୍ର ଓଡ଼ିଶାର ଜନସାଧାରଣଙ୍କୁ ଉଜ୍ଜୀବିତ କରି ପଥ ପ୍ରଦର୍ଶନ କରିଛି, ନିଶା ନିବାରଣ ପାଇଁ ପ୍ରେରଣା ଯୋଗାଇଛି। ଯାହାଫଳରେ ଓଡ଼ିଶାର ନାରୀ ସମାଜ ଆଜି ୪୧ଟି ମଦଦୋକାନକୁ ଉଚ୍ଛେଦ କରିବାରେ ସକ୍ଷମ

ହୋଇପାରିଛନ୍ତି । ଯେଉଁ ନାରୀ ଜାତି ଆଜି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଅଭିଯାନର ଅଗ୍ରଭାଗରେ ରହି ସଫଳ କରିବାରେ ଲାଗିଛନ୍ତି, ସେହି ନାରୀ ଜାତିକୁ ମୁଁ ସଲାମ କରୁଛି ।

ଏହି ପ୍ରସଙ୍ଗଟିର ଉପସଂହାରରେ ଗୋଟିଏ କଥା ବିଚାର୍ଯ୍ୟ ତାହା ହେଲା, ବର୍ତ୍ତମାନ ଏ ଦୁନିଆରେ କିଏ କଣ କହିଲା, କିଏ କ'ଣ କଲା ତାହାକୁ ମନ ଭିତରେ ବିଚାର କରି, ନିଜର ଅନ୍ତରାତ୍ମାକୁ ପ୍ରଶ୍ନ କରି, ଏହା ଉପରେ ସିଦ୍ଧାନ୍ତ ନେବା ଯଥାର୍ଥ । ନଚେତ୍ ଜଣେ ସଭ୍ୟ ମଣିଷ ସାଂଘାତିକ ଭାବେ ପ୍ରତାରିତ ହୋଇ ଠକିଯିବ । ବାଟ ହୁଡି ଭୁଲ ବାଟରେ ଚାଲିଯିବ ।

ଏ ପୃଥିବୀରେ ସର୍ବଦା ଧର୍ମ ରହିବ ହିଁ ରହିବ । ଜାତିର ଜନକ ମହାତ୍ମା ଗାନ୍ଧୀ ସବୁଦିନେ ଜନକ ହୋଇ ପୂଜା ପାଉଥିବେ । ଚୋର, ଡକାୟତି, ମଦ୍ୟପମାନେ ଲୋକଙ୍କ ପାଖରେ ଘୃଣା ବା ନିନ୍ଦାର ପାତ୍ର ହୋଇ ରହିବେ । ଏ ଦୁନିଆଁରେ ଧର୍ମ ନ ରହିଲେ ଧରା ରହିବ ନାହିଁ । ଏଣୁ ଜନସାଧାରଣଙ୍କୁ ଏ ଲେଖକ ବିନମ୍ର ନିବେଦନ ଏହି ଯେ, ସେମାନେ ଧର୍ମ ବାଟର ପଦାଙ୍କ ଅନୁସରଣ କରନ୍ତୁ । ଫଳରେ ଶେଷ ଫଳାଫଳ ଠିକ୍ ଆସିବ ଓ ସମସ୍ତେ ଶାନ୍ତିରେ ସହାବସ୍ଥାନ କରିବେ ।

ଈଶ୍ୱର ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଓ ଏ ସଂସାର ପଥଭ୍ରଷ୍ଟ ସମାଜ ସୁଧୁରିଯାଉ, ଏହାହିଁ ତାଙ୍କ ନିକଟରେ ପ୍ରାର୍ଥନା ।

ଆଳି, କେନ୍ଦ୍ରାପଡ଼ା
ଫୋନ୍ : ୮୨୬୦୪୪୯୮୨୯

# ମହିଳାଙ୍କ ସ୍ୱର ଶୁଭୁନାହିଁ

**ପାର୍ବତୀ ନାୟକ**

ମହିଳା ସଶକ୍ତୀକରଣ ନେଇ 'ଫିକି'ର ବୈଠକରେ ମିସନ ଶକ୍ତି କମିସନର କହିଛନ୍ତି, ମହିଳାଙ୍କ ସ୍ୱର ଶୁଣିବା ମିସନ ଶକ୍ତିର ପ୍ରକୃତ ଲକ୍ଷ୍ୟ । ମହିଳାମାନଙ୍କୁ କେବଳ ଆୟର ଉତ୍ସ ପ୍ରଦାନ କରିବା ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ସେମାନଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟ ମଧ୍ୟ ରଖାଯାଇଛି । ସେମାନଙ୍କୁ ଆମେ ସ୍ୱର ପ୍ରଦାନ କରିବାକୁ ଚାହୁଁଛୁ । କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ନାଗରିକ ସମାଜ ପର୍ଯ୍ୟନ୍ତ ସବୁସ୍ଥାନରେ ସେମାନେ ଯେଭଳି ନିଜର ସ୍ୱର ଉତ୍ତୋଳନ କରିପାରିବେ, ସେମାନଙ୍କୁ ସେଭଳି ପ୍ରସ୍ତୁତ କରାଯିବ । ମହିଳାମାନେ ନିର୍ଭୟ ହେଲେ ହିଁ ଏହା ସମ୍ଭବପର ହେବ । ଆର୍ଥିକ ଦିଗ ସହିତ ବୌଦ୍ଧିକ ତଥା ସାଂସ୍କୃତିକ ଦିଗରୁ ସେମାନେ ସକ୍ରିୟ ହେଲେ ହିଁ ଏହା ସମ୍ଭବପର ହେବ ।

ମିସନ ଶକ୍ତିର ଅଧୀନରେ ଥିବା ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ନିରନ୍ତର ଆୟର ଉତ୍ସ ସୃଷ୍ଟି କରିବା ଲାଗି ଯେଉଁ ପରିକଳ୍ପନା କରାଯାଇଛି, ତାହା କେତେ ଲକ୍ଷ ମହିଳାଙ୍କୁ କିଛି କିଛି ଆୟର ସ୍ରୋତ ପ୍ରଦାନ କରିଛି ନିଶ୍ଚୟ । ତେବେ ତାହା ଅନେକଙ୍କୁ ଯଥାର୍ଥ ଭାବରେ ଆର୍ଥିକ ଦିଗରୁ ସ୍ୱାବଲମ୍ବୀ କରିପାରିନାହିଁ । ଏ ଦିଗରେ ଆହୁରି କିଛି କରିବାର ଅଛି । ଏହା ସହିତ ଯାହା ମହିଳାଙ୍କୁ ବୌଦ୍ଧିକ ତଥା ସାଂସ୍କୃତିକ ଦିଗରୁ ଉନ୍ନତ ସ୍ତରକୁ ନେବ, ସେ ଦିଗରେ ଆମେ ପଛରେ ଅଛେ । ଏହାର ଏକ ମୁଖ୍ୟ କାରଣ ଓଡ଼ିଶାର ଜନସଂଖ୍ୟାର ୪୦ ଶତାଂଶ ହେଉଛନ୍ତି ତଫସିଲଭୁକ୍ତ ଜାତି ଓ ଜନଜାତିର । ନାରୀ ଶିକ୍ଷା ଦିଗରେ ସାଧାରଣବର୍ଗଙ୍କ ମଧ୍ୟରେ ଏବେ ବି ଯଥେଷ୍ଟ ଅଗ୍ରଗତି ହୋଇନାହିଁ । ତେବେ, ଗାଁ ପାଖରେ ଉଚ୍ଚ ବିଦ୍ୟାଳୟମାନ ହୋଇଥିବାରୁ ଝିଅମାନଙ୍କ ମଧ୍ୟରୁ ଅନେକ ମାଟ୍ରିକ ପର୍ଯ୍ୟନ୍ତ ପଢିଲେଣି । କିନ୍ତୁ, ଯେଉଁ ଶିକ୍ଷା ସେମାନଙ୍କୁ ସ୍ୱାବଲମ୍ବୀ କରନ୍ତା, ସେଭଳି ଶିକ୍ଷା ସେମାନେ ପାଇପାରୁନାହାନ୍ତି । ପୁଣି ଉଚ୍ଚତର ଶିକ୍ଷା ଲାଗି ଅଧିକାଂଶ ଝିଅଙ୍କର ତ ସୁବିଧା ନଥାଏ । ଆର୍ଥିକ ଦାୟ ଛଡା ଝିଅଟି ଘରୁ ବାହାରିଲେ ଅଭିଭାବକମାନେ ସେମାନଙ୍କ ନିରାପତ୍ତା ସମ୍ପର୍କରେ ନିଶ୍ଚିତ ନଥାନ୍ତି । ପୁଣି ଚିନ୍ତା କରାଯାଏ ଝିଅ ଅଧିକ ପଢିଲେ ବାପାମାଆଙ୍କ ପଡ଼ନ୍ତି ବେଳକୁ ତ ସେମାନଙ୍କୁ ପୋଷିବ ନାହିଁ; ବରଂ ତା ପାଇଁ ଅଧିକ ଶିକ୍ଷିତ ବର ଦରକାର, ଅଧିକ ଯୌତୁକ ଦେବାକୁ ପଡ଼ିବ । ଏହି ସବୁ କାରଣରୁ ନାରୀମାନଙ୍କ ବୌଦ୍ଧିକ ତଥା ସାଂସ୍କୃତିକ ବିକାଶର ପଥ ସହଜ ନୁହେଁ । ଏଭଳି ଆନୁଷ୍ଠାନିକ ଶିକ୍ଷା ଛଡ଼ା ଅଣଆନୁଷ୍ଠାନିକ ଶିକ୍ଷାର ଅଧିକ ମହତ୍ତ୍ୱ ରହିଛି । ମହିଳାମାନେ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନରେ ଅଧିକ ସମ୍ପୃକ୍ତ ହେଲେ ଏହା ହୋଇପାରନ୍ତା; ଯାହା କେରଳ, ବଙ୍ଗଳା ଓ ଗୁଜରାଟ ଭଳି ରାଜ୍ୟରେ ଦେଖାଏ । ଓଡ଼ିଶାରେ ଯେଉଁସବୁ ଆନ୍ଦୋଳନ ମାଳତୀ ଦେବୀ, ଅନ୍ନପୂର୍ଣ୍ଣା ମହାରଣା ଓ ପାର୍ବତୀ ଗିରି ଆଦି ଆରମ୍ଭ କରିଥିଲେ, ସେହି ଆନ୍ଦୋଳନରୁ ବାହାରିଛନ୍ତି ତୁଳସୀ ମୁଣ୍ଡା ଓ କେଶବତୀ ପ୍ରଧାନଙ୍କ ଭଳି ସ୍ୱଳ୍ପ ଆନୁଷ୍ଠାନିକ ଶିକ୍ଷାପ୍ରାପ୍ତ ନାରୀ ନେତ୍ରୀ; ଯେଉଁମାନେ ଦେଶର ମୁଖ୍ୟ ସମସ୍ୟା ସମ୍ପର୍କରେ ଅବହିତ ହେବା ସଙ୍ଗେ ସଙ୍ଗେ ସେ ସବୁର ସମାଧାନ ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଗୋପବନ୍ଧୁ ଚୌଧୁରୀ ସପରିବାର ବରୀ ଅଞ୍ଚଳକୁ ନିଜର କର୍ମକ୍ଷେତ୍ର ଭାବରେ ବାଛିଥିଲେ । ପରେ ତାଙ୍କ ପରିବାରର ସମସ୍ତେ ଜନସାଧାରଣଙ୍କ ସହିତ ମିଶିଥିଲେ । ସେତେବେଳେ ସାଧାରଣ ଲୋକେ ସଭାରେ ଯୋଗ ଦେବାକୁ ଡରୁଥିଲେ । ଥରେ କଂଗ୍ରେସ ଆନ୍ଦୋଳନ ସହିତ ସମ୍ପୃକ୍ତ କର୍ମୀମାନଙ୍କ ସଭାକୁ କିଛି ମହିଳାଙ୍କ ଉପସ୍ଥିତି ଲାଗି ଉଦ୍ୟମ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରୁ ଚାରି ଜଣ ମୁଖ୍ୟ କର୍ମୀଙ୍କ ସହଧର୍ମିଣୀ ପୂରା ଓଡ଼ଣା

ପକାଇ ମୁଣ୍ଡକୁ ତଳକୁ କରି ସେଥିରେ ଯୋଗ ଦେଇଥିଲେ। ତାହା ତୁଳନାରେ ଏବେ ସଭାମାନଙ୍କରେ ହଜାର ଗୁଣରୁ ଅଧିକ ମହିଳାଙ୍କୁ ଦେଖିବାକୁ ମିଳୁଛି। ସେମାନେ ଊଣାଅଧିକ ଆନୁଷ୍ଠାନିକ ଶିକ୍ଷା ପାଇଛନ୍ତି। କିନ୍ତୁ ନିଜର କିଛି ବ୍ୟକ୍ତିଗତ ଫାଇଦା ଛଡ଼ା ସମାଜର କିଛି ସମସ୍ୟା ସମ୍ପର୍କରେ ସେମାନେ ମୁଣ୍ଡ ଖେଳାନ୍ତି ନାହିଁ। ସେହିଭଳି ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ମହିଳାମାନଙ୍କୁ ଦେଖିବାକୁ ମିଳୁଛି। ଏ ଦିଗରେ ଓଡ଼ିଶା କିଛି ଆଗରେ ରହିଛି। ଓଡ଼ିଶା ବିଧାନସଭାରେ ଓ ସାଂସଦରେ ବିଜେଡି ତରଫରୁ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ମହିଳା ସ୍ଥାନିତ ହୋଇଛନ୍ତି। ତେବେ ପଞ୍ଚାୟତମାନଙ୍କରେ ପ୍ରତିଷ୍ଠିତ ହୋଇଥିବା ମହିଳା ସରପଞ୍ଚମାନଙ୍କ ଅବସ୍ଥା ସମସ୍ତେ ଜାଣନ୍ତି। ସେମାନଙ୍କ ସ୍ୱାମୀ ବା ପୁଅ ସବୁତକ କାମ ଚଳାନ୍ତି, ଆଉ ସରପଞ୍ଚ ରହନ୍ତି କା'ହୋଇ। ଆଉ ବିଧାନସଭା ଓ ସଂସଦକୁ ନିର୍ବାଚିତ ହୋଇଥିବା ମହିଳାଙ୍କ ସ୍ୱର କେତେ ଶୁଣୁ? ଯାହା ବା ଶୁଣୁ ତହିଁରେ ମହିଳାଙ୍କ ମୁଖ୍ୟ ସମସ୍ୟା କଥା ନଥାଏ। କିଛି ମହିଳା ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ପଦ ପାଇ ପାରିଥିଲେ ବି ସାମୂହିକ ଦିଗରୁ ଏବେ ବି ମହିଳାଙ୍କ ସ୍ୱର ଘରର ଚାରିକାନ୍ଥ ବାହାରକୁ ଶୁଭେ ନାହିଁ। ରାତିରେ ଖୁବ୍ ବାଡ଼ିଆପିଟା ହେବାର ଶବ୍ଦ ଶୁଣି ପଡ଼ୋଶୀମାନେ ଦୌଡ଼ି ଆସିଲେ ଘରର ପୁରୁଷ ମୂରବି କହନ୍ତି ଏଇଟା ଆମର ଘରୋଇ ବ୍ୟାପାର। ଆପଣମାନେ ଏଥିରେ ମୁଣ୍ଡ ପୂରାଇବାର ଆବଶ୍ୟକତା ନାହିଁ। ଖାଲି ସାଧାରଣ ପରିବାରରେ ନୁହେଁ ପ୍ରଖ୍ୟାତ କବି, ପ୍ରସିଦ୍ଧ ଶାସକ ଓ ପ୍ରମୁଖ ସମାଜସେବୀମାନଙ୍କ ଘରର କଥା ବି ଏୟା। ମହିଳା ସଶକ୍ତୀକରଣ ଦିଗରେ ମିସନ ଶକ୍ତି ଆନୁକୂଲ୍ୟରେ ମହିଳାମାନଙ୍କ ଆୟ ଯେତିକି ବଢ଼େ, ସେଥିରୁ ବେଶ୍ ବଡ଼ ଅଂଶ ସ୍ୱାମୀମାନଙ୍କ ମଦ ଖିଆରେ ଯାଏ। ବୁଢ଼ୀ ମା'ର ବିଧବା ଭତ୍ତା ବା ବାର୍ଦ୍ଧକ୍ୟ ପେନସନରୁ କିଛି ନ ଦେଲେ ସେ ପୁଅଠାରୁ ମାଡ଼ ଖାଏ। ଗତ କିଛିବର୍ଷ ଧରି ମଦ ପ୍ରସାରଣରେ ଅତିଷ୍ଠ ହୋଇ କିଛି ମହିଳା ମଦ ଦୋକାନ ଭାଙ୍ଗିଛନ୍ତି, ପୋଡ଼ିଛନ୍ତି ଓ ସଭା ସମାବେଶ ଜରିଆରେ ବିକ୍ଷୋଭ କରିଛନ୍ତି ଏବଂ ମଦ ବ୍ୟବସାୟୀ ଗୁଣ୍ଡାଙ୍କ ଠାରୁ ମାଡ଼ ଖାଇଛନ୍ତି ଓ ମରିଛନ୍ତି। ଏଥିରେ ସାଧାରଣତଃ ତଫସିଲଭୁକ୍ତ ଜାତି ଓ ଉପଜାତିର ମହିଳାମାନେ ଆଗୁଆ। ଏମାନଙ୍କ ପକ୍ଷରେ ଚାଷୀମାନଙ୍କ ଭଳି ଲଗାତର ମାସ ମାସ ଧରି ଆନ୍ଦୋଳନ ଚଳାଇବା କଷ୍ଟକର। ପ୍ରତିଦିନ କିଛି ରୋଜଗାର ନ କଲେ ପରିବାର ଅଚଳ। ଏହି ଆନ୍ଦୋଳନ ସତ୍ତ୍ୱେ ସରକାରଙ୍କ ତରଫରୁ ମଦ ଦୋକାନ କମିବା ପରିବର୍ତ୍ତେ ଅଧିକ ହୋଇଛି।

ନେତାମାନେ କ୍ଷମତା ପାଇଁ ଏ ଦିଗକୁ ଆଖିବୁଜି ଦେଇଛନ୍ତି, ତାହା ନୁହେଁ; ମଦର ଏକ ଶକ୍ତିଶାଳୀ ଲବି ରହିଛି। ଯାହାଦ୍ୱାରା ପ୍ରଶାସନ ଓ ଗଣମାଧ୍ୟମ ବି ପ୍ରଭାବିତ। ଏହା ସତ୍ତ୍ୱେ ଅବଶ୍ୟ ମଦ୍ୟପ ବାପାର ଅତ୍ୟାଚାର ସହି ନ ପାରି ପୁଅ ବାପାକୁ ମାରିବା, ମଦ୍ୟପାନ କରି ନିଜ ସାଙ୍ଗକୁ ମାରିଦେବା ଖବର ବାହାରୁଛି। ଆଉ ମଦ୍ୟପ ନିଜ ସ୍ତ୍ରୀକୁ ମାରିଦେବା ତ ଅତି ସାଧାରଣ ଖବର। ଅତ୍ୟଧିକ ମଦ୍ୟ ପାନ ଯୋଗୁ ନାନା ପ୍ରକାର ରୋଗରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ଅକାଳରେ ମରିବା ଫଳରେ ଅଧା ବୟସରୁ ଝିଅମାନେ ବିଧବା ହେଉଛନ୍ତି।

ମା'ମାନଙ୍କ ଏଭଳି ଦୁଃଖ ଖବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚୁ ନାହିଁ। ମହିଳାମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ସବୁ ଭଲ କାମର ସୁଫଳ ମା'ମାନେ ଭୋଗ କରିପାରୁନାହାନ୍ତି। ଅନ୍ୟ କେହି ମା'ମାନଙ୍କ ଦୁଃଖ ବୁଝିପାରିବେ ନାହିଁ। ତେଣୁ ସେମାନେ ଗୋଟିଏ ଗୋଟିଏ ପୋଷ୍ଟକାର୍ଡରେ ବା ଅନ୍ୟ ବାଟରେ ତାଙ୍କର ଏ ଦୁଃଖ ମୁଖ୍ୟମନ୍ତ୍ରୀଙ୍କୁ ଜଣାନ୍ତୁ। ସେହି ବାଟରେ ସେମାନଙ୍କର ସ୍ୱର ଗାଁରୁ ବାହାରି ରାଜଧାନୀରେ ପହଞ୍ଚୁ। ଲକ୍ଷ ଲକ୍ଷ ମହିଳାଙ୍କ ମନର କଷଣ ଏହି ବାଟେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଲେ ସେ କିଛି କରନ୍ତେ। ତେଣୁ ପଦାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଏହାର ଗୁରୁତ୍ୱ ବୁଝାଇବାରେ ଆଗ୍ରହୀ ହେଲେ ହିଁ ମହିଳାମାନଙ୍କର କାଳ ରାତିର ଅବସାନ ଘଟିବ।

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ
କେନ୍ଦ୍ରାପଡ଼ା,
ମୋ : ୯୩୪୮୦୧୦୩୮୪

# मिलित ओड़शिा निशा निबारण अभियान (मोना) कि शराब निगम बंद करना का आंदोलन



**मनोरंजन सासमल , ओड़शिा**

**भुबनेस्वर:** राज्य में शराब वितरित करने वाले राज्य शराब निगम को तत्काल बंद करने की मांग को लेकर मिलित ओडिशा निशा निबारण अभियान (मोना) की ओर से लोअर पीएमजी, भुवनेश्वर में एक रैली और विरोध प्रदर्शन किया गया। उक्त रैली और विरोध प्रदर्शन में सैकड़ों प्रदर्शनकारियों ने शराब विरोधी नारे और तख्तियां प्रदर्शित कीं और सरकार की शराब वितरण नीति की आलोचना की। मोना के अध्यक्ष श्री पद्मचरण नायक जो नशा मुक्त ओडिशा बनाने के लिए प्रतिबद्ध हैं, ने नशीली दवाओं से संबंधित मौतों और हेरोइन के प्रसार में वृद्धि के लिए ओडिशा की वर्तमान सरकार को दोषी ठहराया, और सरकार को तुरंत ओडिशा एंटी लागू करने की चेतावनी दी। -अबकारी एक्ट, 1957.

# ନିଶା ନିବାରଣ କାହିଁକି ଜରୁରୀ

ଆଦିକନ୍ଦ ରାଉଳ

ଆମ ସାମାଜିକ ଜୀବନକୁ ବିପର୍ଯ୍ୟସ୍ତ କରୁଥିବା କାରକଗୁଡିକ ମଧ୍ୟରେ ନିଶାପାନ ଏକ ପ୍ରମୁଖ ଭୂମିକା ନେଉଥିବାରୁ ସାମାଜିକ ଜୀବନରେ ସୁଧାର ପାଇଁ ଏ ବିଷୟରେ ଅଧିକ ଆଲୋଚନାର ଆବଶ୍ୟକତା ରହିଛି । ନିଶାପାନ ଶରୀର ଉପରେ କେବଳ କୁପ୍ରଭାବ ପକାଇ ନଥାଏ; ଏହା ମଣିଷର ମାନସିକ ସ୍ଥିତିକୁ ମଧ୍ୟ ବିଗାଡି ଦେଇଥାଏ । ନିଶାଦ୍ରବ୍ୟ ଗୁଡିକ ମଧ୍ୟରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ମଦ ମଣିଷର ମସ୍ତିଷ୍କ, ଯକୃତ, ହୃତ୍‌ପିଣ୍ଡ, ସ୍ନାୟୁ ବ୍ୟବସ୍ଥା ଓ ରକ୍ତ ସଂଚାଳନ ଉପରେ ଗୁରୁତର କୁପ୍ରଭାବ ପକାଇଥାଏ । ଏହି କାରଣରୁ ଦେଶରେ ପ୍ରତିବର୍ଷ ଲକ୍ଷାଧିକ ମଣିଷ ମୃତ୍ୟୁ ମୁଖରେ ପଡିଥା'ନ୍ତି । ଏଥିସହିତ ଦେଶରେ ଘଟୁଥିବା ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଓ ଆହତଙ୍କ ସଂଖ୍ୟାର ୬୦ ପ୍ରତିଶତ ଏହି ନିଶାପାନ ଜନିତ ଘଟଣାରୁ ଉତ୍ପନ୍ନ ହୋଇଥାଏ । ଏହା ଫଳରେ ଦେଶର ବହୁମୂଲ୍ୟ ମାନବ ସମ୍ବଳ - ଯାହା ଦେଶ ଗଠନରେ ସହାୟକ ହୋଇପାରନ୍ତା, ତାହା ନହୋଇ ସେମାନଙ୍କ ଚିକିତ୍ସା ଓ ସହାୟତା ନିମନ୍ତେ ଦେଶକୁ କୋଟି କୋଟି ଟଙ୍କା ବ୍ୟୟ କରିବାକୁ ପଡୁଛି । ଅପରପକ୍ଷରେ ଏଭଳି ଅକାଳ ମୃତ୍ୟୁ କାରଣରୁ ଦେଶରେ ଲକ୍ଷ ଲକ୍ଷ ମହିଳାଙ୍କୁ ଖୁବ୍ କମ ବୟସରୁ ବୈଧବ୍ୟ ଭୋଗ କରିବାକୁ ପଡିଛି ଓ ଅନେକ ଶିଶୁ ଅନାଥ ହୋଇଯାଉଛନ୍ତି ।

ଦେଶର ବେସ୍‌ଲାଇନ୍ ସର୍ଭେ ଓ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍.ଏଫ୍.ଏଚ୍.ଏସ୍)-୫ର ସଦ୍ୟ ପ୍ରକାଶିତ ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟ ଅନୁଯାୟୀ ଜାତୀୟ ହାର ତୁଳନାରେ ଆମ ଓଡ଼ିଶାରେ ମଦର ବ୍ୟବହାର ବହୁତ ଅଧିକ ପରିଲକ୍ଷିତ ହୁଏ । ଏଥିରେ ଯୁବବର୍ଗଙ୍କ ସଂପୃକ୍ତିକୁ ମଧ୍ୟ ଉଦ୍‌ବେଗଜନକ ଭାବେ ଦର୍ଶାଯାଇଛି । ଏହି ରିପୋର୍ଟ ଅନୁଯାୟୀ ୧୫ ବର୍ଷରୁ ଅଧିକ ବୟସ୍କ ଯୁବକଙ୍କ କ୍ଷେତ୍ରରେ ଜାତୀୟ ସ୍ତରରେ ୧୮ ପ୍ରତିଶତ ମଦ୍ୟପାନ କରୁଥିବା ସ୍ଥଳେ ଆମ ରାଜ୍ୟ ଓଡ଼ିଶାରେ ୨୮.୮ ପ୍ରତିଶତ ପୁରୁଷ ମଦ୍ୟପାନ କରିଥାନ୍ତି । ଓଡ଼ିଶାର ମହିଳାମାନେ ମଧ୍ୟ ଏ କ୍ଷେତ୍ରରେ ପଛରେ ନାହାନ୍ତି । ଜାତୀୟ ସ୍ତରରେ ୧.୬ ପ୍ରତିଶତ ମହିଳା ମଦ୍ୟପାନ କରୁଥିବା ବେଳେ ଓଡ଼ିଶାରେ ଏହା ୪.୩ ପ୍ରତିଶତ ରହିଛି । ସେହିପରି ଅନ୍ୟ ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ କଟକ ଓ ଭୁବନେଶ୍ୱର ଭଳି ମହାନଗରରେ ମଦ କିଣୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ୩୫ ପ୍ରତିଶତଙ୍କ ବୟସ ୧୬ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ବେଳେ ୪୦ ପ୍ରତିଶତଙ୍କ ବୟସ ୨୬ ରୁ ୫୦ ବର୍ଷ ଭିତରେ ଓ ୨ ପ୍ରତିଶତଙ୍କ ବୟସ ୧୬ ବର୍ଷରୁ କମ୍ । ପୁଣି ବି ଜାତୀୟ ସ୍ତରରେ ମୁଣ୍ଡପିଛା ମଦ୍ୟପାନ ପରିମାଣ ୨.୫ ଲିଟର ଥିବାବେଳେ ଆମ ରାଜ୍ୟରେ ଏହା ୫ ଲିଟରରୁ ଅଧିକ । ଏଠାରେ ଏହା କେବଳ ସରକାରଙ୍କ ମଦ ପ୍ରସାର ନୀତିରୁ ସମ୍ଭବ ହୋଇଛି ବୋଲି କୁହାଯାଇପାରେ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ନିଶା ପ୍ରସାରର ସ୍ଥିତିକୁ ଦେଖିଲେ ଜଣାଯାଏ ଯେ ୨୦୦୦ ମସିହା ବେଳକୁ ଓଡ଼ିଶା ସରକାରଙ୍କ ଅବକାରୀ ରାଜସ୍ୱରୁ ଆୟ ୧୨୫ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନକୁ ଏହା ପାଖାପାଖି ୬୦୦୦ କୋଟି ଟଙ୍କାରେ ପହଞ୍ଚିଲାଣି । ଏବଂ ଏହି ଅବଧି ମଧ୍ୟରେ ରାଜ୍ୟରେ ମଦ ଦୋକାନଗୁଡିକର ସଂଖ୍ୟା ୪୦୦ ରୁ ବୃଦ୍ଧିପାଇ ୫୦୦୦କୁ ଛୁଇଁଛି । ରାଜ୍ୟ ବିଧାସଭାରେ ଉପସ୍ଥାପିତ ଭାରତ ସରକାରଙ୍କ ସି.ଏ.ଜି. ରିପୋର୍ଟ ଅନୁସାରେ ଓଡ଼ିଶାରେ ଜନସଂଖ୍ୟା ଅଭିବୃଦ୍ଧିର ହାର ୧.୪ ପ୍ରତିଶତ ଥିବାବେଳେ ରାଜ୍ୟରେ ମଦ ଅଭିବୃଦ୍ଧିର ହାର ବିଅର କ୍ଷେତ୍ରରେ ୬୨.୬୭ ପ୍ରତିଶତ, ବିଦେଶୀ ମଦ କ୍ଷେତ୍ରରେ ୪୮.୧୫ ପ୍ରତିଶତ ଓ ଦେଶୀ ମଦ କ୍ଷେତ୍ରରେ ୩୧.୭୦ ପ୍ରତିଶତ । ଏଥିରୁ ଆମ ରାଜ୍ୟ ସରକାରଙ୍କ ନିଶା ପ୍ରତି ଆଭିମୁଖ୍ୟ ସହଜରେ ଅନୁମେୟ । ଓଡ଼ିଶା ଆର୍ଥିକ ଓ ଜୀବନ ଧାରଣ ମାନ ଦୃଷ୍ଟିରୁ ଏକ ପଛୁଆ ରାଜ୍ୟ ହୋଇଥିବା ବେଳେ ସରକାରଙ୍କ ଏପରି ଆଭିମୁଖ୍ୟ ରାଜ୍ୟବାସୀଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି । ଲୋକେ ନିଜର ପରିବାର ଓ ଜୀବନ-ଜୀବିକା ପାଇଁ ଯେଉଁ ଅର୍ଥ ଖର୍ଚ୍ଚ କରନ୍ତେ ସରକାରଙ୍କ ନିଶା ପ୍ରସାର ନୀତି ପାଇଁ ତାହା ମଦ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ କିଣିବାରେ ଖର୍ଚ୍ଚ କରୁଛନ୍ତି । ଏହା ପରିବାର ଓ ସାମଗ୍ରିକ ଭାବେ ରାଜ୍ୟର ବିକାଶ କ୍ଷେତ୍ରରେ ଅନ୍ୟ ଏକ ବିରାଟ ପ୍ରତିବନ୍ଧକ ହୋଇ ଠିଆହେଉଛି ।

ତେବେ ନିଶା ପ୍ରଚଳନ ଯୋଗୁଁ ଦେଶର ବା ରାଜ୍ୟର ଏତେବଡ କ୍ଷତି ହେଉଥିବା ବେଳେ ସରକାରମାନେ କିପରି ଏହାର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପରିବର୍ତ୍ତେ ଏହାର ପ୍ରସାର ନିମନ୍ତେ ପଦକ୍ଷେପ ନେଉଛନ୍ତି ? ଏ ସମ୍ପର୍କରେ ସରକାରଙ୍କର ସବୁଠୁଁ ବଳିଷ୍ଠ ଯୁକ୍ତି ହେଲା ଯେ ଅବକାରୀ କ୍ଷେତ୍ରରୁ ରାଜସ୍ୱ ନ ଆସିଲେ ସରକାର ଅନ୍ୟାନ୍ୟ ଜନହିତକର ଯୋଜନାରେ ବ୍ୟୟ କରିବେ କିପରି ? ଯାହାକୁ ବହୁ ତଥାକଥିତ ବୁଦ୍ଧିଜୀବୀ ଭାଟ ପରି ପ୍ରଚାର କରିଥାନ୍ତି । ମାତ୍ର ସାମାନ୍ୟତମ ବିଚାର ଉପଯୋଗ କଲେ ଯେ କେହି ଜାଣିପାରିବେ ଯେ ରାଜ୍ୟ ସରକାରଙ୍କ ୨ ଲକ୍ଷ କୋଟି ଟଙ୍କାର ବାର୍ଷିକ ବଜେଟରେ ମାତ୍ର ଏହି ୫/୬ ହଜାର କୋଟି ଟଙ୍କାର ଅବକାରୀ ରାଜସ୍ୱର ଭାଗ କେତେ ? ନିଶା ନିବାରଣ ସମ୍ପର୍କରେ ପୂର୍ବତନ ଅବକାରୀ କମିଶନର ଟେକ୍‌ଚାନ୍ଦଙ୍କ ମତ ଅନୁସାରେ ମଦ ଲାଇସେନ୍ସରୁ ଟଙ୍କାଟିଏ ଆୟ ହେଲେ, ମଦ ଯୋଗୁ ସୃଷ୍ଟ ସ୍ୱାସ୍ଥ୍ୟ ସମସ୍ୟା, ଆଇନ ଶୃଙ୍ଖଳା ଓ ପ୍ରଶାସନିକ ବ୍ୟବସ୍ଥା ଆଦି କ୍ଷେତ୍ରରେ ଶହେ ଟଙ୍କା ଖର୍ଚ୍ଚ ହୁଏ । ତଥାପି ଓଡ଼ିଶା ସମେତ ଅନ୍ୟାନ୍ୟ ଅନେକ ରାଜ୍ୟ ସରକାର ନିଶା ଦ୍ରବ୍ୟର ପ୍ରସାର ନୀତି ଗ୍ରହଣ କରିବାର କାରଣ କ'ଣ ହୋଇପାରେ ?

ନିକଟରେ ମଧ୍ୟପ୍ରଦେଶରେ ଗୋଟିଏ ସର୍ବଭାରତୀୟ ରାଜନୈତିକ ଦଳର ସଭାପତି ଏକ ଜନସଭାରେ ଘୋଷଣା କଲେ ଯେ ଯଦି ତାଙ୍କ ଦଳକୁ ରାଜ୍ୟବାସୀ ୨ କୋଟି ଭୋଟ ଦିଅନ୍ତି ; ତେବେ ସେ ୫୦ ପ୍ରତିଶତ ରିହାତି ମୂଲ୍ୟରେ ରାଜ୍ୟବାସୀଙ୍କୁ ମଦ ଯୋଗାଇଦେବେ ।

ତେଣୁ ରାଜନୈତିକ ଦଳମାନଙ୍କର ପ୍ରୋତ୍ସାହନ ଓ ଚକ୍ରାନ୍ତରେ ଯେ ଏହା ଚାଲିଛି ଏଥିରେ ସନ୍ଦେହର ଅବକାଶ ନାହିଁ। କାରଣ ଶାସନ କ୍ଷେତ୍ରରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଓ ଆଶା ଆକାଂକ୍ଷା ପୂରଣ କରିବାରେ ବାରମ୍ବାର ଅସଫଳ ହେଉଥିବା ଏହି କ୍ଷମତାସୀନ ରାଜନୈତିକ ଦଳମାନେ ଏକଥା ଭଲ ଭାବରେ ଜାଣନ୍ତି ଯେ ଏକ ସୁସ୍ଥ ମାନସିକ ବିଚାରରେ ଲୋକେ ରହିଲେ ସେମାନଙ୍କର ଦୁର୍ନୀତି ଓ ବିଫଳତା ବିରୋଧରେ ସ୍ୱର ଉତ୍ତୋଳନ କରିବେ। ଏଥି ସହିତ ନିର୍ବାଚନ ସମୟରେ 'ଜିନ୍ଦାବାଦ' ପକାଇବାକୁ ସେମାନଙ୍କ ପାଇଁ କର୍ମୀ ମିଳିବେ ନାହିଁ। ସେଥିଲାଗି ଦେଶ ଓ ଦଶର ଯାହା ବି ହୋଇଯାଉ, ସେମାନେ ନିଶା ନିବାରଣ କରିବାକୁ ଚାହାନ୍ତି ନାହିଁ। ପ୍ରତି ନିର୍ବାଚନ ସମୟରେ ନିର୍ବାଚନ ଜିଣିବା ପାଇଁ ସେମାନେ ମଦକୁ ଏକ ମୁଖ୍ୟ ଆୟୁଧ ରୂପେ ବ୍ୟବହାର କରନ୍ତି। ପ୍ରତି ନିର୍ବାଚନରେ ଏମାନେ ବିଶେଷକରି ଯୁବକମାନଙ୍କୁ ନିଶା ରାକ୍ଷସର ଶିକାର କରି ନିଅନ୍ତି। ଫଳରେ ଆଜି ସହର ବଜାରଠାରୁ ଗାଁ ଗହଳ ପର୍ଯ୍ୟନ୍ତ ଅବସ୍ଥା ଏପରି ହୋଇଛି ଯେ ବିବାହ ବ୍ରତଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ଓ ଶ୍ମଶାନ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ମଦପାଣିର ବ୍ୟବହାର ଅପରିହାର୍ଯ୍ୟ ହୋଇପଡିଛି। ଫଳରେ ସମାଜରେ ଚୋରୀ, ଡକାୟତି, ହତ୍ୟା, ଦୁଷ୍କର୍ମ ଆଦି ଅପରାଧିକ କାର୍ଯ୍ୟ ଓ ସଡକ ଦୁର୍ଘଟଣା ପ୍ରଭୃତି ବୃଦ୍ଧି ପାଇବାରେ ଲାଗିଛି। ଏହା ଆମର ଭବିଷ୍ୟତ - ଯୁବପିଢିକୁ ପଥଭ୍ରଷ୍ଟ କରି ରାଷ୍ଟ୍ର ଗଠନର ବିପରୀତ ଦିଗରେ ପ୍ରେରିତ କରୁଛି।

ନିଶା ବ୍ୟବହାର ଯୋଗୁ ସମାଜରେ ଯଦି ସବୁଠୁ ଅଧିକ କେହି ପ୍ରଭାବିତ ହେଉଥାଏ; ତେବେ ସେମାନେ ହେଉଛନ୍ତି ନାରୀ ସମାଜ। ଗୋଟିଏ ନିଶାସକ୍ତ ପୁରୁଷର ସମସ୍ତ ପ୍ରକାର ଲାଞ୍ଛନାର ଶିକାର ହୋଇଥାଏ ନାରୀଟିଏ। ଯାହାର ପ୍ରମାଣ ଆମେ ପ୍ରତିଦିନ ସମାଜ ଜୀବନରେ ପ୍ରତ୍ୟକ୍ଷ କରୁଥାଉ। ନିଶା, ବିଶେଷକରି ମଦ ଅନେକ ପରିବାରର ସୁନାର ସଂସାରକୁ ଅକାଳେ ଭାଙ୍ଗି ଚୁରମାର କରିଦେଇଥାଏ। ଅନେକ ମହିଳାଙ୍କ ସିନ୍ଥିରୁ ସିନ୍ଦୁର ପୋଛିଦେଇ ତାକୁ ବିଧବା ସଜାଇ ଦେଇଥାଏ। ନାରୀଟିଏ ନିଜ ପରିବାରର ପୁରୁଷଙ୍କ ମଦ୍ୟପାନ ଜନିତ ଅପକର୍ମ ପାଇଁ ପ୍ରତି ମୁହୂର୍ତ୍ତରେ ଲଜ୍ଜାବୋଧରେ ଜର୍ଜରିତ ହୋଇ ଜୀବନସାରା ଏକ ଅପମାନଜନକ ଜୀବନ ଜୀଇଁବାକୁ ବାଧ୍ୟ ହୋଇଥାଏ। ଏହା ସାମଗ୍ରିକ ଭାବରେ ନାରୀ ଜାତିର ଆତ୍ମସମ୍ମାନବୋଧ ଓ ସ୍ୱାଭିମାନ ଉପରେ ଏକ କୁଠାରାଘାତ ସଦୃଶ।

ଏହିସବୁ କାରଣରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମହିଳାମାନେ ହିଁ ନିଶା ବିରୋଧରେ ଦୃଢ ଓ ସଂଗଠିତ ଭାବେ ସ୍ୱର ଉତ୍ତୋଳନ କରୁଛନ୍ତି। ଫଳରେ ବିହାର ପରି ଅପରାଧପ୍ରବଣ ଓ ସର୍ବାଧିକ ମଦ ପ୍ରଭାବିତ ରାଜ୍ୟରେ ସେଠାକାର ମୁଖ୍ୟମନ୍ତ୍ରୀ ନିତୀଶ କୁମାରଙ୍କ ସକାରାତ୍ମକ ନିଷ୍ପତ୍ତି ଫଳରେ ନିଶା ନିବାରଣ ଆଇନ ଲାଗୁ କରାଯାଇ ରାଜ୍ୟକୁ ମଦମୁକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଆମ ଓଡ଼ିଶାରେ ମହିଳାମାନେ ନିଶା ବିରୋଧରେ ଦୀର୍ଘ ଲଢାଇ ଲଢି ସେଥିଲାଗି ବହୁମୂଲ୍ୟ ଦେଇସାରିଥିବା ସତ୍ତ୍ୱେ ଆମ ସରକାରଙ୍କ ଏ ଦିଗରେ ନକରାତ୍ମକ ଦୃଷ୍ଟିଭଙ୍ଗୀ କାରଣରୁ ଏଠାରେ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେବା ସମ୍ଭବ ହେଉନାହିଁ। ଅପରପକ୍ଷରେ ନିଶା ବିରୋଧରେ ଏକାଠି ହେଉଥିବା ମହିଳାମାନଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ପ୍ରକାର ଉତ୍କୋଚ ଦେଇ ସେମାନଙ୍କ ନୈତିକ ବଳକୁ ଭାଙ୍ଗିବା ସଙ୍ଗେ ସଙ୍ଗେ ସେମାନଙ୍କୁ ନିଜର ଭୋଟବ୍ୟାଙ୍କରେ ପରିଣତ କରିବା ପାଇଁ ସରକାର ସବୁ ସମୟରେ ଲାଗିପଡିଛନ୍ତି। ଏଥିସହିତ ୧୯୫୬ ମସିହାରୁ ବିଧାନସଭାରେ ପାରିତ ହୋଇ ଶୀତଳ ଭଣ୍ଡାରରେ ପଡି ରହିଥିବା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଏହାକୁ ଉପହାସ କରି ପ୍ରତି ବର୍ଷ ଅଧିକରୁ ଅଧିକ ମଦ ଦୋକାନ ଖୋଲିବା ପାଇଁ ସରକାରୀ ବ୍ୟବସ୍ଥାମାନ କରାଯାଉଛି। ସରକାରଙ୍କ ବିଚାର ଏତେ ନିମ୍ନ ସ୍ତରକୁ ଯାଇଛି ଯେ ଅଧିକ ମଦ ବିକି ପାରୁଥିବା ଲୋକଙ୍କୁ ସରକାରୀ ସ୍ତରରେ ପୁରସ୍କୃତ କରିବା ପାଇଁ ସରକାରୀ ଘୋଷଣା କରାଯାଇଛି। ଆମ ସରକାର ଏକ ପକ୍ଷରେ ଗାନ୍ଧିଜୀଙ୍କ ନାମରେ ଅନେକ ଉତ୍ସବ ପାଳନ କରୁଥିବା ବେଳେ ଗାନ୍ଧିଜୀଙ୍କ ନୀତିର ବିପରୀତରେ କାମ କରିବା ସରକାରଙ୍କର ବୈଚାରିକ ଦେବାଳିଆପଣକୁ ପ୍ରମାଣିତ କରୁନାହିଁ କି ?

ସବୁଠୁଁ ପରିତାପର ବିଷୟ ଏହା ଯେ, ରାଜ୍ୟର ମହିଳାମାନେ ଏକକ ଭାବେ ନିଶା ବିରୋଧରେ ଦୀର୍ଘ ବର୍ଷ ଧରି ସଂଗଠିତ ରୂପେ ସ୍ୱର ଉତ୍ତୋଳନ କରି ସେଥିଲାଗି ବହୁ ମୂଲ୍ୟ ଦେଉଥିବା ବେଳେ ଆମର ବୁଦ୍ଧିଜୀବୀ ଗୋଷ୍ଠୀ ଓ ସାମାଜିକ କର୍ମକର୍ତ୍ତାମାନେ ଏହାକୁ ଗୁରୁତର ସହ ଗ୍ରହଣ କରିପାରି ନାହାନ୍ତି। ଏହା ନିଶ୍ଚିତ ରୂପେ ଆମ ସାମାଜିକ ଜୀବନର ଏକ ବିଲକ୍ଷଣ ଅଟେ। ଏଥିରେ ପରିବର୍ତ୍ତନ ଆସିଲେ ଆମର ସାମାଜିକ ଜୀବନରେ ଭଲ ଦିନ ଆସିବା ଆଶା କରାଯାଏ। ନଚେତ୍ ଆମର ପୁରାତନ ଓ ସୁସଂସ୍କୃତ ସାମାଜିକ ଓ ପାରିବାରିକ ଜୀବନ ଆହୁରି ରସାତଳଗାମୀ ହୋଇପଡିବ। ଏଥିଲାଗି ଆଜିର ସାମାଜିକ ମଣିଷମାନଙ୍କୁ ଭବିଷ୍ୟତ କେବେ ବି କ୍ଷମା କରିପାରିବ ନାହିଁ।

ସମ୍ପାଦକ, ମୋନା - କେନ୍ଦ୍ରାପଡ଼ା, ମୋ : ୯୯୩୭୪୧୪୨୩୦

● ଉମା ଭାରତୀଙ୍କ ଅଭିନବ ପ୍ରତିବାଦ

## ମଦଦୋକାନ ଆଗରେ ଗାଈ ବାନ୍ଧି କ୍ଷୀର ପିଇବାକୁ କହିଲେ

■ ଭୋପାଳ, ତା୩।୨

ମଦ ନିଷିଦ୍ଧ କରିବା ଦାବିରେ ଆନ୍ଦୋଳନ କରୁଥିବା ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ସେ ଲୋକଙ୍କୁ ସଚେତନ କରିବା ପାଇଁ ମଦଦୋକାନ ଆଗରେ ଗାଈ ବାନ୍ଧିଛନ୍ତି. ଏଥିସହ ସମସ୍ତଙ୍କୁ ମଦ ବଦଳରେ କ୍ଷୀର ପିଇବାକୁ ଆହ୍ୱାନ ଦେଇଛନ୍ତି। ମଧ୍ୟପ୍ରଦେଶର ଓରଚା ସହରରେ ଥିବା ଏକ ମଦ ଦୋକାନ ଆଗରେ ଉମା ଭାରତୀ ଏପରି ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ପ୍ରଥମେ ସେ ମଦଦୋକାନ ଆଗରେ ପହଞ୍ଚି ଏକାଧିକ ବୁଲା ଗାଈଙ୍କୁ ସେଠାରେ ବାନ୍ଧିଥିଲେ। ଏହାପରେ ସେମାନଙ୍କୁ ନଡ଼ା ଓ ଅନ୍ୟାନ୍ୟ ଜିନିଷ ଖାଇବାକୁ ଦେଇଥିଲେ। ଏହା ଦେଖି ଲୋକଙ୍କ ଭିଡ଼ ଜମିଥିଲା। ଲୋକମାନେ ଏକାଠି ହେବା ପରେ ସେ ସମସ୍ତଙ୍କୁ ମଦ ଛାଡ଼ି ଗାଈ କ୍ଷୀର ପିଇବାକୁ କହିଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ବିଜେପି ଶାସିତ ମଧ୍ୟପ୍ରଦେଶରେ ହିଁ ମଦ ପିଇବା ବିରୋଧରେ ନିଜର ଅଭିଯାନ ଜାରି ରଖିଛନ୍ତି। ଏଥିସହ ସରକାର ମଦ ପିଇବାକୁ ଆଦୌ ଉତ୍ସାହିତ ନକରନ୍ତୁ ବୋଲି ବାରମ୍ବାର ମତ ରଖିଛନ୍ତି।



ଏହିକ୍ରମରେ ସେ ଓରଚାରେ ଏହି ଦାବି କରିଛନ୍ତି। ରାଜ୍ୟର ମନ୍ଦିର ସହର ଭାବେ ପରିଚିତ ଓରଚାରେ ମଦଦୋକାନ ସଂଖ୍ୟା ମଧ୍ୟ କମ ନୁହେଁ। ଉମା ଭାରତୀଙ୍କ ଅଭିନବ ଦାବି ଏବେ ପୂରା ମଧ୍ୟପ୍ରଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗତବର୍ଷ ସମାନ ମଦଦୋକାନ ଉପରକୁ ଗୋବର ଫିଙ୍ଗି ଉମା ଭାରତୀ ପ୍ରତିବାଦ କରିଥିଲେ। ୨୦୨୨ ମାର୍ଚ୍ଚ ମାସରେ ଭୋପାଳରେ ଥିବା ଏକ ମଦଦୋକାନ ଉପରକୁ ଉମା ଓ ତାଙ୍କ ସହଯୋଗୀମାନେ ପଥର ମାଡ଼ କରିଥିଲେ।

# ବିଷାକ୍ତ ମଦ, ମଦମୃତ୍ୟୁ ଓ ସରକାରଙ୍କ ବିଶୁଦ୍ଧ ମଦ

ଗିରିଜା ପ୍ରସାଦ ନାୟକ

କିଛି ବର୍ଷ ଅନ୍ତରରେ ସମ୍ବାଦ ଆସେ ଯେ ଅମକ ରାଜ୍ୟରେ ବିଷାକ୍ତ ମଦ ପିଇ ଏତେ ଲୋକ ମରିଗଲେ। ଏ ସମ୍ବାଦ କିଛି ଦିନ ପାଇଁ ଟିଆରପି ରଙ୍କୁଣା ସମ୍ବାଦ ଶିଳ୍ପର ଶିରୋନାମା ହୋଇଯାଏ ଓ ଦେଶ ତଥା ସମାଜରେ କିଛି ମାତ୍ରାରେ ଶିହରଣ ସୃଷ୍ଟି ହୁଏ। ବ୍ରେକିଂ ନିଉଜର ବ୍ୟବସାୟିକ ମୂଲ୍ୟ କମିଯାଏ ଅଳ୍ପ ଦିନ ଭିତରେ। ଲୋକଙ୍କ ସ୍ମୃତି ଶକ୍ତି ସୀମିତ; ତେଣୁ ସମ୍ବାଦ ଶିଳ୍ପକୁ ଅପେକ୍ଷା କରିବାକୁ ପଡେ ପୁଣି ଏକ ଧମାକା ପର୍ଯ୍ୟନ୍ତ ନିଜର ପ୍ରାସଙ୍ଗିକତା ବଂଚାଇବା ପାଇଁ। ଏମିତି ଘଟଣା ପ୍ରବାହରେ ନିକଟ ଅତୀତରେ ଗୁଜରାଟରେ ବିଷାକ୍ତ ମଦ ଜନିତ ମଦ ମୃତ୍ୟୁ ହୋଇଛି। ସମଗ୍ର ଭାରତବର୍ଷରେ ମାତ୍ର ତିନୋଟି ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ନିଶା ମଧ୍ୟରୁ ମଦଟିକୁ ନିଷେଧ କରାଯାଇଛି। ସେଗୁଡିକ ହେଲା ଗୁଜରାଟ, ବିହାର ଓ ମିଜୋରାମ। ମିଜୋରାମର ଖବର ଆମ ପାଖରେ ବର୍ତ୍ତମାନ ପାଇଁ ନାହିଁ। କିନ୍ତୁ ପ୍ରାପ୍ତ ସମ୍ବାଦ ଅନୁସାରେ ଗୁଜରାଟ ଓ ବିହାରରେ ଆଇନତଃ ନିଷେଧ ସତ୍ତ୍ୱେ ଚୋରାମଦ ମିଳୁଛି ଓ ବିଷାକ୍ତ ମଦ ଜନିତ ମୃତ୍ୟୁ ଘଟୁଛି।

ଆଇନତଃ ନିଷେଧ ସତ୍ତ୍ୱେ ଚୋରାମଦ ସଲଗ୍ନ ରାଜ୍ୟ ତଥା ଦେଶରୁ ଏଇ ସବୁ ରାଜ୍ୟର ସୀମା ଡେଇଁ ପହଞ୍ଚିଯାଉଛି। ନିଷ୍ପାପର ଉଦ୍ୟମ ସତ୍ତ୍ୱେ ବିହାର ସରକାର ଚୋରାମଦ କାରବାରକୁ ବନ୍ଦ କରିବାରେ ବ୍ୟର୍ଥ ହେଉଛନ୍ତି। ଆନ୍ତର୍ଜାତିକ ଭାରତ-ପାକିସ୍ଥାନ ସୀମାକୁ ଭାରତୀୟ ମିଲିଟାରି ଓ ବିଭିନ୍ନ ଅର୍ଦ୍ଧ ସାମରିକ ବଳ ଅହରହ ଉନ୍ନତ ଯାନ୍ତ୍ରିକ କୌଶଳ ସହ ଜଗିଥିବା ସତ୍ତ୍ୱେ ଆତଙ୍କବାଦୀ, ଅସାମାଜିକ ତତ୍ତ୍ୱ ଓ ନିଷିଦ୍ଧ ଡ୍ରଗ୍ସ ସୀମା ଦେଇ ଦେଶରେ ଅନୁପ୍ରବେଶ କରିପାରୁଛନ୍ତି। ତେଣୁ ଏହି ମଦ ନିଷିଦ୍ଧ ରାଜ୍ୟ ସୀମାରେ ମଦ ମାଫିଆମାନେ ସଂଲଗ୍ନ ରାଜ୍ୟରୁ ମଦ ଚୋରାରେ ଅନୁପ୍ରବେଶ କରାଇବା ଏକ ଆଶ୍ଚର୍ଯ୍ୟ ନୁହେଁ।

ଗୁଜରାଟରେ ୧୯୪୯ରୁ ମଦ ବନ୍ଦ ଆଇନ୍ ଥିଲେ ବି ୧୯୬୧ରେ ମୋରାରଜୀ ଦେଶାଇ ମୂଖ୍ୟମନ୍ତ୍ରୀ ଥିଲା ବେଳେ ଏହି ଆଇନ୍‌କୁ କାର୍ଯ୍ୟକାରୀ କଲେ। ନିତୀଶ କୁମାର ବିହାରରେ ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ହୋଇ ନିଶା ନିବାରଣ ଆଇନ ତିଆରି କରି ୨୦୧୬ ମସିହାରେ କାର୍ଯ୍ୟକାରୀ କଲେ। ମୋରାରଜୀ ଦେଶାଇ ଜଣେ ଗାଂଧୀ ଆଦର୍ଶର ଅନୁଗାମୀ ଓ ନିତୀଶ ବାବୁ ସମାଜବାଦୀ ମଣିଷ। ଏ ଦୁଇଜଣ ବିଭିନ୍ନ ଜନ ଆନ୍ଦୋଳନର ନେତା। ମିଜୋରାମରେ ଜନ ଆନ୍ଦୋଳନ ଓ ଚର୍ଚ୍ଚର ଚାପରେ ଏହି ଆଇନ ପାରିତ ହୋଇ କାର୍ଯ୍ୟକାରୀ ହୋଇଛି ନିକଟ ଅତୀତରେ। ସ୍ୱେଚ୍ଛାସେବୀ ମହିଳା ଗୋଷ୍ଠୀ ଓ ସମାଜବାଦୀ ଆଦର୍ଶବାଦୀ ଚାପ ନିତୀଶଙ୍କୁ ବାଧ୍ୟ କରିଥିଲା ଏ ପ୍ରକାର ଯୁଗାନ୍ତକାରୀ କାର୍ଯ୍ୟକ୍ରମ ପାଇଁ।

ଯେ ପର୍ଯ୍ୟନ୍ତ ସାରା ଭାରତ ମଦମୁକ୍ତ ନହୋଇଛି, କୌଣସି ଏକକ ରାଜ୍ୟ ସମ୍ପୂର୍ଣ୍ଣ ମଦମୁକ୍ତ ହେବା ବର୍ତ୍ତମାନ ପାଇଁ କଷ୍ଟସାଧ୍ୟ। ଯା ଅର୍ଥ ନୁହେଁ ଯେ ସାରା ଭାରତରେ ହୋଇନାହିଁ ବୋଲି ଏକକ ରାଜ୍ୟମାନେ ଉଦ୍ୟମହୀନ ହୋଇ ଚୁପ୍ ବସିବେ। ସାଧାରଣ ନାଗରିକର ସ୍ୱାର୍ଥରେ ନିଜ ରାଜ୍ୟରେ ମଦ ନିଷିଦ୍ଧ କଲେ ମଦର ସମୁଦାୟ ସୁଲଭତା ନିଶ୍ଚୟ କମିଯିବ ଚୋରା ମଦ ସତ୍ତ୍ୱେ। ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ। ଏହା କ'ଣ ପୂର୍ବାପେକ୍ଷା ଭଲ ନୁହେଁ ?

କେତେକ ଅପତତ୍ତ୍ୱ ତଥା ନ୍ୟସ୍ତସ୍ୱାର୍ଥୀମାନେ ଯୁକ୍ତି କରନ୍ତି "ସମ୍ପୂର୍ଣ୍ଣ ମଦ ନିଷେଧ ହେଲେ ରାଜସ୍ୱ ହାନୀ ହେବ ଓ ଚୋରାମଦର ରାସ୍ତା ଦେଇ ବିଷାକ୍ତ ମଦ ଜୀବନ ନେବ ଏବଂ ସ୍ୱାସ୍ଥ୍ୟହାନୀ ପହଂଚେଇବ। ତେଣୁ ରାଜ୍ୟ ସରକାର ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଖୋଲି ମଦର ସୁଲଭତାକୁ ନିୟନ୍ତ୍ରଣ କରନ୍ତୁ ଓ ଏହା ଫଳରେ ଲୋକେ ଶୁଦ୍ଧ ମଦ ପାଇବେ ଓ ବିଷାକ୍ତ ମଦରୁ ରକ୍ଷା ପାଇବେ।"

ଏହି ଯୁକ୍ତି ନିମ୍ନମତେ ଭ୍ରମାତ୍ମକ। ଚୋରାମଦର ଅନ୍ୟ ଏକ ଏନ୍ତୁଡ଼ିଶାଳ ହେଲା ଏକ ସରକାରୀ ଲାଇସେନସ୍ ପ୍ରାପ୍ତ ମଦ ଭାଟି ଓ ଦୋକାନ। ନିରପେକ୍ଷ ସର୍ଭେ କଲେ ଯେ କେହି ଜାଣି ପାରିବ ଯେ ବିକ୍ରୀ ବଢ଼େଇବାକୁ ଅନୁମତି ପ୍ରାପ୍ତ ବ୍ୟବସାୟୀ, ବିନାନୁମତିରେ ତଥା ଚୋରାରେ ଲୋଭଥିବା ଦୋକାନମାନଙ୍କୁ ତଥାକଥିତ ଶୁଦ୍ଧ ମଦ ଯୋଗାଣ କରନ୍ତି। ଏହି ଚୋରା ଚାଲାଣକୁ ମଦ ମାଫିଆ, ରାଜ ନେତା, ଦଲାଲ, କୁଜି ନେତା, ପୋଲିସ୍ ଅବକାରୀ କର୍ମଚାରୀ ଓ ପ୍ରଶାସନ ଅସାଧୁ ମେଂଟ କରି ଚଳାନ୍ତି। ସମୁଦାୟ ମଦ ଯୋଗାଣର ଏକ କ୍ଷୁଦ୍ର ଅଂଶରୁ ସରକାର ରାଜସ୍ୱ ପାଆନ୍ତି ଓ ବାକୀ ବଡ ଅଂଶ ଚୋରାରେ ଚାଲିବା ଫଳରେ ସରକାର ତହବିଲକୁ କିଛି ଯାଏ ନାହିଁ। ଏହି କଳା ବଜାରର ଉପରୋକ୍ତ ବଡ ପଣ୍ଡାମାନେ ପାରସ୍ପରିକ ବୁଝାମଣାରେ ରୋଜଗାରକୁ ବାଣ୍ଟି ନିଅନ୍ତି। ଏହାବାଦେ କିଛି ଗରିବ ଲୋକ ଉପରୋକ୍ତ ବଡପଣ୍ଡାଙ୍କ ଛତ୍ରଛାୟାରେ ଦେଶୀମଦର କୁଟୀରଶିଳ୍ପ ବନାନ୍ତି। ଅନୁମତି ପ୍ରାପ୍ତ ମଦ ଦୋକାନ ତଥା ଭାଟିରୁ ବାହାରୁଥିବା ଚୋରାମଦ ଓ କୁଟୀରଶିଳ୍ପ ମଦରେ ୟୁରିଆ ଓ ଅନ୍ୟ ରସାୟନର ମିଶ୍ରଣ ଅନିୟନ୍ତିତ ହୋଇଗଲେ ବିଷାକ୍ତ ମଦଜନିତ ମୃତ୍ୟୁ ତଥା ଅନ୍ୟ କ୍ଷତି ଘଟିଯାଏ। ରାଜସ୍ୱ କଥାକୁ ଅବତାରଣା କରାଯାଉ। ନିକଟ ଅତୀତରେ ଆମ ରାଜ୍ୟର ସମୁଦାୟ ବଜେଟ୍ ପ୍ରାୟ ୨.୦୦ ଲକ୍ଷ କୋଟି ଟଙ୍କା। ଏଥିରେ ଅବକାରୀ ରାଜସ୍ୱ ୬୦୦୦ କୋଟି ଟଙ୍କା, ତା ଅର୍ଥ ଅବକାରୀ ରାଜସ୍ୱ ସମସ୍ତ ଆୟ ଉତ୍ସର ୩ ପ୍ରତିଶତ। ଏହି ମାତ୍ର ୩ ପ୍ରତିଶତ ରୋଜଗାର ପାଇଁ ସମାଜର କେତେ କ୍ଷତି ହେଉଛି ?

ରାସ୍ତା ଦୁର୍ଘଟଣାର ପ୍ରାୟ ୮୦ ପ୍ରତିଶତ ନିଶାଜନିତ । କ୍ୟାନ୍‌ସର, ଯକ୍ଷ୍ମା, କିଡ୍‌ନୀ, ଲିଭର, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗୀଙ୍କ ସଂଖ୍ୟାର ପ୍ରାୟ ୫୦ ପ୍ରତିଶତ ନିଶାଜନିତ । ସରକାରଙ୍କ ବିଭିନ୍ନ ଗରିବୀ ଦୂରୀକରଣ ଯୋଜନା ସତ୍ତ୍ୱେ ଗରିବୀ ନିର୍ମୂଳନ ବିଳମ୍ବିତ ହେଉଛି; ମୁଖ୍ୟ କାରଣ ରୋଜଗାରିଆ ବ୍ୟକ୍ତିଟି ନିଶାଗ୍ରସ୍ତ । ବିବାହ ବିଚ୍ଛେଦ, ଘରୋଇ ହିଂସା ଓ ବିଭିନ୍ନ ଅପରାଧର ପ୍ରମୁଖ କାରଣ ନିଶା । ସାମାଜିକ ଶାନ୍ତି ନଥିଲେ କୌଣସି ଦେଶ ପ୍ରଗତି କରିପାରିବ ନାହିଁ । ଏହି ସର୍ବନାଶୀ ଅପଶକ୍ତି କାରଣରୁ ସବୁଠାରୁ କ୍ଷତିଗ୍ରସ୍ତ ନାରୀ, ଶିଶୁ ଓ ବୃଦ୍ଧମାନେ । ଏହା ମଣିଷର ଉତ୍ପାଦିକା ଶକ୍ତି ତଥା ରୋଜଗାର ଉପରେ ଏକ ଶକ୍ତ ଚାପ ।

ଏସବୁ ନିଶା ନିବାରଣ ପକ୍ଷେ ଯୁକ୍ତି ସତ୍ତ୍ୱେ ସରକାର ବନ୍ଦ କରିବାକୁ ଅନାଗ୍ରହୀ । କାରଣ-

(୧) ମଦ ଓ ଅନ୍ୟ ନିଶାର ଉତ୍ପାଦନ ଓ ବିକ୍ରୟ ପାଇଁ ଅନୁମତି ପ୍ରାପ୍ତ ବ୍ୟବସାୟୀମାନେ ସରକାରୀ ଦଳୀୟ ପାଣ୍ଠି ଯୋଗାନ୍ତି ।

(୨) ଅଧିକାଂଶ ଦଳର କର୍ମୀମାନେ ଏହି ବ୍ୟବସାୟ ଲବ୍ଧ ଲାଭ କାରବାରର ଅଂଶ ପାଆନ୍ତି । ବଡନେତା, କୁଜିନେତା, ଅମଲା ଓ ଅନ୍ୟ ପଲିସି ନିର୍ଦ୍ଧାରକ ତଥା କାର୍ଯ୍ୟକର୍ତ୍ତାମାନେ ଏଥିରେ ଅଂଶୀଦାର ତଥା ନ୍ୟସ୍ତସ୍ୱାର୍ଥୀ ।

(୩) ନିର୍ବାଚନ ସମୟରେ ଭୋଟ ପାଇବାକୁ ବା କିଣିବାକୁ ଓ ଦଳୀୟ କର୍ମୀମାନଙ୍କୁ ନିୟୋଜନ ନିମନ୍ତେ ମଦ ତଥା ଅନ୍ୟ ନିଶା ଠାରୁ ଶସ୍ତା ଓ ଫଳପ୍ରଦ ବ୍ୟବସ୍ଥା ନାହିଁ ।

(୪) ବର୍ତ୍ତମାନର ଅସମ ତଥା ନୀତିଭ୍ରଷ୍ଟ ସାମାଜିକ ବ୍ୟବସ୍ଥାରେ ନିଶା ତଥାକଥିତ ସଂଭ୍ରାନ୍ତଶ୍ରେଣୀର କାର୍ଯ୍ୟକ୍ରମ ଓ ଜୀବନରେ ଏକ ସମ୍ମାନଜନକ ସ୍ଥାନରେ ଅଧିଷ୍ଠିତ । ରାଜ ନେତା, ଅମଲା, ବ୍ୟବସାୟୀ ଓ ଅନ୍ୟ ଉଚ୍ଚବର୍ଗର ସାମାଜିକ ଚଳଣିରେ ଏହା ଏକ ସାଂସ୍କୃତିକ ଅଙ୍ଗ । ଏପରି ଏକ ବ୍ୟବସ୍ଥା ଚାଇନାର ବିପ୍ଳବ ପୂର୍ବବର୍ତ୍ତୀ ସମାଜରେ ଅଫିମ ତଥା ଅନ୍ୟ ନିଶା ଆକାରରେ ଚାଲିଥିଲା ଏବଂ ବିପ୍ଳବ ଜରିଆରେ ଚାଇନା ଏହି ଦୁଃସ୍ଥିତିରୁ ମୁକ୍ତ ହୋଇଥିଲା ।

(୫) ନିଶା ପ୍ରସାରଣ ସରକାରଙ୍କ ଏକ ରାଜନୈତିକ କାର୍ଯ୍ୟକ୍ରମ । ଏହି ପ୍ରସାରଣ ଯେତେ ହେବ ଯୁବକମାନଙ୍କ ସୃଜନାତ୍ମକ ଚିନ୍ତାଶକ୍ତି ଓ ଉତ୍ପାଦିକା ଶକ୍ତି କମିଯିବ । ଫଳରେ ସେମାନେ କୌଣସି ଉଚ୍ଚତର ଜିନିଷ ପାଇଁ ଚେଷ୍ଟା କରିପାରିବେ ନାହିଁ ଓ ଦେଶ ବିଷୟରେ ଚିନ୍ତା କରିପାରିବେ ନାହିଁ । ଶେଷରେ ଭ୍ରଷ୍ଟ ରାଜନେତାଙ୍କ ଚାମଚାଗିରି କରିବାକୁ ଧାଡିରେ ଠିଆ ହୋଇ ରହିପାରିବେ । ଏ ପରିସ୍ଥିତିରେ ମହଯୁଦ ସରକାର ସମସ୍ତ ବ୍ୟର୍ଥତା ସତ୍ତ୍ୱେ କ୍ଷମତା ତଥା ନିର୍ବାଚନ ଯୁଦ୍ଧରେ ସୀମିତ ବିରୋଧର ସମ୍ମୁଖୀନ ହେବେ ଓ କ୍ଷମତାରେ ଟିକ୍ଷି ରହିବାର ସମ୍ଭାବନା ଉଜ୍ଜ୍ୱଳ ରହିବ ।

ଅଶୁଦ୍ଧ ମଦରେ ଯେତିକି ମରନ୍ତି ବା କ୍ଷତିଗ୍ରସ୍ତ ହୁଅନ୍ତି, ସରକାରୀ ମଦରେ ତା'ଠାରୁ କିଛି କମ୍ କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ । ଅଶୁଦ୍ଧରେ ସାଙ୍ଗେ ସାଙ୍ଗେ ବା ଅଳ୍ପଦିନ ଭିତରେ ପରିଣାମ ମିଳିଯାଏ । କିନ୍ତୁ ତଥାକଥିତ ବିଶୁଦ୍ଧ ମଦ ଏକ ବିଳମ୍ବିତ ବିଷ (ସ୍ଲୋ ପଏଜନ) । ଭାରତର ବିଭିନ୍ନ ପ୍ରାନ୍ତରେ ଅନେକ ବିଧବା ପଡା ଅଛି । ଏଗୁଡିକ ସର୍ଭେ କଲେ ଜାଣିପାରିବେ ଯେ ଘରର ପୁରୁଷମାନେ ତଥାକଥିତ ସରକାରୀ ମଦ ଦୋକାନରୁ ମଦ ପିଇ ମଧ୍ୟ ଅସମୟରେ ସଂସାରରୁ ଚାଲିଯାଇଛନ୍ତି ବା ରୋଗିଣା ଜୀବନ ଜିଉଛନ୍ତି ବାର୍ଦ୍ଧକ୍ୟ ପୂର୍ବରୁ । ତେଣୁ ବିଷାକ୍ତ ମଦର ଭୟ ଦେଖେଇ ନିଶା ପ୍ରସାରଣ ଏକ ଜନମଙ୍ଗଳ ରାଷ୍ଟ୍ର ପକ୍ଷେ ଅନୁଚିତ ଓ ଅଦୂରଦୃଷ୍ଟି ସମ୍ପନ୍ନ । ଚୋରାମଦ ସଂପ୍ରସାରଣ ଏକ ଅପରାଧ । ଏହି ଅପରାଧ ନିୟନ୍ତ୍ରଣ ବା ମୂଳପୋଛ କରାଯାଇ ପାରୁନାହିଁ ବୋଲି ମଦ ଦୋକାନ ବା ଭାଟିକୁ ଅନୁମତି ଦେବା ସରକାର ଓ ପ୍ରଶାସନର ଅପାରଗତାର ନମୂନା । ଦେଶରେ ଅପରାଧ ନିୟନ୍ତ୍ରଣ ପାଇଁ ଆଇନ ସଂହିତା ଅଛି ଓ ଏହାକୁ କାର୍ଯ୍ୟକାରୀ କରିବାକୁ ପୋଲିସ୍, ପ୍ରଶାସନ ଜେଲ ଓ ଅଦାଲତ ଅଛି । ଏସବୁ ସତ୍ତ୍ୱେ ସବୁ ପ୍ରକାରର ଅପରାଧ ଘଟି ଚାଲିଛି । ଏଥିପାଇଁ ନିୟନ୍ତ୍ରଣ କରୁଥିବା ସଂସ୍ଥାକୁ ହଟେଇ ଦେଇ ଅପରାଧ ପାଇଁ ଲାଇସେନ୍ସ ଦେଇ ସରକାର ବଟି ଆଦାୟ କରିବାକୁ ଆଇନ କରିବେ କି ? ନିଶା ପରି ଏକ ବାଜେ ଜିନିଷକୁ ଦମନ ନ କରି ଲାଇସେନ୍ସ ଦେବା ସମଶ୍ରେଣୀ ଭୁକ୍ତ ।

ସ୍ୱାଧୀନତା ଆନ୍ଦୋଳନ ସମୟରେ କଂଗ୍ରେସ ଦଳର ୧୯୨୧ ମସିହା କରାଚୀ ଅଧିବେଶନରେ ସ୍ୱାଧୀନ ଭାରତର ଜନତାଙ୍କ ପାଇଁ ଅନ୍ୟ ଏକ ତଥା ପ୍ରମୁଖ ପ୍ରତିଶ୍ରୁତି ଥିଲା ନିଶା ନିବାରଣ । ସରକାରୀ ନିଶା ଦୋକାନ ସାମନାରେ ସତ୍ୟାଗ୍ରହ କରିବା ସ୍ୱାଧୀନତା ଆନ୍ଦୋଳନର ଏକ ଅଂଶ ଥିଲା । ଗାଂଧୀଙ୍କର ବିଭିନ୍ନ ସମାଜ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଭିତରେ ଏହାର ଏକ ପ୍ରମୁଖ ସ୍ଥାନ ଥିଲା । ସେ ସମୟରେ ଗାଂଧୀ ଏକ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ ସ୍ୱାଧୀନୋତ୍ତର ଭାରତରେ ଯଦି ସରକାରୀ ଦାୟିତ୍ୱର ସୁବିଧା ପାଆନ୍ତି, ତାଙ୍କର ସର୍ବପ୍ରଥମ କାମ ହେବ ନିଶା ନିବାରଣ । ଏସବୁକୁ ଦୃଷ୍ଟିରେ ରଖି ଭାରତୀୟ ସମ୍ବିଧାନରେ ଦେଶର ତଦାନୀନ୍ତନ ନେତୃମଣ୍ଡଳୀ ସରକାରଙ୍କର ଭବିଷ୍ୟତ କାର୍ଯ୍ୟକ୍ରମ ନିମନ୍ତେ ଏକ ମାର୍ଗଦର୍ଶିକା ଖଂଜି ଦେଇଥିଲେ । ଏହାକୁ କୁହାଯାଏ ଡିରେକ୍ଟିଭ ପ୍ରିନ୍‌ସପୁଲ ଅଫ୍ ଷ୍ଟେଟ୍ ପଲିସି । ଏହି ଆର୍ଟିକଲ ମାନଙ୍କ ଭିତରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି ଯେ ସରକାର (ରାଜ୍ୟ ଓ କେନ୍ଦ୍ର) ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ଉଚିତ୍ ପଦକ୍ଷେପ ନେବେ । ଏହି ଜାତୀୟ ପ୍ରତିଶ୍ରୁତିରୁ ଓହୋରିଯାଇ ଅଧିକାଂଶ ସରକାରମାନେ ସାଧାରଣ ଜନତାଙ୍କୁ ସମ୍ବିଧାନକୁ ଓ ସ୍ୱାଧୀନତା ଆନ୍ଦୋଳନର ମୂଲ୍ୟବୋଧକୁ ବିଶ୍ୱାସଘାତକତା କରିଛନ୍ତି ।

ଏ ପରିପ୍ରେକ୍ଷୀରେ ନିଶା ନିବାରଣ ନିମନ୍ତେ ଜନଚେତନା ଜାଗ୍ରତ କରିବା ଓ ସରକାର ତାଙ୍କର ଅବକାରୀ ପଲିସିରେ ପରିବର୍ତ୍ତନ ଆଣିବାକୁ ସୁଧୀ ନାଗରିକ ସମାଜ ଓ ଅନ୍ୟ ସମାଜ ମନସ୍କ କର୍ମୀମାନଙ୍କର ଦାୟିତ୍ୱ ଅଛି । ଏହା ନହେଲେ ଆଗାମୀ ପିଢି ଆମକୁ ସମାଜର ସାମୁହିକ ସ୍ଖଳନ ପାଇଁ ଦାୟୀ କରିବ । ଏ ଦୃଷ୍ଟିରୁ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' ଏକ ସାମାଜିକ ସଂସ୍କାର ଧର୍ମୀ ଅନୁଷ୍ଠାନ ରୂପେ ସାରା ଓଡ଼ିଶା ତଥା ଭାରତରେ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଜାରି ରଖିଛି ଏବଂ ଏହାର ଜନାଧାର ଓ ଆର୍ଥିକ କ୍ଷମତାର ସୀମା ଭିତରେ ଏହି ପ୍ରସଙ୍ଗଟି ଆଗେଇ ଚାଲିଛି ।

ମୋ : ୯୯୩୭୧୯୪୪୫୧

# ମଦ କବଳରେ ପ୍ରଚଳିତ ଗଣତନ୍ତ୍ର

ଶୁଭେନ୍ଦୁ କୁମାର ରାଉତରାୟ

ଧୂଳି ମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀ ଦେଖିପାରି ଥିଲେ ଓ ବାରମ୍ବାର ଚେତାଇ ଦେଉଥିଲେ ଯେ "ଶାସନ ବିପଥ ଗାମୀ ହେଲେ ତାକୁ ବାଟକୁ ଆଣିବାର ଶକ୍ତି ଜନସାଧାରଣଙ୍କ ଠାରେ ନ ଆସିବ ତ ଗଣତନ୍ତ୍ରର ମୂଲ୍ୟ କିଛି ରହିବ ନାହିଁ। ଏସବୁ ଭବିଷ୍ୟ ବାଣୀର ଯଥାର୍ଥତା ଆମ ଆଖି ଆଗରେ ଦେଖି ପାରୁଛୁ "ତାଙ୍କ ସୁପୁତ୍ର ମନମୋହନ ଚୌଧୁରୀ ଏହା ଆଜକୁ ୨୭ ବର୍ଷ ତଳେ ୧୯୯୫ ମସିହାରେ ଲେଖିଥିଲେ।

ସେହି ଭବିଷ୍ୟ ବାଣୀ ଆଜି ମଧ୍ୟ ପ୍ରାସଙ୍ଗିକ। ବିଶେଷ କରି ବିଭିନ୍ନ ରାଜ୍ୟରେ ମଦ ବିକ୍ରିକୁ ସାଧାରଣ ନାଗରିକ ଘୃଣା କରୁଥିଲେ ହେଁ, ବିଭିନ୍ନ ଢଙ୍ଗରେ ପ୍ରତିବାଦ କରୁଥିଲେ ହେଁ ତାଙ୍କ ପ୍ରତିବାଦ ଶୁଣିବାକୁ ଆଜି ସରକାର ଯେମିତି ବାଧ୍ୟ ନୁହେଁ ଓ ଲୋକଙ୍କ ପାଖରେ ସରକାରଙ୍କର କୌଣସି ଦାୟ ଓ ଦାୟିତ୍ୱ ନାହିଁ। ଅପରପକ୍ଷରେ ମଦର ଭୟଙ୍କର ଆକ୍ରମଣରେ ଆକ୍ରମିତ ହୋଇ ପ୍ରତିବାଦର ସ୍ୱର ଉଠାଇଥିବା ନାଗରିକମାନେ ସେମାନଙ୍କ ହାତରେ ଗଢିଥିବା ସରକାରଙ୍କୁ ତାର ଏ ଅସାମାଜିକ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ସକ୍ଷମ ନୁହନ୍ତି। ସମାଜରେ ଅନ୍ୟାନ୍ୟ କ୍ଷେତ୍ରରେ ଯଥା ଦରଦାମ, ନିଯୁକ୍ତି, ନାରୀ ନିର୍ଯ୍ୟାତନା, ଶିକ୍ଷା ଓ ସ୍ୱାସ୍ଥ୍ୟ, ଅନ୍ଧ ବିଶ୍ୱାସ ଓ ଆର୍ଥିକ ବୈଷମ୍ୟ ଆଦି କ୍ଷେତ୍ରର ଅବସ୍ଥା ମଧ୍ୟ ଅନୁରୂପ। ତେଣୁ ଆମ ଦେଶର ଗଣତନ୍ତ୍ର ବାସ୍ତବ ଅବସ୍ଥା ଆଜି ଗମ୍ଭୀର ଭାବରେ ବିଚାର୍ଯ୍ୟ। ଏଭଳି ସମୟରେ ବିଶିଷ୍ଟ ଲେଖକ, ସମାଜ ଚିନ୍ତକ, ବରିଷ୍ଠ ପୁଲିସ ଅଧିକାରୀ ଶ୍ରୀଯୁକ୍ତ ସୁଧାଂଶୁ ଷଡ଼ଙ୍ଗୀଙ୍କ ଲେଖା "କେମିତି ବଂଚିଗଲା ଆମେରିକାରେ ଗଣତନ୍ତ୍ର" ବିଚାର୍ଯ୍ୟ। ଆମ ଦେଶରେ ପ୍ରଶାସନ ସହ ଯୋଡ଼ି ହୋଇଥିବା ଉପରୁ ତଳ ଅଧିକାଂଶ ଅଧିକାରୀ ନିଜ ସ୍ୱଚ୍ଛନ୍ଦ ଜୀବନ ଜିଇଁବା ଉଦ୍ଦେଶ୍ୟରେ ପ୍ରଶାସନର ଭୁଲ ନିଷ୍ପତ୍ତିକୁ ଅତି ବିଶ୍ୱସ୍ତତାର ସହ ଠିକ୍ ଠାକ୍ ଭାବେ କାର୍ଯ୍ୟକାରୀ କରିବା ବେଳେ କେବେ ଚିନ୍ତା କରିପାରନ୍ତି ନାହିଁ ଯେ ସେହି ଭୁଲ ନିଷ୍ପତ୍ତିଟି ଦିନେ ସମଗ୍ର ସମାଜକୁ ପୋଡି ଜାଳି ଧ୍ୱଂସ କରି ଦେବ, ଯେଉଁ ସମାଜରେ ସେମାନେ ନିଜେ ମଧ୍ୟ ଗୋଟେ ଗୋଟେ ଅଂଶୀଦାର ଓ ସମାଜର ଅସହାୟ ଜନତାଙ୍କ ଟିକସ ଅର୍ଥରେ ସେମାନଙ୍କ ଦରମା ତଥା ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ନିହିତ ରହିଛି।

ଆମେରିକାରେ ଟ୍ରମ୍ପ ପ୍ରଶାସନର ଭୁଲ ନିଷ୍ପତ୍ତିକୁ ତାଙ୍କ ଦ୍ୱାରା ନିଯୁକ୍ତ କୌଣସି ଅଧିକାରୀ ବିଶ୍ୱସ୍ତତାର ସହ ପାଳନ ନ କରି ଦେଶରେ ସ୍ୱାର୍ଥକୁ ଉର୍ଦ୍ଧ୍ୱରେ ତୋଳି ଧରିବାର ବିଚାରରେ ଅଟଳ ରହିଲେ, ଫଳତଃ, ଟ୍ରମ୍ପ ଗଣତନ୍ତ୍ରକୁ କ୍ଷତିଗ୍ରସ୍ତ କରିବାର ଯେତେ ମସୁଧା କଲେ ମଧ୍ୟ ସଫଳ ହେଲେନି, ଦେଶରେ ଗଣତନ୍ତ୍ରର ରକ୍ଷା ହୋଇଗଲା।

ଏକ ସମୟରେ ସମସ୍ତ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗକରି ଦେଶ ସେବାକୁ ବ୍ରତ ଭାବେ ଗ୍ରହଣ କରୁଥିବା ନେତୃତ୍ୱ ଲୋକମାନଙ୍କ ଆଗରେ ଆଦର୍ଶ ଭାବେ ଗ୍ରହଣୀୟ ହେଉଥିଲେ। କିନ୍ତୁ ପ୍ରଚଳିତ ସମୟରେ ସେହି ବିଚାରର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ଯେଉଁ ନେତୃତ୍ୱ ଗଣତାନ୍ତ୍ରିକ ବିଚାରବୋଧକୁ ବିରୋଧ କରି ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକୁ ମୁକ୍ତ ଭାବେ ପରିଚାଳନା କରୁବାକୁ ନ ଦେଇ, ସେଗୁଡିକୁ ସମ୍ପୂର୍ଣ୍ଣ ଭାବେ କବଜା କରନ୍ତି ଏବଂ ଦେଶର ଭିନ୍ନ ବିଚାରବୋଧର ନେତୃତ୍ୱ ତଥା ଗଣତନ୍ତ୍ରବାଦୀଙ୍କ ବିରୁଦ୍ଧରେ ସର୍ବାଧିକ ବ୍ୟବହାର କରି ଦେଶରେ ଆତଙ୍କ ସୃଷ୍ଟି କରନ୍ତି, ସେହି ନେତୃତ୍ୱ ଅଧିକ ମାନ୍ୟତା ପାଉଛି। ସେମାନଙ୍କର ଉଚ୍ଛୃଙ୍ଖଳ, ଅଗଣତାନ୍ତ୍ରିକ ବିଚାରବୋଧ ଓ ଜୀବନଶୈଳୀକୁ କିଛି ଲୋକ ନୀରବରେ ସହ୍ୟ କରିଚାଲିଛନ୍ତି, କିଛି ଲୋକ ଆଦର୍ଶ ଭାବେ ଗ୍ରହଣ କରୁଛନ୍ତି।

୨୮ ଏପ୍ରିଲ ୧୯୫୮ ଦିନ ଭୁବନେଶ୍ୱରରୁ କଟକ ଫେରୁଥିଲାବେଳେ ବାଟରେ ମଦର ଯେଉଁ ବିଜ୍ଞାପନ ତାଙ୍କ ରକ୍ତ ଚାପର ମୁଖ୍ୟ କାରଣ ସାଜି, ତା ପରଦିନ ଅର୍ଥାତ ୨୯ ଏପ୍ରିଲ ୧୯୫୮ରେ ଓଡ଼ିଶାର ନିରୀହ ଜନତାକୁ ତାଙ୍କ ସେବାରୁ ସବୁଦିନ ପାଇଁ ବଞ୍ଚିତ କରିଥିଲା ଅର୍ଥାତ ଗୋପବନ୍ଧୁ ଚୌଧୁରୀଙ୍କ ମହାପ୍ରୟାଣର କାରଣ ସାଜିଥିଲା, ସେଦିନର ବିଜ୍ଞାପନଠାରୁ ମଦର ଏବେକାର କୁତ୍ସିତ ବିଜ୍ଞାପନ ଯେ ହଜାର ହଜାର ଗୁଣ ବଢିଗଲାଣି, ସେ କଥା ତାଙ୍କ ପାଇଁ ଅବିଶ୍ୱସନୀୟ କେବଳ ହୋଇନଥାଆନ୍ତା, ଅସହ୍ୟ ବି ଚରମ ଭାବେ ହୋଇଥାନ୍ତା।

ସମାଜର ସାମୁହିକ ସମ୍ପତ୍ତିକୁ ସହଜରେ ଲୁଟ କରିବା ଲକ୍ଷ୍ୟରେ ରାଜନୈତିକ ଦଳ ଓ ଏହାର ନେତୃତ୍ୱ ଭଲ ଓ ଖରାପ, ଲାଭ ଓ କ୍ଷତି ସମ୍ପର୍କରେ ନିଜର ଦାୟିତ୍ୱକୁ ଭୁଲି ଯାଇ ସମାଜର ଯାବତୀୟ କ୍ଷତିସାଧନ କରିଚାଲିବା ସହ ଗଣତନ୍ତ୍ରର ମୂଳଦୁଆ ଉପରେ ଚରମ ଆଘାତ ଦେଉଛନ୍ତି। ସେମାନଙ୍କର ସ୍ଥିତି ମଧ୍ୟ ଭବିଷ୍ୟତରେ ପ୍ରଚଣ୍ଡ ଭାବେ ଏଥିରେ ପ୍ରଭାବିତ ହେବ ବୋଲି ସେମାନେ ଭୁଲି ଯାଉଛନ୍ତି। କାରଣ ସେହି ନେତାମାନେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଚତୁରତାର ସହ ନିଜ ସପକ୍ଷରେ ବ୍ୟବହାର କରି ସମାଜରେ ତାଙ୍କର ପତିଆରା ଦେଖାନ୍ତି ଓ ସେମାନେ ଭୁଲିଯାନ୍ତି ଏ ଗଣତନ୍ତ୍ରର ମୂଳୋତ୍ପାଟନ ହେଲେ ତାଙ୍କ ଚାଲାକି ଆଉ ଭବିଷ୍ୟତରେ କାର୍ଯ୍ୟ କରିପାରିବ ନାହିଁ ଯେମିତି ବାଉଁଶର ମୂଳୋତ୍ପାଟନ ହେଲେ ବଂଶୀ ରହିବ ନାହିଁ, ବଂଶୀର ସ୍ୱର ତ ଦୂରର କଥା।

ସମସ୍ତ ନକରାତ୍ମକ ଘଟଣାବଳୀ ଭିତରେ ସମାଜରେ ଯେଉଁ ଚିନ୍ତକମାନେ ସଳିତା ଭଳି ନିଜେ ଜଳି ଜଳି ଅନ୍ୟକୁ ଆଲୋକ ପ୍ରଦାନ

କରିଚାଲିଛନ୍ତି, ସେମାନଙ୍କ ଶ୍ରମ ଦିନେ ନା ଦିନେ ସଫଳକାମ ହେବ ତାହା ଗତ ୨୮.୦୮.୨୦୨୨ର ମଦମୁକ୍ତି ସଂଯୁକ୍ତ ମୋର୍ଚ୍ଚାର ବୈଠକ ଓ ୯୮ ବର୍ଷୀୟ ଶ୍ରୀଯୁକ୍ତ ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ ପରିଚାଳିତ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସବୁଦିନିଆ ଲୋକାଭିମୁଖୀ ଆନ୍ଦୋଳନତ୍ମାକ କାର୍ଯ୍ୟକ୍ରମ ଏବଂ "ମଦ ମୁକ୍ତ ଭାରତର ଅଭ୍ୟୁଦୟ" ତାହାର ସ୍ପଷ୍ଟ ସୂଚନା ଦେଉଛି।

ମୋ : ୯୪୩୭୧୦୭୪୨୩

# ଜୁଆଙ୍ଗ ଜାତି ସଭାରେ ଗାନ ହୋଇଥିବା କବିତା

ଇନ୍ଦ୍ରମଣି ପ୍ରଧାନ
ଢେଙ୍କାନାଳ

ମା ରୋଜଗାର ଫୁସୁରୁ ଫାସର
ବାପ ରୋଜଗାର ଘରକୁ।
ପୁଅ ରୋଜଗାର ଯାହାକୁ ଯେମିତି
ଝିଅ ରୋଜଗାର ଡେରିକୁ।
ଲୋଭୀ ଲୋକଙ୍କର ରୋଜଗାର ଅଟେ,
ନଖାଇ ନିଜର ପେଟକୁ
ମାଗଣା ଲୋକର ରୋଜଗାର ନିତି
ପରଧନ କରି ନିଜକୁ।
ସରଳ ଲୋକର ରୋଜଗାର ନିତି
ଦିଆନିଆ ସଦା ପରକୁ।
ଭୋକିଲା ଲୋକର ଶୁଖିଲା ହାତରେ
ରୋଜଗାର କରେ ଦୁଃଖକୁ।
ମଦୁଆ ଲୋକର ରୋଜଗାର ନିତି
ଦାଣ୍ଡ କଳି ଆଣେ ଘରକୁ।
ଚୋର ଡାକୁଙ୍କର ରୋଜଗାର ସଦା
କାରାଗାର ବନ୍ଦି ଘରକୁ।
ଧର୍ମି ଲୋକର ଧର୍ମ ରୋଜଗାର
ପବିତ୍ର କରଇ ଆତ୍ମାକୁ।
ଖଳୁଆ ଲୋକର ଖଳ ରୋଜଗାର
ପରଘର ଭାଙ୍ଗି ଦେବାକୁ।।
ଉତ୍ତମ ଲୋକର ରୋଜଗାର ନିତି
ପ୍ରଶଂସା ମିଳଇ ନିଜକୁ।
ଭାବକୁ ନିକଟ ଅଭାବକୁ ଦୂର
ଏ ସବୁ ଠିକଣା ବେଳକୁ।
କରବା ନକର ପର ଉପକାର
କ୍ଷତି କର ନାହିଁ ପରକୁ,
ଅରଜିତ ଧନ ଧର୍ମରେ ଲାଗି
ଭଜ ପ୍ରଭୁ ଆଶୀର୍ବାଦକୁ।

# ନିଶା

ପ୍ରମୋଦ କୁମାର ଖୁଣ୍ଟିଆ

ଯୌନପିପାସା ନିଶାଲାଳସା ବିନା କେ ଅବା ପାଇଛି ଜୀବନ ସ୍ୱାଦ,
ସଂସାରୀସୋଦର ଅବା ନୀଚ ନର ସର୍ବେ ଭୋଗିଥାନ୍ତି ଘୋର ପ୍ରମାଦ।୧।
ବାଲ୍ୟ ଗୃହତ୍ୟାଗୀ ସଂସାର ବୈରାଗୀ ସାଧୁବ୍ରହ୍ମଚାରୀ ଏ ତିନି ଚାରି।
ସଭିଏଁ ହୋଇଲେ ନିଶାସକ୍ତ ଆହା କାହାକୁ କରିବି ଦୁଃଖ ଗୁହାରି ।୨।
ହିରୋଇନ୍ ନିଶା ଚରମବେଉସା ସାରିଲାଣି ପରାସାରା ସମାଜ।
ଜାଗିଲେଣି ପରା ନିଶା ବ୍ୟବସାୟୀ କୋକେନ୍ ମର୍ଫିନ ହେଲାଣି ସଜ।୩।
କଲେଜ ପାଠୁଆ, ଡାକ୍ତରର ଛୁଆ, ନେତା ଓ ପୋଲିସ୍ ନିଶା ବାଇଆ,
ସାରା ସଂସାରଟା AIDS, ଯକ୍ଷ୍ମାରେ ହୋଇଗଲାଣିରେ ସେ କୁଆ ଭୁଆ।୪।
ଆସ ମୋ ଭଉଣୀ, ମାଆ ମାଉସୀ ଏ ତେଜିବାକୁ ହେବ ଚେତନାସ୍ତର,
ଆଧାତ୍ମିକ ମାର୍ଗ ଆବୋରି ନେବାରେ ଛାଡ଼ି ପଳାଇବ Brown ସୁଗାର।୫।
ନିଜେ ବୁଝି ଆଗ ପରକୁ ବୁଝାଅ ଘର କଥା ପରେ ସାହିପଡ଼ିଶା,
ପ୍ୟାଟେଣ୍ଟ ଦବାଇ ଦେଇଦେଲେ ଥରେ ଛାଡ଼ି ପଳେଇବ ମାଣ୍ଡ୍ରାକ୍ସ ନିଶା।୬।

ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ, ଢେଙ୍କାନାଳ
ମୋ : ୯୪୩୭୩୮୩୫୮୭



# ମୋନା (ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ) ସମାବେଶ :

## ଉତ୍ତର ଓଡ଼ିଶା ଆଂଚଳିକ ସଭା

## ସ୍ଥାନ : ଗୌରୀଶଙ୍କର କଲ୍ୟାଣ ମଣ୍ଡପ, ରେମୁଣା, ବାଲେଶ୍ୱର

ଗତ ତା୦୩.୦୭.୨୦୨୨ରିଖରେ ବାଲେଶ୍ୱରର ରେମୁଣାଠାରେ ମୋନାର କର୍ମୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ଥିଲେ ପ୍ରାୟ ୧୦୦ କର୍ମୀ। ଏମାନେ ଥିଲେ ମୟୁରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ। ଏହି କର୍ମଶାଳାର ଆବାହକ ଥିଲେ ମନମୋହନ ମିଶ୍ର, ମୋନା ର ରାଜ୍ୟ ସମ୍ପାଦକ। ନିଶା ନିବାରଣ ଆନ୍ଦୋଳନକୁ ଉତ୍ତର ଓଡ଼ିଶାରେ ଆଗେଇ ନେବାକୁ ଏକ ଜୋନାଲ କମିଟି ଗଠନ କରିବାକୁ ଆଲୋଚନା ହେଲା।

ସଭାର ପ୍ରାରମ୍ଭରେ ପ୍ରାୟ ୧୧ଟା ବେଳେ ସାଥୀ କବିତା ପରିଡ଼ା ଏକ ନିଶା ନିବାରଣ ସଂକ୍ରାନ୍ତୀୟ ସଂଗୀତ ଗାନ କଲେ। ଆବାହକ ମଂଚ ଉପରକୁ ଆମନ୍ତ୍ରଣ କଲେ ଆମର ପୂଜ୍ୟ ପଦ୍ମଚରଣ ନାୟକଙ୍କୁ ସଭାରେ ସଭାପତିତ୍ୱ କରିବାକୁ। ଅନ୍ୟ ଆମନ୍ତ୍ରିତ ମଂଚ ଉପରେ ଥିଲେ ସର୍ବଶ୍ରୀ ପ୍ରଭାକର ସାହୁ, ମମତା ମହାପାତ୍ର ଗୌରାଙ୍ଗ ମହାପାତ୍ର, ତପସ୍ୱିନୀ କର, ଡ. ଅଦ୍ୱୈତ ପାତ୍ର ଓ ଅନ୍ୟମାନେ।

ସଭାପତି ମୋନାର ଏ ପର୍ଯ୍ୟନ୍ତ ଅଗ୍ରଗତି ଅବତାରଣା କଲେ। ତାଙ୍କର ଆହ୍ୱାନ ନିମ୍ନ ମତେ ଥିଲା। ନିଶା ଭିତରେ ବିଭିନ୍ନ ନିଶା ନିଜର କ୍ଷତି କରନ୍ତି। କିନ୍ତୁ ମଦ ନିଜର ତଥା ସମାଜର କ୍ଷତି କରେ। ତେଣୁ ପ୍ରଥମେ ମଦ ବିରୁଦ୍ଧରେ ପଦକ୍ଷେପ ନିଶା ନିବାରଣ ଦିଗରେ ଏକ ବଡ ପଦକ୍ଷେପ। ସରକାରଙ୍କ ପାଖରେ ଆଗରୁ ଅନେକବାର ଦାବିପତ୍ର ଉପସ୍ଥାପନ କରାଯାଇଛି। ରାଜଧାନୀରେ ବିଭିନ୍ନ ସମୟରେ ସମାବେଶ କରାଯାଇଛି। ଯେହେତୁ ସରକାର ନିଶା ନିବାରଣ ନିମନ୍ତେ ଥିବା ୧୯୫୬ ଆଇନକୁ କାର୍ଯ୍ୟକାରୀ କରିବାକୁ ଅନିଚ୍ଛୁକ, ଆମର କାମ ହେଲା ଜନ ସଚେତନତା ସୃଷ୍ଟି ଓ ସରକାରଙ୍କ ଉପରେ ଲୋକମତର ଚାପ। ସରକାରଙ୍କ ଉପରେ ଚାପ ନିମନ୍ତେ ମହିଳାମାନେ ଏକାଠି ହୋଇ ସରକାରଙ୍କୁ ଭୋଟ ନଦେବାକୁ ଧମକ ଦେବା ପାଇଁ ପଥ ପ୍ରସ୍ତୁତି କରିବାକୁ ପଡିବ।

ଅନ୍ୟ ବକ୍ତାମାନେ ଥିଲେ ପ୍ରଭାକର ସାହୁ, ମମତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ସରୋଜ ବେହେରା, ଡ. ଭାଗବତ ପ୍ରସାଦ ଦାସ, ଗିରିଜା ନାୟକ, ପ୍ରଦୀପ ସାହୁ, ସନାତନ ମହାନ୍ତି, ମିନତି ଦାସ, ଅର୍ଚ୍ଚନା ନନ୍ଦୀ, କିଶୋର ଦାସ, ଡ, ଅଦ୍ୱୈତ ପାତ୍ର, ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ଓ ଅନ୍ୟମାନେ।

ବିଭିନ୍ନ ବକ୍ତାଙ୍କ ମନ୍ତବ୍ୟରୁ ନିମ୍ନମତେ ନିର୍ଯ୍ୟାସ ଉପସ୍ଥାପନ କରାଗଲା।

୧. ମୋନାର ଉତ୍ତର ଓଡ଼ିଶା ଅଞ୍ଚଳରେ ସଭ୍ୟ ସଂଗ୍ରହକୁ ଅଧିକ ତ୍ୱରାନ୍ୱିତ କରାଯାଉ।

୨. ଏକ ଉତ୍ତରଦାୟୀ "ଉତ୍ତର ଓଡ଼ିଶା ଜୋନାଲ କମିଟି" ଗଠିନ ନିମନ୍ତେ ଆହ୍ୱାନ ଦିଆଗଲା।

୩. ଏ ବିଷୟରେ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନା ଓ ସରକାରଙ୍କ ପଲିସିକୁ ବିରୋଧ। ଏଥିପାଇଁ ଗଣ ଆନ୍ଦୋଳନ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଉ।

୪. ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଯୁବକ, ଛାତ୍ର ଓ ଅନ୍ୟବର୍ଗମାନଙ୍କ ଭିତରେ ବଢାଇବା ପାଇଁ ପ୍ରଚେଷ୍ଟା

୫. ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ସଚେତନ କରାଯାଉ।

ଏହି କର୍ମଶାଳା ପରେ କର୍ମୀମାନେ ଦ୍ୱିପହର ଖାଦ୍ୟ ଖାଇ ପୁଣି ଏକାଠି ବସି ଜୋନାଲ କମିଟି ପାଇଁ ଇଚ୍ଛୁକ କର୍ମୀଙ୍କୁ ସଭ୍ୟ କଲେ। ସେହି ସଭ୍ୟମାନେ ନିମ୍ନମତେ :-

| | |
|---|---|
| ୧. ଚକ୍ରଧର ଦାସ | ୨. ଡ. ଭାଗବତ ଦାସ |
| ୩. ପ୍ରଭାକର ନନ୍ଦଗୋସ୍ୱାମୀ | ୪. ଯୋଗେନ୍ଦ୍ର ଆଚାର୍ଯ୍ୟ |
| ୫. ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ | ୬. ଡ. କେଶବ ପଣ୍ଡା |
| ୭. ମୀନ କେତନ ବେହେରା | ୮. ରାଧା ବଲ୍ଲଭ ମଣ୍ଡଳ |
| ୯. ମିନତି ଦାସ | ୧୦. କୁମୁଦ ରଂଜନ ଗିରି |
| ୧୧. କିଶୋର ଦାସ | ୧୨. ଅର୍ଚ୍ଚନା ନନ୍ଦୀ |

ଏହି ଜୋନାଲ କମିଟିର ଅଂଶ ବିଶେଷ ରହିଲା ମୟୁରଭଂଜ ଜିଲ୍ଲା, ବାଲେଶ୍ୱର ଜିଲ୍ଲା ଓ ଭଦ୍ରକ ଜିଲ୍ଲା। ଆବାହକ ରହିଲେ ମନମୋହନ ମିଶ୍ର, ତପସ୍ୱିନୀ କର ଓ ଖଗେଶ୍ୱର ବଳ। ଏ ତିନି ଜଣଙ୍କୁ କୋଅର୍ଡିନେଟ୍ କରିବେ ମନମୋହନ ମିଶ୍ର। ଏହି କମିଟିରେ ଭଦ୍ରକର ପ୍ରତିନିଧିତ୍ୱ ଦେବାକୁ ବଳବାବୁଙ୍କୁ ଦାୟିତ୍ୱ ଦିଆଗଲା। ଆଉ ଅଧିକ ଉପଯୋଗୀ ସଭ୍ୟ ନେବାକୁ ମନମୋହନ ବାବୁ ଓ ତପସ୍ୱିନୀ ଅପା ଓ ବଳ ଭାଇଙ୍କୁ କ୍ଷମତା ଦିଆଗଲା।

ଆଗାମୀ ୧୭ ଜୁଲାଇରେ ପ୍ରଥମ ମିଟିଂ ପାଇଁ ଦିନ ଆପାତତଃ ସ୍ଥିର କରାଗଲା। ଏହି କମିଟିରେ ବିଭିନ୍ନ ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କୁ ମଧ୍ୟ ନିଆଯିବ ଓ ଏହି କମିଟି ଉତ୍ତର ଓଡ଼ିଶାରେ ଆନ୍ଦୋଳନ ଓ ସଚେତନତା ପାଇଁ ପଥ ପ୍ରସ୍ତୁତି ଜାରି ରଖିବ।

**କାହ୍ନୁଚରଣ ବେହୁରା**
**କାର୍ଯ୍ୟକାରୀ ସଭାପତି**

# ନ କହିଲେ କୁଳ ଭାସିଯାଉଛି

ଛନ୍ଦା ମିଶ୍ର

ସକାଳୁ ସକାଳୁ ଖବରକାଗଜ ଖୋଲିଦେଲା ମାତ୍ରେ, ଖବର ଭାବେ ଯାହା ବର୍ଣ୍ଣନା କରାଯାଇଥାଏ, ସେଥିରୁ ଅଘଟଣ ବା ଦୁର୍ଘଟଣାର ଖବର ଥାଏ ସର୍ବାଧିକ। ସେହି ଅଘଟଣଗୁଡ଼ିକ ମଧ୍ୟରୁ ବେଶି ମାଦକ ଦ୍ରବ୍ୟ ସେବନ ଜନିତ। 'ମଦ୍ୟପ ବାପାକୁ ଦୁଇପୁଅ ପିଟିପିଟି ମାରିଦେଲେ' 'ମଦ ପାଇଁ ପଇସା ନଦେବାରୁ ମା'କୁ ହତ୍ୟା, 'ମଦ ପିଇ ବିଧାୟକଙ୍କ ଗାଡ଼ି ଚଢ଼େଇ ଦେବା ଘଟଣା'... ଇତ୍ୟାଦି। ମାତ୍ର ଆଶ୍ଚର୍ଯ୍ୟର କଥା, ରାଜ୍ୟରେ ମଦ୍ୟପାନ ଯୋଗୁଁ ଦୁର୍ଘଟଣା ବଢୁନି; ବରଂ ଦୁର୍ଘଟଣା ଓ ଅପରାଧ ଘଟିବା ପଛରେ ଅନ୍ୟ ଅନେକ କାରଣ ଥାଏ ବୋଲି ଆମ ଅବକାରୀ ବିଭାଗ କହିଛି।

ରାଜ୍ୟରେ ସଡକ ଦୁର୍ଘଟଣାରେ ପ୍ରତିବର୍ଷ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବାରୁ, ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଏ ନେଇ ଉଦବେଗ ପ୍ରକାଶ କରିବା ସହ ସରକାରଙ୍କୁ ବାରମ୍ବାର ତାଗିଦା କରିଆସୁଛନ୍ତି। ତଥାପି ଦୁର୍ଘଟଣା ଜନିତ ମୃତ୍ୟୁ କମୁନଥିବାରୁ ଓଡ଼ିଶା ପୁଲିସ ପରିବହନ ବିଭାଗକୁ ଅଧିକରୁ ଅଧିକ ବ୍ରେଥ୍ ଆନାଲାଇଜର ବ୍ୟବହାର କରି ଜୋରିମାନା ଆଦାୟ କରିବାକୁ କୁହାଯାଇଛି। ଏତେ ସବୁ ପଦକ୍ଷେପ ଓ ଭର୍ତ୍ସନା ସତ୍ତ୍ୱେ ଅବକାରୀ ବିଭାଗ ଏପରି ଉତ୍ତର ଦେବାଟା କେତେଦୂର ସମୀଚୀନ ? ଆହୁରି ପୁଣି ଲିଖିତ ଉତ୍ତର ଦେଇ କୁହାଯାଇଛି ଯେ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଶା ସେବନ କରିବା ବା ନ କରିବା ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଚିନ୍ତାଧାରା ଓ ଇଚ୍ଛା ଉପରେ ନିର୍ଭର କରେ। ମଦ୍ୟପାନରେ ଅଭ୍ୟସ୍ତ ବ୍ୟକ୍ତି ବିଶେଷ ଯେପରି ଚୋରା ମଦ ଓ ବେଆଇନ ମଦ ନ ପିଅନ୍ତି ଓ ସେମାନଙ୍କର ଧନ ଜୀବନ ଓ ସ୍ୱାସ୍ଥ୍ୟ ଯେପରି ସଙ୍କଟାପନ୍ନ ନ ହୁଏ ସେଥିପାଇଁ ରାଜ୍ୟ ସରକାର ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରାଧିକୃତ ହୋଇ ମଦ ଓ ମାଦକ ଦ୍ରବ୍ୟର ନିୟନ୍ତ୍ରଣ ମାଧ୍ୟମରେ ଲାଇସେନ୍ସ ପ୍ରାପ୍ତ ଦୋକାନ ଜରିଆରେ ଉତ୍ତମ ଓ ନିରାପଦ ମଦ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି।

ଏ ଖବରଟି ପଢି ଲାଗିଲା, ଆମ ସରକାର ଆମ ପାଇଁ କେତେ ଚିନ୍ତିତ ସତେ ! ଆଉ ପାଦେ ଆଗକୁ ଯାଇ ସରକାର ନିଶ୍ଚିତ ଭାବେ ଘୋଷଣା କରିବେ ଯେ, ଏହି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରୁ ମଦ ପିଇଲେ ସ୍ୱାସ୍ଥ୍ୟ ଅତୁଟ ରହିବ, ଏହି ମଦ ପିଉଥିବା ବ୍ୟକ୍ତି ଓ ତାଙ୍କ ପରିବାର ଜନଙ୍କୁ ସରକାରୀ ସୁବିଧା ସୁଯୋଗରେ ଅଗ୍ରାଧିକାର ଦିଆଯିବ ... ଇତ୍ୟାଦି।

କହିଲେ କୁଳ କୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସି ଯାଉଚି। ଆଜି ରାଜ୍ୟରେ ମଦ୍ୟପଙ୍କ ସଂଖ୍ୟା ଯେପରି ତୀବ୍ର ଗତିରେ ବୃଦ୍ଧି ପାଉଛି, ଠିକ୍ ସେହି ସମାନ ଢଙ୍ଗରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ବୟସ କମିବାରେ ଲାଗିଛି। ଆଗେ ଯେଉଁଠି କଲେଜ ପଢୁଆ ପିଲା ନଲେଜ (ଜ୍ଞାନ) ବଢ଼ିଲାପରେ ମଦକୁ ଆପଣେଇ ନେଉଥିଲେ, ଏବେ ସେମାନଙ୍କ ସ୍ଥାନ ଗ୍ରହଣ କଲେଣି ସ୍କୁଲ ପଢୁଆ ପିଲା। ଚକିତ କରାଇଲା ଭଳି କଥା ହେଉଛି ଯେ ଆମେ ମହିଳାମାନେ ବି ବେଶ୍ ବୀର ଦର୍ପରେ ଏଥିରେ ନିଜର ଯୋଗଦାନ କରି ସରକାରଙ୍କ ହାତମୁଠା ଟାଣ କରିବାକୁ ପଣ କରିଛୁ। ଯେଉଁଥିପାଇଁ ଏବେ ମଦ ଦୋକାନଗୁଡ଼ିକରେ ମହିଳା ଗରାଖଙ୍କ ଧାଡ଼ି ଦେଖିବାକୁ ମିଳୁଛି। ତେବେ ମଦ ତ ମଦ, ସେ କି ଜାଣେ ପୁରୁଷ ମହିଳା ଭେଦ। ବାସ୍ ସେ ତାର କରାମତି ଦେଖେଇବ। ଫଳରେ ମଦ ପିଆଇ ଅସଦାଚରଣ ଓ ବଳାତ୍କାର ଘଟଣା ନିତିଦିନର ସମ୍ବାଦ ପୃଷ୍ଠା କରୁଛି ମଣ୍ଡନ। ଯେଉଁ ଘରେ ବାପା ମଦ ପିଉଛନ୍ତି ସେ ଘର ଅଶାନ୍ତିରେ ବୁଡି ରହିଥିଲା ହେଲେ ଯେଉଁ ଘରେ ମା' ମଦ ପିଉଛନ୍ତି ସେ ଘର ହିଁ ହୋଇଯାଉଛି ଉଚ୍ଛନ୍ନ। ଅଳ୍ପଦିନ ତଳେ ମା'ଟିଏ ପ୍ରତ୍ୟେକ ଦିନ ମଦ ପିଇ ଘର ଉଠାପକା କରୁଥିବାରୁ ତାଙ୍କ ନାବାଳକ ପୁତ୍ର ଦ୍ୱୟ ତାଙ୍କୁ ହତ୍ୟା କରି ଜେଲ୍ ଯିବା ଘଟଣା ବୋଧେ କେହି ଭୁଲି ନଥିବେ। ପ୍ରାୟ ପ୍ରତ୍ୟେକ ଦିନ ରାତି ଅଧରେ ରାଜରାସ୍ତାରେ ମଦ୍ୟପୀ ଝିଅଙ୍କର ଉନ୍ମାଦ ଅବସ୍ଥାକୁ ପୁଲିସ ଓ ପଥଚାରୀ ପ୍ରତ୍ୟକ୍ଷ କରୁଥିବାର ଖବର ଶୁଣିବାକୁ ମିଳୁଛି। ସତ କଥା ଆଜ୍ଞା, ଆଜି ପ୍ରତି କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ସାରିଲେଣି। ତାଙ୍କ ସହ କାନ୍ଧକୁ କାନ୍ଧ ମିଳେଇ ଚାଲିଲେଣି। ତାଙ୍କ ପରି ପୋଷାକ ପିନ୍ଧିବା, ତାଙ୍କ ପରି ବେଶ ଭୂଷଣ ହେବା... ଅନେକ ସମୟରେ ଆପଣ ଦ୍ୱନ୍ଦ୍ୱରେ ପଡ଼ିବେ ଯେ, ପୁରୁଷ କିଏ ଓ ମହିଳା କିଏ। ହେଉ, ସେତିକିରେ କଥା ରହିଥିଲେ ଭଲ ହୋଇଥାନ୍ତା, ମାତ୍ର ଆମ ଝିଅମାନେ କହିଲେ, ସବୁ କଥାରେ ମାନେ ଶହେକୁ ଶହେ ସବୁ କଥାରେ ଆମେ ପୁଅଙ୍କ ସହ ସମାନ ହେବୁ। ପରିଣାମ ଯାହା ହେବା କଥା।

ସେହି ପରିଣାମକୁ ଦୃଷ୍ଟିରେ ରଖି, ଆମ ମାଆ ବାପ, ଆମ ସରକାର ବାହାଦୁର ଆମ ଉପରେ ଅତ୍ୟନ୍ତ ପ୍ରୀତ ହୋଇ ଆମ ଝିଅ ବୋହୂଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚକରି ନିର୍ମାଣ କରିବେ ନିଶା ନିବାରଣ କେନ୍ଦ୍ର। କେନ୍ଦ୍ର ସରକାର ଜାରି କରିଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ଓଡ଼ିଶାରେ ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ ୪.୩% ମହିଳା ମଦ୍ୟପାନ ଓ ୨୬% ମହିଳା ବିଭିନ୍ନ ପ୍ରକାରର ତମାଖୁ ସେବନରେ ଅଭ୍ୟସ୍ତ। ତେବେ ଏହା ଆଗକୁ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମଦ୍ୟପାନ ହାର ବଢୁଚି। ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କ ଉପରେ ଏହାର ଗୁରୁତର ପ୍ରଭାବ ରହିଛି। ତେଣୁ ନ୍ୟାସନାଲ ଆକ୍ସନ ପ୍ଲାନ ଫର ଡ୍ରଗ ଡିମାଣ୍ଡ ରିଡକ୍ସନ

ଯୋଜନା ଅଧୀନରେ ଜଟଣୀଠାରେ ପୁରୁଷଙ୍କ ସହିତ ମହିଳା ନିଶା ନିବାରଣ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିପାଇଁ ୬.୫୨ କୋଟି ବ୍ୟୟ ଅଟକଳ କରାଯାଇଛି ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ୫୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ତେବେ ସେତିକି ଯଥେଷ୍ଟ ନୁହେଁ। ତେଣୁ ପ୍ରତି ଜିଲ୍ଲାରେ ଏହିପରି କେନ୍ଦ୍ରମାନ ପ୍ରତିଷ୍ଠା କରିବା ପାଇଁ ସରକାର ଯୋଜନା କରିଛନ୍ତି।

କଥାରେ କହନ୍ତି ଗୋଇଠା ମାରି ବିଷ୍ଣୁ ହେବା। ଆଜି ଏପରି ମଦର ପ୍ରଚାର ଓ ପ୍ରସାର କରାଯାଉଚି କାହିଁକି ଯେ ନିଶା ନିବାରଣ କେନ୍ଦ୍ରର ଆବଶ୍ୟକତା ଅନୁଭବ ହେଲା ? ମଦ ପାଇଁ କେତେ ଜୀବନ, ଧୂଳିସାତ୍ ହେଉଛି, କେତେ ଘର ଭାଙ୍ଗୁଛି, କେତେ ପିଲା ଅନାଥ ହେଉଛନ୍ତି ସେ ବିଷୟରେ ସରକାର କେବେ ଚିନ୍ତା କରିଛନ୍ତି କି ? ମଦ ବିକି ଓ ମଦ ପିଇଲେ ଜୋରିମାନା ଆଦାୟ କରି ସରକାର ନିଜ ରାଜସ୍ୱ ଯେପରି ବଢାଇ ଚାଲିଛନ୍ତି। ତାହା ଦେଖି ମନେ ହୁଏ, ତାଙ୍କର ରାଜ୍ୟବାସୀଙ୍କ ପାଇଁ କୌଣସି ଉତ୍ତର ଦାୟିତ୍ୱ ହିଁ ନାହିଁ। ଲାଗୁଛି, ଆମ ସରକାର ମଦକୁ ପ୍ରୋତ୍ସାହନ ଦେବାରେ ତିଳେ ବି ହେଳା କରିବେ ନାହିଁ ବୋଲି ପଣ କରିଛନ୍ତି। ପ୍ରାକୃତିକ ଓ ଖଣିଜ ସମ୍ପଦରେ ଧନୀ ଓଡ଼ିଶାର ରାଜସ୍ୱ ବଢାଇବା ପାଇଁ ଅନ୍ୟ ପଦକ୍ଷେପ ଗ୍ରହଣ କରାଯାଉ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସାଧାରଣ ଜନତାଙ୍କ ସହଯୋଗ ଆବଶ୍ୟକ। ନହେଲେ ଖୁବ୍ ଶୀଘ୍ର ଓଡ଼ିଶା ନିଶାସେବନରେ ଦେଶରେ ପ୍ରଥମ ସ୍ଥାନ ହାସଲ କରିବ ଏଥିରେ ସନ୍ଦେହ ନାହିଁ।

ମୋ : ୯୪୩୭୪୫୩୬୧୦
e-mail : chhandamishra74@gmail.com

# ମଦ ପାଇଁ ଆଜି ମୋ ଗାଁ କାନ୍ଦୁଛି

ଅରୁଣ କୁମାର ସାମନ୍ତରାୟ

ଗାଁ ମାଟି ମୋର
ମହ ମହ ହୋଇ ବାସୁଛି
ଧୂଳି ଧୂସରରେ ଶୋଭା ବର୍ଦ୍ଧନ ବଢୁଛି
ଆମ ବ୍ୟବସ୍ଥାରେ ସରକାର
ଆଜି ମଦ ବିକିରି କରୁଛି ।।
ଐତିହ୍ୟ ସଂସ୍କୃତି
ଆଜି ଲିଭି ଲିଭି ଯାଉଛି
ଗାଁ ଭାଗବତ ଟୁଙ୍ଗୀରେ
ତାଲା ଝୁଲୁଛି
ଆମ ବ୍ୟବସ୍ଥାରେ ସରକାର
ଆଜି ମଦ ବିକିରି କରୁଛି।।
ଜେଜେ ବାପା ଜେଜେ ମା'
ପିତାମାତା ଘେନି
ଦାଦା ଖୁଡୀ ଆଜି
ଭଲ ସମ୍ପର୍କରେ ରହିଛି
ଆମ ପରିବାରରେ
ଯେତେ ଦୁଃଖ ସୁଖ ଆସିଛି
ଭାବ ଦିଆନିଆ ହୋଇ
ଆନନ୍ଦରେ ସଂସାର ଚଳୁଛି
ଆମ ବ୍ୟବସ୍ଥାରେ ସରକାର ଆଜି
ମଦ ବିକିରି କରୁଛି।।
ଶିକ୍ଷିତ ଓ ମୂର୍ଖ ସମସ୍ତେ
ମିଶି ଗାଁ ଭାଇଚାରା ବଂଚିଛି
ଜନ୍ମ ଜନ୍ମାନ୍ତର ପରସ୍ପର
ଗୋଟିଏ ରଜ୍ଜୁରେ ବନ୍ଧା ହୋଇଛି
ଆମ ବ୍ୟବସ୍ଥାରେ ସରକାର ଆଜି
ମଦ ବିକିରି କରୁଛି ।।
ସମାଜ ନାମରେ
ସମାଜସେବକ ସେବିକା
ହୃଦୟରେ ଦେଶପ୍ରେମ ଜାଗ୍ରତ କରିଛି
ସେବା ବାର୍ତ୍ତା ଦେଇ
ସହାୟତାର ହାତ ବଢାଉଛି
ଆମ ବ୍ୟବସ୍ଥାରେ ସରକାର ଆଜି
ମଦ ବିକିରି କରୁଛି।।
କବିର କବିତା
ମନରେ ବନ୍ଦିତା ଦେଶ ଶୃଙ୍ଖଳିତ
ରାଜ୍ୟ ଗର୍ବିତ
ତାଙ୍କ ପାଇଁ ଆମ ମାତୃଭାଷା
ସଂରକ୍ଷିତ ରହିଛି
ଆମ ବ୍ୟବସ୍ଥାରେ ସରକାର ଆଜି
ମଦ ବିକିରି କରୁଛି।।
ଗାଁ ଚଷା ପୁଅ ବିଲ ମୁଣ୍ଡେ ଯାଇ
ଭାତ ଯୋଗଡା ଖାଉଛି
ଘରକୁ ଆସିଲେ ପୁଅ ତାର
ମଦ ପିଇ ମାଆକୁ ମାଡ ମାରୁଛି
ଆମ ବ୍ୟବସ୍ଥାରେ ସରକାର ଆଜି
ମଦ ବିକିରି କରୁଛି।।

ମୋ : ୯୮୫୩୨୮୪୧୧୯

# ନିଶା ନିବାରଣରେ ଆଧ୍ୟାତ୍ମିକ ବ୍ୟକ୍ତି ଏବଂ ସଂସ୍ଥାର ଭୂମିକା

**ପଦ୍ମଚରଣ ନାୟକ**
ସଭାପତି, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଓଡ଼ିଶା

ମଦ ତଥା ଅନ୍ୟାନ୍ୟ ନିଶା ଦ୍ରବ୍ୟର ବନ୍ୟା ସମଗ୍ର ଦେଶରେ ବହୁଥିବା ବେଳେ ତାହା ବିରୋଧରେ ବିଭିନ୍ନ ରାଜ୍ୟରେ ସ୍ୱର ଉତ୍ତୋଳନ ହେଲାଣି। ଏ ଦିଗରେ ରାଜନୀତିକ ଦଳମାନଙ୍କ ଅପେକ୍ଷା ଧର୍ମୀୟ ସଂସ୍ଥାମାନେ ଅଧିକ ସାର୍ଥକ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ତଥା ସମଗ୍ର ଦେଶରେ ରାଜନୀତିକ ଦଳମାନେ ସେମାନଙ୍କ ବିଶ୍ୱାସଭାଜନୀୟତା ଏଭଳି ହରାଇଛନ୍ତି ଯେ ସେମାନେ ନିଶା ନିବାରଣ କଥା ଉଠାଇଲା ବେଳେ ଲୋକେ ସେମାନଙ୍କ ଆଡ଼କୁ ଅଙ୍ଗୁଳି ଦେଖାଉଛନ୍ତି। କେରଳ ପରେ ଏବେ ତାମିଲନାଡୁରେ ଏଆଇଡିଏମ୍‌କେ ଛଡ଼ା ଡିଏମ୍‌କେ ସମେତ ଅନ୍ୟ ବଡ଼ ଦଳଗୁଡ଼ିକ ନିର୍ବାଚନ ପୂର୍ବରୁ ନିଶା ନିବାରଣକୁ ସେମାନଙ୍କ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଅଥଚ ଏଇ ଡିଏମକେ ତାମିଲନାଡୁରେ ପୂର୍ବରୁ ଚଳି ଆସିଥିବା ଆଂଶିକ ନିଶା ନିବାରଣକୁ ଉଠାଇ ଦେଇଥିଲା। ୨୦୧୬ ମସିହାରେ ବିହାର ନିର୍ବାଚନ ପୂର୍ବରୁ ସମ୍ମିଳିତ ଜନତା ଦଳର ନେତା ନୀତୀଶ କୁମାର ନିର୍ବାଚନରେ ଜିତିଲେ ନିଶା ନିବାରଣ କରିବେ ବୋଲି ଘୋଷଣା କରିଲେ। ଏହାକୁ ଲକ୍ଷ୍ୟ କରି ସେତେବେଳେ ତାଙ୍କୁ ପ୍ରଶ୍ନ ଥିଲା ସେ ଏତେ ଦିନ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଏ ଦିଗରେ କାହିଁକି ନୀରବ ରହିଥିଲେ? ଅବଶ୍ୟ ବିଳମ୍ବରେ ହେଲେ ବି ୨୦୧୬ଠାରୁ ବିହାରରେ ନିଶା ନିବାରଣ ବଳବତ୍ତର ରହିଛି। ଗତ ନିର୍ବାଚନ ପୂର୍ବରୁ ଓଡ଼ିଶାର ବିଭିନ୍ନ ଦଳଙ୍କୁ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ନିଶା ନିବାରଣ କଥା ଉଲ୍ଲେଖ କରିବାକୁ ଆମେ ଅନୁରୋଧ କରିଥିଲୁ। କିନ୍ତୁ ତିନି ବଡ଼ ଦଳ ଏ ଦିଗରେ ନୀରବ ରହିଲେ। ଅଥଚ ଓଡ଼ିଶା ବିଧାନସଭାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିଶା ନିବାରଣ ସମ୍ପର୍କୀୟ ବେସରକାରୀ ବିଲ୍ ଆଲୋଚନା କାଳରେ ବିଜୁ ଜନତା ଦଳର ବହୁ ପୂର୍ବତନ ମନ୍ତ୍ରୀ ଓ ପ୍ରବୀଣ ବିଧାୟକ ନିଶା ନିବାରଣ ଲାଗି ଆବେଗର ସହ ବଳିଷ୍ଠ ଯୁକ୍ତି ମାନ ଉପସ୍ଥାପନ କରିଲେ। ସେ ଦିନ କଂଗ୍ରେସ ଓ ବିଜେପି ଦଳ ଗୃହତ୍ୟାଗ କରିଥିବାରୁ ସେସବୁ ଦଳର ସଦସ୍ୟମାନଙ୍କର ଅଭିମତ ମିଳିପାରିନଥିଲା। ତେବେ ସେହି ଦୁଇ ଦଳର ବିଧାନସଭାର ଦଳୀୟ ନେତା ଏବଂ ସଦସ୍ୟମାନେ ବିଭିନ୍ନ ଅବକାଶରେ ନିଶା ନିବାରଣ ଯେ ଅତ୍ୟନ୍ତ ଜରୁରୀ ଏକଥା ପ୍ରକାଶ କରିଛନ୍ତି। କିନ୍ତୁ ରାଜ୍ୟରେ ଯେତେ ସରକାରୀ ବିଦେଶୀ ମଦ ଦୋକାନ ଚାଲିଛି, ସେସବୁ ବିଭିନ୍ନ ଦଳର ନେତାମାନଙ୍କର ପରିବାରର ବା ଅନୁଗତମାନଙ୍କ ଦୋକାନ ଓ ବିଭିନ୍ନ ଦଳର ବହୁ ନେତା ମଦ ପିଅନ୍ତି ବୋଲି ଲୋକେ ଜାଣନ୍ତି। ଏହା ସତ୍ତ୍ୱେ ନିଶା ନିବାରଣ ପାଇଁ ଆହ୍ୱାନ ଦେବା ଲାଗି ଓ ଆନ୍ତରିକ ଭାବରେ ଲାଗିବା ଲାଗି ସମସ୍ତଙ୍କର ସହାୟତା ନେବାକୁ ପଡ଼ିବ। କାରଣ ସରକାର ଏ ଦିଗରେ ୧୯୫୬ ମସିହାରୁ ପାସ୍ ହୋଇ ପଡ଼ି ରହିଥିବା ଆଇନକୁ (ସଂଶୋଧନ ସହ) କାର୍ଯ୍ୟକାରୀ କରିବାକୁ ଆଗଭର ହେଲେ ବି ନିଶା, ବିଶେଷ ଭାବରେ ମଦ ଏଭଳି ବ୍ୟାପକ ଭାବରେ ସମାଜକୁ କବଳିତ କଲାଣି ଯେ ତାକୁ ରୋକିବା ଓ ହଟାଇବା ଲାଗି ଏକ ବ୍ୟାପକ ତଥା ସର୍ବବାଦୀ ଉଦ୍ୟମ ଅପରିହାର୍ଯ୍ୟ।

ବିଭିନ୍ନ ସଙ୍କଟ ସମୟରେ ରାଜନୀତିକ ସଂସ୍ଥା ଅସହାୟ ଓ ଅକ୍ଷମ ହୋଇ ପଡ଼ିଥିବା ବେଳେ ଧର୍ମୀୟ ସଂସ୍ଥା ଲୋକଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଦିଗରେ ସଫଳ ଭୂମିକା ଗ୍ରହଣ କରିଛନ୍ତି। ଦକ୍ଷିଣ ଆମେରିକାରେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ, ଯୁକ୍ତରାଷ୍ଟ୍ର ଆମେରିକାର ସହାୟତାରେ ବିଭିନ୍ନ ରାଜ୍ୟରେ ସାମ୍ୟବାଦୀ ଅନୁପ୍ରବେଶ ରୋକିବା ଆଳରେ ସାମରିକ ଏକଛତ୍ରବାଦ ପ୍ରତିଷ୍ଠା ହୋଇଥିଲା। ଦୃଢ଼ ଦମନ ନୀତି ଯୋଗୁ ସେ ସବୁ ଦେଶର ରାଜନୀତିକ ଦଳମାନେ ସ୍ୱର ଉତ୍ତୋଳନ କରିବାକୁ ଅକ୍ଷମ ଥିଲା ବେଳେ କାଥଲିକ୍ ଚର୍ଚ୍ଚ ସେଠାକାର ଶାସକମାନଙ୍କ ଅପକର୍ମ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲା ଓ ଆସ୍ତେ ସେଠାର ବିଭିନ୍ନ ଦେଶରେ ଗଣ ଆନ୍ଦୋଳନମାନ ମୁଣ୍ଡ ଟେକିଥିଲା; ଯାହାଫଳରେ ସେସବୁ ଦେଶରେ ଗଣତାନ୍ତ୍ରିକ ଧାରା ପୁନଃ ପ୍ରତିଷ୍ଠିତ ହୋଇଛି। ଠିକ୍ ସେହିଭଳି ପୋଲାଣ୍ଡରେ ସୋଭିଏତ୍ କର୍ତ୍ତାମାନଙ୍କ ଚରମ ଦମନ କାଳରେ ସେଠାର କ୍ୟାଥଲିକ୍ ଚର୍ଚ୍ଚର ମୁଖ୍ୟ ପଲ୍‌ଙ୍କ ପ୍ରତିବାଦ ଲୋକଙ୍କୁ ପ୍ରତିବାଦର ସାହସ ଦେଇଥିଲା। ତାହାରି ପରିଣାମରେ ଗୋଟିଏ ସମୟରେ ଏଭଳି ପ୍ରବଳ ଗଣ ଅଭ୍ୟୁତ୍‌ଥାନ ସୃଷ୍ଟି ହୋଇଥିଲା। ଯାହାଫଳରେ ସୋଭିଏତ୍ ଶାସନର ଅବସାନ- ଘଟି ପୋଲାଣ୍ଡରେ ଗଣତାନ୍ତ୍ରିକ ବ୍ୟବସ୍ଥା ପୁନଃ ପ୍ରତିଷ୍ଠିତ ହୋଇଥିଲା। ପୋଲାଣ୍ଡର ସେହି ଧର୍ମଗୁରୁ ପରବର୍ତ୍ତୀ କାଳରେ ପୋପ୍ ଭାବରେ ଅଧିଷ୍ଠିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନର ପୋପ୍ ଫ୍ରାନସିସ୍ ମଧ୍ୟ ଦକ୍ଷିଣ ଆମେରିକା, ଆର୍ଜେଣ୍ଟାଇନାର ପୂର୍ବତନ ଧର୍ମ ଗୁରୁ।

ଓଡ଼ିଆ ଜାତି ଆଜି ଚରମ ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଓଡ଼ିଶାର ରାଜନୀତି ଖାଲି ଅଣଓଡ଼ିଆଙ୍କ କବ୍‌ଜାରେ ନାହିଁ, ତାର ଅର୍ଥନୀତି ମଧ୍ୟ ପରଦେଶୀଙ୍କ ହାତରେ। ଏପରିକି ଓଡ଼ିଶାର ସବୁଠାରୁ ପ୍ରାଚୀନ ତଥା ଅନ୍ୟତମ ପ୍ରମୁଖ ସମ୍ବାଦପତ୍ର ବି ଅଣଓଡ଼ିଆଙ୍କ ଦ୍ୱାରା କବଳିତ। ଓଡ଼ିଆ ଜାତିର ଏ ସଙ୍କଟ କାଳରେ ତାର ଯୁବ ଶକ୍ତି ନିଶାଗ୍ରସ୍ତ, ଭ୍ରଷ୍ଟ ଓ

ପୌରୁଷବିହୀନ; ଯେଉଁମାନେ ହିଁ ବିପ୍ଳବର ନିଶାଣ ଧରି ନିଜ ଜୀବନକୁ ବାଜି ଲଗାଇ ଦେଇଥାନ୍ତି। ସାଧାରଣ ଜନତା କିଭଳି ରାଜ୍ୟର ବାସ୍ତବ ସମସ୍ୟା ଉପଲବ୍ଧି କରିବା ଦିଗରେ ଅସମର୍ଥ ଓ ସହଜିଆ ମାର୍ଗର ଶିକାର ତାହା କିଛି ଭଣ୍ଡ ବାବାଙ୍କ ମୁଖା ଖୋଲି ଯିବାରୁ ପରିଷ୍କାର ହୋଇଗଲା। ନିଜର କର୍ମ ଓ ଅପକର୍ମର ଫଳ ନିଜକୁ ହିଁ ଭୋଗିବାକୁ ପଡିବ ଏବଂ ଦୁର୍ଗତିରୁ ଉଧୁରିବା ଲାଗି ଦିଗ୍‌ଦ୍ରଷ୍ଟା କେବଳ ବାଟ ହିଁ ଦେଖାଇ ପାରିବେ ଏତକ ନ ସମଝି ଯେଉଁ ଲକ୍ଷ ଲକ୍ଷ ଲୋକ ଯେଭଳି ବାବାଙ୍କୁ ବା ଠାକୁରଙ୍କୁ ତ୍ରାହିକର୍ତ୍ତା ବୋଲି ଧରି ନେଇ ପାଗଳ ହେଉଥିଲେ ସେଭଳି ଜନତାଙ୍କ ଠାରୁ କୌଣସି ସୁସ୍ଥ ବିଚାର ଆଶା କରାଯାଏନା। ଅଳ୍ପ ହେଲେ ବି ଆଜି ମଧ୍ୟ ଆମ ଭିତରେ କିଛି ଯଥାର୍ଥ ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ୍‌ଦ୍ରଷ୍ଟା ଅଛନ୍ତି ଯେଉଁମାନେ ଆଧ୍ୟାତ୍ମିକ ଚିନ୍ତନ ଛଡ଼ା ସମାଜର ଜଟିଳ ସମସ୍ୟା ଲାଗି ଚିନ୍ତିତ ଓ ବିବ୍ରତ। ସେହିଭଳି କିଛି ଚିନ୍ତାଶୀଳ ବ୍ୟକ୍ତି ବି ଅଛନ୍ତି ଯେଉଁମାନେ ସହଜରେ ହଇଚଇ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ, ଯଦିଓ ସାମୟିକ ଗଣ ପାଗଳାମି ବିରୋଧରେ ସ୍ୱର ଉତ୍ତୋଳନ କରିପାରନ୍ତି ନାହିଁ ବା ଅଣ୍ଟା ଭିଡ଼ନ୍ତି ନାହିଁ।

ଓଡ଼ିଆ ଜାତିର ଏଭଳି ଏକ ଦୁର୍ଦ୍ଦିନରେ ରାଜ୍ୟକୁ ଗ୍ରାସ କରିଥିବା ନିଶା ଭଳି ବ୍ୟାଧିରୁ ରକ୍ଷା କରିବା ଲାଗି ସେମାନଙ୍କର ନିଶ୍ଚିତ ଭାବରେ ଏକ ଭୂମିକା ରହିଛି। ଆମ ରାଜ୍ୟରେ ନିଗମାନନ୍ଦ, ଅନୁକୂଳ ଚନ୍ଦ୍ର, ସତ୍ୟସାଇ, ଶିରିଡ଼ିସାଇଙ୍କର ଲକ୍ଷ ଲକ୍ଷ ଭକ୍ତ ଅଛନ୍ତି। ସେହି ଯୁଗ ପୁରୁଷମାନେ ଆଜି ବଞ୍ଚିଥିଲେ ତାଙ୍କ ଅନୁଗାମୀମାନଙ୍କୁ ଯେଉଁ କାର୍ଯ୍ୟ ଲାଗି ପ୍ରବର୍ତ୍ତାଇଥାନ୍ତେ ସେମାନଙ୍କ ସଂସ୍ଥାର ମୁଖ୍ୟମାନେ ସେହି କାର୍ଯ୍ୟ କରନ୍ତୁ। ପ୍ରତ୍ୟେକ ଧାର୍ମିକ ଓ ଆଧ୍ୟାତ୍ମିକ ଧାରାର ପ୍ରଥମ ପାହାଚ ହେଉଛି ସଂଯମଶୀଳ ଜୀବନଚର୍ଯ୍ୟା। ସୁସ୍ଥ ମନ ହିଁ ଉନ୍ନତ ବିଚାର ଆହରଣ କରିବାକୁ ସକ୍ଷମ ହୋଇଥାଏ। କିନ୍ତୁ ମଦ ଓ ଡ୍ରଗ ଭଳି ନିଶା ଦ୍ୱାରା ଗ୍ରସ୍ତ ଲୋକ ପଶୁଠାରୁ ନିମ୍ନ ସ୍ତରକୁ ଚାଲି ଯାଇଥାଏ। ପଶୁ ଗଣଧର୍ଷଣ ବା ଧର୍ଷଣ ଏବଂ ହତ୍ୟା କରେନା। ଚୈତନ୍ୟ ଗୋଟିଏ ସମୟରେ ନାମ ସଂକୀର୍ତ୍ତନ ଜରିଆରେ ପ୍ରେମର ବନ୍ୟା ଛୁଟାଇଥିଲେ। ପୂର୍ବୋକ୍ତ କେତୋଟି ଧର୍ମୀୟ ସଂସ୍ଥା ଛଡ଼ା ମୁନି ସମାଜ, ଗାୟତ୍ରୀ, ଅଭିରାମ ପରମହଂସ ଆଶ୍ରିତ, ଆନନ୍ଦମାର୍ଗୀ, ପ୍ରଜାପତି ବ୍ରହ୍ମକୁମାରୀ, କ୍ରିୟାଯୋଗୀ ଓ ଅଲେଖ ସଂପ୍ରଦାୟ ଆଦି ବହୁ ଧର୍ମୀୟ ସଂସ୍ଥାର ଲକ୍ଷ ଲକ୍ଷ ଅନୁଗାମୀ ଅଛନ୍ତି।

ବାବା ବଳିଆ ଓ ପରମହଂସ ପ୍ରଜ୍ଞାନାନନ୍ଦ ଗିରିଙ୍କ ଭଳି ଜୀବିତ ଧାର୍ମିକ ବ୍ୟକ୍ତିମାନେ ଏ ଦିଗରେ ଲୋକଙ୍କୁ ପ୍ରବର୍ତ୍ତାଇବା ଲାଗି ଅନୁକୂଳ ମତ ପ୍ରକାଶ କରିଛନ୍ତି। କିଛି ଭଣ୍ଡ ବାବାଙ୍କ ଦୁର୍ନାମ ସତ୍ତ୍ୱେ ଆମ ରାଜ୍ୟରେ ବହୁ ସଜ୍ଜନ ଅଛନ୍ତି, ଯେଉଁମାନଙ୍କ କଥାକୁ ଲୋକେ ଗୁରୁତ୍ୱ ଦିଅନ୍ତି। ଦୁଃଖର କଥା ହିନ୍ଦୁ ଧର୍ମଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ନିକଟରେ ଗୋହତ୍ୟା ଇତ୍ୟାଦି କଥା ଉତ୍‌ଥାପନ କରିଥିଲେ ହେଁ ନିଶା ନିବାରଣ ନାଁ ଧରିନାହାନ୍ତି। ହିନ୍ଦୁ ବା ସନାତନ ଧର୍ମର ଏସବୁ ସଜ୍ଜନଙ୍କ ଛଡ଼ା ଇସ୍‌ଲାମ ଓ ଖ୍ରୀଷ୍ଟୀୟ ଧର୍ମାବଲମ୍ବୀମାନଙ୍କର ମୁଖ୍ୟମାନେ ନିଶା ନିବାରଣ ଦିଗରେ ଅଧିକ ନିଷ୍ଠାବାନ।

ନିକଟରେ ଜାମ୍ମୁ-କାଶ୍ମୀରରେ ଇସ୍‌ଲାମ୍ ଧର୍ମାବଲମ୍ବୀ କରୱାନ-ଇ-ଇସ୍‌ଲାମ୍ ସଂସ୍ଥାର ନିଶା ନିବାରଣ ପାଇଁ ଆନ୍ଦୋଳନ ଦେଖିବା ପରେ ଉତ୍ତର ପ୍ରଦେଶରେ ଇତେହାଦ- ଇ-ମିଲାଟ ନିଶା ନିବାରଣ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ ନିଶା ନିବାରଣ ସହିତ ଗୋ ହତ୍ୟା ନିବାରଣ ପାଇଁ ଉତ୍ତର ପ୍ରଦେଶରେ ପ୍ରଚାର ଚଳାଇଛନ୍ତି। ଯେଭଳି ଭାବରେ ଗୋ ହତ୍ୟା ଚାଲିଛି, ତାହା ଫଳରେ ପିଲାଏ ଖିର ଟିକେ ପାଇବେ ନାହିଁ ବୋଲି ଆଶଙ୍କା ଦେଖା ଦେଲାଣି ବୋଲି ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଇତେହାସ-ଇ-ମିଲାଟ କାଉନ୍‌ସିଲ୍‌ର ସଭାପତି ମୌଲାନା ତକିର୍ ରାଜା ଖାଁ କହିଛନ୍ତି ଉତ୍ତର ପ୍ରଦେଶ ଉଭୟ ହିନ୍ଦୁ ଓ ମୁସଲମାନଙ୍କର ମହାନ୍ ତୀର୍ଥ ସ୍ଥାନ। ଏଭଳି ରାଜ୍ୟରେ ନିଶା ନିବାରଣ କରାଯିବା ଅତ୍ୟନ୍ତ ଆବଶ୍ୟକ। ଏ ସମ୍ପର୍କରେ ପୂର୍ବ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସହିତ ଆଲୋଚନା କରିଛନ୍ତି। ସେହି ରାଜ୍ୟର ବରେଇଲି ଓ ଦେଓବଂଦ ସୁନ୍ନି-ମାନଙ୍କର ମୁଖ୍ୟ ଧର୍ମୀୟ କେନ୍ଦ୍ର। ଜାମ୍ମୁ-କଶ୍ମୀରର କରୱାନ-ଇ-ଇସଲାମ୍ ନିଶା ନିବାରଣ ଲାଗି ସେଠାକାର ଉଚ୍ଚ ଅଦାଲତରେ ଆବେଦନ କରିଛି ଓ ଅକ୍ଟୋବର ୬ ତାରିଖ ମଧ୍ୟରେ ଏ ଦିଗରେ ରାଜ୍ୟ ସରକାର ତାଙ୍କ ଅଭିମତ ଜଣାଇବାକୁ ଅଦାଲତ କହିଛି। ସେ କହିଛନ୍ତି ମଦ ସବୁ ଅପରାଧର ମୂଳ ଏବଂ ଏହା ଏତେ ବ୍ୟାପକ ହେଲାଣି ଯେ ସରବତ୍ ଦୋକାନରୁ ବି ପିଲାମାନେ ଚୋରା ମଦ ପିଉଛନ୍ତି।

ସେ କହିଛନ୍ତି "ନିଶା ନିବାରଣ ଫଳରେ ଯଦି ଗୁଜରାଟର ବିକାଶ ବାଧାପ୍ରାପ୍ତ ହୋଇନାହିଁ ଉତ୍ତର ପ୍ରଦେଶରେ କାହିଁକି ତାହା କାର୍ଯ୍ୟକାରୀ ହେବ ନାହିଁ। ରାଜସ୍ୱ ଆୟର ଦୁହାଇ ଦେଇ ଧର୍ମର ହାନି ଘଟାଯାଇ ପାରିବ ନାହିଁ। ମହାତ୍ମା ଗାନ୍ଧୀଙ୍କ ଜନ୍ମ ସ୍ଥାନରେ ଯଦି ନିଶା ନିବାରଣ କରାଯାଇପାରିଲା, ରାମ ଓ କୃଷ୍ଣଙ୍କ ଜନ୍ମ ସ୍ଥାନରେ କାହିଁକି ତାହା କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ?"

ନିଶାକୁ ଖାଇବା ତ ଦୂର କଥା, ସ୍ପର୍ଶ କରିବାକୁ ମହାପାପ ବୋଲି ମହମ୍ମଦ କହିଛନ୍ତି ବୋଲି ଅନେକ ଲୋକ ଜାଣନ୍ତି ନାହିଁ। ସେଇଥି ଯୋଗୁ ପାକିସ୍ତାନ ସମେତ ସମଗ୍ର ଆରବ ରାଜ୍ୟମାନଙ୍କରେ ମଦକୁ ବେଆଇନ କରାଯାଇଛି। ଏଣୁ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଧର୍ମୀୟ ପନ୍ଥୀମାନେ ନିଶା ନିବାରଣ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ।

# ସେମାନଙ୍କ ପାଇଁ ସଂଗ୍ରାମ ସରିନାହିଁ

ଅରୁଣ କୁମାର ପଣ୍ଡା

ଶାସକଙ୍କ ନିକଟରେ ନିଜର ଅଭିଯୋଗକୁ ଆଧୁନିକ ଢଙ୍ଗରେ ଉପସ୍ଥାପନ କରିବାର ତାଲିମ ପାଇଁ ଆରମ୍ଭ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସ ଚଉଷଠି ବର୍ଷ ମଧ୍ୟରେ ଏଭଳି ସ୍ତରକୁ ଆସିଯାଇଥିଲା ଯେ ତା'ର ଚୂଡ଼ାନ୍ତ ରଣହୁଙ୍କାର 'ଭାରତ ଛାଡ଼' ହେବ ବୋଲି ସ୍ୱାଧୀନତା ପ୍ରାପ୍ତିର ତିରିଶ ବର୍ଷ ପୂର୍ବେ ଥିଲା ଅଚିନ୍ତନୀୟ। ବିଭିନ୍ନ ବର୍ଗଙ୍କୁ ନେଇ ଗଠିତ ନାନା ମୋଡ଼ ନାନା ସ୍ତର ଦେଇ ଗତି କରିଥିବା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ୧୯୪୭ ଅଗଷ୍ଟ ୧୫ ଦିନ ଯେଉଁ ସଫଳତା ଲାଭ କରିଥିଲା, ତାହା ଏକ ବିରାଟ ପ୍ରାପ୍ତି ବୋଲି ଅନେକ ଲୋକ ଗ୍ରହଣ କରିନେଇଥିଲେ। ଇଂରେଜମାନେ ଭାରତ ଛାଡ଼ି ଚାଲିଗଲେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ପାଇଁ ସେ ଦିନଟି ଥିଲା ବିଷାଦର ଦିନ। ତାଙ୍କ ବିଚାରରେ ଭାରତ ପାଇଲା ଏକ ବିଖଣ୍ଡିତ ସ୍ୱାଧୀନତା। ସାମ୍ୟବାଦୀଙ୍କ ମତରେ ଏହି ସ୍ୱାଧୀନତା ଥିଲା 'ଝୁଟା ଆଜାଦୀ' ବା ପ୍ରତାରିତ ସ୍ୱାଧୀନତା। ନାନା ଅସମ୍ପୂର୍ଣ୍ଣତା ସତ୍ତ୍ୱେ ସହସ୍ରାଧିକ ବର୍ଷର ପରାଧୀନତା ଓ ଗ୍ଳାନିର ଅବସାନକୁ ଅସ୍ୱୀକାର କଲେ ଭାରତବର୍ଷର ଇତିହାସର କାଳିମାମୟ ଅଧ୍ୟାୟ ଅସହାୟତା ପ୍ରତି ଆଖି ବୁଜିଦେଲା ଭଳି ହେବ।

ବିକାଶର ନିଜସ୍ୱ ଧାରାରେ ଆଜିର ବିଶ୍ୱ ଯେଉଁ ଦିଗରେ ଏବଂ ଯେପରି ଢଙ୍ଗରେ ଆଗେଇ ଚାଲିଛି, ସେଥିରେ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ରୂପ ଓ ସ୍ୱର ଆଧୁନିକ ମଣିଷ ପାଇଁ ଗ୍ରହଣୀୟ ନହେଲେ ବି ଗାନ୍ଧୀ- ବିଚାରର ନିର୍ଯ୍ୟାସ ଯେ ଏବେ ବି ଆଜିର ବିଶ୍ୱ ପାଇଁ ପ୍ରାସଙ୍ଗିକ, ଏକଥା ଆତ୍ମବିଶ୍ୱାସର ସହ କହିହେବ।

ସ୍ୱାଧୀନତା ଆନ୍ଦୋଳନ କାଳରେ ଗାନ୍ଧିଜୀ ନିର୍ବାଚନରେ ଅଂଶଗ୍ରହଣ କରିବା ଓ ପ୍ରଶାସନର ଦାୟିତ୍ୱ ନେବାଠାରୁ ଗଠନମୂଳକ କାମ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ବିକାଶର ଧାରାରେ ଅତ୍ୟନ୍ତ ଉନ୍ନତ ଓ ଅତି ଅନୁନ୍ନତ ସ୍ତରରେ ପଡ଼ିରହିଥିବା ବିଚିତ୍ର ଭାରତବର୍ଷର ବିରାଟ ଜନତାକୁ ଏକ ସାର୍ଥକ ମାର୍ଗରେ ମୁହାଁଇବା ଦିଗରେ ମନେଇବା ସାଂସଦ, ବିଧାୟକ ଓ ମନ୍ତ୍ରୀ ହୋଇ କାମ ଚଳାଇବାଠାରୁ ଯେ ଅତି କଷ୍ଟକର ଏବଂ ଅତି ଗୁରୁତ୍ୱପୂର୍ଣ୍ଣ, ଗାନ୍ଧିଜୀ ଏ କଥା ଅନୁଭବ କରିଥିଲେ। ଆଉ ଅତି ଅଳ୍ପ ସଂଖ୍ୟକ ଗାନ୍ଧୀଜନ ଏହାକୁ ସଠିକ ଭାବରେ କାମରେ ପ୍ରୟୋଗ କରୁଥିଲେ। ଗାନ୍ଧିଜୀଙ୍କ ପ୍ରୟାଣର କିଛି ଦିନ ପୂର୍ବରୁ ସେ କଂଗ୍ରେସ ଦଳର ବିଜୟ ହେବା ଓ ତାଙ୍କଦ୍ୱାରା ଅନୁପ୍ରାଣିତ ସହକର୍ମୀମାନେ ଗଠନମୂଳକ କାମରେ ଲାଗିପଡି ନୂଆ ଭାରତ ଗଠନ ଦିଗରେ ନିଜକୁ ଉତ୍ସର୍ଗ କରିବେ ବୋଲି ଚାହିଁଥିଲେ। ସେହି ଦୁର୍ଦ୍ଦିନର ଦୁଇଦିନ ପରେ ସେ ସେବାଗ୍ରାମ ଯାଇ ସମଗ୍ର ଭାରତବର୍ଷର ଗଠନମୂଳକ କାମରେ ଆତ୍ମୋତ୍ସର୍ଗ କରିଥିବା କର୍ମୀମାନଙ୍କ ସହିତ ଏ ଦିଗରେ ବିସ୍ତୃତ ଆଲୋଚନା କରିବେ ବୋଲି ସ୍ଥିର କରିଥିଲେ। ଗାନ୍ଧିଜୀଙ୍କ ତିରୋଧାନ ଯେଉଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରି ଦେଇଗଲା, ତାହା ପୂରଣ କରିବା ଲାଗି କୌଣସି ବ୍ୟକ୍ତି ନଥିଲେ ଓ ଏହାର ପାଞ୍ଚବର୍ଷ ପରେ ବିନୋବା ଯେଉଁ ଭୂଦାନ ଆନ୍ଦୋଳନର ସୂତ୍ରପାତ କଲେ, ତାହା ଏକ କ୍ରାନ୍ତି ନଥିଲା, ଯେଉଁଥିରେ ଦେଶର ସାଧାରଣ ଲୋକ ବି ସାମିଲ ହୋଇପାରିବ। ଏହି ଆନ୍ଦୋଳନରେ ଗାନ୍ଧିଜୀଙ୍କ ରଚନାତ୍ମକ କାମରେ ଲାଗିପଡ଼ିଥିବା ସମସ୍ତ କର୍ମୀ ସାମିଲ ହେଲେ। ଫଳରେ ରଚନାତ୍ମକ କାମର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭଳି ଗାନ୍ଧିଜୀଙ୍କ ଦ୍ୱାରା ପ୍ରାୟୋଜିତ ମୌଳିକ ଶିକ୍ଷା ମଧ୍ୟ ଅଧାବାଟରେ ରହିଗଲା, ଯାହାକୁ ଗାନ୍ଧିଜୀ ଅତ୍ୟନ୍ତ ଗୁରୁତ୍ୱ ଦେଉଥିଲେ। ପ୍ରବୀଣ ଗାନ୍ଧୀଜନମାନେ ଏହା ପରେ ବୟସାଧିକ୍ୟ ଯୋଗୁଁ ନୂତନ ଉତ୍ସାହ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଦେଶ ଆଗରେ ରଖିପାରିଲେ ନାହିଁ।

ଗାନ୍ଧିଜୀଙ୍କ ତିରୋଧାନର ଅର୍ଦ୍ଧ ଶତାବ୍ଦୀ ପରେ ଆନ୍ନା ହଜାରେ ନାମକ ଜଣେ ବ୍ୟକ୍ତିଙ୍କ ଆବିର୍ଭାବ। ଗାନ୍ଧୀଟୋପି ଓ ଗାନ୍ଧିଜୀଙ୍କ ଠାଣିରେ କଥା କହୁଥିବା ଲୋକଟି ନିଜ ଜନ୍ମସ୍ଥାନରେ ନିଶା ନିବାରଣ, ଆତ୍ମନିର୍ଭରଶୀଳ ବିକାଶ ଆଭିମୁଖ୍ୟ ଭଳି କିଛି କାର୍ଯ୍ୟକ୍ରମ ଗ୍ରହଣ କରି, ସେଥିରେ ସାଫଲ୍ୟ ଅର୍ଜନ କରି ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଥମେ ମହାରାଷ୍ଟ୍ର ଓ ପରେ ସର୍ବଭାରତୀୟ କ୍ଷେତ୍ରରେ ଅନଶନ ଆନ୍ଦୋଳନ ଜରିଆରେ ସେ ସାଧାରଣ ଲୋକଙ୍କ ମଧ୍ୟରେ ଏକ ନୂଆ ଢଙ୍ଗରେ ବିଚାର ରଖିଲେ। ପରନ୍ତୁ ନାନା ଜଟିଳ ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ଏତେ ବଡ଼ ଦେଶ ଲାଗି ଯେଭଳି ଅଭିଜ୍ଞ ଓ ତୁଙ୍ଗ ନେତୃତ୍ୱର ଆବଶ୍ୟକତା ଅନୁଭୂତ ହେଉଥିଲା, ଆନ୍ନା ସେ ସ୍ଥାନ ପୂରଣ କରିବା ଭଳି ନଥିଲେ। ତଥାପି ଆନ୍ନା ଦେଶସାରା ଦେଶଭକ୍ତିର ଏକ ଝଡ଼ ସୃଷ୍ଟି କରିବାରେ ସମର୍ଥ ହେଲେ।

ସର୍ବଭାରତୀୟ ସ୍ତରରେ ନହେଲେ ବି ଆଞ୍ଚଳିକ କ୍ଷେତ୍ରରେ କେତେକ ବ୍ୟକ୍ତି ଏବେ ବି ରଚନାତ୍ମକ କାର୍ଯ୍ୟ କରୁଛନ୍ତି। ଜଗତାୟନ ଯୁଗରେ ନଗର ସଭ୍ୟତାର ବନ୍ୟାରେ ସାଧାରଣ ଲୋକେ ଏବଂ ବିଶେଷକରି ଯୁବ ସମାଜ ସମ୍ମୋହିତ ହୋଇପଡ଼ିଥିବା କାଳରେ ଏଇମାନଙ୍କ କାମ ବ୍ୟାପକ ଜନତାଙ୍କୁ ସ୍ପର୍ଶ କରିପାରୁନାହିଁ। ଅଥଚ ସେହି ସଜ୍ଜନମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରି ଯୁବ ମାନସରେ ନୂତନ ସ୍ୱାଦ ସୃଷ୍ଟି କରିବାର ଅବକାଶ ରହିଛି।

ଏହି ପରିପ୍ରେକ୍ଷୀରେ ଏହି ବର୍ଷ ଗାନ୍ଧିଜୀଙ୍କ ତିରୋଧାନ ଦିନଠାରୁ ନିଶା ନିବାରଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଓଡ଼ିଶାର କିଛି ଲୋକ

ହାତ ଦେଇଛନ୍ତି। ଉଦ୍ଦେଶ୍ୟ ହେଉଛି- ନିଶା ନିବାରଣ ଦିଗରେ କାମ କରୁଥିବା ସମସ୍ତଙ୍କୁ ଏକାଠି କରି ଏକ ଜନ ଆନ୍ଦୋଳନ ଗଢି ତୋଳିବା; ନାଁ ଦିଆଯାଇଛି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ। ସେଥିରେ ୮୮ ବର୍ଷ ବୟସ୍କ ପଦ୍ମଚରଣ ନାୟକଙ୍କଠାରୁ ଆରମ୍ଭ କରି ୨୨ରୁ ୩୦ ବର୍ଷର ଯୁବକ ଯୁବତୀମାନେ ସାମିଲ ହୋଇଛନ୍ତି। ମନ ଭିତରେ ସେମାନଙ୍କର ପ୍ରଖର ଆତ୍ମବିଶ୍ୱାସ, ଯାହାକୁ ନେଇ ସେମାନେ ପ୍ରଚଣ୍ଡ ଖରାରେ ଓଡ଼ିଶାର ୧୪ଟି ଜିଲ୍ଲାରେ ପ୍ରାୟ ଦୁଇ ହଜାର କିଲୋମିଟର ଅଭିଯାତ୍ରା ଭିତରେ ବିଭିନ୍ନ ବର୍ଗର ଲକ୍ଷାଧିକ ନରନାରୀଙ୍କ ସହିତ ବିଚାର ବିନିମୟ କରିଛନ୍ତି। ଭେଟିଛନ୍ତି ସମାଜର ହଜାର ହଜାର ବିପିଏଲ୍ ସୁଯୋଗପ୍ରାପ୍ତ ଭଗ୍ନସ୍ୱାସ୍ଥ୍ୟ, ମଜୁରିଆ ଓ ଟ୍ରଲି ଟଣାଳୀଙ୍କୁ, ସ୍ୱାମୀ ଦ୍ୱାରା ନିର୍ଯାତିତ ଅଭାଗିନୀମାନଙ୍କୁ। ଏଥିରେ ଆସିଛନ୍ତି ମଦ ପିଇ ବିରାଟ ଭୁଲ୍ କରି ଜୀବନର ସାୟାହ୍ନରେ ଉପନୀତ ବୃଦ୍ଧମାନେ। କହିଛନ୍ତି- ଏହି ଆନ୍ଦୋଳନ ହେବା ବହୁତ ଡେରି ହୋଇଗଲା, ଆଗରୁ ହେବାର ଥିଲା। ଅଧିକାଂଶଙ୍କ ମନରେ ସେହି ସଂଶୟ- ନିଶାର ଜୁଆରରେ କ'ଣ ଭଟ୍ଟା ପଡ଼ିବ ? ଏହି ମହାମାରୀକୁ କ'ଣ ରୋକାଯାଇ ପାରିବ ?

ସଂଗ୍ରାମ ଯେ ସୁଦୀର୍ଘ, ଏଥିରେ ସନ୍ଦେହ ନାହିଁ। ଏହି ଅଭିନବ ପ୍ରୟାସରେ ନୂଆ ନୂଆ ଲୋକେ ସାମିଲ ହେବା, ଅଳ୍ପ ହେଲେ ବି କିଛି ଯୁବକ ନିଜେ ମଦ ନ ଖାଇବା ଲାଗି ସଂକଳ୍ପ କରିବା ଏହି ଅଭିଯାତ୍ରୀଙ୍କ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛନ୍ତି। ହଜାର ହଜାର ମହିଳା ତିନି ଚାରିଘଣ୍ଟା ଧରି ଅଭିଯାତ୍ରୀମାନଙ୍କୁ ପ୍ରତୀକ୍ଷା କରିବା ଘଟଣା ଟ୍ରକ୍‌ରେ ବୁହା ହୋଇ ଦିନକର ମଜୁରି ପାଇ ସମାବେଶରେ ଠୁଳ ହେଉଥିବା ନିତିଦିନିଆ ଦୃଶ୍ୟଠାରୁ ଯେ ସମ୍ପୂର୍ଣ୍ଣ ଅଭିନବ, ତାହା ଏହି ଲେଖକ ଲକ୍ଷ୍ୟ କରିଛି।

ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ପ୍ରଣବ ମୁଖାର୍ଜୀ ସଂଗ୍ରାମ ସରିଗଲାଣି ଭାବି ଉପର ଡିଭିଜନ କିରାଣି ଚାକିରିଟିଏ ଆଦରି ନେଇଥିଲେ ଯେଉଁଭଳି ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅଝିଅ ନିଜ ଜୀବନର ଗତିପଥ ବାଛି ନେଇଛନ୍ତି। କିନ୍ତୁ ଏହି ଛୋଟିଆ ବାହିନୀରେ ଅଛନ୍ତି କିଛି ଯୁବକ ଯୁବତୀ, ଯେଉଁମାନେ ବହୁ ଜାତୀୟ ନିଗମରୁ ଲୋଭନୀୟ ଚାକିରି ଛାଡ଼ି ଦେଶ ପାଇଁ, ଲୋକଙ୍କ ପାଇଁ କିଛି ନୂଆ ଓ ସାର୍ଥକ କାମ କରିବା ଲାଗି ଅଭିନବ ବାଟ ବାଛି ନେଇଛନ୍ତି। କିଛି ଯୁବକ ଯୁବତୀ ଓ ପ୍ରବୀଣ ବ୍ୟକ୍ତି, ଯେଉଁମାନେ ନିଜର ଜୀବନ ସଂଗ୍ରାମର ବୃତ୍ତି ସହିତ ନିଶା ନିବାରଣ ଭଳି ମହତ୍ କାର୍ଯ୍ୟରେ ନିଜର ସମୟ ଓ ଅର୍ଥ ବିନିଯୋଗ କରୁଛନ୍ତି। ଏମାନଙ୍କ ମାର୍ଗଦର୍ଶନ ତଥା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛନ୍ତି ଜୀବନର ଅପରାହ୍ନରେ ଉପନୀତ ଜଣେ ବ୍ୟକ୍ତି ଯାହାଙ୍କ ପାଇଁ ୧୯୪୭, ଅଗଷ୍ଟ ୧୫ ନଥିଲା ସଂଗ୍ରାମର ବିଜୟ ଯାତ୍ରା। ତାଙ୍କର କ୍ଲାନ୍ତିହୀନ ଅଭିଯାନ ସାଧାରଣ ଲୋକଙ୍କ ପାଇଁ ଏକ ବିସ୍ମୟର ବସ୍ତୁ ଏବଂ ସହଯାତ୍ରୀମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ।

ଫୋନ୍ : ୯୪୩୭୨୭୦୬୦୫
ସେକ୍ଟର-୬, ମର୍କତ ନଗର, କଟକ

# ମଦରେ ଭାସୁଛି ଓଡ଼ିଶା

ପାର୍ବତୀ ନାୟକ

ମଦର ବନ୍ୟାରେ ଭାସୁଛି ଓଡ଼ିଶା
ସମାଜ ଯାଉଛି ବୁଡି
ତୁମେ ଚାଲିଥିବା ପଥରେ ଚାଲୁଛୁ
ଗାନ୍ଧୀ ହେ ଅନୁସରି।
ତୁମେ ଚାଲିଗଲ କାଳର ସ୍ରୋତରେ
ନାରୀ ହୁଏ ହୀନିମାନ
ମଦର ପ୍ରଭାବେ ସମାଜ ଉଜୁଡେ
ମୁଣ୍ଡ ପିଟି ରାତି ଦିନ।
ସ୍ୱରାଜ୍ୟ ତ ସ୍ୱପ୍ନ ସୁରାଜ୍ୟ ଅବାଟେ
ନୀତି ଚାଲେ ଧରଷଣ
ପୋଲିସି ଚାହିଁଛି ଶାସନ ଦେଖୁଛି
ମଦ ନିଏ କେତେ ପ୍ରାଣ ।

# ଆମେ ଛୋଟ ଛୋଟ ଗୁଣ୍ଡୁଚି

ଆମେ ଛୋଟ ଛୋଟ
ଗୁଣ୍ଡୁଚି ମୂଷା ତ
କେତେ ବଡ଼ ଆଶା ଦେଖ
ଆଜି ନ ହେଲେ ବି
କାଲି ହେବ ସତ
ଦେଖିବ ସାରା ଜଗତ।
ହାତ ପରେ ହାତ
ମନ ସହ ମନ
ମିଶେଇଲେ ହୁଏ କାମ
ଗାନ୍ଧୀଙ୍କ ଦେଶରେ
ମଦର ପ୍ରସାର
ସ୍ୱାଧୀନତା ନାମେ ଭ୍ରମ।

କେନ୍ଦ୍ରାପଡ଼ା
ମୋ ୯୩୪୮୦୧୦୩୮୪

# ସାଧାରଣ ମଣିଷର ମୁଖ୍ୟମନ୍ତ୍ରୀ ଓ ମଦମୁକ୍ତି

ତାରାକାନ୍ତ ନାୟକ

୧୯୨୧ ମସିହା। ଭାରତୀୟ ମୁକ୍ତି ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷଣ। ଗାନ୍ଧିଜୀଙ୍କ ଅସହଯୋଗର ଡାକରା ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜର ବାତାବରଣରେ ପ୍ରତିଧ୍ୱନି ତୋଳିଲା। ଏଥିରେ ଅସ୍ୱାଭାବିକତା କିଛି ନଥାଇପାରେ। କିନ୍ତୁ ଗୋଟିଏ କୋଡିଏ ବର୍ଷର ଯୁବକ ଛାତ୍ର ମନରେ ତାହା ପ୍ରତିକ୍ରିୟାର ଯେଉଁ ବିସ୍ଫୋରଣ ସୃଷ୍ଟିକଲା ଓ ପରବର୍ତ୍ତୀ ତେଷଠି ବର୍ଷ ଧରି ଏ ଦେଶ ଏବଂ ଓଡ଼ିଶାର ଜାତୀୟ ଜୀବନରେ ଯେଉଁ ଅନନ୍ୟ ଅଧ୍ୟାୟଟିମାନ ଯୋଗକଲା ତାହା କାଳଜୟୀ। ହଁ ମୁଁ ନବକୃଷ୍ଣଙ୍କ କଥା କହୁଛି– ନବକୃଷ୍ଣ ଚୌଧୁରୀ। ଏମିତି ଗୋଟିଏ ମଣିଷର କଥା ଯିଏ ଧାଡି ଶେଷରେ ଛିଡାହୋଇଥିବା ମଣିଷର କଷ୍ଟକୁ ହେଜିଥିଲା, ତା ଲୁହରେ ଭିଜିଥିଲା ଏବଂ ତା ପିଠି ଆଉଁସି ଦେଇ ତାକୁ ଆପଣାର କରିପାରିଥିଲା। ପୁଣି କ୍ଷମତାର ଅଗ୍ନିପରୀକ୍ଷାରୁ ସଗୌରବେ ଉତ୍ତୀର୍ଣ୍ଣ ହୋଇଥିଲା ସେ।

ସରଳ କିନ୍ତୁ ଏକ ତାତ୍ପର୍ଯ୍ୟ ଜୀବନଟିଏ ଜିଇଥିଲା ସିଏ। ଏଇ ଓଡ଼ିଶାର ମାଟି ପାଣି ପବନର କେଉଁ ଏକ ବିରଳ ସଂଯୋଗରୁ ସୃଷ୍ଟ ଯେ ସରଳତାର ସୁଗନ୍ଧ ମଣିଷ ଚେତନାର ଯାବତୀୟ କୁଟିଳତା ବିରୁଦ୍ଧରେ ଥିଲା ଏକ ସର୍ବକାଳୀନ ରଣହୁଙ୍କାର। ଆଉ ରହିଲା ତାତ୍ପର୍ଯ୍ୟର କଥା। ଆତ୍ମପ୍ରଚାର ଏବଂ ଆତ୍ମପ୍ରଶଂସା ଠାରୁ ବହୁ ଉଚ୍ଚରେ ଥିଲା ତାର ବିଚାର। "ପୂର୍ବତନ ମୁଖ୍ୟମନ୍ତ୍ରୀ"ର ପରିଚୟରେ ଅସ୍ୱସ୍ତି ଅନୁଭବ କରୁଥିଲା ସିଏ। "ମୋର କଣ ଆଉ କିଛି ପରିଚୟ ନାହିଁ" ବୋଲି ପଚାରୁଥିଲା ସେ ପରିଚୟ ଦାତାମାନଙ୍କୁ। ସାଧାରଣ ମଣିଷର ଦୁଃଖ ଦୂର କରିବାରେ ଅସହଜ ଭାବ ଅନୁଭବ ହେବା ମାତ୍ରେ ପୁରୁଣା ଜୋତା ପରି ମୁଖ୍ୟମନ୍ତ୍ରୀ ପଦକୁ ଗୋଡ଼ରେ ଆଡେଇ ଫୋପାଡ଼ିଦେଇ ଅନୁଗୁଳର ବାଜିରାଉତ ଛାତ୍ରାବାସକୁ ଫେରିଯାଇଛି ସେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଭାଷାରେ "ନିଜ ଖୋଳପା ଭିତରକୁ ଫେରିଯାଇଛନ୍ତି ନବକୃଷ୍ଣ"। ନେହେରୁଙ୍କ ଅନୁରୋଧ ତାଙ୍କୁ ଅଟକାଇପାରିନି। ପରେ ପୁଣି ଯେବେ ସ୍ୱରହୀନ ମଣିଷର ଦୁର୍ଦ୍ଦଶା ତାଙ୍କ କାନରେ ପଡିଛି ନିଜ ଖୋଳପା ଭିତରୁ ବାହାରିଆସି ଲଢିଛନ୍ତି– ଅତ୍ୟାଚାରିତକୁ ଲଢ଼ିବା ଶିଖେଇଛନ୍ତି ସେ। ନିଜ ହାତଗଢା କଂଗ୍ରେସ ଯେତେବେଳେ ପଥଭ୍ରଷ୍ଟ ହୋଇଛି ତା ବିରୁଦ୍ଧରେ ସେ ହୋଇଛନ୍ତି ରାଜସାକ୍ଷୀ।

ବୟସର ମଧ୍ୟାହ୍ନରେ ଜଳି ଜଳି ପରାଧୀନ ଭାରତର ଶୃଙ୍ଖଳକୁ ଜାଳିଦେଇଥିବା ସେ ଦିନର ଜ୍ୱାଳାମୟୀ ଯୁବକ ସ୍ୱାଧୀନ ଭାରତର ସ୍ୱେଚ୍ଛାଚାରୀ ଶାସକକୁ ବିରୋଧକରି ବୟସର ସାୟାହ୍ନରେ ଜରୁରୀକାଳୀନ ପରିସ୍ଥିତିରେ ପୁନର୍ବାର କାରାଗାରକୁ ଆପଣେଇ ନେଇଛି। ସ୍ୱାଧୀନତାର କି ସମୟାତୀତ ସାଧନା!

ନବକୃଷ୍ଣଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ହୀରାକୁଦ ବନ୍ଧ କାମ ସରିଥିବା ସତ୍ତ୍ୱେ ଏହାର ଉଦ୍‌ଘାଟନ ହୋଇଥିଲା ପରେ। ଉଦ୍‌ଘାଟନୀ ସଭାର ମୁଖ୍ୟ ଅତିଥି ସେ ସମୟର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ। ମଞ୍ଚରେ ଆସୀନ ହେବା ପୂର୍ବରୁ ସେ ଉପସ୍ଥିତ ଜନସମୁଦ୍ରକୁ ନମସ୍କାର କରି ନିଜ ଆସନରେ ବସିଥିଲେ। ଏବଂ ବସିବା ପରେ ସେ ମଞ୍ଚ ସାମନାରେ ଥିବା ନିମନ୍ତ୍ରିତ ଅତିଥିମାନଙ୍କ ପାଇଁ ସଂରକ୍ଷିତ ପ୍ରଥମ ଧାଡିକୁ ଚାହିଁ ଖୋଜିହୋଇଥିଲେ କାହାକୁ। କିଛି କ୍ଷଣର ଅନୁସନ୍ଧାନ ପରେ ତାଙ୍କ ଦୃଷ୍ଟି ଅଟକିଥିଲା ଜଣଙ୍କ ଠାରେ ଓ ପୁଣି ଥରେ ସେ ନମସ୍କାର ହୋଇଥିଲେ। ସେଦିନ ଭାରତର ପ୍ରଧାନମନ୍ତ୍ରୀଙ୍କ ଆଖି ଖୋଜୁଥିବା ମଣିଷ ନବକୃଷ୍ଣଙ୍କର ମାତ୍ର ଚାରୋଟି କାମିଜ ଥିଲା। କାମିଜଟି ଚିରିଗଲେ ସେଥିରେ ପ୍ୟାଚ୍ ପକାଇ ଆଉ କିଛିଦିନ ପିନ୍ଧିବା ତାଙ୍କ ପାଇଁ କୌଣସି ପ୍ରକାରରେ ଅଖାଡୁଆ ନଥିଲା। ଧୋତି ଚିରିଗଲେ ତାକୁ ମଝିରୁ କାଟି ଦୋ ମୁହାଁ କରି ସେ ଘରେ ପିନ୍ଧୁଥିଲେ। ଦିଲ୍ଲୀ ଯିବାକୁ ପଡିଲେ ହିଁ ଚିରିଯାଇଥିବା ପୋଷାକ କଥା ଉଠୁଥିଲା। ମାତ୍ର ଦେଶର ଯେଉଁ କେତେଜଣ ହାତଗଣତି କଂଗ୍ରେସ ନେତା ସେମାନଙ୍କ ଦିଲ୍ଲୀଗସ୍ତ ସମୟରେ ପ୍ରାୟତଃ ନେହେରୁଙ୍କ ବାସଭବନରେ ରହୁଥିଲେ ସେମାନଙ୍କ ଅନ୍ତର୍ଭୁକ୍ତ ଥିଲେ ନବକୃଷ୍ଣ। ଜଣେ ଜମିଦାର ଓ ଖ୍ୟାତନାମା ଓକିଲଙ୍କ ପୁଅ (ତାଙ୍କ ଜେଜେ ମରହଟ୍ଟାମାନଙ୍କ ଠାରୁ ଜମିଦାରୀ ପ୍ରାପ୍ତ କରିଥିଲେ!) ହୋଇଥିଲେ ବି ଜୀବନସାରା ସାମନ୍ତବାଦକୁ ବିଲୋପ କରିବା ପାଇଁ ଲଢ଼ିଛନ୍ତି ସିଏ।

ଶାରୀରିକ ଶ୍ରମକୁ ହେୟ ଜ୍ଞାନ ନକରିବା ତାଙ୍କ ଜୀବନାଦର୍ଶର ଅନ୍ୟ ଏକ ବିଭବ ଥିଲା। ଥରେ ନୟାଗଡର ଏକ ସଭାକୁ ନିମନ୍ତ୍ରିତ ହୋଇ ସେଠାକୁ ଯିବା ବାଟରେ ତାଙ୍କ ଦୃଷ୍ଟିରେ ପଡେ ଏକ ଦଳଭର୍ତ୍ତି ପୋଖରୀ। ଦଳ କାଢ଼ିବାରେ ଲାଗିପଡନ୍ତି ମାଟି ପ୍ରେମରେ ମସଗୁଲ ସେ ଲୋକ ଜଣକ। ତାହା ଦେଖି ସେଠାରେ ଥିବା ଅନ୍ୟମାନେ ମଧ୍ୟ ଲାଗି ପଡନ୍ତି। ବିଳମ୍ବ ହେବାରୁ ସଭାର ଆୟୋଜକମାନେ ଖୋଜି ଖୋଜି ଆସି ଦେଖି ବିସ୍ମିତ ହୁଅନ୍ତି ସେମାନଙ୍କ ଆଦରଣୀୟ ଅତିଥିଙ୍କ ସେହି ଅବତାର। କଂଗ୍ରେସ ଏବଂ ସର୍ବସେବାସଂଘ ପରି ଅନ୍ୟ ସଂଗଠନମାନଙ୍କର ସମ୍ମିଳନୀ ମାନଙ୍କରେ ପାଇଖାନା ସଫା କାମରେ ସମୟ ପୂର୍ବରୁ ହାଜର ଥାନ୍ତି ନବକୃଷ୍ଣ।

କ୍ଷମତା ରାଜନୀତିରେ ଥାଇ ବି, ଗାନ୍ଧୀଙ୍କୁ ସର୍ବଦା ନିଜ ଚେତନାର ସିଂହାସନରେ ଅଭିଷିକ୍ତ କରିଛନ୍ତି ସେ। ନିଶାମୁକ୍ତି ନିମିତ୍ତ ସଂଗ୍ରାମରତ ନବକୃଷ୍ଣ ଯେତେବେଳେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ୧୯୫୬ ମସିହାରେ ସମ୍ପୂର୍ଣ୍ଣ ନିଶାନିବାରଣ ଆଇନ ପାସ କରାଇଛନ୍ତି।

ଦୀର୍ଘ ତେଷଠି ବର୍ଷଧରି ଓଡ଼ିଶାର ପରବର୍ତ୍ତୀ ଶାସକମାନେ ତାହାକୁ କାର୍ଯ୍ୟକାରୀ କରାଇଦେଇନାହାନ୍ତି । ସେମାନଙ୍କୁ ମୁଖ୍ୟମନ୍ତ୍ରୀ କହିବାରେ ସଂକୋଚ ଲାଗେ ଏଇ କାରଣରୁ । ନିଇତି ଶହ ଶହ ଜୀବନ ମଦ ଦାଉରେ ଜଳୁଥିବାବେଳେ, ଶତ ଅନୁରୋଧ ସତ୍ତ୍ୱେ ଶାସକମାନେ ମଦମୁକ୍ତିକୁ କାର୍ଯ୍ୟକାରୀ କରିନାହାନ୍ତି । ତା ବଦଳରେ ସରକାରୀ ଭାଷାରେ "ଗ୍ରାହକ"ମାନଙ୍କୁ ନିରାପଦ ଓ ଉଚ୍ଚକୋଟୀର ମଦ ଯୋଗାଇଦେବା ପାଇଁ ମଦନିଗମ ସ୍ଥାପନ କରିଛନ୍ତି ସେମାନେ । ସତରେ କଣ ଓଡ଼ିଶା ଆଜି ପ୍ରାଚୁର୍ଯ୍ୟର ଏମିତି ଏକ ଶୀର୍ଷରେ ଯେ ତାର ମଣିଷମାନଙ୍କ ପାଇଁ ମଦ୍ୟପାନ ଏକ ଆବଶ୍ୟକତା ? ଆଉ ଏମିତି ଏକ ଆବଶ୍ୟକତା ଯେ ତାହାର ପୂର୍ତ୍ତି ସରକାର ନିଶ୍ଚୟ କରିବା ଉଚିତ ? ଏବେ ଓଡ଼ିଶାର ଉଚ୍ଚ ନ୍ୟାୟାଳୟରେ ଖୋଜାପଡିଛି ନିଶାନିବାରଣ ଆଇନର ବୈଧତା । ସରକାର ନ୍ୟାୟାଳୟକୁ ଜବାବ ଦେବାକୁ ପଛାଉଛନ୍ତି-ସମୟ ଗଡ଼ାଇ ଚାଲିଛନ୍ତି ।

ଥରେ ଜାନୁଆରୀ ୨୬ ପାଳନ ଅବସରରେ କନ୍ଧମାଳରେ ସଭାଟିଏ ହେଉଥିଲା । ସେଦିନର ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଥିଲେ ନିମନ୍ତ୍ରିତ ଅତିଥି । ପତାକା ଉତ୍ତୋଳନ ଏବଂ ଅଧିକାରୀମାନଙ୍କ ଭାଷଣ ପରେ କିଛି ବକ୍ତବ୍ୟ ରଖିବାକୁ ନବକୃଷ୍ଣଙ୍କୁ ଅନୁରୋଧ କରାଗଲା । ସଭାରେ ବସିଥିଲେ ଶହ ଶହ ଗରିବ କନ୍ଧ । ଜାନୁଆରୀର ପ୍ରଚଣ୍ଡ ଶୀତରୁ ବର୍ତ୍ତିବା ପାଇଁ ସେମାନେ ଅଖାଟିମାନ ଘୋଡାଇ ହୋଇଥିଲେ । ସେ ଦୃଶ୍ୟରେ ଆହତ ନବକୃଷ୍ଣ ବିହ୍ୱଳ ହୋଇ ଏତିକି ମାତ୍ର ଭାଷଣରେ ସେଦିନ କହିପାରିଥିଲେ, "ମୁଁ ଭୁବନେଶ୍ୱରରେ ବସି ତୁମମାନଙ୍କ ରକ୍ତ ପିଉଚି" । ତାଙ୍କର ହୃଦୟ ସେଦିନ କାନ୍ଦିଥିଲା- ଧିକ୍କାକର କରିଥିଲେ ସେ ନିଜକୁ ଓ ସାଧାରଣ ମଣିଷଙ୍କୁ ହତାଦର କରୁଥିବା ଶାସକମାନଙ୍କୁ । ଆଜି ଭୁବନେଶ୍ୱରରେ ବସି ଆମମାନଙ୍କ ଗାଁ ମୁଣ୍ଡରେ ମଦଦୋକାନ ଖୋଲି ଗରିବ ଦିନ ମଜୁରିଆର ପଇସାକୁ ଲୁଟି ଚାଲିଛି ନିଜକୁ ଲୋକକଲ୍ୟାଣକାରୀ ବୋଲାଉଥିବା ଏକ ବ୍ୟବସ୍ଥା । ଖାଲି ରକ୍ତ ନୁହେଁ, ଓଡ଼ିଶାର ସାଧାରଣ ମଣିଷର ଜୀବନୀଶକ୍ତିକୁ ପ୍ରତି ମୁହୂର୍ତ୍ତରେ ଶୋଷିଚାଲିଛି ଏହା । ଯାହା ତାହାଠାରୁ ଆହୁରି ପୀଡାଦାୟକ ତାହାହେଲା ମଦତ୍ରସ୍ତ ସେହି ହତଭାଗ୍ୟମାନଙ୍କ ଦୁର୍ଦ୍ଦଶାକୁ ଏଡାଇଯାଉଚୁ ଆମେ, ଆମ ସରକାର ଓ ଅନ୍ୟ ସମସ୍ତେ । ସାଧାରଣ ମଣିଷ ଭିତରେ ନିହିତଥିବା ସ୍ୱାଭାବିକ ଭଲପଣକୁ ଭିତରୁ ଭିତରୁ ଖାଇଚାଲିଛି ଏହି ନିଶା । କ୍ଷମତା ଦଖଲକୁ କେବଳ ମାତ୍ର ଆଦର୍ଶ (ବରଂ ଅପ ଆଦର୍ଶ) ଭାବେ ଧରିନେଇଥିବା ଦଳଟି ବା ତାର ମୁଖିଆର ମଜବୁରି ଥାଇପାରେ ମଦକୁ ବା ନିଶାକୁ କାଇଦାକରି ସମର୍ଥନ କରିବାକୁ । କିନ୍ତୁ ଆମେ, ଯେଉଁମାନେ ସମାଜର ଶୁଭେଚ୍ଛୁ, ମଦକୁ ମନା କରିବା ଯାହାର ସ୍ୱଭାବ ସୁଲଭ-ସିଏ ଅସହାୟ ମଣିଷଟିଏକୁ ଅଣଦେଖାକରିବାକୁ ଅସମର୍ଥ, ସେମାନେ କାହିଁକି ପ୍ରତିକ୍ରିୟାଶୂନ୍ୟ ?

ନବକୃଷ୍ଣ ମୁଖ୍ୟମନ୍ତ୍ରୀ ହେବେ- ଏ ନିଷ୍ପତ୍ତି ପ୍ରଚାର ହୋଇଯିବା ପରେ ଓଡ଼ିଶାର କଂଗ୍ରେସ କାର୍ଯ୍ୟାଳୟକୁ ଆସି ଜାତୀୟ କବି ବୀରକିଶୋର କହିଥିଲେ, "ତୁମେମାନେ ଖାଲି ସୁନା ପିନ୍ଧିବାକୁ ମନବଳାଇଚ- ଭଲ କଥା । କିନ୍ତୁ ଖାଦ ନମିଶିଲେ କଣ ଖାଲି ଖାଣ୍ଟି ସୁନାରେ ଅଳଙ୍କାର ତିଆରି ହୋଇପାରେ ?" ତାହା ହୋଇପାରିନଥିଲା ମଧ୍ୟ ! ନିଜର ସହକର୍ମୀମାନଙ୍କ ଛଳ କପଟ ମୌଳିକ ରଚନାତ୍ମକ କାମର ଆକର୍ଷଣ କାରଣରୁ ସେ ମୁଖ୍ୟମନ୍ତ୍ରୀତ୍ୱକୁ ତ୍ୟାଗ କରିଥିଲେ । ତାହା ଓଡ଼ିଶାର ଦୁର୍ଭାଗ୍ୟ ହୋଇପାରେ, କିନ୍ତୁ ତାଙ୍କ ପରି ଖାଣ୍ଟି ସୁନାର ନୁହେଁ- କଦାପି ହୋଇପାରେନା ! କଂଗ୍ରେସ ଭିତରେ ତଥା ସେ ନେତୃତ୍ୱ ଦେଉଥିବା ବା ତାଙ୍କ ପ୍ରେରଣାରେ ଚାଲିଥିବା ଆନ୍ଦୋଳନମାନଙ୍କ ଭିତରେ ନିଜକୁ କେନ୍ଦ୍ରକରି ଗୋଷ୍ଠୀଟିଏ ତିଆରି କରିବାର ଆବଶ୍ୟକତା ତାଙ୍କ ସରଳତାର ପରିଧି ବାହାରେ ଥିଲା ।

ହୁଏତ ସେଥିଯୋଗୁ ସେ ଥିଲେ ସବୁ ମଣିଷର, ସାରା ଓଡ଼ିଶାର, ସମଗ୍ର ମାନବତାର – ଆମମାନଙ୍କର ।

ତାଙ୍କର ଅଧାକରା କାମ ଆମରି ହାତରେ ପୂରା ହେଉ । ତାଙ୍କରି ଦ୍ୱାରା ଆରମ୍ଭିଥିବା ଯଜ୍ଞର ପୂର୍ଣ୍ଣାହୁତି ଆମମାନଙ୍କ ହାତରେ ହେଉଁ । ଗାଁ ଜାଗୁ – ଯୁବକ ଉଠି ଛିଡାହେଉ । କ୍ଷମତାର କୁଟିଳ କାୟାରୁ ନିଜକୁ ଅପସାରଣ କରିନେଇ ଯେଉଁ ଖୋଳପା ଭିତରେ ନବକୃଷ୍ଣ ନିଜକୁ ବନ୍ଦ କରିଦେଇଥିଲେ, ସେଇ ଖୋଳପାର ଅନ୍ଧାର ଭିତରୁ ପୁନର୍ଜନ୍ମ ହେଉ ସତ ସହସ୍ର ସଚ୍ଚୋଟ, ସରଳ, ସମ୍ବେଦନଶୀଳ ମାଟିପ୍ରେମରେ ବିଭୋର ନବକୃଷ୍ଣମାନଙ୍କର । ସେମାନଙ୍କର ଅଭିଷେକ ହେଉ ଆଉ ସେମାନଙ୍କ କାନ୍ଧରେ ଭରାଦେଇ ଓଡ଼ିଶା ନିର୍ମାଣ କରୁ ନିଜର ଭାଗ୍ୟ ।

ଯୌବନର ଜୟ ହେଉ, ଓଡ଼ିଶା ମଦମୁକ୍ତ ହେଉ, ନବକୃଷ୍ଣଙ୍କ ଜୟନ୍ତୀ ଉପଲକ୍ଷେ ଏତିକି କାମନା ।

ମୋ : ୮୮୯୫୧୮୨୪୪୦



# ମଳମୁକ୍ତ ଭାରତ ବନାମ ମଦମୁକ୍ତ ଭାରତ

ଡ. ବିଜୟ କୁମାର ସ୍ୱାଇଁ

କେନ୍ଦ୍ର, ରାଜ୍ୟ ସରକାର ଓ ବିଭିନ୍ନ ଅନୁଷ୍ଠାନ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନରେ ମଳ ପରିଚାଳନା ତଥା ପ୍ଲାଷ୍ଟିକମୁକ୍ତ ଭାରତ ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ପୂର୍ବରୁ ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପ୍ଲାଷ୍ଟିକ ନିଷିଦ୍ଧ କରିଥିଲେ ଓ ୧୧ଟି ରାଜ୍ୟ ଆଂଶିକ। ପ୍ଲାଷ୍ଟିକ ପ୍ରଦୂଷଣ ଗାଁ, ସହର, ଜଳ ଓ ସ୍ଥଳ ଭାଗରେ ମାରାତ୍ମକ ପରିସ୍ଥିତି ସୃଷ୍ଟି କରିଥିବାରୁ ମଣିଷ, ପଶୁପକ୍ଷୀ ତଥା ଜଙ୍ଗଲ ସମ୍ପଦ କବଳିତ। ନିଷେଧାଦେଶ ସତ୍ତ୍ୱେ ଏହା ଉପଲବ୍ଧ ଓ ଉତ୍ପାଦନ ହେଉଛି। ପ୍ଲାଷ୍ଟିକ୍‌ର ବିକଳ୍ପ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉନାହିଁ। ନିଷୋଧାଦେଶ ଖିଲାପକାରୀଙ୍କ ବିରୁଦ୍ଧରେ କଡା ନିୟମ ଥିଲେ ମଧ୍ୟ କ୍ରିୟାନ୍ୱୟନ ନାହିଁ। ଗଳାବାଟ ଯୋଗୁଁ ଉପଭୋକ୍ତା ତଥା ବିକ୍ରେତା ଖସିଯାଉଛନ୍ତି।

କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଅନୁସାରେ ଭାରତର ପ୍ରମୁଖ ସହରମାନଙ୍କରେ ଦୈନିକ ପ୍ରାୟ ୧୫ ହଜାର ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମଧ୍ୟରୁ ୯ ହଜାର ଟନ୍ ପୁନଃ ପ୍ରକ୍ରିୟାକରଣ କରାଯାଏ ଓ ଅବଶିଷ୍ଟ ୬ ହଜାର ଟନ୍ ରାସ୍ତା ଘାଟ, ନାଳ ନର୍ଦ୍ଦମା, ଜଳାଶୟ ଓ ସମୁଦ୍ରରେ ପହଞ୍ଚିଥାଏ, ଯାହା ୧୦୦ ବର୍ଷରେ ମାଟିରେ ମିଶିବାର ସମ୍ଭାବନା ନାହିଁ।

ପ୍ଲାଷ୍ଟିକ୍‌ର ଭୟାବହତା ଅନୁଧ୍ୟାନ କରି ଉଚ୍ଚତମ ନ୍ୟାୟାଳୟର ବିଚାରପତି ଶ୍ରୀ ସିଂହଭି ଓ ଶ୍ରୀ ମୁଖୋପାଧ୍ୟାୟ କହିଛନ୍ତି ଯେ, ପରପିଢି ପାଇଁ ପରମାଣୁ ବୋମା ଯେତେ ବିପଦ ତାଠାରୁ ଅଧିକ କ୍ଷତିକାରକ ପ୍ଲାଷ୍ଟିକ ହେବା ଅସମ୍ଭବ ନୁହେଁ। ଅତଏବ ପ୍ଲାଷ୍ଟିକ୍ ଉତ୍ପାଦନ, ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କିମ୍ବା କଟକଣା ରହିବା ଜରୁରୀ।

ଜି-୭ ବୈଠକରେ ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ଗଭୀର ଚିନ୍ତନ କରାଯାଇ ପ୍ଲାଷ୍ଟିକ୍‌ର ବିଷ ବଳୟରୁ ଜଳ ଓ ସ୍ଥଳ ଭାଗ ମୁକ୍ତ ରଖିବା ଏକ ଆହ୍ୱାନ ହୋଇଛି। ଜଳଚର ପ୍ରାଣୀ, ଉଦ୍ଭିଦ ଓ ସ୍ଥଳ ଭାଗରେ ପଶୁପକ୍ଷୀ, ଜଙ୍ଗଲ ଓ ମଣିଷ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଆମେ ବଳକା ଖାଦ୍ୟ ପ୍ଲାଷ୍ଟିକ୍ ମୁଣାସହ ବାହାରେ ଫିଙ୍ଗି ଦେଉ, ଯାହା ପଶୁପକ୍ଷୀମାନେ ଖାଇଥାନ୍ତି। ଏହା ହଜମ ନହୋଇ ଖାଦ୍ୟନଳୀକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଥାଏ ଓ ଏହି 'ଟିମ୍ପାନି' ରୋଗ ଯୋଗୁଁ ପାକସ୍ଥଳୀରେ ପ୍ଲାଷ୍ଟିକ୍ ଜମାହୋଇ ପଶୁପକ୍ଷୀମାନେ ମୃତ୍ୟୁମୁଖରେ ପଡିଥାନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୧୫ ଅଗଷ୍ଟ ୨୦୧୪ ମସିହାରେ ଲାଲ୍‌କିଲ୍ଲାରେ ଭାଷଣ କ୍ରମରେ "ସ୍ୱଚ୍ଛତା ହିଁ ସେବା" ପରିକଳ୍ପନାରେ ଲକ୍ଷ ଲକ୍ଷ ପାଇଖାନା ନିର୍ମାଣ କରାଯାଇ ବାହ୍ୟ ମଳମୁକ୍ତ ସହ ମହିଳାମାନଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି। ମଳମୁକ୍ତ ସମାଜ ଯୋଜନାରେ ୧୦ କୋଟି ୯୦ ଲକ୍ଷ ୩୨ ହଜାର ପରିବାରରେ ପାଇଖାନା ନିର୍ମାଣ ଓ ୫ ଲକ୍ଷ ୯୨ ହଜାର ୫୬୭ ଗାଁକୁ ଖୋଲା ମଳମୁକ୍ତ ଗାଁରେ ପରିଣତ ସହ ଦେଶରେ ୬୩୩ଟି ଜିଲ୍ଲାକୁ ବାହ୍ୟ ମଳମୁକ୍ତ ଜିଲ୍ଲାରେ ପରିଣତ କରାଯାଇଛି। ବାର୍ଷିକ ପ୍ରାୟ ୧.୯ କୋଟି ଲୋକଙ୍କ ପାଇଁ ପାଇଖାନା ନିର୍ମାଣ କରାଯାଇ ଜନମାନସରେ ସ୍ୱଚ୍ଛତା ପାଇଁ ଦୃଷ୍ଟିକୋଣରେ ପରିବର୍ତ୍ତନ ହେଉଛି।

ଗାନ୍ଧିଜୀଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପାଳନ ଅବସରରେ ଜଷ୍ଟିସ୍ ଟେକ୍‌ଚାନ୍ଦ କମିଟି ସୁପାରିସ କରିଥିଲେ ଦେଶକୁ ମଦମୁକ୍ତ କରିବା ପାଇଁ। ଗାନ୍ଧିଜୀଙ୍କ ମୂଳ ଲକ୍ଷ୍ୟ ଥିଲା ଦେଶ ସ୍ୱାଧୀନ ହେବା ପରେ ମଦ ସମ୍ପୂର୍ଣ୍ଣ ବନ୍ଦ, ନୈୟୀତାଲିମ କାଟି ପିନ୍ଧ, କୁଟି ଖାଅ। ଏହି ତିନୋଟି ବିନ୍ଦୁର ଚିହ୍ନବର୍ଣ୍ଣ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ନାହିଁ। ୧୫/୧୧/୧୯୨୭ ମସିହାରେ ଗାନ୍ଧୀଜୀ 'ୟଙ୍ଗ ଇଣ୍ଡିଆ'ରେ ଲେଖିଛନ୍ତି ଯେ, "ଭାରତ ଗରିବ ହୋଇ ରହୁ ବରଂ ଏହା ସ୍ୱାଗତ କିନ୍ତୁ ହଜାର ହଜାର ଲୋକ ମଦୁଆ ହୁଅନ୍ତୁ ଏହା ମୁଁ ବରଦାସ୍ତ କରିବି ନାହିଁ। ଯଦି ଭାରତରେ ମଦ ବନ୍ଦ ଅଭିଯାନକୁ ଜାରି ରଖିବା ପାଇଁ ଲୋକମାନଙ୍କୁ ଶିକ୍ଷା ଦେବା ବନ୍ଦ କରିବାକୁ ହୁଏ ତାହେଲେ ମଧ୍ୟ କୌଣସି କ୍ଷତି ନାହିଁ, ମୁଁ ଏହି ମୂଲ୍ୟ ଦେଇ ମଧ୍ୟ ମଦ ବନ୍ଦ ରଖିବି।"

ଅନ୍ୟତ୍ର ସେ କହିଛନ୍ତି ଯେ, "ମଦ୍ୟପାନ ଚୋରି ବ୍ୟଭିଚାର ଠାରୁ ମଧ୍ୟ ଘୃଣ୍ୟ ଓ ନିନ୍ଦନୀୟ। ବେଶ୍ୟାବୃତ୍ତିକୁ ଯେପରି ସରକାର ପ୍ରୋତ୍ସାହନ ଦିଅନ୍ତି ନାହିଁ, ସେହିପରି ମଦ ପ୍ରସାରଣକୁ ମଧ୍ୟ ଅନୁମତି ଦେବା ଉଚିତ ନୁହେଁ। ଗାନ୍ଧିଜୀଙ୍କ ଭାଷାରେ ଜଣେ ମହିଳା ରାତିରେ ଏକା ଯାଇପାରିଲେ ଆମେ ସ୍ୱାଧୀନ ରାଷ୍ଟ୍ରର ନାଗରିକ ବୋଲି କହିପାରିବା। ଅଧୁନା ରାତ୍ରି କ'ଣ ଦିନ ଦି ପ୍ରହରରେ ଜଣେ ମହିଳା ରାଜରାସ୍ତାରେ ଚାଲି ଚାଲି ଯିବା ଦୁରୂହ ବ୍ୟାପାର ପାଲଟିଛି ଦୁର୍ବୃତ୍ତମାନଙ୍କ ଆକ୍ରମଣରୁ। ଏହାର ମୁଖ୍ୟ କାରଣ ନୀତିଶିକ୍ଷାର ଅଭାବ ଓ କର୍ମଜୀବୀ ପିତାମାତାଙ୍କ ଦ୍ୱାରା ସନ୍ତାନ ପ୍ରତି ଅବହେଳା, ଅପରାଧିକ ସମାଜ ଚଳଣି ଏବଂ ମଦ ଓ ଡ୍ରଗ୍‌ର ବହୁଳ ପ୍ରସାର। ପୂର୍ବରୁ ମଦ ଉଚ୍ଚ ବର୍ଗ ତଥା ରାଜା ରାଜୁଡାମାନେ ପାନ କରୁଥିଲେ ଓ ମଦ୍ୟପାନ ଏକ ଅପରାଧ ତଥା ଘୃଣ୍ୟ ବସ୍ତୁ ଭାବରେ ସମାଜ ଗ୍ରହଣ କରିଥିଲା। ଯେଉଁମାନେ ମଦ୍ୟପାନ କରୁଥିଲେ ସେମାନେ ଲୁଚାଇ ଚୋରାଇ ପାନ କରୁଥିଲେ। ଅଧୁନା ଏହା ଗାଁ ଓ ସହର ସର୍ବତ୍ର ଉପଲବ୍ଧ। ଅନେକେ ଏହା ସମ୍ଭ୍ରାନ୍ତ ପାନୀୟ ବୋଲି ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ରାଜସ୍ୱ ଆଦାୟ ନାମରେ ଅଧିକ ପ୍ରୋତ୍ସାହନ କରିଚାଲିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମତ, ଯଦି ସାରା ବିଶ୍ୱରୁ ମଦ ପ୍ରଚଳନ ସମ୍ପୂର୍ଣ୍ଣ ବନ୍ଦ କରାଯାଏ, ତା'ହେଲେ ଅଧିକାଂଶ

ଜେଲ୍ ଓ ଡାକ୍ତରଖାନା ଖଟିଆ ଖାଲି ରହିବ। ଏହାର ଅର୍ଥ ବିଭିନ୍ନ ପ୍ରକାର ଚୋରୀ, ଧର୍ଷଣ ଆଦି ନାରକୀୟ କାଣ୍ଡ ବନ୍ଦ ହେବ ଓ ମଦ୍ୟପାନ ଯୋଗୁଁ ଗାଡ଼ିମଟର ଦୁର୍ଘଟଣା ଊଣା ହେବା ସହ ଡାକ୍ତରଖାନାରେ ଦାଖିଲ ହେବା ମଧ୍ୟ କମିଯିବ। ଅନ୍ୟପକ୍ଷରେ ବିଧାନ ସଭାର ଷ୍ଟାଣ୍ଡିଂ କମିଟିର ସଦସ୍ୟମାନଙ୍କ ମତ "ଯେଉଁ ମଦ ବ୍ୟାପାରୀ ଅଧିକ ମଦ ବିକ୍ରୟ କରିବ ତାକୁ ପୁରସ୍କାର ଦେବାପାଇଁ ସୁପାରିସ", ଏକ ଅଜବ ପରିକଳ୍ପନା ଯାହା କୌଣସି ସଭ୍ୟ ଦେଶରେ ପରିଲକ୍ଷିତ ହୁଏ ନାହିଁ।

ପ୍ଲାଷ୍ଟିକ୍ ଭଳି ମଦ ଜନଜୀବନକୁ ବହୁଳ ଭାବରେ ପ୍ରଭାବିତ କରିଛି ଓ କରିବ ମଧ୍ୟ। ସରକାରୀ ନୀତି ଅନୁସାରେ ଅଧିକ ବିକ୍ରି ପାଇଁ ପ୍ରୋତ୍ସାହନ ଏକ ମୁଖ୍ୟ କାରଣ। ଏହାଦ୍ୱାରା କେବଳ ଯୁବ ସମାଜ ନୁହେଁ ବରଂ ବୃଦ୍ଧ ବୃଦ୍ଧା ତଥା ଅଳ୍ପ ବୟସର କିଶୋରମାନେ ମଧ୍ୟ କବଳିତ। ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ମହିଳା ଓ ଶିଶୁ। ସ୍ୱାମୀ ମଦପିଇ ରୋଗଗ୍ରସ୍ତ ହୋଇ ଅକାଳ ମୃତ୍ୟୁ କିମ୍ବା ହିତାହିତ ଜ୍ଞାନ ହରାଇ ନାନାଦି କୁକର୍ମ କରିଥାଏ। ମସ୍ତିଷ୍କ ଓ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ମଦ ଦ୍ୱାରା ପ୍ରଭାବିତ ହୋଇଥାଏ। ମଦ୍ୟପ ସ୍ୱାମୀର ଝଗଡା ଯୋଗୁଁ ସୁନାର ସଂସାର ଭାଙ୍ଗି ଶିଶୁମାନେ ଅନାଥ ହୋଇଥାନ୍ତି। ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ଭାରତ ବର୍ଷ ତଥା ଓଡ଼ିଶାରେ ସର୍ବାଧିକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ। ମଦ୍ୟ ପାନ ଯୋଗୁଁ କାର୍ଯ୍ୟାଳୟରେ ଅନୁପସ୍ଥିତି ଅନ୍ୟ ଦେଶ ତୁଳନାରେ ଅଧିକ।

ପରିସଂଖ୍ୟାନ ଅନୁଯାୟୀ ଅଧୁନା ଆଇଏମ୍‌ଏଫ୍‌ଏଲ୍‌କୁ (ବିଦେଶୀ ଅଫ୍ ଅନ୍ ସପ୍) ମିଶାଇ ରାଜ୍ୟରେ ମୋଟ ୧୬୭୫ ମଦ ଦୋକାନ ଅଛି। ଏହା ବ୍ୟତୀତ ୯୫ ବିୟର ପାର୍ଲର, ୩୪ଟି ମିଲିଟାରୀ କ୍ୟାଣ୍ଟିନ୍ ଓ ୧୮ଟି କ୍ଲବ୍ ଲାଇସେନ୍ସ ପାଇଛନ୍ତି (୨୦୨୦)। ୨୦୦୯-୧୦ ବର୍ଷରେ ଓଡ଼ିଶାରେ ଅବକାରୀ ରାଜସ୍ୱ ୮୪୯ କୋଟି ଟଙ୍କା ଥିବା ସ୍ଥଳେ ୨୦୧୮-୧୯ ବର୍ଷରେ ୩୯୨୫ କୋଟି ଟଙ୍କା ଓ ୨୦୧୯-୨୦ ମସିହାରେ ୪୬୦୦ କୋଟିରୁ ବହୁ ଅଧିକ ରାଜସ୍ୱ ଆସିଛି। ୨୦୨୧-୨୨ରେ ୬୬୦୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିଛି। ଏଥିରୁ ସ୍ପଷ୍ଟ ଅଧିକ ରାଜସ୍ୱ ନାମରେ ରାଜ୍ୟବାସୀଙ୍କ ଭବିଷ୍ୟତ ଅନ୍ଧକାର।

ଅଧୁନା ସରକାରୀ ଯୋଜନା ଅନୁସାରେ ବାହ୍ୟ ମଳମୁକ୍ତ ଓ ପ୍ଲାଷ୍ଟିକ୍ ବର୍ଜନ ଜରୁରୀ କିନ୍ତୁ ମଦର ପ୍ରସାର ଯୋଗୁଁ ସମାଜ ତଥା ମହିଳା ଓ ଶିଶୁମାନେ ଅତିଷ୍ଠ। ତେଣୁ ଗାନ୍ଧିଜୀଙ୍କ ଜନ୍ମ ଦେଢଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ଓ କେନ୍ଦ୍ର ସରକାର ମଦର ସମ୍ପୂର୍ଣ୍ଣ ଉତ୍ପାଦନ, ବିକ୍ରୟ ବନ୍ଦ କଲେ ଗାନ୍ଧିଜୀଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇଥାଆନ୍ତା। କାରଣ ଗାନ୍ଧିଜୀ କହିଥିଲେ ଯେ, ଦେଶ ସ୍ୱାଧୀନତା ପରେ ମଦ ୨୪ ଘଣ୍ଟା ମଧ୍ୟରେ ବନ୍ଦ ହେବା ଜରୁରୀ ଓ ପ୍ରଥମ ପଦକ୍ଷେପ ହେବ।

ଅବକାରୀ ବିଭାଗ ରାଜ୍ୟ ଅଧୀନ ଓ ରାଜସ୍ୱ ଆୟ ରାଜ୍ୟ ସରକାରଙ୍କର। ଯଦି ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କେନ୍ଦ୍ର ସରକାର ବାହ୍ୟ ମଳମୁକ୍ତ ଜନିତ ପ୍ରଦୂଷଣ ଓ ଜଳବାହିତ ରୋଗରେ ମୃତ୍ୟୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଘରେ ଘରେ ପାଇଖାନା ନିର୍ମାଣ ଯୋଗୁଁ ଲକ୍ଷ ଲକ୍ଷ କୋଟି ଟଙ୍କା ସଞ୍ଚୟ ହେଇଛି, ତା'ହେଲେ ଦେଶସାରା ମଦ ପ୍ରଚଳନ ବନ୍ଦ କରିବା ଦ୍ୱାରା ହଜାର ହଜାର ଜୀବନ ସୁରକ୍ଷିତ ରହିବା ସହ ପରିବାର ମଧ୍ୟ ସୁରକ୍ଷିତ ରହିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ମହିଳା ଅତ୍ୟାଚାର ବ୍ୟଭିଚାର ଓ ଶିଶୁ ଅନାଥ ହେବେ ନାହିଁ ମଦ୍ୟପ ପିତା କାରଣରୁ। ମଦ ପିଇବା ଯୋଗୁଁ ମୃତ୍ୟୁ ତଥା ଗାଡ଼ିମଟର ଦୁର୍ଘଟଣାରେ ମୃତ୍ୟୁ ଓ ମୋଟର ଗାଡ଼ିର ବୀମାଜନିତ ଖର୍ଚ୍ଚ ଓ ଡାକ୍ତରଖାନାରେ ଔଷଧ ଇତ୍ୟାଦି ଖର୍ଚ୍ଚ ଊଣା ହେବ ବା ସମ୍ପୂର୍ଣ୍ଣ ବନ୍ଦ ହେବ ଯାହା ମଦ ରାଜସ୍ୱଠାରୁ ବହୁ ଅଧିକ।

ରାଜ୍ୟ ସରକାରମାନେ ବିଭିନ୍ନ କାରଣ ଓ ରାଜସ୍ୱ ଆଳରେ ମଦ ପ୍ରଚଳନ ବନ୍ଦ କରିବାକୁ ଚାହାନ୍ତି ନାହିଁ। ଅସଲ କାରଣ ମଦରୁ କଳା ଟଙ୍କାର ଆୟ ଅଧିକ, ଯାହା ରାଜନୈତିକ ଦଳର ନିର୍ବାଚନୀ ଖର୍ଚ୍ଚ ଓ ମଦ ମାଂସ ଦେଇ ଭୋଟ କିଣିବା। ତେଣୁ ମଦ ବନ୍ଦ ଚାହାନ୍ତି ନାହିଁ।

ପୂର୍ବରୁ ମୋରାରଜୀ ଭାଇ ଦେଶାଇ ମୁଖ୍ୟମନ୍ତ୍ରୀ ଥିବା ସମୟରୁ ଗୁଜରାଟରେ ମଦ ପ୍ରଚଳନ ବନ୍ଦ ଅଛି। ହେଲେ ଆନ୍ନା ହଜାରେଙ୍କ କହିବା ଅନୁସାରେ, ଗୁଜରାଟରେ କ୍ଷୀର ଅପେକ୍ଷା ଚୋରା ମଦ ବିକ୍ରିରୁ ଅଧିକ ଆୟ ଯାହା କଳାଟଙ୍କାର ଆୟ।

ବିହାରରେ ନୀତୀଶ କୁମାର ମଦ ସମ୍ପୂର୍ଣ୍ଣ ନିଷେଧ କରିଥିବା ବେଳେ ଅଧୁନାତନ ଅପମିଶ୍ରିତ ମଦ ପିଇ ୮୦ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ବହୁ ଲୋକ ଚିକିତ୍ସିତ ଅଛନ୍ତି ବୋଲି ବହୁ ଗଣମାଧ୍ୟମରେ ପ୍ରକାଶିତ। ତେଣୁ କୌଣସି ଗୋଟିଏ ରାଜ୍ୟ ମଦ ବନ୍ଦ କଲେ ମଦ ବନ୍ଦର ସୁଫଳ ମିଳିବ ନାହିଁ। କାରଣ ଅନ୍ୟ ରାଜ୍ୟରେ ପ୍ରସ୍ତୁତ ମଦ ସେହି ରାଜ୍ୟରେ ପହଞ୍ଚିବ, ଯେପରି ଓଡ଼ିଶା ତିଆରି ମଦ ତେଲେଙ୍ଗାନାରେ ବିକ୍ରି କରାଯାଉଅଛି।

କେନ୍ଦ୍ର ସରକାରଙ୍କ ଯୋଜନା ଅନୁସାରେ ବିଭିନ୍ନ ବର୍ଜ୍ୟବସ୍ତୁରୁ ମଦ (ଇଥାନିଲ) ପ୍ରସ୍ତୁତ କରି ପେଟ୍ରୋଲ ସହ ମିଶାଇ ବିକ୍ରି କରିବା ଦ୍ୱାରା ବିଦେଶୀ ମୁଦ୍ରା ଖର୍ଚ୍ଚ ଊଣା ହେବା ସହ କେବଳ ପେଟ୍ରୋଲରୁ ଉଦ୍‌ଭବ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ବାଷ୍ପ ନିର୍ଗମନ ଊଣା ହେବ। ତେଣୁ କେନ୍ଦ୍ର ସରକାର ଆଇନ କରି ଇଥାନିଲ (ମଦ) କୁ ମଦ ଭାବରେ ବିକ୍ରି ନ କରି ପେଟ୍ରୋଲ ସହିତ ମିଶାଇ ବିକ୍ରି କରାଗଲେ, ପ୍ରଦୂଷଣ ଊଣା ହେବା ସହ ମଦ ମୃତ୍ୟୁ, ପରିବାର ନଷ୍ଟ ଓ ଶିଶୁ ଅନାଥ ହେବାରୁ ରକ୍ଷା ପାଇବେ। ଏହା ସମାଜ ପାଇଁ ମଙ୍ଗଳକର ହେବା ସହ ପରିବାର ସୁରକ୍ଷିତ ରହିବ ଓ ରାଜସ୍ୱ ଊଣା ହେବ ନାହିଁ।

ମୋ : ୯୪୩୭୦୫୫୦୫୮

# ନିର୍ବାଚନରେ ନିଶାକୁ ନିଘା

ଡ. ପ୍ରଭାସ ଆଚାର୍ଯ୍ୟ

ନିର୍ବାଚନ ବିଗୁଲ ବାଜିଗଲା। ରାଜନୈତିକ ଦଳମାନେ ଅଣ୍ଟା ଭିଡ଼ିଲେଣି ମୈଦାନରେ ଓହ୍ଲାଇ ଯୁଦ୍ଧ କରିବାକୁ। ଯେନତେନ ପ୍ରକାରେଣ ନିର୍ବାଚନରେ ବିଜୟ ଲାଭ କରି କ୍ଷମତାକୁ ଆସିବା ପାଇଁ ସେମାନେ ଚାହିଁବେ। ମଦ, ମାଂସ, ଅର୍ଥ ଏବେ ମାଗଣାରେ ମିଳିବ ସଭିଙ୍କୁ। ଚରିତ୍ର ସ୍ଖଳନର ବେଳ ଇଏ। ଜୀବନରେ ନିଶା ସେବନ କରିନଥିବା ବହୁ ଯୁବକ ଯୁବତୀ ଏହି ନିର୍ବାଚନ ରଣାଙ୍ଗନରେ ସୈନିକ ସାଜି ନିଶାଗ୍ରସ୍ତ ହେବା ଥୟ। ଏଭଳି ସମୟରେ ପିତା-ମାତା ଓ ଅଭିଭାବକମାନେ ଯଦି ସତର୍କ ନ ହେବେ ତାହା ହେଲେ ସେମାନଙ୍କର ସର୍ବନାଶ ହେବା ସୁନିଶ୍ଚିତ। ଏହି ପରିପ୍ରେକ୍ଷୀରେ ନିଶା, କାରଣ ଓ ନିରାକରଣ ସମ୍ପର୍କରେ ଅବହିତ ହେବା ଅତ୍ୟାବଶ୍ୟକ। ଆପଣା ଲୋକର ଚାଲିଚଳଣି, ବ୍ୟବହାର ଉପରେ ନିଘା ରଖିବା ଜରୁରୀ। ତେଣୁ ନିଶାର ପ୍ରକାର ଭେଦ ସହ ବ୍ୟବହାରକାରୀର ଗତିବିଧି ଓ ଲକ୍ଷଣ ସମ୍ପର୍କରେ ସମ୍ୟକ ଜ୍ଞାନ ଏଥି ନିମିତ୍ତ ଅତ୍ୟାବଶ୍ୟକ।

ଆପଣ ଯଦି କୌଣସି ଦ୍ରବ୍ୟକୁ ଆଘ୍ରାଣ, ଖାଦ୍ୟ ବା ଅନ୍ତଃକ୍ଷେପଣ ମାଧ୍ୟମରେ ଶରୀରକୁ ପ୍ରବେଶ କରିବା ପରେ ଶରୀରର ଅଙ୍ଗପ୍ରତ୍ୟଙ୍ଗର ବ୍ୟବହାରରେ ପରିବର୍ତ୍ତନ ଘଟେ ବା ଶରୀରର ରସାୟନରେ ଭିନ୍ନତା ଆସେ ତାହେଲେ ସେହି ଦ୍ରବ୍ୟକୁ ଆମେ ଡ୍ରଗସ୍ ବା ନିଶା ବୋଲି କହିଥାଉ। କାଫେନ୍, ଆସ୍ପିରିନ୍, ନିକୋଟିନ୍ ବା ଆଲକୋହଲ ଆଦି ଏହି ଶ୍ରେଣୀର ଅନ୍ତର୍ଗତ। ଏହି ବର୍ଗର ନିଶା ଶରୀରର ଯେଉଁ ମାର୍ଗରେ ଯେଉଁଭଳି ଭାବରେ ପ୍ରବେଶ କଲେ ମଧ୍ୟ ତାହା ମସ୍ତିଷ୍କରେ ଯାଇ ପ୍ରବେଶ କରିଥାଏ। ସେଠାରେ ପହଞ୍ଚିଲା ପରେ ମସ୍ତିଷ୍କରୁ ଶରୀରର ବିଭିନ୍ନ ଅଂଶକୁ ଯାଉଥିବା ବାର୍ତ୍ତା ଉପରେ ହସ୍ତକ୍ଷେପ କରିଥାଏ ନିଶା। ଶତ୍ରୁପକ୍ଷ ଗୋଟିଏ ଦେଶ ଉପରେ ଆକ୍ରମଣ କଲାପରେ ଯେପରି ସର୍ବପ୍ରଥମେ ଭିଡ଼ିଓ, ଟେଲିଭିଜନ ଓ ବେତାର ଯୋଗାଯୋଗ ବ୍ୟବସ୍ଥାକୁ କବଳିତ କରି ଦେଶବାସୀଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ବାର୍ତ୍ତା ଦେଇଥାନ୍ତି, ଠିକ୍ ସେହିପରି ନିଶା ମସ୍ତିଷ୍କରେ ପାଦ ଥାପିଲା ପରେ ଯୋଗାଯୋଗକୁ କରାୟତ୍ତ କରି ସ୍ୱାଭାବିକଠାରୁ ଭିନ୍ନ ବାର୍ତ୍ତା ପ୍ରେରଣ କରିଥାଏ। ସିନାପ୍‌ସେସ ମାଧ୍ୟମରେ ମସ୍ତିଷ୍କରେ ଥିବା ନ୍ୟୁରୋଟ୍ରାନ୍‌ସମିଟରମାନେ ଯେଉଁ ସିଗ୍‌ନାଲ ଦେଇଥାନ୍ତି ସେଇ ସିଗ୍‌ନାଲ ସବୁ ପରିବର୍ତ୍ତନ ହୋଇଥାଏ।

ଚଳଚ୍ଚିତ୍ର ବା ଟେଲିଭିଜନ ଧାରାବାହିକମାନଙ୍କରେ ହତାଶାରୁ ନିଶା ଆଡ଼କୁ ମନୁଷ୍ୟ ଧାବମାନ ହେଉଥିବାର ପ୍ରଦର୍ଶିତ ହୋଇଥାଏ। ଏହା ଯୁବଗୋଷ୍ଠୀଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥାଏ ଓ ବ୍ୟକ୍ତିଗତ ଜୀବନରେ ବେକାରୀ, ଦାରିଦ୍ର୍ୟ ବା ପ୍ରେମଜନିତ ହତାଶାବେଳେ ସେମାନେ ସେଇ ଶିକ୍ଷାକୁ ଆଦର୍ଶ ମନେ କରି ନିଶାଗ୍ରସ୍ତ ହୋଇଥାନ୍ତି। ଆତ୍ମୀୟଙ୍କ ମୃତ୍ୟୁ ମଧ୍ୟ ଏ କ୍ଷେତ୍ରରେ ଏକ କାରଣ ହୋଇଥାଏ। ମାନସିକ ଅବସାଦ, ଆତଙ୍କ, ଦୁର୍ବ୍ୟବହାର, ହୀନମନ୍ୟତା, ସମ୍ପର୍କଜନିତ ସମସ୍ୟା, ଆତ୍ମୀୟସ୍ୱଜନଙ୍କ ବିରହ, ମାତ୍ରାଧିକ କର୍ମ ଚାପ, ଅସହନୀୟ କଷ୍ଟ ମନୁଷ୍ୟକୁ ସାମୟିକ ଶାନ୍ତି ଓ ଆନନ୍ଦ ପ୍ରାପ୍ତିର ଆଶାରେ ପ୍ରେରିତ କରିଥାଏ ନିଶାଗ୍ରସ୍ତ ହେବାକୁ, କିନ୍ତୁ ଥରଟେ ଏହି ନିଶା କବଳରେ ଆସିବା ପରେ ଯନ୍ତ୍ରଣା ବଢ଼ିବା ସହ ନୂଆ ସମସ୍ୟାର ସୂତ୍ରପାତ ହୁଏ। ତେବେ କୁସଙ୍ଗ ମଧ୍ୟ ନିଶା ସେବନର ଏକ ବଡ଼ କାରଣ। କୌତୁହଳ ବଶତଃ, ପରୀକ୍ଷା ନିରୀକ୍ଷା କରୁକରୁ ନିଶା ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥାଏ। ପ୍ରାୟତଃ ଦେଖାଯାଇଥାଏ ଯେ ନିଶା ସେବନର ଅୟମାରମ୍ଭ ନିଜଠାରୁ ହିଁ ଆରମ୍ଭ ହୋଇଥାଏ। ଅର୍ଥାତ୍ ନିଶା ଗ୍ରହଣ କରିବା ପ୍ରଥମେ ଇଚ୍ଛାଧୀନ ଥାଏ। ତେବେ ଧୀରେଧୀରେ ସ୍ନାୟୁସମୂହ ନିଶାର ପ୍ରଭାବରେ ସେମାନଙ୍କ ନିଜତ୍ୱ ହରାଇ ବସନ୍ତି। ପରବର୍ତ୍ତୀ ସମୟରେ ନିଶା ପାଇଁ ଅଧୀର ହୋଇପଡ଼ନ୍ତି ଏଥିରେ ଅଭ୍ୟସ୍ତ ବ୍ୟକ୍ତି। ମସ୍ତିଷ୍କରୁ ଡୋପାମାଇନ କ୍ଷରଣ ଦ୍ୱାରା ମନୁଷ୍ୟ ଅସ୍ୱାଭାବିକ ଆନନ୍ଦ ପାଇଥାଏ। ଏହି କ୍ଷରଣର ମାତ୍ରା ସାଧାରଣ ମାତ୍ରାଠାରୁ ଅଧିକ ହୋଇଥାଏ। ତା'ଦ୍ୱାରା ଏକ ପ୍ରକାର ଅତ୍ୟୁଲ୍ଲାସ ସ୍ତରକୁ ମନୁଷ୍ୟ ଚାଲିଯାଏ। ଏହି ଅନୁଭବ ବାରମ୍ବାର ପାଇବା ଆଶାରେ ଆତୁର ନିଶାଗ୍ରସ୍ତ ଚାହେଁ ବାରମ୍ବାର ସେହି ଅନୁଭବକୁ ପାଇବା ପାଇଁ। ଧୀରେ ଧୀରେ ମସ୍ତିଷ୍କ ସେହି ରସାୟନ ପାଇଁ ବ୍ୟସ୍ତ ହୁଏ ଓ ନିଜର ଅସ୍ତିତ୍ୱକୁ ବିସ୍ମୃତ ହୁଏ। ତେବେ ସମସ୍ତେ ନିଶା ଥରେ ନେଇଗଲାପରେ ନିଶାଗ୍ରସ୍ତ ହୋଇଯାଆନ୍ତି, ଏମିତି ବି ନୁହେଁ। ନିଶାଗ୍ରସ୍ତ ହେବା ପାଇଁ କେତେକ ସାମାଜିକ, ପାରିବେଶିକ ଓ ଶାରୀରିକ ଉପାଦାନ ଏଥିପାଇଁ ଦାୟୀ।

ବ୍ୟକ୍ତିର ଜିନ୍ ନିଶାଗ୍ରସ୍ତ ହେବାର ଏକ ଉପାଦାନ ବୋଲି ବିଜ୍ଞାନର ମତ। ପରିବାର, ବନ୍ଧୁ, ସାମାଜିକ-ଆର୍ଥିକ ସ୍ଥିତି ମଧ୍ୟ ନିଶାଗ୍ରସ୍ତ ହେବାର ଏକ ବଡ଼ କାରଣ। ଶାରୀରିକ ବା ଯୌନ ପୀଡ଼ନ, କର୍ମକ୍ଷେତ୍ରର ବା ପାରିବାରିକ ଚାପ ମଧ୍ୟ ନିଶା ପାଇଁ ବ୍ୟକ୍ତିକୁ ପ୍ରେରିତ କରିଥାଏ। ଦୀର୍ଘଦିନର ନିଶା ସେବନ ପରେ ଅଙ୍ଗପ୍ରତ୍ୟଙ୍ଗ ଉପରେ କୁ-ପ୍ରଭାବ ପଡ଼େ। ସର୍ବପ୍ରଥମେ ମନୁଷ୍ୟ ଶରୀରରେ ଥିବା ଅନ୍ତର୍ନିହିତ ପ୍ରତିରୋଧକାରୀ ଶକ୍ତି କ୍ଷୟ ହେବାଦ୍ୱାରା ବିଭିନ୍ନ ପ୍ରକାରର ସଂକ୍ରମଣରେ ମନୁଷ୍ୟ ଆକ୍ରାନ୍ତ ହୋଇଥାଏ। ଶରୀରର ଶିରା ପ୍ରଶିରା ସହିତ ହୃତ୍‌ପିଣ୍ଡ ଓ ରକ୍ତସଞ୍ଚାଳନ ବ୍ୟବସ୍ଥାକୁ ଏହା ଦୁର୍ବଳ କରିଥାଏ। ବାନ୍ତି, ପେଟରୋଗ, ବମନ ଓ ଯକୃତ ଦୁର୍ବଳ ହୋଇଥାଏ। ମନୁଷ୍ୟ ନିଶାଗ୍ରସ୍ତ ହେବା ପରେ ସ୍ମୃତି ଶକ୍ତି

ହରାଇଥାଏ ଓ ନିଜେ କୌଣସି ସିଦ୍ଧାନ୍ତ ନେବା ଅବସ୍ଥାରେ ନ ଥାଏ। ମସ୍ତିଷ୍କ ଧୀରେ ଧୀରେ ଅଚଳ ହୋଇପାରେ। ସାମାଜିକ ଦୃଷ୍ଟିରୁ ଦେଖିଲେ ନିଶା ସେବନର କୁପ୍ରଭାବ ସମାଜ ଉପରେ ସର୍ବାଧିକ ହୋଇଥାଏ। ନିଶାଗ୍ରସ୍ତ ବ୍ୟକ୍ତିର ଦୁର୍ବ୍ୟବହାର ଦ୍ୱାରା ସାମାଜିକ ଶାନ୍ତି ବ୍ୟାହତ ହୋଇଥାଏ। ବିବିଧ ଆତଙ୍କ, ଅସାମାଜିକ କାର୍ଯ୍ୟ, ଦୁଷ୍କର୍ମ, ଚୋରି ଡକାୟତି ଏସବୁ ପାଇଁ ନିଶା ସର୍ବାଧିକ ଦାୟୀ। ନିଶା ସେବନ ଯୁବଗୋଷ୍ଠୀ ଓ ବୟସ୍କଙ୍କୁ କର୍ମ ବିମୁଖ କରିଥାଏ। ନିଶା ଦ୍ୱାରା ସମାଜରେ ରୋଜଗାର ହାନି, ସମ୍ପର୍କ ନଷ୍ଟ, ଆର୍ଥିକ ଦୁର୍ବଳତା ତଥା ଉଶୃଙ୍ଖଳତା ବୃଦ୍ଧି ପାଏ।

ଅନେକ ସମୟରେ ପିଲାମାନେ ନିଶା କବଳିତ ହେବା କଥା ଅଭିଭାବକ ଜାଣିପାରନ୍ତି ନାହିଁ। ଯେତେବେଳେ ଜାଣନ୍ତି ସେତେବେଳେ ନେଡି ଗୁଡ କହୁଣିକୁ ବୋହି ଯାଇଥାଏ। ତେଣୁ ଅଭିବାକମାନେ ବଢୁଥିବା ପୁଅ ଝିଅଙ୍କ ଲକ୍ଷଣ ପ୍ରତି ନଜର ରଖିବା ଏକାନ୍ତ ଆବଶ୍ୟକ। ପିଲାମାନେ କୌଣସିଥିରେ ଆଗ୍ରହ ପ୍ରକାଶ ନକରିବା ଓ ପରିବାରଠାରୁ ବିଚ୍ଛିନ୍ନ ରହିବା ଏହାର ବଡ଼ ଲକ୍ଷଣ। ପରିବାର ଲୋକ ସହ ନ ମିଶି ସାଙ୍ଗସାଥୀଙ୍କ ସହ ବିଶେଷ ସମୟ କାଟିବା ଓ ନିବୁଜ କୋଠରିରେ ରହିବା ମଧ୍ୟ ନିଶାସକ୍ତ ହେବାର ଲକ୍ଷଣ ହୋଇପାରେ। ବ୍ୟବହାର ଓ ମିଜାଜରେ ବାରମ୍ବାର ଓ ହଠାତ୍ ପରିବର୍ତ୍ତନ ଉପରେ ଅଭିଭାବକଙ୍କ ଦୃଷ୍ଟି ନିବଦ୍ଧ ହେବା ଦରକାର। କାମରେ ବା ପାଠରେ ମନ୍ଥର ବା ମଠୁଆ ହୋଇଯିବା ମଧ୍ୟ ଏକ ଲକ୍ଷଣ ନିଶା ସେବନର। ଖାଇବା, ଶୋଇବା ଅଭ୍ୟାସରେ ପରିବର୍ତ୍ତନ, ଦୁର୍ବଳ ସ୍ୱାସ୍ଥ୍ୟ, ଥରିବା, କଥା କହିବା ବେଳେ ପାଟି ଖନି ମାରିବା ମଧ୍ୟ ନିଶାର ଲକ୍ଷଣ ହୋଇପାରେ। ଆଖିର ପୁଅ ବଡ଼ ବା ଛୋଟ ହୋଇଯିବା, ଆଖିରୁ ପାଣି ବୋହିବା, ଆଖି ନାଲି ହୋଇଯିବା, ଶୋଇବା ସମୟରେ ପରିବର୍ତ୍ତନ, କ୍ରମାଗତ କାଶ, ଓଜନ କମିଯିବା, ନାକରୁ ପାଣି ବୋହିବା, ଲୁଗାପଟା, ନିଃଶ୍ୱାସ ବା ଶରୀରରୁ ଦୁର୍ଗନ୍ଧ ବାହାରିବା, ମୁଖମଣ୍ଡଳ ଶୁଷ୍କ ଦିଶିବା ଓ ଶରୀରର ନିର୍ଦ୍ଦିଷ୍ଟ ଅଙ୍ଗ ଥରିବା ଆଦି ଅନେକ ଲକ୍ଷଣ ନିଶା ସେବନର ସୂଚନା ଦିଏ।

ତେଣୁ ପିତା-ମାତା, ଗୁରୁଜନ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଏ ଦିଗରେ ସତର୍କ ହେଲେ ଅଘଟଣ ଘଟିବା ଆଗରୁ ପିଲାମାନଙ୍କୁ ବିପଥଗାମୀ ହେବାରୁ ରକ୍ଷା କରାଯାଇପାରେ। ନିର୍ବାଚନ କମିସନ, ସରକାର ଓ ପୁଲିସ ମଧ୍ୟ ନିର୍ବାଚନ ସମୟରେ ନିଶା ସାମଗ୍ରୀ ବିକ୍ରି ବିତରଣ ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ସହ ଏ ଦିଗରେ ସଶକ୍ତ ପଦକ୍ଷେପ ନେବା ଜରୁରୀ।

ଅଧ୍ୟକ୍ଷ, ଶରୀର ଅଙ୍ଗଦାନ ଅଭିଯାନ, ଓଡ଼ିଶା
ଫୋନ୍ : ୯୪୩୭୦୨୦୩୪୮

## ନ୍ୟୁଜିଲାଣ୍ଡରେ ଯୁବପିଢ଼ିଙ୍କୁ ଧୂମ୍ରପାନ ମନା

(ସଂଗୃହୀତ)

ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ନ୍ୟୁଜିଲାଣ୍ଡ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ଦେଶରେ କୌଣସି ଯୁବକ ଯୁବତୀ ସିଗାରେଟ୍ କିମ୍ବା ତମାଖୁ ଜାତୀୟ ଦ୍ରବ୍ୟ କିଣିପାରିବେ ନାହିଁ। ଏ ସଂକ୍ରାନ୍ତୀୟ ଏକ ବିଲ୍ ନ୍ୟୁଜିଲାଣ୍ଡ ସଂସଦରେ ପାରିତ ହୋଇଛି। ଏହି ବିଲ୍‌କୁ ବିରୋଧୀ ଦଳଗୁଡ଼ିକ ମଧ୍ୟ ସମର୍ଥନ କରିଥିଲେ। ଆସନ୍ତା ବର୍ଷ ଧୂମ୍ରପାନ ନିରୋଧୀ ଆଇନ ଲାଗୁ କରାଯିବ। ଏପରି କରିବାରେ ନ୍ୟୁଜିଲାଣ୍ଡ ବିଶ୍ୱର ପ୍ରଥମ ଦେଶ ହୋଇଛି।

ନିୟମ ଅନୁସାରେ, ୨୦୦୯ ଜାନୁଆରୀ ୧ କିମ୍ବା ଏହା ପରେ ଜନ୍ମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହି ଆଇନ ଲାଗୁ ହେବ। ଏହାର ଉଲ୍ଲଙ୍ଘନ କଲେ ୧ ଲକ୍ଷ ୪୧ ହଜାର ୭୪୪ ଆମେରିକୀୟ ଡଲାର ବା ପ୍ରାୟ ୧ କୋଟି ୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ନୂଆ ବିଲ୍ ଉପରେ ସଂସଦରେ ଚର୍ଚ୍ଚା ହୋଇଥିଲା। ଏଥିରେ ପରବର୍ତ୍ତୀ ପିଢ଼ିକୁ ଧୂମ୍ରପାନରୁ ରୋକିବା, ସିଗାରେଟ୍‌ରେ ନିକୋଟିନ୍ ମାତ୍ରା କମାଇବା ଏବଂ କେବଳ କେତେକ ନିର୍ଦ୍ଦିଷ୍ଟ ଦୋକାନରେ ଉପଲବ୍ଧ କରାଯିବାକୁ ଅନୁମତି ମିଳିବା ଆଦି ଚର୍ଚ୍ଚାରେ ସାମିଲ ହୋଇଥିଲା। ପରେ ଉକ୍ତ ବିଲ୍ ସଂସଦରେ ପାରିତ ହୋଇଥିଲା। ଏହି ଆଇନ ଲାଗୁହେବା ପରେ ୨୦୨୫ ସୁଦ୍ଧା ଦେଶରେ ଧୂମ୍ରପାନ କରୁଥିବା ଲୋକଙ୍କ ସଂଖ୍ୟା ୫% ରୁ ବି କମ୍ ହୋଇଯିବ ବୋଲି ସରକାର ଆଶା କରନ୍ତି। ସେହିପରି ଦେଶରେ ଏବେ ୬ହଜାର ତମାଖୁ ପ୍ରଡକ୍ଟ ବିକ୍ରି କରୁଥିବା ଦୋକାନ ଥିବାବେଳେ ତାକୁ ୨୦୦କୁ ହ୍ରାସ କରାଯିବ। ଯୁବପିଢ଼ିଙ୍କୁ ଧୂମ୍ରପାନରୁ ବିରତ ରଖାଗଲେ ହଜାର ହଜାର ଲୋକ ଅଧିକ ବର୍ଷ ବଞ୍ଚିପାରିବେ। ଧୂମ୍ରପାନ ଯୋଗୁ ରୋଗାକ୍ରାନ୍ତ ହେଉଥିବା ଲୋକଙ୍କ ଚିକିତ୍ସା ବାବଦ ଖର୍ଚ୍ଚ ୩.୨ ବିଲିୟନ ଆମେରିକୀୟ ଡଲାର ପର୍ଯ୍ୟନ୍ତ ବଂଚାଯାଇପାରିବ ସ୍ୱାସ୍ଥ୍ୟମନ୍ତ୍ରୀ ଆୟେଶା ବେଶାଲ କହିଛନ୍ତି।

ନ୍ୟୁଜିଲାଣ୍ଡରେ ଧୂମ୍ରପାନ ହାର ପୂର୍ବ ତୁଳନାରେ ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ଦୈନିକ ୯.୪% ଯୁବବର୍ଗ ଧୂମ୍ରପାନ କରୁଥିବା ବେଳେ ଚଳିତ ବର୍ଷ ତାହା ୮%କୁ କମିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ନ୍ୟୁଜିଲାଣ୍ଡ ଭଳି ମାଲେସିଆ ମଧ୍ୟ ୨୦୦୭ ପରେ ଜନ୍ମିତ ବ୍ୟକ୍ତିଙ୍କ ପାଇଁ ଧୂମ୍ରପାନ, ଇ-ସିଗାରେଟ୍, ତମାଖୁ କ୍ରୟ ଉପରେ ବ୍ୟାନ୍ ଲଗାଇବାକୁ ଚିନ୍ତା କରୁଛି।

# ମାଆ ଭଉଣୀଏ ଏକାଠି ହେବା, ନିଶାମୁକ୍ତ ଗାଆଁ ଆମେ ଗଢିବା

**ଅପର୍ଣ୍ଣା ନାୟକ**

ଓଡ଼ିଶାର ମାଆ ଭଉଣୀଙ୍କୁ ମହିଳା ମଦମୁକ୍ତି ଆନ୍ଦୋଳନ (ମହିଳା ଶାଖା, 'ମୋନା') ତରଫରୁ ସାଦର ନମସ୍କାର। ଦୀର୍ଘ ବର୍ଷ ଧରି ଆପଣମାନେ ନିଜ ନିଜ ଅଂଚଳରେ ନିଶାମୁକ୍ତି ଆନ୍ଦୋଳନ ଚଳାଇ ରଖିଛନ୍ତି। ଅନ୍ୟ ସବୁ ନିଶା ଦ୍ରବ୍ୟ ସରକାରୀ ଆଇନ୍ ଅନୁଯାୟୀ ବେଆଇନ୍ ହେଲେ ମଧ୍ୟ ମଦ ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନମାନଙ୍କରେ ବିକ୍ରି ହୁଏ। ଏହାର ସୁଯୋଗ ନେଇ ଚୋରା ମଦବେପାରୀମାନେ ସହଜରେ ଅର୍ଥ ରୋଜଗାର ଲୋଭରେ ଗାଁ ଗାଁରେ ଘରେ ଘରେ ମଦ ପହଂଚାଇ ଦିଅନ୍ତି। ୭୫ ବର୍ଷର ସ୍ୱାଧୀନତା ପରେ ଗାଁ ଗହଳିରେ ବିଶୁଦ୍ଧ ପିଇବା ପାଣି ଟୋପାଏ ମିଳୁନଥିବା ବେଳେ ନଈବଢି ପାଣି ପରି ପ୍ରତି ଗାଁ ଆଜି ମଦରେ ଭାସୁଛି। ଫଳରେ ମଦୁଆଙ୍କ ଯୋଗୁଁ ଘର ପରିବାର ଉଚ୍ଛନ୍ନ ହେଉଛି। ମହିଳା ଓ ଶିଶୁମାନଙ୍କ ଉପରେ ଅତ୍ୟାଚାର ସୀମା ଲଂଘନ କରିଛି। ମଦୁଆ ସ୍ୱାମୀ ପୁଅଙ୍କ ହାତରେ ମହିଳା, ବୁଢା ବାପ ମାଆ ଓ ପିଲାମାନଙ୍କ ଜୀବନ ଯାଉଛି। ମଦ ଦୋକାନ ସାମନାରେ ଓ ରାଜରାସ୍ତାରେ ମଦ ପ୍ରସାରଣ ବିରୋଧରେ ଆନ୍ଦୋଳନ ହେବା ସତ୍ତ୍ୱେ ସରକାର ଏଥିପ୍ରତି ଆଖି କାନ ବୁଜି ଦେଇଛନ୍ତି। ମହିଳାମାନଙ୍କ ଭୋଟରେ ଜିତି କ୍ଷମତାକୁ ଆସୁଥିବା ସରକାର ଏଥିପାଇଁ ଗର୍ବ କରୁଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ମହିଳାମାନଙ୍କୁ ଘରେ ବାହାରେ ଅସୁରକ୍ଷିତ କରୁଥିବା ମଦକୁ ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ସରକାରୀଠାରୁ ବେସରକାରୀ ସ୍ତର ପର୍ଯ୍ୟନ୍ତ ଚାରିଆଡ଼େ ମହିଳା ସଶକ୍ତିକରଣର ନାରାବାଜି ଚାଲିଥିଲାବେଳେ ଘରେ ବାହାରେ ସବୁଆଡ଼େ ମହିଳାମାନେ ନିଶାସକ୍ତଙ୍କ ଦ୍ୱାରା ପୀଡ଼ିତ ଓ ଅତ୍ୟାଚାରିତ। ଏପରି ସ୍ଥଳେ ସଶକ୍ତିକରଣ ନିଶା ନିବାରଣ ବିନା କିପରି ସମ୍ଭବ ହେବ?

ଏହି ସଂକଟମୟ ପରିସ୍ଥିତିରେ ଓଡ଼ିଶାର ମାଆ ଭଉଣୀଙ୍କୁ ମୋର ନିବେଦନ- ଚାଲନ୍ତୁ, ଆମେ ସମସ୍ତେ ଏକାଠି ହେବା ଓ ସଂଗଠିତ ଶକ୍ତିଦ୍ୱାରା ନିଜ ନିଜ ପରିବାର ଓ ଗାଁଆକୁ ନିଶାମୁକ୍ତ କରିବା। କେବଳ ଏତିକି ନୁହେଁ, ସଂସ୍କୃତି ଓ ପରମ୍ପରା ନାଆଁରେ ମହିଳାମାନେ ସମ୍ମୁଖୀନ ହେଉଥିବା ନାନାଦି ଶୋଷଣ ଓ ଅତ୍ୟାଚାରକୁ ଦୂର କରି ଉତ୍ତମ ସମାଜଟିଏ ଗଢିବା, ଯେଉଁଠି ଆମେ ମହିଳାମାନେ ସମ୍ମାନ ଓ ଆତ୍ମମର୍ଯ୍ୟାଦାର ସହ ନିରାପଦ ଜୀବନଟିଏ ବଞ୍ଚିପାରିବା।

ମହାତ୍ମାଗାନ୍ଧୀଙ୍କର ସେହି ଶାଶ୍ୱତ ବାଣୀକୁ ମନେ ପକାଇବା "ଯେଉଁଦିନ ମହିଳାଟିଏ ମଧ୍ୟରାତ୍ରରେ ନିରାପଦରେ ରାଜରାସ୍ତାରେ ଚାଲିଯାଇ ପାରୁଥିବ, ସେଦିନ ଜାଣିବା ପ୍ରକୃତରେ ସ୍ୱରାଜ ଆସିଛି।" ଆସନ୍ତୁ, ଦେଶରେ ଓ ରାଜ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆମର ଭୂମିକା, କର୍ତ୍ତବ୍ୟ ଓ ଅଧିକାରକୁ ବୁଝିବା, ଗାନ୍ଧିଜୀଙ୍କ ସ୍ୱପ୍ନର ଗ୍ରାମ ସ୍ୱରାଜ୍ୟର ବିଚାରକୁ ନେଇ ସୁସ୍ଥ ପରିବାର ଓ ନିଶାମୁକ୍ତ ଗାଁ ଗଢିବା ପାଇଁ ଆଗେଇ ଯିବା। ଆମେ ମହିଳାମାନେ ପ୍ରତି ପରିବାରରେ ମା', ଭଉଣୀ, ଝିଅ ଓ ସ୍ତ୍ରୀର ଭୂମିକାରେ ଆମର କର୍ତ୍ତବ୍ୟ ନିର୍ବାହ କରିଥାଉ। ଆଶା କରୁଛୁ, ଗ୍ରାମର ବରିଷ୍ଠ ନାଗରିକ, ବୁଦ୍ଧିଜୀବି ତଥା ଯୁବକମାନେ ଆମ୍ଭମାନଙ୍କୁ ଏହି ମହତ୍ କାର୍ଯ୍ୟରେ ଅକୁଣ୍ଠ ସମର୍ଥନ ଓ ସହଯୋଗ କରିବେ।

ଆମର ସଂକଳ୍ପ - ନିଶାମୁକ୍ତ ପରିବାର, ନିଶାମୁକ୍ତ ଗାଁଆ, ନିଶାମୁକ୍ତ ମାନବ ସମାଜ। ଜୟ ଜଗତ।

ଆମ ନିବେଦନ ଶୁଣ ସରକାର, ଏଥର ଓଡ଼ିଶାକୁ ମଦମୁକ୍ତ କର।

ଆବାହିକା, ମହିଳା ମଦ ମୁକ୍ତି ଆନ୍ଦୋଳନ (ମା'), ମୋ - ୮୭୬୩୬୬୮୫୭୨



# ମଦମୁକ୍ତ ଓଡ଼ିଶା ଯୋଜନା ନାହିଁ

ଭୁବନେଶ୍ୱର : ଓଡ଼ିଶାରେ ମଦ ବିକ୍ରି ଦିନକୁ ଦିନ ବଢୁଥିବା ବେଳେ ମଦୁଆଙ୍କ ସଂଖ୍ୟା ମଧ୍ୟ ବଢିଗଲାଣି। ବହୁ ଯୁବ ପିଢି ନିଶାଗ୍ରସ୍ତ ହୋଇ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଏପରିକି ରାଜ୍ୟର ସବୁଠୁ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ 'ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍' ଯୋଗୁଁ ହେଉଛି। ତେଣୁ ମଦକୁ ରାଜ୍ୟରେ ନିଷେଧ କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦାବି କରୁଛନ୍ତି। ମଦମୁକ୍ତ ଓଡ଼ିଶା ନେଇ ବହୁ ଦାବି ହେଉଥିଲେ ହେଁ ରାଜ୍ୟ ସରକାରଙ୍କର ଏନେଇ ଏବେ କୌଣସି ଯୋଜନା ନାହିଁ ବୋଲି ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାରେ ଜଣାଇଛନ୍ତି।

ବିଧାୟକ ଭାସ୍କର ମଢ଼େଇ ଏକ ଅଣତାରକା ପ୍ରଶ୍ନରେ ପଚାରିଥିଲେ ଯେ ଓଡ଼ିଶାର ଯୁବସମାଜ ନିଶା କାରବାରରେ ଲିପ୍ତ ରହୁଛନ୍ତି। ଓଡ଼ିଶାକୁ 'ମଦମୁକ୍ତ ଓଡ଼ିଶା' ଗଠନ କରିବେ କି ? ଏନେଇ ସରକାରଙ୍କ ଆଭିମୁଖ୍ୟ କ'ଣ ? ଏହାର ଉତ୍ତର ଦେଇ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଯୁବ ସମାଜ ନିଶା କାରବାରରେ ଲିପ୍ତ ରହୁଥିବା ଅଭିଯୋଗ ତଥ୍ୟ ଭିତ୍ତିକ ନୁହେଁ, ବରଂ ମଦ୍ୟପାନରେ ଅଭ୍ୟସ୍ତ ଥିବା ଲୋକମାନଙ୍କୁ ସୁଲଭ ତଥା ଉତ୍ତମମାନର ମଦ ଅନୁମୋଦିତ ଦରରେ ଯୋଗାଇ ଏହାକୁ ନିୟନ୍ତ୍ରଣାତ୍ମକ କରାଯାଇଛି। ଓଡ଼ିଶାକୁ 'ମଦମୁକ୍ତ ଓଡ଼ିଶା' ଗଠନ ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ। ଆମ ରାଜ୍ୟର ପାଶ୍ୱବର୍ତ୍ତୀ ରାଜ୍ୟଗୁଡ଼ିକରେ ତଥା ଦେଶର ଅଧିକାଂଶ ରାଜ୍ୟରେ ନିଶା ନିବାରଣ ହୋଇନଥିବାରୁ ସେଠାରୁ ଆମ ରାଜ୍ୟକୁ ଚୋରାରେ ମଦ ଆସିବାର ଆଶଙ୍କା ଅଛି। ଏହାଛଡ଼ା ନିଶା ନିବାରଣର ସୁଯୋଗ ନେଇ ଚୋରା ନିଶା/ମଦ ବେପାରୀମାନେ ସେମାନଙ୍କ ବେଆଇନ କାରବାରକୁ ବ୍ୟାପକ ଭାବେ ପ୍ରସାରଣ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ତେଣୁ ଓଡ଼ିଶାକୁ 'ମଦମୁକ୍ତ ଓଡ଼ିଶା' ଗଠନ ଏକ ବାସ୍ତବଧର୍ମି ପଦକ୍ଷେପ ହୋଇ ନପାରେ।

ଅବକାରୀ ମନ୍ତ୍ରୀଙ୍କ ଏହିଭଳି ଉତ୍ତରକୁ ଆଜି ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏ ନେଇ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ତଥା ମଦମୁକ୍ତ ଓଡ଼ିଶା ନେଇ ଦୀର୍ଘ ବର୍ଷ ହେଲା ଲଢେଇ ଜାରି ରଖିଥିବା ପଦ୍ମଚରଣ ନାୟକ କହିଛନ୍ତି ଯେ, ବିଷାକ୍ତ ମଦ ପିଇ ଯେତିକି ଲୋକ ମରୁଛନ୍ତି ବା ଆର୍ଥିକ କ୍ଷତି ହେଉଛି, ଶୁଦ୍ଧ ମଦ ଚାଲୁଥିବାରୁ ସମାଜର ତା'ଠାରୁ ଅଧିକ କ୍ଷତି ହେଉଛି। ରାଜ୍ୟ ସରକାର ଏ ନେଇ ନିଜର ଆଭିମୁଖ୍ୟ ବଦଳାଇବା ଦରକାର

ଅବକାରୀ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ, ଆମ ରାଜ୍ୟର ପାଶ୍ୱବର୍ତ୍ତୀ ରାଜ୍ୟରେ ନିଶା ନିବାରଣ ହୋଇ ନଥିବାରୁ ଆମ ରାଜ୍ୟକୁ ଚୋରାରେ ମଦ ଆସିବାର ଆଶଙ୍କା ଅଛି। ଏଠାରେ ପ୍ରଶ୍ନ ଉଠୁଛି ବିହାରରେ ୨୦୧୬ ମସିହାରେ ମଦ ନିଷେଧ ହେବାବେଳେ ସେଠାକାର ରାଜ୍ୟ ସରକାର କ'ଣ ଏକଥା ଭାବିନଥିଲେ ? ଯଦି ବିହାରର ପାର୍ଶ୍ୱବର୍ତ୍ତୀ ରାଜ୍ୟଗୁଡ଼ିକରେ ମଦ ବିକ୍ରି ହେବା ସତ୍ତ୍ୱେ ବିହାରରେ ମଦ ସମ୍ପୂର୍ଣ୍ଣ ଭାବେ ନିଷେଧ ହୋଇପାରିଛି ତେବେ ଓଡ଼ିଶାରେ କାହିଁକି ହୋଇ ପାରିବନି ? ଯଦି ରାଜ୍ୟ ସରକାର ବିହାର ଫର୍ମୁଲା ଆପଣାଇବେ ତେବେ ବିହାର ପରି ଓଡ଼ିଶାରେ ସମ୍ପୂର୍ଣ୍ଣ ମଦ ନିଷେଧ ହୋଇପାରନ୍ତା। କିନ୍ତୁ ମନ୍ତ୍ରୀଙ୍କ ଉତ୍ତର ଦର୍ଶାଉଛି ଯେ, ରାଜ୍ୟ ସରକାର 'ମଦମୁକ୍ତ ଓଡ଼ିଶା' ଦିଗରେ ଅଧିକ କିଛି ଆଲୋଚନା ପର୍ଯ୍ୟାଲୋଚନା କରିବାକୁ ଚାହୁଁନାହାନ୍ତି।

# ନିଶାମୁକ୍ତ ଗାଁ ପାଇଁ ଗୀତଟିଏ

ଅପର୍ଣ୍ଣା ନାୟକ

ଆମେ ଶାନ୍ତିର ଗୀତ ଗାଇବା
ଆମେ ଅହିଂସାର ଦୀପ ଜାଳିବା
ଆମେ ଏ ଦେଶର ମାତା ଓ ଭଗିନୀ
ସମାଜକୁ ବଦଳାଇବା ।୦।
ହଟିଯିବ ନିଶା ଏ ଦେଶରୁ
ଯାତନା ଲିଭିବ ଜୀବନରୁ
ଶିଶୁଙ୍କ ମୁହଁରେ ହସ ଫୁଟିବ
ଘରଣୀ ଆଖିରୁ ଲୁହ ଶୁଖିବ
ସବୁଜ ସୁନ୍ଦର ଆମରି ଗାଁଆରେ
ସମୃଦ୍ଧିର ଫୁଲ ଫୁଟାଇବା ।୧।
ଆମେ ଶାନ୍ତିର ଗୀତ ଗାଇବା
ଆମ ଭାଇ ମଦ ବିକିବନି
ଆମ ପୁଅ ନିଶା ଖାଇବନି
ଅକାଳେ ଜୀବନ ଝଡ଼ିବନି
ଘର କା' ଉଜୁଡ଼ି ପଡ଼ିବନି
ସେନେହ ସୂତାରେ ବାନ୍ଧି ହୋଇଯିବା
ସୁଖେ ଦୁଃଖେ ଆମେ ସାଥୀ ହେବା ।୨।
ହାତାହାତି ଆମେ ହେବାନାହିଁ
ଆଇନ ପୁଲିସି ଲୋଡ଼ାନାହିଁ
ଗ୍ରାମ ସ୍ୱରାଜ୍ୟର କଥା ଇଏ
କହିଥିଲା ଗାନ୍ଧୀ ବୁଢ଼ାଟିଏ
ତା'ର ବୋଲ ମାନି ନିଶା ମୁକ୍ତ ଗ୍ରାମ
ଗଠନରେ ଆମେ ବ୍ରତୀ ହେବା ।୩।

ସଦସ୍ୟା, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ

# ନିୟମିତ ମଦ ପିଇ ସମସ୍ତଙ୍କୁ ପିଟୁଥିଲା

ହତ୍ୟାକାରୀ ସାନ ଭାଇ ରାଜାକୁ ପୁଲିସ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି । ମକୁନ୍ଦାସପୁର ବାଲିସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଦୁଇ ପୁଅ ରାଜା ଓ ଜଗୁ। ବଡ଼ ପୁଅ ଜଗୁ ଗୁରୁବାର ରାତିରେ ମଦ ପିଇ ଆସି ଘରେ ପାଟିତୁଣ୍ଡ କରିବା ସହ ଅନ୍ୟ ସଦସ୍ୟଙ୍କୁ ମାରଧର କରିଥିଲା। ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ବି କରିଥିଲା। ଜଗୁକୁ ପ୍ରତିରୋଧ କରିବାକୁ ଯାଇ ସାନଭାଇ ରାଜା ମଧ୍ୟ ଆକ୍ରମଣର ଶିକାର ହେଲେ। ରାଜାଙ୍କ ବାହୁକୁ ଜଗୁ କାମୁଡ଼ି ରକ୍ତାକ୍ତ କରିଦେଲା। ଏଥିରେ କ୍ରୋଧାନ୍ୱିତ ହୋଇ ରାଜା ଏକ ମଦ ବୋତଲ ଜଗୁର ପେଟରେ ଭୁସି ଦେବାରୁ ତା'ଅନ୍ତବୁଜୁଳା ବାହାରି ଆସିଥିଲା। ଗୁରୁତର ଅବସ୍ଥାରେ ଜଗୁକୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନଆସିବାରୁ କଟକ ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ଶୁକ୍ରବାର ସକାଳୁ ଜଗୁର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡ଼ିବା ପରେ ପୁଲିସ ରାଜାକୁ ଗିରଫ କରିଛି।

ସୂଚନାରୁ ପ୍ରକାଶ ଯେ, ଜଗୁ ସଦା ସର୍ବଦା ନିଶାସକ୍ତ ହୋଇ ପରିବାରଠାରୁ ଆରମ୍ଭ କରି ବାହାର ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ମାରପିଟ କରୁଥିଲା। ଏପରିକି ବାପା ପୂର୍ଣ୍ଣଚନ୍ଦ୍ରଙ୍କୁ ଅକଥନୀୟ ଅତ୍ୟାଚାର କରିବାରୁ ସେ କିଛିଦିନ ତଳେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ମାଆକୁ ମାଡ଼ ମାରି ତା'ର ଗୋଟିଏ ଗୋଡ଼ ଭାଙ୍ଗିଦେଇଛି। ତତ୍‌ସହିତ ପତ୍ନୀ ପୁନା ବେହେରାକୁ ଦୈନିକ ନିର୍ଯ୍ୟାତନା ଦେବାରୁ ସେ ଗୋଟିଏ ୧୨ ବର୍ଷର ପୁଅ ଓ ଗୋଟିଏ ୮ ବର୍ଷର ଝିଅକୁ ଛାଡ଼ି ଆଠବର୍ଷ ହେଲା ବାପଘରେ ରହିଆସୁଛନ୍ତି।

ଜଗୁ କିଛିଦିନ ତଳେ ନିକଟବର୍ତ୍ତୀ ଗ୍ରାମରେ ଏକ ମାରପିଟ୍ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲା। ହେଲେ ଗୁରୁବାର ଜଗୁ ସବୁ ସୀମା ଲଙ୍ଘିଯାଇଥିଲା। ଫଳରେ ଏପରି ହତ୍ୟାକାଣ୍ଡ ଘଟିଲା ବୋଲି ହତ୍ୟାକାରୀ ରାଜା ପୁଲିସ ଆଗରେ କହିଛି।

# ନିଶାଦ୍ରବ୍ୟ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଦାବି

କୋମଳମତି ବାଳକ ବାଳିକା ଓ ଯୁବ ଗୋଷ୍ଠୀ ଏହି ଦେଶର ମୁଖ୍ୟ ସମ୍ପଦ। ଏହି ସମ୍ପଦ ଥରେ ଧ୍ୱଂସଗାମୀ ହେଲେ ଦେଶର ପ୍ରଗତି ଓ ଉନ୍ନତି ଅସମ୍ଭବ। ପାନ, ବିଡ଼ି, ସିଗାରେଟ୍, ଗୁଟ୍‌ଖା, ଗଞ୍ଜା, ଚରସ, ମଦ ଓ ଡ୍ରଗ୍ସ ଇତ୍ୟାଦି ମାଦକ ଦ୍ରବ୍ୟର ଉପଲବ୍ଧି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟରେ ଥିବା ଦୋକାନମାନଙ୍କରେ ସହଜରେ ମିଳି ପାରୁଛି। ଯଦ୍ୱାରା ଶିକ୍ଷାର୍ଥୀମାନେ ଏହାର ସେବନ ଯୋଗୁଁ ବିଭିନ୍ନ ପ୍ରକାରର ଦୂରାରୋଗ, ରୋଗ, ମାନସିକ ଅଶାନ୍ତି, ବିଦ୍ୟାଳୟରେ ଅନୁପସ୍ଥିତି, ବିକାରଗ୍ରସ୍ତ ହୋଇ ନିଜର ବିବେକ, ବିଚାର ବୁଦ୍ଧି ହରାଇ ପଥଭ୍ରଷ୍ଟ ହୋଇ ଭବିଷ୍ୟତ ନଷ୍ଟ କରିବା ସହ ପରିବାର ଓ ଦେଶର ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ଏଣୁ ଚରିତ୍ର ଗଠନ ଓ ନୈତିକ ଶିକ୍ଷାର ଆବଶ୍ୟକତା ଶିକ୍ଷାନୁଷ୍ଠାନମାନଙ୍କରେ ପିଲାମାନଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଏହାର ପ୍ରତିକାର ପାଇଁ ସମାଜସେବୀ ତଥା ପ୍ରାକ୍ତନ ଶିକ୍ଷାବିତ୍ ଓ ଭଦ୍ରକ ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଆଦିତ୍ୟ ନାୟକ, ଆଇଏମ୍‌ଏର ସମ୍ପାଦକ ତଥା ଡା. ହରେକୃଷ୍ଣ ନାୟକ, ସମାଜସେବୀ ସୁଧାକର ରାଉତ, ରମେଶ ଦାସ, ଦେବୀକିଙ୍କର ପାଣିଗ୍ରାହୀ ଓ ମୁକ୍ତିକାନ୍ତ ମହାପାତ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିବା ସହ 'ନିଶା ସେବନ' ଓ ଏହାର କୁପରିଣାମ ସମ୍ପର୍କରେ ଶିକ୍ଷାନୁଷ୍ଠାନମାନଙ୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଏକ ଦାବିପତ୍ର ଦେବା ସହ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତାମାନେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ନିକଟରେ 'କୋଟ୍‌ପା ଆକ୍ଟ' ଲାଗୁ କରିବାକୁ ଜିଲ୍ଲାପାଳଙ୍କୁ ମଧ୍ୟ ନିବେଦନ କରିଛନ୍ତି।






# ମୁଁ ମୋ ପୁଅକୁ ବଞ୍ଚେଇ ପାରିଲିନି

ନୂଆଦିଲ୍ଲୀ : କେନ୍ଦ୍ର ମନ୍ତ୍ରୀ କୌଶଲ କୁମାର ନିଜ ପରିବାରର ଦୁଃଖଦ ଘଟଣାର ଉଦାହରଣ ଦେଇ ଅନୁରୋଧ କରିଛନ୍ତି, 'କେହି ନିଜର ଝିଅ ବା ଭଉଣୀଙ୍କୁ ମଦୁଆଙ୍କ ସହ ବାହା ନ ଦିଅନ୍ତୁ, 'ଜଣେ ମଦୁଆ ଅଫିସର ଅପେକ୍ଷା ଜଣେ ରିକ୍ସାଚାଳକ ବା ଶ୍ରମିକ ଢେର ଭଲ' ବୋଲି କହିଛନ୍ତି ମନ୍ତ୍ରୀ କିଶୋର।

ନିଶା ନିବାରଣ ଉପରେ ଭାଷଣ ଦେଲା ବେଳେ ମନ୍ତ୍ରୀ କହିଥିଲେ ଯେ ଜଣେ ମଦୁଆର ଜୀବନ ଅତ୍ୟନ୍ତ ସଂକ୍ଷିପ୍ତ। ମୁଁ ଜଣେ ଏମ୍‌ପି ଓ ମୋ ସ୍ତ୍ରୀ ଜଣେ ବିଧାୟିକା ହୋଇ ମଧ୍ୟ ଯେତେବେଳେ ଆମ ପୁଅକୁ ବଞ୍ଚାଇ ପାରିଲୁନି, ସେତେବେଳେ ଜଣେ ସାଧାରଣ ଲୋକ କଥା କ'ଣ କହିବା। ତାଙ୍କ ପୁଅ ଆକାଶ କିଶୋର ସାଙ୍ଗମେଳରେ ମଦ ପିଇବା ଆରମ୍ଭ କଲା। ତାକୁ ଏକ ନିଶାନିବାରଣ କେନ୍ଦ୍ରରେ ଭର୍ତ୍ତି କରାହୋଇଥିଲା। ଆମେ ଭାବିଥିଲୁ ସେ ମଦ ପିଇବା ଛାଡ଼ିଦେଇଥିବ। ତା'ର ଛଅମାସ ପରେ ତା'ର ବାହାଘର କରାହେଲା। କିନ୍ତୁ ବାହାଘର ପରେ ସେ ପୁଣି ମଦ ପିଇବା ଆରମ୍ଭ କଲା। ସେଇ ମଦ ହିଁ ତା'ମୃତ୍ୟୁର କାରଣ ହେଲା। ଦୁଇବର୍ଷ ତଳେ ଅକ୍ଟୋବର ୧୯ ତାରିଖରେ ଯେତେବେଳେ ଆକାଶ ମରିଗଲା, ସେତେବେଳେ ତା'ପୁଅକୁ ମାତ୍ର ୨ବର୍ଷ ହୋଇଥିଲା। ଆମ ବୋହୂ ଅଳ୍ପ ବୟସରେ ବିଧବା ହୋଇଗଲା। ସେ କହିଲେ, ସ୍ୱାଧୀନତା ସଂଗ୍ରାମରେ ୯୦ ବର୍ଷ ଭିତରେ ୬.୩୨ ଲକ୍ଷ ଲୋକ ସହିଦ ହୋଇଥିଲେ। କିନ୍ତୁ ଭାରତରେ ପ୍ରତିବର୍ଷ ନିଶା ସେବନ କରି ୨୦ ଲକ୍ଷ ଲୋକ ମରୁଛନ୍ତି। ତମାଖୁ, ସିଗାରେଟ୍ ଓ ବିଡ଼ି ଟାଣି ୮୦ ପ୍ରତିଶତ କ୍ୟାନସର ମୃତ୍ୟୁ ହେଉଛି।




# ମଦ ଛାଡ଼, ପାଠ ପଢ

**ବିଚିତ୍ରାନନ୍ଦ ପଣ୍ଡା**

ମଦ ଛାଡ, ପାଠ ପଢ
ମଦ ହଟାଅ ଦେଶ ବଞ୍ଚାଅ
ମାଁ ହେଲେ ପାଠୋଇ, ଦେଶ ଯିବ ଆଗେଇ
ମଦ ଛାଡ, ଗାଁ ଗଢ
ଆମ ପରିବାର ସୁଖୀ ପରିବାର
ଆମ ଗାଁ- ହସ ଖୁସିର ଗାଁ
ଆମ ଗାଁ- ଏକତା ଓ ଭାଇଚାରାର ଗାଁ
ଆସ ସମସ୍ତେ ଏକ ହେବା, ମିଳିମିଶି ଆମ ଗାଁ ଗଢ଼ିବା
ମଦ ପରିବାରକୁ ନଷ୍ଟ କରେ,
ମଦ ଶରୀରକୁ ନଷ୍ଟ କରେ
ମଦ ଗାଁକୁ ନଷ୍ଟ କରେ, ମଦ ଜୀବନକୁ ନଷ୍ଟ କରେ
ମଦ ଗରୀବ କରିଦିଏ, ମଦ ମଣିଷର ପ୍ରତିଷ୍ଠା ନଷ୍ଟ କରେ
ମଦ ଅମଣିଷ କରିଦିଏ, ମଦ ଏକତାକୁ ନଷ୍ଟ କରେ
ମଦ ଭାଇଚାରାକୁ ନଷ୍ଟ କରେ, ମଦ ଦୁଷ୍କର୍ମର କାରଣ
ମଦ ଚୋରି, ଡକାଏତି, ରାହାଜାନୀ ଓ ଲୁଟର ପ୍ରଧାନ ଅସ୍ତ୍ର
ମଦ ବିବେକକୁ ଝୁଣି ଝୁଣି ଖାଇଯାଏ
ମଦ ମଣିଷ ପଣିଆକୁ ଦୂରେଇ ଦିଏ, ମଦ ବ୍ୟଭିଚାର ଘଟାଏ
ମଦ ଜ୍ଞାନ ସାଧନାର ଘାତକ, ମଦ ଦୁର୍ନୀତିକୁ ଆମନ୍ତ୍ରଣ କରେ
ମଦ ଅସ୍ଥିରତାର, କଳି ଝଗଡାର ପ୍ରମୁଖ କାରଣ
ଯଦି ମଦ ଏତେ ଖରାପ ତାହେଲେ ତାକୁ ପିଇବା କାହିଁକି ?

ସମ୍ପାଦକ,
ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ (ବୈଶାଖୀ ପରିବାର)
ପଡୁଆ, ନନ୍ଦପୁର, କୋରାପୁଟ, ମୋ - ୯୪୩୯୪୬୩୧୪୬



# ସଂକ୍ଷେପରେ କାର୍ଯ୍ୟଧାରା... ନିଜ ଅନୁଭୂତିରୁ

ପ୍ରିୟନାଥ ଆଚାର୍ଯ୍ୟ

କଣ୍ଟାପଡା ଓ ନିଆଳି ବ୍ଲକ୍‌ରେ ସଙ୍ଗଠନର ଶୁଭାରମ୍ଭ ହୁଏ ୨୫ ଜୁଲାଇ ୨୦୧୨ ମସିହାରେ। ଯେତେବେଳେ ଆନ୍ନାଜୀଙ୍କ ଅନଶନ ଓ ଡାକରାରେ ସାରା ଭାରତବର୍ଷରେ ଏକ ଜନ ଆନ୍ଦୋଳନ India Against Corruption (ଦୁର୍ନୀତି ବିରୋଧୀ ଭାରତ) ଦେଶରେ ଜନଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ଦାବିନେଇ ଦିଲ୍ଲୀର ରାମଲୀଳା ମଇଦାନ ଠାରେ ଚାଲିଥାଏ। ଆନ୍ନାଙ୍କର ସେହି କାର୍ଯ୍ୟକ୍ରମରୁ କିଛି ନିଷ୍ଠାପର ସାମାଜିକ କର୍ମୀ ସମାଜ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ବ୍ରତୀ ହୋଇ ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ସାରା ଭାରତକୁ ଏକ ନୂତନ ସୂର୍ଯ୍ୟର କିରଣ ଅନୁଭବ ଦେଇଥିଲେ, ହେଲେ କିଛି ରାଜନୈତିକ ଚକ୍ରାନ୍ତ କାରଣରୁ ସଂଗଠନର ମଙ୍ଗ ଧରିଥିବା ଦିଲ୍ଲୀର ଅରବିନ୍ଦ କେଜରିୱାଲ ଓ ମନିଶ ସିଷୋଦିଆ ରାଜନୈତିକ ଦଳ ଗଠନ ପାଇଁ ସ୍ଥିର କରି AAP (ଆପ) ପାର୍ଟି ଗଠନ କରି ରାଜନୀତି କଲେ ଏବଂ ଆମେ ଓଡ଼ିଶାରେ କାର୍ଯ୍ୟରତ କିଛିବ୍ୟକ୍ତି ଯଥା- ମଳୟ ତ୍ରିପାଠୀ, କାହ୍ନୁଚରଣ ବେହେରା, ପ୍ରିତି ନାୟକ, ଖଗେଶ୍ୱର ବଳ, ବିଶ୍ୱନାଥ ରଥ ଏବଂ ମୁଁ ଇତ୍ୟାଦି ରାଜନୀତି ନକରିବା ପାଇଁ ସ୍ଥିର କରି ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ଚାଲିଥିଲୁ।

୪-୫ ମାସ କାର୍ଯ୍ୟ ଚାଲିବା ପରେ ସହକର୍ମୀ ଅପର୍ଣ୍ଣା ନାୟକଙ୍କ ମାଧ୍ୟମରେ ୮୮ ବର୍ଷ ବୟସରେ ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କ ସହ ସାକ୍ଷାତ ଓ ଆଲୋଚନା ମାଧ୍ୟମରେ ୩୦-୦୧-୨୦୧୩ ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବୃକ୍ଷରୋପଣ ହେଲା। ସେହିଦିନଠାରୁ ସାରା ରାଜ୍ୟରେ ଉକ୍ତ କାର୍ଯ୍ୟ ଚାଲୁ ରହିଛି ଏବଂ ଚାଲିବ ମଧ୍ୟ। ଭୁବନେଶ୍ୱର ଠାରୁ ମୋର ଗାଁ ପାଖ ଥିବାରୁ ମୁଁ ଗାଁରେ କାର୍ଯ୍ୟ ଆରମ୍ଭ କରିଥିଲି ଏବଂ ଗାଁର କିଛି ଯୁବକଙ୍କୁ ନେଇ ୨ଟି ବ୍ଲକ୍ ଓ କଟକ ଜିଲ୍ଲା ସ୍ତରରେ ମଧ୍ୟ କାର୍ଯ୍ୟକ୍ରମ ଜାରି ରହିଛି। ଦୁର୍ନୀତି ବିରୋଧରେ କାର୍ଯ୍ୟ ହେଉ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର, ରଜ ମହୋତ୍ସବ ସହ ସମାଜର ଅନ୍ୟାନ୍ୟ କାର୍ଯ୍ୟ ସହ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, କଣ୍ଟାପଡା ବ୍ଲକ୍‌ରେ ନିଶା ନିବାରଣ କାର୍ଯ୍ୟ ଚାଲୁ ରହିଛି।

ବିଭିନ୍ନ ସମୟରେ ବ୍ଲକ୍ ସ୍ତରରେ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରାଗଲା।

୧) ୩୦-୦୧-୨୦୧୬ : ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କେନ୍ଦ୍ରୀୟ କମିଟିରେ ଥାଇ ବିଭିନ୍ନ ସମୟରେ ନିଷ୍ପତ୍ତିକୁ ସାକାର କରିବା ପାଇଁ କଣ୍ଟାପଡା ଓ ବାରଙ୍ଗ ବ୍ଲକ୍‌ର ୧୫ଟି ମଟର ସାଇକେଲରେ ୩୦ଜଣ ଯୁବକ ଭୁବନେଶ୍ୱରରେ ଅନୁଷ୍ଠିତ ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ଏକ ବାଇକ ରାଲି କରି ଭୁବନେଶ୍ୱରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ। ସେ ସମୟରେ ବ୍ଲକ୍ ଓ ଜିଲ୍ଲାକୁ ସଂଯୋଗ କରୁଥିବା ସଞ୍ଜୟ କୁମାର ରାଉତରାୟ, ଅତିଶ କୁମାର ରାଉତ, ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଦିଲ୍ଲୀପ ରାଉତ, ସୁବୋଧ ରାଉତ ପ୍ରମୁଖ ମୁଖ୍ୟ ଭୂମିକା ନେଇଥିଲେ। ଆଜିର ଦିନରେ ଶ୍ରୀ ସଞ୍ଜୟ କୁମାର ରାଉତ କଣ୍ଟାପଡା ବ୍ଲକ୍‌ର ବ୍ରାହ୍ମଣବଟୀ ପଞ୍ଚାୟତର ସରପଞ୍ଚ ଭାବରେ କାର୍ଯ୍ୟରତ।

୨) ସେହିବର୍ଷ ୨୦୧୬ ମସିହାରେ ଗାନ୍ଧି ଜୟନ୍ତୀ ଉପଲକ୍ଷେ ୭ଦିନ ବ୍ୟାପି ସାରା ରାଜ୍ୟରେ ନିଶା ନିବାରଣ ସପ୍ତାହ ପାଳନ ପାଇଁ ନିଷ୍ପତି ନେଇ କଣ୍ଟାପଡା ଓ ନିଆଳୀ ବ୍ଲକ୍‌ର ସର୍ବମୋଟ ୨୧ଟି ପଞ୍ଚାୟତରେ ନିଶା ବିରୋଧି କର୍ମୀ ମାନେ ନିରବଚ୍ଛିନ୍ନ ଭାବରେ ୭ଦିନ ବ୍ୟାପି କାର୍ଯ୍ୟକ୍ରମ ଜାରି ରଖିଥିଲେ ଏବଂ ପ୍ରତ୍ୟେକ ଦିନ ଦୈନିକ ସମାଜରେ ସମସ୍ତ ଦିନର ସମ୍ବାଦ ଛାପି ସାରା ରାଜ୍ୟରେ ଏକକ ଭାବରେ ବାର୍ତ୍ତା ପ୍ରଚାର କରିଥିଲେ। ସେଥିରେ ଅଂଶ ଗ୍ରହଣ କରିଥିଲେ- ସଞ୍ଜୟ ରାଉତରାୟ, ଅତିସ କୁମାର ରାଉତ, ହିମାଂଶୁ ଶେଖର ବାରିକ ଓ ନାରାୟଣ ପ୍ରଧାନ ପ୍ରମୁଖ।

ସଂଗଠନର ନିଷ୍ପତ୍ତି କ୍ରମେ ୨୦୧୭ ମସିହାରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତସ୍ତରୀୟ ନିର୍ବାଚନରେ ସଙ୍ଗଠନର ଯୁବସାଥି ଶ୍ରୀ ସଞ୍ଜୟ କୁମାର ରାଉତ ରାୟଙ୍କୁ ସରପଞ୍ଚ ପ୍ରାର୍ଥୀ କରି ୬୧୪ ଖଣ୍ଡ ଭୋଟ ପାଇ ହାରିଥିଲେ ଓ ସେ ୨୦୨୨ ନିର୍ବାଚନରେ ସରପଞ୍ଚ ଭାବରେ ନିର୍ବାଚିତ ହୋଇ "ମୋନା"ର ସଭାପତି ଓ କେନ୍ଦ୍ରୀୟ ସଭ୍ୟମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି।

୩) ୦୮.୦୩.୨୦୧୭ ମସିହାରେ ପ୍ରଥମଥର ଲାଗି ମହିଳାମାନଙ୍କୁ ସାମିଲ କରିବା ପାଇଁ ପ୍ରୟାସ କରାଯାଇ SHG ଗ୍ରୁପର ମହିଳାମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକା ଦିନରେ ୪ଟି ପଞ୍ଚାୟତର ୫ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ସେଗୁଡ଼ିକ ହେଲା ବ୍ରାହ୍ମଣବାଟୀ ପଞ୍ଚାୟତର- ସାଇଲୋ ବଡ଼ବିଲ ଓ ବଡ଼ମୁଳାଇ, ବ୍ରାହ୍ମଣ ସାଇଲୋ ପଞ୍ଚାୟତର- ଧାନ ମଣ୍ଡଳ, ଉରାଡ଼ ପଞ୍ଚାୟତର- ମିଣକୁଣ୍ଡା ଓ ପୋସ୍ତଳ ପଞ୍ଚାୟତର- ବଳଦା ହାଇସ୍କୁଲ ପରିସର। ଏଥିରେ ପ୍ରାୟ ୩୫୦ ପର୍ଯ୍ୟନ୍ତ ମହିଳା ସାମିଲ ହୋଇ ଆଗାମୀ ଦିନରେ କାର୍ଯ୍ୟ ଆଗକୁ ନେବାକୁ ଶପଥ ପାଠ କରିଥିଲେ। ଏଥିରେ କେନ୍ଦ୍ରୀୟ

କମିଟି ସଦସ୍ୟ ଭାବରେ ସତ୍ୟବ୍ରତ ପୃଷ୍ଟି, ବାଣିମଞ୍ଜରି ଦାସ, ପ୍ରିତି ନାୟକ ଓ ପୁଷ୍ପାଞ୍ଜଳୀ ଆଚାର୍ଯ୍ୟ ଉପସ୍ଥିତ ରହି ମହିଳାମାନଙ୍କୁ ଶପଥ ପାଠ କରାଇଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମକୁ ଆମ ବିଦ୍ୟାଳୟର ଗୁରୁମା ମିଲିଲତା ବେହେରା, ଅଲିଭା ସୁନ୍ଦରାୟ, ଅତିଶ କୁମାର ରାଉତ, ସଞ୍ଜୟ ରାଉତ ଓ ଦିଲ୍ଲିପ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

୪) ୨୯/୩୦-ଜାନୁଆରୀ ୨୦୧୮ ଦୁଇଦିନ ଧରି ମଦମୁକ୍ତ ଭାରତର ସମାବେଶ ଅନୁଷ୍ଠିତ ହୋଇଥିଲା। ମଦମୁକ୍ତି ଯୁବ ବାହିନୀର ଗଠନ ହୋଇ ଯୁବକମାନଙ୍କୁ ଆଗକୁ ଆଣି କାର୍ଯ୍ୟ କରିବା ପାଇଁ ସତ୍ୟବ୍ରତ ପୃଷ୍ଟିଙ୍କ ନେତୃତ୍ୱରେ ଏକ ଯୁବା ସଖା କାର୍ଯ୍ୟ ଆରମ୍ଭ କରି ନିଶା ବିରୋଧି ସଚେତନତାର ବାର୍ତ୍ତା ଦେବା ପାଇଁ ଗ୍ରାମାଞ୍ଚଳରେ ପ୍ରଭାତ ଫେରି ମାଧ୍ୟମରେ ନୁଆ ସାଥିମାନଙ୍କୁ ଯୋଡ଼ି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହେଲା ଏବଂ ତାକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶାର ପ୍ରଥମ କଣ୍ଟାପଡା ବ୍ଲକର ବଗଲପୁର ଗ୍ରାମରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ପ୍ରଭାତଫେରି ପ୍ରତ୍ୟେକ ରବିବାର ଦିନ ବିଭିନ୍ନ ସ୍ଥାନରେ କରାଯାଇ ୩ଟି ବ୍ଲକ୍ ଯଥା, କଣ୍ଟାପଡା, ନିଆଳୀ ଓ ବାରଙ୍ଗ ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ କରି କଣ୍ଟାପଡା ବ୍ଲକର ୧୪ ପଞ୍ଚାୟତ, ବାରଙ୍ଗ ବ୍ଲକ୍‌ର ୩ଟି ପଞ୍ଚାୟତ ଓ ନିଆଳୀ ବ୍ଲକର ୮ଟି ପଞ୍ଚାୟତରେ ବ୍ୟାପକ ଭାବରେ କାର୍ଯ୍ୟକରା ଯାଇ ନୁଆ ଯୁବାସାଥିଙ୍କୁ ଯୋଡ଼ିବାର ପ୍ରୟାସ କରିଚାଲିଛି। କଟକ ଜିଲ୍ଲା ମୁଖ୍ୟ ଭାବରେ ଶ୍ରୀ ଲଲାଟେନ୍ଦୁ ପାତ୍ର ଓ ବ୍ଲକ୍ ସଂଯୋଜକ ଭାବରେ ଅତିଶ କୁମାର ରାଉତଙ୍କୁ ଦାୟିତ୍ୱ ଦିଆଯାଇ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରାଯାଉଛି।

୫) ଉକ୍ତ ଯୁବବାହିନୀ ଗଠନ ପରେ ପରେ ପ୍ରଥମ କରି ସାରା ଓଡ଼ିଶାରୁ ବଛା ବଛା ଯୁବସାଥୀଙ୍କୁ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ଯୁବ ଶିବିରର ଆୟୋଜନ ସର୍ବପ୍ରଥମ କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟୀ (ପଞ୍ଚାୟତ)ର ବ୍ରାହ୍ମଣବାଟୀ ଗ୍ରାମର ସତ୍‌ସଙ୍ଗ ମନ୍ଦିର ପ୍ରାଙ୍ଗଣରେ ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା ଏବଂ ସତ୍ୟଭାଇ ଓ ତାରାଭାଇଙ୍କ ନେତୃତ୍ୱରେ ସମାଶ, ହରିଶ, ଅଭିଜିତ୍, ଅତିଶଙ୍କ ଭଳି ଯୁବ ସାଥିମାନେ ବିଭିନ୍ନ ଦାୟିତ୍ୱ ନିର୍ବାହ କରି ଶିବିରକୁ ସଫଳ କରାଇଥିଲେ ଏବଂ ପରେ ଜିଲ୍ଲାସ୍ତରୀୟ ଶିବିର ମଧ୍ୟ ଆମବିଦ୍ୟାଳୟ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଡମୂଳାଇଠାରେ ଅନୁଷ୍ଠିତ ହୋଇ କଟକ ଜିଲ୍ଲାର ସାଥିମାନଙ୍କୁ ଯୋଡି କାର୍ଯ୍ୟ କରି ଚାଲିଛି। ସେହି କାର୍ଯ୍ୟକ୍ରମରୁ ବର୍ତ୍ତମାନର ମଦମୁକ୍ତ ଯୁବବାହିନୀର ରାଜ୍ୟ ସଂଯୋଜକ ଭାବରେ ଲଲାଟେନ୍ଦୁ ପାତ୍ର ଓ ଜିଲ୍ଲା ସଂଯୋଜକ ଭାବରେ ଅତିଶ କୁମାର ରାଉତ କାର୍ଯ୍ୟରତ।

୬) ବ୍ଲକର ଯୁବସାଥିମାନେ କାର୍ଯ୍ୟ ଜାରି ରଖିଥିବା ବେଳେ ମହିଳାମାନଙ୍କୁ ବୁଝାଇବା କଷ୍ଟବୋଧ ହେଉଛି କାରଣ ସରକାରୀ ପ୍ରୋତ୍ସାହନରେ ମହିଳାମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ କାଳେ ହାତଛଡ଼ା ହୋଇଯିବ, ତାହା ସେମାନଙ୍କୁ ରାଜନୀତିରେ ଥିବା କିଛି କୁଚକ୍ରିନେତା ଚକ୍ରାନ୍ତ ଜାରି ରଖିଛନ୍ତି ଏବଂ ଭୟ ଦେଖାଇ ନିଶା ବିରୋଧି କାର୍ଯ୍ୟରେ ବାଧା ଉପୁଜାଉଛନ୍ତି।

କରୋନାର ପ୍ରକୋପ ଯୋଗୁଁ ୨/୩ ବର୍ଷ ହେବ ସେପରି କିଛି କାର୍ଯ୍ୟ କରାଯାଇପାରି ନାହିଁ। ପୁଣି ମୂଳରୁ ହିଁ କାର୍ଯ୍ୟ ଆରମ୍ଭ କରିବାକୁ ହେବ । ମନରେ ୨ ଗୁଣିତ ଆଶା ଅଛି, ହେଲେ ୧୦ବର୍ଷ କାର୍ଯ୍ୟଧାରା ଆଜିବି ଅଛି କେବଳ ଶରୀରର ସାମର୍ଥ୍ୟ ଓ ଇଚ୍ଛାଶକ୍ତି ରହିବା ଦରକାର।

ଜୟ ଜଗନ୍ନାଥ

**ନିଶାଜନିତ ସମସ୍ୟାର ସମାଧାନ : (ନିଜସ୍ୱ ମତ)**

୧) ସଚେତନତା ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ବ୍ୟକ୍ତିଙ୍କୁ ସଙ୍ଗଠନରେ ଯୋଡ଼ିବା ସହଜ, କିନ୍ତୁ ସଚେତନତା ମାଧ୍ୟମରେ ନିଶାକୁ ରୋକିବା କଷ୍ଟକର ଏବଂ ନିଶାଡ଼ିକୁ ମଧ୍ୟ ବୁଝାଇ ହେବ ନାହିଁ।

୨) ରାଜନୈତିକ ଚକ୍ରାନ୍ତ ପାଇଁ ରାଜ୍ୟ ତଥା ଦେଶରେ ମଦ ବା ଅନ୍ୟାନ୍ୟ ନିଶା ଚାଲୁଛି କେବଳ ରାଜସ୍ୱକୁ ବାହାନା କରି, ହେଲେ ରାଜସ୍ୱ ଆୟ ତୁଳନାରେ ବ୍ୟୟ ଓ କ୍ଷୟକ୍ଷତି ଆଦାୟ ରାଜସ୍ୱ ଠାରୁ ୧୦୦ ଗୁଣ ଅଧିକ।

୩) ଗଣତାନ୍ତ୍ରିକ ସରକାରରେ ରାଜସ୍ୱ ଆଦାୟର ବାହାନା କରି ସରକାରୀ ସ୍ତରରେ ଲାଇସେନ୍ସ ପ୍ରାପ୍ତ ମଦଦୋକାନ ଖୋଲି ଲୋକଙ୍କ ପାଖରେ ମଦ ପହଁଚାଇବାର ବ୍ୟବସ୍ଥାଦ୍ୱାରା ସ୍ୱାସ୍ଥ୍ୟହାନି କରାଇ ସରକାର ସ୍ୱାସ୍ଥ୍ୟବୀମା ଯୋଜନାର ଅର୍ଥକୁ ପାଣିରେ ପକାଇବା ସହ ସମାନ। ସରକାରୀ ହିସାବ ଅନୁଯାୟୀ ଶତକଡ଼ା ୩୩% ରୋଗୀ ମେଡ଼ିକାଲ ଶଯ୍ୟା ଦରକାର କରୁଛନ୍ତି କେବଳ ମଦ୍ୟପାନଜନିତ ରୋଗ ଓ ଦୁର୍ଘଟଣାର ସମସ୍ୟା ନେଇ।

୪) ମଦ ବା ନିଶା ନିବାରଣ ନ କରି ଲୋକଙ୍କ ପାଖରେ ଯେତେ ସହାୟତା ରାଶି ପହଞ୍ଚିଲେ ମଧ୍ୟ ସେମାନଙ୍କର ଆର୍ଥିକ ସ୍ଥିତି ସୁଧୁରି ପାରିବ ନାହିଁ, ସବୁ ସହାୟତା ରାଶି ନିଶାରେ ଚାଲିଯିବ।

୫) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଶା ନିବାରଣ (୧୯୫୬) ଆଇନକୁ କାର୍ଯ୍ୟକାରୀ କରିବା ସହ ଖିଲାପକାରୀଙ୍କ ବିରୋଧରେ ଦୃଢ ଦଣ୍ଡ ବିଧାନ ପାଇଁ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା କରାଯାଇ ପାରିଲେ ସମାଜରେ ୭୦% ସମସ୍ୟା ଆପେ ଆପେ ସମାଧାନ ହୋଇପାରିବ ଏବଂ ଅଯଥାରେ ଖର୍ଚ୍ଚ କରାଯାଉଥିବା ଅର୍ଥ ଦରକାର ହେବ ନାହିଁ, ବଳକା ରାଜସ୍ୱ ରହିବ। ଏଣୁ ରାଜ୍ୟରୁ ତୁରନ୍ତ ମଦ ହଟାଇବା ଦରକାର।

ମୋ : ୭୭୫୦୯୫୧୩୯୭, କଣ୍ଟାପଡା, କଟକ

# ନିଶାଗ୍ରସ୍ତ ବାପା ଓ ଅନ୍ଧବିଶ୍ୱାସ

ସଞ୍ଜା ସାଗରୀକା (ରାକ୍ଷୀ)

କେଉଁକାଳରୁ ମଣିଷ ନିଶା ସହ ଜଡ଼ିତ। ନିଶାର ନିଶା (ମାଦକତା) ମଣିଷକୁ ଏମିତି କରିଦିଏ ଯେ, ଯାହାକୁ ସହଜରେ ତ୍ୟାଗ କରିପାରେନା। ଶରୀର ପକ୍ଷେ ଏହା ଯେ କେତେ କ୍ଷତିକାରକ ତାହା ଜାଣି ମଧ୍ୟ ମଣିଷ ତାର ଶିକାର ହୋଇଥାଏ। ନିଶାର ମାତ୍ରା ଅଧିକ ହୋଇଗଲେ ତା'ର ହିତାହିତ ଜ୍ଞାନ ଲୋପ ପାଇଥାଏ ଏବଂ ସେ ଅତି କ୍ରୁର, ନିଷ୍ଠୁର, ନୃଶଂସ ପାଲଟିଯାଏ।

ଏମିତି ଏକ ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ ଉକ୍ତ ବିଷୟବସ୍ତୁ। ମୁଁ ଏବଂ ମୋର ପରିବାର ଏହି ସଂଗଠନ ସହ ଓତଃପ୍ରୋତଃ ଭାବରେ ଜଡିତ। ମୋର ମାମା ଦୀର୍ଘ ୧୦ବର୍ଷ ଧରି ଏଥିରେ ସଂଶ୍ଳିଷ୍ଟ ଅଛନ୍ତି। ମୁଁ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରେ। ସେଇ ସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ବହୁତ ବେଶୀ। ସେମାନଙ୍କ ପିତାମାତା ନିମ୍ନ ମଧ୍ୟବିତ୍ତ ଓ ଗରୀବ ଶ୍ରେଣୀର ଅଟନ୍ତି, ଅନେକ ଲୋକ ମୂଲଲାଗି, ବେପାର କରି, ବିଲବାଡିରେ ଚାଷବାସ କରି, କୁଟୁମ୍ବ ପୋଷିଥାନ୍ତି। ମୁଁ ଇଂରାଜୀ ଶିକ୍ଷକ ହିସାବରେ ଯୋଗଦେଇଥିଲେ ମଧ୍ୟ ସମୟେ ସମୟେ ଅନ୍ୟ ଶିକ୍ଷକଙ୍କ ଅନୁପସ୍ଥିତିରେ କ୍ଲାସରେ ଅଲଗା ବିଷୟରେ ପଢେଇବାର ସୁଯୋଗ ମିଳିଥାଏ। ଏମିତି ଏକ ଦିନେ ମୁଁ ଓଡ଼ିଆ କ୍ଲାସ୍‌ରେ ପାଠ ପଢାଉଥାଏ। ପିଲାମାନେ ମନଦେଇ ଶୁଣୁଥାନ୍ତି। ମହାତ୍ମା ଗାନ୍ଧୀ ସ୍ୱାଧିନତା ସଂଗ୍ରାମର ମୁଖ୍ୟ ପୁରୋଧା ଥିଲେ। ଆଉ ସେ ମହିଳାମାନଙ୍କ ସୁରକ୍ଷା ନେଇ କହିଥିଲେ, ଯଦି ଗୋଟିଏ ମହିଳା ରାତି ୧୨ଟାରେ ନିର୍ଭୟରେ ନିଃସଂକୋଚରେ ଯାଇ ଆସି ପାରିଲା ତେବେ ଆମେ ପ୍ରକୃତରେ ସ୍ୱାଧିନ ହୋଇଛୁ ବୋଲି ଭାବିବା। ମହାତ୍ମା ଗାନ୍ଧୀଙ୍କର ପ୍ରକୃତରେ ଏଇ ସ୍ୱପ୍ନ କ'ଣ ସାକାର ହୋଇପାରିଛି କହିଲ ପିଲେ? ତୁମେ ମାନେ କ'ଣ ଭାବୁଛ? କେତେ ପିଲା ହଁ କହିଲେ, କେତେ ପିଲା ନା କହିଲେ। ତା ଭିତରୁ ଜଣେ ଝିଅ ଉଠି କହିଲା। ନା ମାମ୍। ମୁଁ ପରା ଘରେ ପାଠ ପଢିବାକୁ କହିଲି, ମୋ ବାପା ପରା ମନା କରୁଛି। ପାଠ ପଢି କ'ଣ କରିବୁ, ଘର କାମ କର, ବୋଉକୁ କାମଧନ୍ଦାରେ ସାହାଯ୍ୟ କର। ରୋଷେଇ ବାସ ଶିଖ। ମୋ ବୋଉ କିନ୍ତୁ ଜମା ଶୁଣୁନି। ମୋତେ ଜବରଦସ୍ତ ପାଠ ପଢଉଛି। ମୋର କିନ୍ତୁ ପଢିବା ପାଇଁ ଭାରି ଇଛା। ପିଲାଟିର ସ୍ପଷ୍ଟ ସତ କଥାରେ ମୋର ମନକୁ ଆନ୍ଦୋଳିତ କଲା। ଅନେକ ସମୟରେ ସେଇ କ୍ଲାସ୍‌କୁ ଗଲେ ଝିଅଟି ପଢିବାକୁ ଆସିଛି ବୋଲି ଭାବେ। ନ ଦେଖିଲେ ମୋତେ ଲାଗେ ବୋଧେ ତା ବାପା ତାକୁ ଗାଳି ମନ୍ଦ ଦେଇ ସ୍କୁଲକୁ ଛାଡିନାହାଁନ୍ତି। ତାର ସହପାଠୀମାନଙ୍କୁ ପଚାରେ ତାର ଅନୁପସ୍ଥିତିକୁ ନେଇ।

ସମୟର ଗତି ସହ ଆମ୍ଭେମାନେ ତାଳ ଦେଇ ଚାଲିଥାଉ। ପ୍ରତିଦିନ ଯେତେ ସମସ୍ୟା ଆମ ଆଗରେ ମୁଣ୍ଡ ଟେକି ଗତିପଥକୁ ପ୍ରତିରୋଧ କରିଥାଏ। ତନ୍ମଧ୍ୟରୁ ମଦ ଗୋଟିଏ ବଡ ସମସ୍ୟା। ଏହାଦ୍ୱାରା ସାମାଜିକ, ଅର୍ଥନୈତିକ, ପାରିବାରିକ ବ୍ୟବସ୍ଥା ଗୁଡିକ ଭୟଙ୍କର ଭାବରେ ପ୍ରଭାବିତ ହୋଇ ପରିବାରକୁ ଛାରଖାର କରି ଦେଉଛି, ଏଥିରେ ଭାବିବାର ନାହିଁ।

ହଠାତ୍ ଦିନେ ଆମେ ସ୍କୁଲରେ ଖବର ପାଇଲୁ ସେଇ ଝିଅଟିକୁ ତା'ର ବାପା ସ୍କୁଲକୁ ନଆସିବାକୁ କହିବାରୁ ମା' ବହୁତ ବିରୋଧ କଲା। ଏଥିରେ ମଦୁଆ ବାପା ରାଗିଯାଇ ମା'କୁ ବାଡେଇ ଘରୁ ବିଦାକରି ଝିଅକୁ ଗୋଟିଏ ଘରେ ତାଲା ପକେଇ ରଖିଦେଲା। ସ୍କୁଲର ପରିଚାଳନା କମିଟିକୁ ଡକେଇ ଆମେ ସମସ୍ତ ଶିକ୍ଷକ ତା ଘରକୁ ଗଲୁ। ସେଠାରେ ସରପଞ୍ଚଙ୍କ ସାହାଯ୍ୟ ନେଇ ତା'ର ବାପାକୁ ଡକେଇଲୁ, ବାପାର ଏକ ଜିଦ୍ ସେ ପାଠ ପଢିବ ନାହିଁ। ପଇସା ଦେବି ନାହିଁ। ଆଉ ଦୁଇବର୍ଷ ପରେ ତାକୁ ପରଘରକୁ ପଠେଇଦେଲେ ମୋର କାମ ଶେଷ, ଆମ୍ଭେମାନେ ସମସ୍ତେ ସେଠି ଗୋଟିଏ କଥା କହିଲୁ, ତୁମେ ମଦ ପାଣିରେ ଯେତିକି ପଇସା ଖର୍ଚ୍ଚ କରୁଛ, ସେତିକି ପଇସାରେ ଝିଅ ପାଠ ପଢିପାରିବ। ମଦକୁ ଛାଡିଦିଅ, ସବୁ ଠିକ୍‌ଠାକ୍ ଚାଲିବ। ମୁଁ ସେଠି ସମସ୍ତଙ୍କ ଆଗରେ କହିଥିଲି, ଯଦି ଝିଅକୁ ସ୍କୁଲକୁ ପଠେଇବ, ତୁମେ ମଦ ଛାଡିବ, ତେବେ ସରପଞ୍ଚ ଆଉ ମୁଁ ମିଶି ତୁମର ସମସ୍ତ କଥାକୁ କ୍ଷମା କରିଦେବୁ। ନଚେତ୍ ଝିଅର ଯେଉଁ କ୍ଷତି ହୋଇଛି ତାକୁ ମାରି ଖାଇବାକୁ ନଦେଇ ଘରେ ବନ୍ଦ କରି ରଖିଥିବାରୁ ପୋଲିସକୁ କହି ତୁମକୁ ଥାନା ଯାଏ ନେବାର ବ୍ୟବସ୍ଥା କରିବୁ।

ଝିଅର ମା ଆସି ବହୁତ କାନ୍ଦିଲେ, ଆମ ହାତ ଧରି ଭୁଲକୁ ସୁଧାରିବା ପାଇଁ କ୍ଷମା ମାଗିଲେ। ଝିଅର ସମସ୍ତ ପାଠପଢାର ଖର୍ଚ୍ଚ ଓ ସୁବିଧା ଶିକ୍ଷକମାନେ ଦେଲେ। ବାପା ଆଉ ମଦ ପିଇବେ ନାହିଁ। ଯାହା ରୋଜଗାର କରିବେ ସ୍ତ୍ରୀକୁ ଦେବେ। ସେ ଘରର ସମସ୍ତ ଖର୍ଚ୍ଚ, ପିଲାମାନଙ୍କ ପାଠପଢା, ଔଷଧପାଣି କଥା ବୁଝିବେ। ଯଦି ମଦ ଖାଇବେ ପରିବାରରେ ଅଶାନ୍ତି ସୃଷ୍ଟି କରିବେ ସରପଞ୍ଚ ତାଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରିବେ ବୋଲି ସେ ପ୍ରତିଶ୍ରୁତି ଦେଲେ।

ଏହା ଏକ ସତ୍ୟ ଘଟଣା। ମଦ ପିଆଇ ଲୋକଙ୍କୁ ନିଶାଶକ୍ତ କରାଇ ତାଙ୍କୁ ଅବଚେତନ କରାଇ ରଖିଲେ ଫାଇଦା ଉଠେଇବାର ଆଉ ଏକ ନମୂନା। ଏଥିପାଇଁ ସଚେ୍ତନ ବୁଦ୍ଧିଜୀବି, ନାଗରିକ, ଜ୍ଞାନୀ, ଗୁଣୀଲୋକ ସ୍ୱର ଉଠେଇ ପ୍ରତିବାଦ କରି ବିରୋଧରେ ଆନ୍ଦୋଳନ ଆରମ୍ଭ କରିଲେଣି। ସ୍ତ୍ରୀଲୋକମାନେ ମଦୁଆଙ୍କୁ ବାଟକୁ ଆଣିବା ପାଇଁ ଅନେକ କାର୍ଯ୍ୟକ୍ରମ କରୁଛନ୍ତି। ଲାଇସେନ୍ସ ପ୍ରାପ୍ତ ଓ ବେଆଇନ ଅନେକ ମଦ ଦୋକାନ ଆମ ରାଜ୍ୟରେ ଅଛି। ସରକାରଙ୍କ ଦୃଷ୍ଟିକୋଣ, ଖାମଖିଆଲୀ ମନୋବୃତ୍ତି ଓ ଜନସାଧାରଣଙ୍କ ଭାବ ପ୍ରବଣତା ମଧ୍ୟରେ ଲଢେଇ ଚାଲିଛି। ନିଶ୍ଚୟ ସତ୍ୟ ଧର୍ମ ନ୍ୟାୟର ଜୟ ହେବ।

କେନ୍ଦ୍ରାପଡ଼ା

# ନିଶା ରାକ୍ଷସର ନିପାତ କରିବ କିଏ ?

ପ୍ରହଲ୍ଲାଦ କୁମାର ସିଂହ

ଯାହା ଉପରେ ସୁରା ଦେବୀ ପ୍ରସନ୍ନ ହୁଅନ୍ତି, ସେ ସମୟ ସୁଅରେ ଉବୁଟୁବୁ ହୋଇ ଅସମୟରେ ବୁଡ଼ିମରେ । ନିଶା ଯୋଗୁଁ କେତେ ଯେ ପରିବାର ଉଜୁଡ଼ି ଯାଉଛି, କେତେ ମହିଳାଙ୍କ ସିନ୍ଥିରୁ ସିନ୍ଦୂର ଲିଭୁଛି, କେତେ ମା'-ବାପାଙ୍କ କୋଳ ଖାଲି ହେଉଛି, କେତେ ପିଲା ବାପ ଛେଉଣ୍ଡ ହେଉଛନ୍ତି, କେତେ ଅପରାଧ, ଦୁର୍ଘଟଣା ଓ ରୋଗ ବଢ଼ୁଛି ଏବଂ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ଏଥି ଯୋଗୁଁ କେତେ ଅପୂରଣୀୟ କ୍ଷତି ସହୁଛି, ତା'ର ସଠିକ୍ ହିସାବ ବ୍ୟବସ୍ଥା ନିକଟରେ ନାହିଁ । ତେବେ ନିଶା ରାକ୍ଷସର ଦୌରାତ୍ମ୍ୟରେ କଲବଲ ହେଉଥିବା ପରିବାରର ଲୋକେ ଜାଣନ୍ତି ଏହା କେତେ ଭୟଙ୍କର । ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ନିଶା ରାକ୍ଷସ କାୟା ବିସ୍ତାର କରି ଚାଲୁଥିବା ବେଳେ ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ଅନୁଯାୟୀ ଆମ ଦେଶ ନିଶା ନିବାରଣ କରିବା ପରିବର୍ତ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଶାର ପ୍ରସାର ଘଟାଇ ସତେ ଯେମିତି ବିଷ ବଳୟରେ ଆଉଟୁପାଉଟୁ କରୁଛି ସ୍ୱାଧୀନତା ପ୍ରାପ୍ତିର ଅମୃତ ମହୋତ୍ସବକୁ । ପ୍ରତିଦିନ ଘଟୁଥିବା ହଜାର ହଜାର ନିଶାଜନିତ ଅପରାଧ ମଧ୍ୟରୁ ନମୁନା ଭାବେ ଅଳ୍ପ କେତୋଟି ଉଲ୍ଲେଖ କରାଯାଉଛି ଏହି ଆଲେଖ୍ୟରେ ।

ନିଶା ଖାଇବାକୁ ବିରୋଧ କରିବାରୁ ଜହ୍ଲାଦ ସ୍ୱାମୀ ପତ୍ନୀକୁ ବୀଭତ୍ସ ଭାବେ ହତ୍ୟା କରିବା ସହ ୫ ବର୍ଷ ଝିଅର ତଣ୍ଟିକାଟି ଗୁରୁତର ଆହତ କରିଛି । ଏଥିରେ ବର୍ତ୍ତି ଯାଇଛି ୪ ଦିନର ଅନ୍ୟ ଏକ ଶିଶୁକନ୍ୟା । ଏଭଳି ମର୍ମନ୍ତୁଦ ଅପରାଧ ଘଟିଛି ଖୋଦ୍ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ । କେନ୍ଦୁଝର ଜିଲ୍ଲାର ଡେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନମଶିଣାବିଲା ଗାଁରେ ନିଶାସକ୍ତ ଅବସ୍ଥାରେ ଆସି ଗଣ୍ଡଗୋଳ କରୁଥିବା ପୁଅର ହାତଗୋଡ଼ ବାନ୍ଧି ବାପା ଖରାରେ ପକାଇ ଦେଲେ ଏବଂ ପାଣି ଟୋପାଏ ନ ପାଇ ଛଟପଟ ହୋଇ ଶେଷରେ ନିଶାଡ଼ି ପୁଅର ମୃତ୍ୟୁ ଘଟିଛି । ରାଜଧାନୀର ଏକ ବସ୍ତିରେ ନିଶା କାରବାରକୁ ଗୋଟିଏ ପରିବାର ବିରୋଧ କରିବାରୁ ନିଶା ବେପାରୀମାନେ ଏହି ପରିବାରର ଗୋଟିଏ ନାବାଳକ ପୁଅକୁ ନିର୍ମମ ଭାବେ ହତ୍ୟା କରି ଫିଙ୍ଗି ଦେଇଥିବା ଭଳି ଲୋମ ଟାଙ୍କୁରା ଅଭିଯୋଗ ହୋଇଛି ପୁଲିସ ନିକଟରେ ।

ନିଶା ପାଇଁ ପଇସା ନ ଦେବାରୁ ଜନ୍ମଦାତ୍ରୀ ମା'କୁ ନିଶାଡ଼ି ପୁଅ ହତ୍ୟା କରି ମା'ର ଶବ ସହ ଘରେ ନିଆଁ ଲଗାଇ ଦେବା ଭଳି ଅଭାବନୀୟ ଘଟଣା ଘଟିଛି ଭୁବନେଶ୍ୱରରେ । ବାପୁଜୀନଗରର ଫୁଟପାଥ ଉପରେ ନିଶାରେ ଉନ୍ମତ୍ତ ଜଣେ ଯୁବକ ତାଙ୍କ ବନ୍ଧୁଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଥିବା ବେଳେ ଅନ୍ୟ ଜଣେ ନିଶାଡ଼ି ନିଜ ସାଙ୍ଗକୁ ସିମେଣ୍ଟ ସ୍ଲାବ୍‌ରେ ଛେଚି ହତ୍ୟା କରିଛି ୟୁନିଟ୍-୩ ଅଞ୍ଚଳରେ । ଗଞ୍ଜେଇ ଟଣାକୁ କେନ୍ଦ୍ର କରି ଭୁବନେଶ୍ୱର ରେଳ ଷ୍ଟେସନ୍ ଟିକେଟ କାଉଣ୍ଟର ସମ୍ମୁଖରେ ଜଣେ ଯୁବକକୁ ବି ହତ୍ୟା କରାଯାଇଛି । ନିଶା ବେପାର ପାଇଁ ବହୁ ହତ୍ୟାକାଣ୍ଡ ଓ ଗଣ୍ଡଗୋଳ ଘଟୁଛି । ତେବେ ଉଭୟ ଚୋରା ଓ ଲାଇସେନ୍ସପ୍ରାପ୍ତ ମଦ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଉତ୍ପାଦନ, ବିପଣନ, ପରିବହନ ଓ ସେବନ କିପରି କରା ନହେବ, ସେ ଦିଗରେ କିନ୍ତୁ ଦୃଢ ପଦକ୍ଷେପ ନିଆଯାଉ ନଥିବାରୁ ପଞ୍ଜାବରୁ ପୁରୀ ଏବଂ କେରଳରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସତେ ଯେମିତି ଆମ କଷ୍ଟଲବ୍ଧ ସ୍ୱାଧୀନତାକୁ ନିଶା ରାକ୍ଷସ ଅପହରଣ କରିବା ସହ ହତ୍ୟା, ବଳାତ୍କାର, ଚୋରି ଡକାୟତି, ମାରପିଟ୍ ଆଦି ଅପରାଧର ସାମ୍ରାଜ୍ୟ ବଢ଼ାଇବାରେ ଲାଗିଛି ।

ଭୁବନେଶ୍ୱରରେ ନୂଆବର୍ଷ ପାଳନ ପାଇଁ ଜିରୋ ନାଇଟ୍ ସେଲିବ୍ରେସନ୍ ବେଳେ ନିଶାସକ୍ତ ଅବସ୍ଥାରେ କିଛି ଯୁବକ ଏଭଳି ଉନ୍ମତ୍ତ କାଣ୍ଡ କଲେ ଯେ ଜଣେ ସାଥୀଙ୍କୁ ଖଣ୍ଡାରେ ହାଣିବା ସହ ତାଙ୍କ ପାଟିରେ ଗୁପ୍ତି ପୁରାଇ ହତ୍ୟା କରିବା ପର୍ଯ୍ୟନ୍ତ କଥା ଗଲା । ଢେଙ୍କାନାଳ ସଦର ଥାନାର ଚାଉଳିଆଖମାର ଗାଁରେ ମଦ ପିଇବାକୁ ବାପା ବାରଣ କଲେ ବୋଲି ୩୦ ବର୍ଷର ଯୁବକ ପୁଅ ନିଶାରେ ଚୁର୍ ଥାଇ ବାପାର ତଣ୍ଟି କାଟି ହତ୍ୟା କରିଥିବା ବେଳେ ଦେବଗଡ଼ ଜିଲ୍ଲାର ବାରକୋଟ ଥାନା ଅନ୍ତର୍ଗତ ଅନନ୍ତପିଛୁଳା ଗାଁରେ ମଦ ନିଶାରେ ବାପା ହିତାହିତ ଜ୍ଞାନ ହରାଇ ନିଦରେ ଶୋଇଥିବା ପୁଅକୁ ଉଠାଇ ଟାଙ୍ଗିଆରେ ହାଣି ହତ୍ୟା କରିବା ସମ୍ବାଦ ବି ପ୍ରକାଶ ପାଇଛି । ବ୍ରହ୍ମପୁର, କଟକ, ପୁରୀ ସମେତ ଆଉ କେତେକ ସ୍ଥାନରେ ନିଶାସକ୍ତ ବାପାମାନେ ରାକ୍ଷସ ପାଲଟି ନିଜ ନାବାଳିକା ଝିଅଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହେବା ଘଟଣା ଅନେକଙ୍କ ମନରୁ ଲିଭି ନଥିବ । ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ହାଣ୍ଡିଆ ପିଇ ପତ୍ନୀକୁ ପିଟିପିଟି ସ୍ୱାମୀ ହତ୍ୟା କରିବା ଘଟଣା ବି ଗଣମାଧ୍ୟମରେ ପ୍ରକାଶ ପାଇଛି । ଅନ୍ୟ ଏକ ସମ୍ବାଦ ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ମୀରପୁର ଗାଁରେ ମଦ ପିଇବାକୁ ଟଙ୍କା ନଦେବାରୁ ମା'କୁ କଟୁରୀରେ ହାଣି ଜଘନ୍ୟ ଭାବେ ହତ୍ୟା କରିଛି ନିଶାଡ଼ି ପୁଅ ।

ବାଲେଶ୍ୱର ଜିଲ୍ଲା ବାହାନଗା ଅଞ୍ଚଳର ତାହାରପୁର ଗାଁରେ ନିଶାଡ଼ି ପୁଅର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଜନ୍ମଦାତ୍ରୀ ମା' ତାକୁ ହତ୍ୟା କରିବାକୁ ବାଧ୍ୟ ହୋଇଛି । ରାଜଧାନୀ ଉପକଣ୍ଠରେ ମଦ୍ୟପ ଗୃହକର୍ତ୍ତାଙ୍କ ଉତ୍ପୀଡ଼ନରୁ ରକ୍ଷା ପାଇବା ପାଇଁ ପତ୍ନୀ ଓ ପିଲାମାନେ ମିଶି ତାଙ୍କୁ ହତ୍ୟା କରିଛନ୍ତି । କେନ୍ଦୁଝର ଜିଲ୍ଲା ନୟାକୋଟ ଥାନା ଅର୍ନ୍ତଗତ ରଙ୍ଗମାଟିଆ ଗାଁରେ ମଦ୍ୟପ ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇର ମୃତ୍ୟୁ ଘଟିଛି । ନବରଙ୍ଗପୁର ଜିଲ୍ଲାର ଉମରକୋଟ ନିକଟବର୍ତ୍ତୀ ଖଣ୍ଡା ଗାଁର ଜଣେ ଯୁବକ କଣ୍ଟ୍ରୋଲ ଦୋକାନରୁ ପରିବାରର ଟଙ୍କିକିଆ ଚାଉଳ ଉଠାଇ ବଜାରରେ ବିକି ମଦ ପିଇବା ଘଟଣାର ପ୍ରତିବାଦ ବାପା କରିବାରୁ ଏଥିରେ ନିଶାଗ୍ରସ୍ତ ପୁଅ ଉତ୍ତ୍ୟକ୍ତ ହୋଇ ବାପାଙ୍କୁ କାଠ ଫାଳିଆରେ ପିଟିପିଟି ହତ୍ୟା କରିଛି । ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଅଞ୍ଚଳରେ ମଦ ନିଶାରେ ହିତାହିତ ଜ୍ଞାନ ଭୁଲି ବାପା ତିନୋଟି କଅଁଳ ଶିଶୁଙ୍କୁ କୂଅରେ ପକାଇ ମାରିଛି । ଅନ୍ୟ ଏକ ପ୍ରକାଶିତ ଖବର ଅନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅକୁ ମାତାଲ ବାପା ବଳାତ୍କାର କରିବା

ପରେ ନିଜର ଭୁଲ୍ ବୁଝି ଆତ୍ମହତ୍ୟା କରିଥିବା ବେଳେ ଲୋକନିନ୍ଦା ସହି ନପାରି ନିରୀହା ଝିଅଟି ମଧ୍ୟ ଜୀବନ ହାରି ଦେଇଛି। ବିଧବା ମା' ପେନ୍‌ସନ୍ ଟଙ୍କାରୁ ପୁଅକୁ ନିଶା ଖାଇବାକୁ ପଇସା ନଦେବାରୁ ହିତାହିତ ଜ୍ଞାନ ଭୁଲି ନିଶାଡ଼ି ପୁଅ ଜନ୍ମଦାତ୍ରୀ ମା'କୁ ବଳାତ୍କାର ସହ ହତ୍ୟା କରିବା ଘଟଣା ବି ପ୍ରକାଶ ପାଇଛି। କୁନି ଝିଅଟିକୁ କୋଳରେ ଧରି ବାପା-ମା' ରେଳରେ ଯାଉଥିଲେ ଡାକ୍ତରଖାନାକୁ। ବାଟରେ ରୋଗିଣା ଶିଶୁଟି କାନ୍ଦିବାରୁ ନିଶାଡ଼ି ବାପା ଉତ୍ୟକ୍ତ ହୋଇ ତାକୁ ଚଳନ୍ତା ରେଳଗାଡ଼ିରୁ ଫିଙ୍ଗିଦେବା ଓ ଶିଶୁଟିକୁ ଉଦ୍ଧାର କରିବା ପାଇଁ ମା' ରେଳରୁ ଡେଇଁ ମୃତ୍ୟୁବରଣ କରିବା ଭଳି ଅଭାବନୀୟ ଘଟଣା ବି ଘଟୁଛି। ଅନ୍ୟ ଏକ ପ୍ରକାଶିତ ସମ୍ବାଦ ଅନୁଯାୟୀ, ପର ଘରେ କାମ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ମା'ଟିଏ ନିଜ ଶିଶୁପୁତ୍ରର ଚିକିତ୍ସା ପାଇଁ ଔଷଧ ଆଣିବାକୁ ଜନ୍ମଦାତା ବାପା ହାତରେ ଟଙ୍କା ଦେଇ ପଠାଇଥିଲେ ଔଷଧ ଦୋକାନକୁ। ହେଲେ ବାପା ଔଷଧ ଆଣିବା ପରିବର୍ତ୍ତେ ନିଶା ଖାଇ ଦୀର୍ଘ ସମୟ ଧରି ନ ଫେରିବା ଭିତରେ ଛଟପଟ ହୋଇ ପିଲାଟି ମରିଯିବା ଭଳି ଦାରୁଣ ଘଟଣାର ବି ଉଦାହରଣ ଅଛି।

ଓଡ଼ିଶାରେ ଶେଷ ଫାଶୀ ଦଣ୍ଡ କାର୍ଯ୍ୟକାରୀ ହୋଇଥିଲା ୧୯୯୦ ଦଶକରେ, ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ। ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦଣ୍ଡ ପାଇଥିଲା ମୟୂରଭଞ୍ଜ ଜିଲ୍ଲାର ଜଣେ ଯୁବକ। ତା'ର ଅପରାଧ ଥିଲା- ସେ ମଦ ନିଶାରେ ଚୁର ହୋଇ ନିଜର ଛୋଟ ଝିଆରୀକୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରିବା। ଜମିରେ ଚାଷ କରୁଥିବା ବାପାଙ୍କ ପାଇଁ ଖାଦ୍ୟ ନେଇ ଯାଉଥିବା ଜଣେ ଯୁବତୀଙ୍କୁ ବାଟରେ ବଳାତ୍କାର ପରେ ହତ୍ୟା, ଗୋଟିଏ ଶିଶୁକନ୍ୟାକୁ ନିଶାଡ଼ିଟିଏ ବଳାତ୍କାର ପରେ ହତ୍ୟା ଏବଂ ଜଣେ ବୃଦ୍ଧାଙ୍କୁ ନିଶାରେ ଉନ୍ମତ୍ତ ଅନ୍ୟ ଜଣେ ଯୁବକ ବଳାତ୍କାର ପରେ ହତ୍ୟା କରିବା ଭଳି ବିରଳ ଅପରାଧର ବିଚାର କରି ଦୌରା ଅଦାଲତ ଫାଶୀ ଦଣ୍ଡ ଆଦେଶ ଦେଇଥିଲେ ମଧ୍ୟ ଉପର ଅଦାଲତରୁ ଏମାନଙ୍କ ଦଣ୍ଡାଦେଶ କୋହଳ ହୋଇଛି। ଆମ ଆଖପାଖରେ ଘଟୁଥିବା ଅନେକ ନିଶାଜନିତ ଅପରାଧରୁ ଏସବୁ କେତୋଟି ମାତ୍ର ଉଦାହରଣ। ନିଶାଡ଼ିଙ୍କ ପରିବାରର ଲୋକେ ଦିନରାତି ଅନୁଭବ କରନ୍ତି ନିଶାର ପୀଡ଼ା। ଯେଉଁମାନଙ୍କ ସ୍ୱାମୀ, ପୁଅ, ଭାଇ, ସାଙ୍ଗସାଥୀ ଓ ଅନ୍ୟ ସମ୍ପର୍କୀୟଙ୍କ ମୁଣ୍ଡରେ ନିଶା ରାକ୍ଷସ ସବାର ହୋଇଛି, ସେମାନଙ୍କ ପ୍ରତି ଯେ କେତେବେଳେ ଏଭଳି ଜଘନ୍ୟ ଅପରାଧ ନ ଘଟିବ, ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଭୋଟ୍ ହାତେଇବା ପାଇଁ ସୁବିଧାବାଦୀ ନେତାମାନେ କଳାଟଙ୍କା ସହ ମଦ ଓ ଅନ୍ୟାନ୍ୟ ନିଶା ବାଣ୍ଟିବାର କୁଫଳ ଭୋଗୁଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥା। ବିବାହ, ଉପନୟନଠାରୁ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ବିଭିନ୍ନ ଉତ୍ସବାନୁଷ୍ଠାନକୁ ନିଶାର ବନ୍ୟା ସତେ ଯେମିତି ଉବୁଟୁବୁ କରୁଛି।

ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧିର ୨୪ (କ) ଧାରା ଅନୁଯାୟୀ ସରକାରୀ କର୍ମଚାରୀମାନେ ମଦ ଓ ଅନ୍ୟ ନିଶା ସାମଗ୍ରୀ ସଂକ୍ରାନ୍ତୀୟ ଆଇନ ମାନିବାକୁ ବାଧ୍ୟ। ଏହାର ଉଲ୍ଲଙ୍ଘନ କରାଗଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଧାରରେ ଦଣ୍ଡ ବିଧାନ କରାଯିବାର ବ୍ୟବସ୍ଥା ଅଛି। ସିଗାରେଟ ଖୋଳଠାରୁ ପାନ ମସଲା ପାଉଚ୍ ଓ ମଦ ବୋତଲ ପର୍ଯ୍ୟନ୍ତ ବିଭିନ୍ନ ନିଶା ସାମଗ୍ରୀ ଉପରେ ଏହା ସେବନ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ବୈଧାନିକ ସତର୍କତା ଲେଖାଯାଉଛି। କିନ୍ତୁ ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ର ପାଇଁ କ୍ଷତି ପହଞ୍ଚାଉଥିବା ଏହି ନିଶା ସାମଗ୍ରୀର ଉତ୍ପାଦନ, ବିପଣନ ଓ ସେବନ ପାଇଁ ସରକାର ସୁଯୋଗ ସୃଷ୍ଟି କରି ନିଜେ ନିଜର ବୈଧାନିକ ସତର୍କତାକୁ ଉଲ୍ଲଙ୍ଘନ କରୁଛନ୍ତି। ଏମିତିକି ଓଡ଼ିଶା ନିଶା ନିବାରଣ ଆଇନ ୧୯୫୬, ରାଜ୍ୟ ଯୁବ ନୀତିରେ ଥିବା ନିଶା ନିବାରଣ ବ୍ୟବସ୍ଥା, ଅବକାରୀ ଆଇନରେ ଉଲ୍ଲେଖ ଥିବା ନିଶା ନିବାରଣ ଏବଂ ଓଡ଼ିଶାରେ ଗୁଟ୍‌ଖା, ତମାଖୁ ଆଦିର ଉତ୍ପାଦନ, ବିପଣନ, ପରିବହନ ଓ ସେବନ ଉପରେ ନିଷିଦ୍ଧାଦେଶ ଓ କୋଟପା ଆଇନ ବି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉନାହିଁ।

ନିଶା ପାଇଁ ଆମ ଦେଶରେ ପ୍ରତିଦିନ ଘଟୁଛି ହଜାର ହଜାର ଅପରାଧ। ବଢ଼ି ଚାଲୁଥିବା ଅପରାଧ ନିୟନ୍ତ୍ରଣ ଲାଗି ସରକାର ବଢ଼ାଉଛନ୍ତି ଥାନା ଫାଣ୍ଡି, ଆଇନ ଅଦାଲତ ଓ ଜେଲ୍ ଆଦି। ନିଶା ଯୋଗୁଁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇ ଲକ୍ଷାଧିକ ଜୀବନ ଯିବା ସହ କେତେ ଯେ ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇ ପଡୁଛନ୍ତି, ତାହାର ସଠିକ୍ ପରିସଂଖ୍ୟାନ ସରକାର ବି ସଂଗ୍ରହ କରିପାରୁନାହାନ୍ତି। ନିଶା ଯୋଗୁଁ ବଢି ଚାଲୁଥିବା ରୋଗ ବ୍ୟାଧି ଯୋଗୁଁ କୋଟି କୋଟି ଶ୍ରମ ଦିବସ ନଷ୍ଟ ହେଉଛି ଏବଂ ଏହାର ଚିକିତ୍ସା ଲାଗି ବ୍ୟକ୍ତି, ପରିବାର, ରାଜ୍ୟ ଓ ରାଷ୍ଟ୍ର ମଧ୍ୟ ପାଣି ପରି ଅର୍ଥ ବୁହାଇ ଚାଲୁଛନ୍ତି। କେବଳ ସେତିକି ନୁହେଁ, ବହୁ ସରକାରୀ ଯୋଜନାରୁ ଆଶାନୁରୂପ ଫଳ ନ ମିଳିବା, ଦେଶରେ କୋଟି କୋଟି ପିଲା ଅଧାରୁ ପାଠ ଛାଡ଼ିବା, ଆତ୍ମହତ୍ୟା ବଢ଼ିବା ଆଦିର ମୂଳ କାରଣ ବି ନିଶା। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନିମ୍ନଗାମୀ କରାଇବାରେ ନିଶା ରାକ୍ଷସ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ବେଳେ ସାମାଜିକ, ପ୍ରଶାସନିକ, ରାଜନୈତିକ, ନୈତିକ ଆଦି କ୍ଷେତ୍ରରେ ଅବକ୍ଷୟ ଏବଂ ଦୁର୍ନୀତି ଓ ଭ୍ରଷ୍ଟାଚାର ମୂଳରେ ବି ନିଶା। ଅବକାରୀରୁ ଯେତେ ପରିମାଣର ରାଜସ୍ୱ ସରକାର ପାଉଛନ୍ତି, ତାହାର ଅନ୍ୟୂନ ୧୦୦ ଗୁଣ କ୍ଷତି ସହୁଛନ୍ତି ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ର। ଏତେସବୁ ସତ୍ତ୍ୱେ ଜାତୀୟ ସ୍ତରରେ ନିଶା ନିବାରଣ ପାଇଁ ଏକମାତ୍ର ବାଟ ହେଉଛି ସମ୍ପୂର୍ଣ୍ଣ ନିଶା ନିବାରଣ। ଏଥି ଲାଗି ଧନ ଅପେକ୍ଷା ଅଧିକ ଲୋଡ଼ା ପଡୁଛି ସମର୍ପିତ ଓ ସଂକଳ୍ପବଦ୍ଧ ଦୃଢ଼ ରାଜନୈତିକ, ସାମାଜିକ ଏବଂ ପ୍ରଶାସନିକ ଇଚ୍ଛାଶକ୍ତିର।

ଫୋନ୍ : ୯୪୩୭୦୧୭୩୯୫

## କଟକ ଆକାଶବାଣୀ କେନ୍ଦ୍ରରୁ ପ୍ରସାରିତ ଏକ ସାକ୍ଷାତକାର କାର୍ଯ୍ୟକ୍ରମର ଭାବାନୁବାଦ ।
## ସାକ୍ଷାତକାରରେ ଅଂଶ ଗ୍ରହଣ କରିଛନ୍ତି- ଶ୍ରୀମତୀ ଦାରାକ୍ସନ୍ ମହାଜଦିନ୍, ନିଶାମୁକ୍ତ କେନ୍ଦ୍ରର କାଉନସେଲର

ପ୍ରୋଜେକ୍ଟ ସ୍ୱରାଜ, ନିଶାମୁକ୍ତି କେନ୍ଦ୍ର, କଟକ

ପରିବେଶ, ପରିସ୍ଥିତି ଓ ସଙ୍ଗଦୋଷରେ ପଡ଼ି, ବିଶେଷ କରି କୈଶୋର ଓ ଯୁବାବସ୍ଥାରେ ମଣିଷ ନିଶା ଚାଖୁ ଚାଖୁ କେତେବେଳେ ନିଶା କବଳରେ ପଡିଯାଏ, ସେ ନିଜେ ବି ଜାଣିପାରେ ନାହିଁ। ପୁନର୍ବାର ଭଲ ଅବସ୍ଥାକୁ ଫେରିବା ତାଙ୍କ ପାଇଁ ସହଜ ହୋଇନଥାଏ। ଏପରି ଘଡିସନ୍ଧି ମୁହୂର୍ତ୍ତରେ ଯେଉଁ ଅନୁଷ୍ଠାନ ତାର ସହାୟତା କରିଥାନ୍ତି, ତାହା ହେଉଛି 'ନିଶାମୁକ୍ତି କେନ୍ଦ୍ର'। ଏପରି ଏକ ସରକାରୀ ସାହାଯ୍ୟପ୍ରାପ୍ତ ନିଶାମୁକ୍ତି କେନ୍ଦ୍ର ହେଉଛି କଟକସ୍ଥ 'ପ୍ରୋଜେକ୍ଟ ସ୍ୱରାଜ' ନିଶାମୁକ୍ତି କେନ୍ଦ୍ର। ଏହି କେନ୍ଦ୍ରର କାଉନସେଲର, ଶ୍ରୀମତୀ ମହାଜଦିନ୍ଙ୍କ ସାକ୍ଷାତକାରର ଭାବାନୁବାଦ ତଳେ ଦିଆଗଲା :-

ପ୍ରଶ୍ନ- ଜଣେ କାଉନ୍ସେଲର୍ଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କିଛି କହନ୍ତୁ

ଉତ୍ତର- ପରିବାରରେ କେହି ନିଶାଗ୍ରସ୍ତ ହୋଇଥିଲେ (ମଦ, ଗଞ୍ଜେଇ, ନିଶା ଔଷଧ ଇତ୍ୟାଦି) ତାଙ୍କ ଅଭିଭାବକ ତାଙ୍କ ନିଶା ଅଭ୍ୟାସ ଛଡ଼ାଇବା ପାଇଁ ନିଶାମୁକ୍ତି କେନ୍ଦ୍ରକୁ ଆଣନ୍ତି। ଆମ ରାଜ୍ୟରେ ଅନେକ ନିଶାମୁକ୍ତି କେନ୍ଦ୍ର ଅଛି। ସେ ମଧ୍ୟରୁ କେତେକ ସରକାରୀ ସାହାଯ୍ୟପ୍ରାପ୍ତ। ଆଉ କେତେକ ଘରୋଇ କେନ୍ଦ୍ର। ଆମର ଏହା ସରକାରୀ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନ। ଏଠାକାର ଅନ୍ତେବାସୀ ନିଶାପୀଡିତ ବ୍ୟକ୍ତିଙ୍କୁ ଆମେ କ୍ଲାଏଣ୍ଟ ବା ଇନ୍‌ମେଟ୍ ବୋଲି କହୁ। ଆଉ ଅନ୍ୟ କିଛି ବିଶେଷଣରେ ଆମେ ତାଙ୍କୁ ଚିହ୍ନଟ କରୁନା, କାରଣ କାଳେ ସେମାନଙ୍କୁ ଖରାପ ଲାଗିପାରେ। ଆମେ ସେମାନଙ୍କୁ ଏଠାରେ ରଖି ସେମାନଙ୍କର ଚିକିତ୍ସା ଓ ପରାମର୍ଶ ଦେଇଥାଉ। ସେଥିପାଇଁ ଏହି କେନ୍ଦ୍ରକୁ 'De-addiction-cum-Rehabilitation Centre ବୋଲି କୁହାଯାଏ। ଜଣେ ନିଶାପୀଡିତ ମଣିଷର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ, ଦିନଚର୍ଯ୍ୟା, ବ୍ୟବହାର ସବୁ ବିଶୃଙ୍ଖଳ ହୋଇଯାଇଥାଏ। ଆମେ ସେ ସବୁକୁ ଏଠାରେ ସଂଶୋଧନ କରି ପୁନର୍ବାର ଠିକ୍ କରିବାକୁ ଚେଷ୍ଟା କରିଥାଉ। ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ ହେଉଛି ନିଶାପୀଡିତ ବ୍ୟକ୍ତିର ଶାରିରୀକ, ମାନସିକ, ଆଧ୍ୟାତ୍ମିକ ସାମାଜିକ, ଆର୍ଥିକ ଓ ଜୀବନ-ଶୈଳୀରେ ଉନ୍ନତି ଆଣି ପୁନର୍ବାର ସମାଜରେ ଜଣେ ଦାୟିତ୍ୱବାନ ନାଗରିକଭାବେ ପ୍ରତିଷ୍ଠିତ କରାଇବା, ନିଶା ବିଷୟକ ସମସ୍ତ ଜ୍ଞାନ, ନିଶାର ପରିଣାମ ଇତ୍ୟାଦି ବିଷୟରେ ସମ୍ୟକ୍ ଭାବେ ଆମେ ତାଙ୍କୁ ଜଣାଇଥାଉ।

ପ୍ର. ଏଥିପାଇଁ ଆପଣ କିଛି ସ୍ୱତନ୍ତ୍ର ତାଲିମ ନେଇଥାନ୍ତି ?

ଉ. ହଁ, ଆମ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା ଅଛି। ମୁଁ ସ୍ନାତକ ପରେ ଏଠାରେ ଯୋଗ ଦେଇଥିଲି। କେତେକ ମୌଳିକ ତାଲିମ ଆମେ ପାଇଥାଉ। ତା ବ୍ୟତୀତ ସମୟକୁ ସମୟ ଆମକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେତେକ ଅନୁଷ୍ଠାନ ତରଫରୁ ତାଲିମ ଦିଆଯାଇଥାଏ। ତାଲିମ ଦେଉଥିବା ସଂସ୍ଥାଗୁଡିକ ଏବଂ ବିଷୟବସ୍ତୁଗୁଡିକ ହେଉଛି- National Institute of Social Defence (NISD), Ministry of Social Justice & Empowerment (MSJE), Regional Research Training Centre (RRTC), Basic Course on De-addiction & Rehabilitation (BCDR), Basic Course on Life Skill Management, Counselling Issue & Process & Treatment Method, Drug Abuse Prevention & Treatment. ଇତ୍ୟାଦି।

ପ୍ର. ନିଶାମୁକ୍ତି କେନ୍ଦ୍ରରେ ଦିଆଯାଉଥିବା ସେବା ବିଷୟରେ କିଛି କହନ୍ତୁ।

ଉ. ପ୍ରଥମେ ଜଣେ ନିଶାପୀଡିତ ବ୍ୟକ୍ତି ଆମ କେନ୍ଦ୍ରରେ ଯୋଗଦେବା ପୂର୍ବରୁ ନିକଟସ୍ଥ ସରକାରୀ ଚିକିତ୍ସାଳୟକୁ ଯାଇ (ଏଠାରେ କଟକ ବଡ଼ ମେଡ଼ିକାଲ) ଡାକ୍ତରଙ୍କୁ ଦେଖେଇ ଆବଶ୍ୟକୀୟ ଟେଷ୍ଟ ଆଦି କରେଇ ସେଠାରୁ ଚିକିତ୍ସାପତ୍ର ଓ ଔଷଧ ସହ ଏଠାକୁ ଆସନ୍ତି। ଚିକିତ୍ସା, ପରୀକ୍ଷା, ଔଷଧ ସବୁ ବିନା ମୂଲ୍ୟରେ ସେଠାରେ ମିଳେ। ଏଠାରେ ତାଙ୍କର ଚିକିତ୍ସାପତ୍ର ସହ ନିଜର ପରିଚୟ ପତ୍ର, ସାଙ୍ଗରେ ଆସିଥିବା ଅଭିଭାବକଙ୍କ ପରିଚୟ ପତ୍ର ଏବଂ ନିଜର ଦୈନନ୍ଦିନ ବ୍ୟବହାର ପାଇଁ କେତେକ ଜିନିଷ ସହ ଏଠାରେ ଯୋଗ ଦେଇଥାନ୍ତି। ଏଠାରେ ରହିବା ସମୟରେ ତାଙ୍କୁ ଅନୁଦାନ ହିସାବରେ ନିୟମିତ ଔଷଧ ଆମେ ଦେଇଥାଉ। ଏଠାକୁ ଚିକିତ୍ସକ ସପ୍ତାହକୁ ଥରେ ଆସି ଅନ୍ତେବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥାନ୍ତି। ଏଠାରେ ଆମେ ତାଙ୍କୁ ନିଜ ପରିବାର ଲୋକ ପରି ବ୍ୟବହାର କରିଥାଉ। ସେମାନଙ୍କ ସଙ୍ଗେ ଆଲୋଚନା ମାଧ୍ୟମରେ କେଉଁ ପରିସ୍ଥିତିରେ ନିଶା ଆରମ୍ଭ କଲେ, କ'ଣ କଲେ ନିଶାରୁ ମୁକ୍ତି ମିଳିବ

ଇତ୍ୟାଦି ଅନ୍ତରଙ୍ଗ ଆଲୋଚନା କରିଥାଉ। ତାଙ୍କର ସମସ୍ୟା ସମ୍ବନ୍ଧରେ ସବୁକଥା ଧୈର୍ଯ୍ୟର ସହ ଆମେ ଶୁଣୁ ଏବଂ ସୁଧାରିବାର ବାଟ ବାହାରକରୁ। ଆବଶ୍ୟକ ପଡିଲେ ତାଙ୍କ ପରିବାର ଲୋକଙ୍କୁ ଏଠାକୁ ଡକେଇ, ସାଙ୍ଗରେ ବସେଇ ଆଲୋଚନା କରୁ। ଯେପର୍ଯ୍ୟନ୍ତ ନିଶାପୀଡିତ ବ୍ୟକ୍ତି ନିଜ ଭୁଲ ନିଜେ ହୃଦୟଙ୍ଗମ କରିନାହିଁ ଏବଂ ସ୍ୱୀକାର କରିନାହିଁ, ସେ ପର୍ଯ୍ୟନ୍ତ ସେ ନିଶାମୁକ୍ତି ଆଡ଼େ ମନ ବଳେଇବ ନାହିଁ। ଏହିକଥା ଆମେ କାଉନସେଲିଂ ମାଧ୍ୟମରେ ତାଙ୍କୁ ହୃଦବୋଧ କରାଉ। ଗୋଟିଏ ମାସ ପର୍ଯ୍ୟନ୍ତ ଏଠାରେ ରହିବା, ଖାଇବା, ଚିକିତ୍ସା ଆଦି ବିନାମୂଲ୍ୟରେ ଉପଲବ୍ଧ। ଯଦି ଡାକ୍ତର ପରାମର୍ଶ ଦିଅନ୍ତି ତେବେ ଦ୍ୱିତୀୟ ମାସରେ ମଧ୍ୟ ତାଙ୍କୁ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଆବଶ୍ୟକ ସ୍ଥଳେ ଦୁଇ ମାସରୁ ଉର୍ଦ୍ଧ୍ୱ ଏଠାରେ ସେ ରହିପାରିବେ, କିନ୍ତୁ ଖାଇବା ଖର୍ଚ୍ଚ ତାଙ୍କୁ ବହନ କରିବାକୁ ପଡ଼ିବ। ଅବଶ୍ୟ ରହିବା ଓ ଚିକିତ୍ସା ପାଇଁ କିଛି ଖର୍ଚ୍ଚ ପଡ଼ିବ ନାହିଁ। ହାରାହାରି ସମ୍ପୂର୍ଣ୍ଣ ନିଶାମୁକ୍ତି ପାଇଁ ୩ ମାସ ରହିବାକୁ ପଡ଼େ। ଆବଶ୍ୟକ ସ୍ଥଳେ ଏହି ଅବଧି ୬ ମାସ ପର୍ଯ୍ୟନ୍ତ ବଢିପାରେ। ଅନ୍ତେବାସୀମାନଙ୍କୁ ସମ୍ପୂର୍ଣ୍ଣ ସମୟତକ ନିଶାମୁକ୍ତି କେନ୍ଦ୍ର ପରିସର ମଧ୍ୟରେ ରହିବାକୁ ପଡ଼େ, ସେମାନଙ୍କୁ ବାହାରକୁ ଯିବାର ଅନୁମତି ଦିଆଯାଏ ନାହିଁ। ସେହି ଭିତରେ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରାଯାଇଥାଏ।

ପ୍ର. ଆପଣଙ୍କ କେନ୍ଦ୍ରରେ ଅନ୍ତେବାସୀଙ୍କ ପାଇଁ ଦୈନିକ ରୁଟିନ୍ କ'ଣ କିପରି ଥାଏ ?

ଉ. ଦୈନିକ ସକାଳେ ଅନ୍ତେବାସୀମାନେ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଉଠନ୍ତି; ନିତ୍ୟକର୍ମ ସାରି ପ୍ରାର୍ଥନା, ଯୋଗ, ପ୍ରାଣାୟମ ଆଦି ପରେ ସକାଳ ଚା'ଜଳଖିଆ ଦିଆଯାଏ। ଏହାପରେ ରୁଟିନ୍ ଅନୁସାରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଥାଏ। ଶିକ୍ଷା ଦେଇଥାନ୍ତି- କାଉନ୍‌ସେଲର, ପିଅର୍ ଏଜୁକେଟର, ଚିକିତ୍ସା ବିଜ୍ଞାନୀ, ମନସ୍ତତ୍ତ୍ୱବିତ୍। ଆଲୋଚନା, ବକ୍ତୃତା, ପ୍ରଶ୍ନୋତ୍ତର, ଅଡ଼ିଓ ଭିଜୁଆଲ, ଓ୍ୱାନ ଆକ୍ଟ ପ୍ଲେ, ଗ୍ରୁପ୍ ଡିସ୍‌କସନ୍, ଅନୁଭୂତି ବର୍ଣ୍ଣନା ଆଦି ପ୍ରଣାଳୀ ଗୁଡ଼ିକ ମାଧ୍ୟମରେ ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ। ଏହାଦ୍ୱାରା ଅନ୍ତେବାସୀଙ୍କର ନିଶା ସମ୍ବନ୍ଧୀୟ ବୈଜ୍ଞାନିକ ଜ୍ଞାନ; ଶରୀର, ମନ, ମସ୍ତିଷ୍କ ଉପରେ ପ୍ରଭାବ ଆଦି ଉପରେ ସଠିକ୍ ଧାରଣା ଆସେ। ଏହା ପରେ ମଧ୍ୟାହ୍ନ ଭୋଜନ ଏବଂ କିଛି ସମୟ ବିଶ୍ରାମ। ଅପରାହ୍ନରେ କେନ୍ଦ୍ର ପରିସରରେ କିଛି ଇନ୍‌ଡୋର କ୍ରୀଡ଼ା, ଯଥା- କ୍ୟାରମ୍, ବ୍ୟାଡମିଣ୍ଟନ, ଚେସ୍ ଆଦିର ବ୍ୟବସ୍ଥା ଅଛି। ସନ୍ଧ୍ୟାରେ ପ୍ରାର୍ଥନା ପରେ ଦୂରଦର୍ଶନ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ଅନ୍ତେବାସୀମାନେ ଉପଭୋଗ କରନ୍ତି। ରାତି ୯ଟାରେ ରାତ୍ରିଭୋଜନ ଏବଂ ତାପରେ ବିଶ୍ରାମ।

ପ୍ର. କେନ୍ଦ୍ରରେ ଖାଦ୍ୟପେୟର କି ପ୍ରକାର ବ୍ୟବସ୍ଥା ଅଛି ?

ଉ. ଏଠାରେ ସାଧାରଣ ଖାଦ୍ୟ ଦିଆଯାଏ। ଅଧିକ ତେଲ ମସଲା ଦିଆଯାଏ ନାହିଁ। ମଧୁମେହ ରୋଗୀଙ୍କୁ ଚିକିତ୍ସକଙ୍କ ପରାମର୍ଶମତେ ଖାଦ୍ୟ ଦିଆଯାଏ। ସକାଳେ ଓ ସନ୍ଧ୍ୟାରେ ଚା-ଜଳଖିଆର ବି ବ୍ୟବସ୍ଥା ଥାଏ।

ପ୍ର. ଆପଣଙ୍କର ଏହି ନିଶାମୁକ୍ତି କେନ୍ଦ୍ରରେ କେଉଁ କେଉଁ କର୍ମଚାରୀ କାମ କରନ୍ତି ?

ଉ. ଆମର ଏ କେନ୍ଦ୍ରର ମୁଖ୍ୟ ହେଲେ ପ୍ରୋଜେକ୍ଟ ଡାଇରେକ୍ଟର। ତାଙ୍କ ବ୍ୟତୀତ ଭିଜିଟିଂ ମେଡିକାଲ୍ ଅଫିସର, କାଉନ୍‌ସେଲର, ଏ.ଏନ୍.ଏମ୍., ମେଲ ନର୍ସ, ଓ୍ୱାର୍ଡ ବଏ, ପିଅର ଏଜୁକେଟର, ରୋଷେୟା, ସାହାଯ୍ୟକାରୀ, ସଫେଇ କର୍ମଚାରୀ ଆଦି କାମ କରିଥାନ୍ତି।

ପ୍ର. ପିଅର ଏଜୁକେଟର୍‌ଙ୍କ କାମ କ'ଣ ?

ଉ. ପିଅର ଏଜୁକେଟର୍ ପଦବୀରେ ସେମାନେ ଥାଆନ୍ତି, ଯେଉଁମାନେ ଦିନେ ନିଶାସକ୍ତ ଥିଲେ ଏବଂ ଏହିପରି କେନ୍ଦ୍ର ମାଧ୍ୟମରେ ସମ୍ପୂର୍ଣ୍ଣ ନିଶାମୁକ୍ତ ହୋଇଛନ୍ତି। ସେହିପରି ବ୍ୟକ୍ତିଙ୍କୁ ସେମାନଙ୍କ ଦକ୍ଷତା, ସାଧୁତା ଓ କାର୍ଯ୍ୟ କୁଶଳତା ବିଷୟକୁ ନେଇ ପିଅର୍ ଏଜୁକେଟର୍ ପଦବୀରେ ନିଯୁକ୍ତି ଦିଆଯାଇଥାଏ। ଏମାନେ ଯେହେତୁ ନିଜେ ଭୁକ୍ତଭୋଗୀ ଓ ନିଶାମୁକ୍ତ, ଏମାନେ ସଫଳଭାବେ ଚିକିତ୍ସା ଓ ସେବା ଯୋଗାଇଥାନ୍ତି। ବିଶେଷକରି ଚିକିତ୍ସା ଆରମ୍ଭରୁ ସାତରୁ ଦଶଦିନ ପର୍ଯ୍ୟନ୍ତ ବ୍ୟକ୍ତିର ନିଶାଛାଡିବା ଜନିତ ବିଲକ୍ଷଣ (withdrawal) ସବୁ ଦେଖାଯାଏ। ଦେହ ହାତ ଥରିବା, ମୁଣ୍ଡ ବିନ୍ଧିବା, ନିଦ ନହେବା, ଏଣୁତେଣୁ ଗପିବା ଇତ୍ୟାଦି ବିଲକ୍ଷଣମାନ ଦେଖାଯାଏ। ଏପରି ସମୟରେ ପିଅର ଏଜୁକେଟର, ଚିକିତ୍ସକଙ୍କ ପରାମର୍ଶମତେ ଅନେକ ସହାୟତା କରିଥାନ୍ତି ଏବଂ ବ୍ୟକ୍ତିଙ୍କୁ ସ୍ୱାଭାବିକ କରେଇଥାନ୍ତି।

ପ୍ର. ନିଶାମୁକ୍ତି କେନ୍ଦ୍ରରୁ ଜଣେ ନିଶା ଛାଡ଼ିକରି ଗଲାପରେ କ'ଣ ଆଉ ନିଶା ଖାଏ ନାହିଁ ?

ଉ. ନିଶାମୁକ୍ତି କେନ୍ଦ୍ରରେ ଦୁଇତିନି ମାସ ରହିଲାପରେ ଜଣେ ମାନସିକ, ଶାରିରୀକ ଓ ଭାବନାତ୍ମକ ସ୍ତରରେ ନିଶା ଛାଡ଼ିବାର କ୍ଷମତା ଅର୍ଜନ କରିଥାନ୍ତି। କେନ୍ଦ୍ରରୁ ନିଶାମୁକ୍ତ ହୋଇଯିବା ପରେ ସେମାନେ ସମାଜରେ କିପରି ଚଳିବେ, ସେ ବିଷୟରେ ଭଲ ଭାବରେ ବୁଝାଇ ଦିଆଯାଇଥାଏ। ପୁରୁଣା ସାଙ୍ଗ, ପୁରୁଣା ସ୍ଥାନ ପ୍ରତି ଯଥେଷ୍ଟ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥାଏ। ନଚେତ୍ ପୁନର୍ବାର ସେହି ଦୁର୍ଗତି ଆସିପାରେ

ବୋଲି ସତର୍କ କରିଦିଆଯାଇଥାଏ । ସେମାନେ ଏଠାରୁ ଯିବା ପରେ ଆମେ ମଧ୍ୟ ସେମାନଙ୍କ ସହିତ ଫୋନ୍ ମାଧ୍ୟମରେ ୨ ବର୍ଷ ପର୍ଯ୍ୟନ୍ତ ଯୋଗାଯୋଗରେ ଥାଉ । ସେମାନଙ୍କ ଭଲମନ୍ଦ କଥା ପଚାରି ବୁଝୁ । ସେମାନେ ମଧ୍ୟ ଆମ କେନ୍ଦ୍ରକୁ ମଝିରେ ମଝିରେ ଆସି ଦିନେ ଅଧେ ରହିକି ଯାଇଥାନ୍ତି । ଏହିପରି ଦୁଇପଟୁ ସମ୍ପର୍କ ରକ୍ଷା କରାଯାଇଥାଏ । ଏହା ସତ୍ତ୍ୱେବି କେତେକ କିଛିମାସ ଭଲ ରହିବା ପରେ ପୁଣି ନିଶା ଆରମ୍ଭ କରନ୍ତି । ସେମାନଙ୍କୁ ପୁନର୍ବାର ଏହି କେନ୍ଦ୍ରକୁ ଆସି ଯୋଗଦେବାକୁ ପଡିଥାଏ । ଏଥର ସମ୍ପୂର୍ଣ୍ଣ ନିଶାମୁକ୍ତ ଓ ସୁସ୍ଥ ହୋଇ ଘରକୁ ପୁଣି ଫେରିଥାନ୍ତି । ଅନେକ ବ୍ୟକ୍ତି ଥରକରେ ନିଶା ଛାଡିଥାନ୍ତି । ଆଉ କେତେକ ଦୁଇ ତିନି ଥର ଆସି ନିଶା ଛାଡିଥାନ୍ତି । ଅସଲ ହେଉଛି ଧୈର୍ଯ୍ୟ ଏବଂ ଆଗ୍ରହ ରଖିଲେ ନିଶ୍ଚୟ ସେ ନିଶାମୁକ୍ତ ହୋଇପାରିବେ । ନିଶା ଛାଡିବା ମୂଳରେ ପ୍ରଧାନ କଥା ହେଉଛି ନିଶା ପୀଡିତ ବ୍ୟକ୍ତିର ନିଶା ଛାଡିବା ପାଇଁ ଆନ୍ତରିକତା, ଇଚ୍ଛା ଶକ୍ତି ଏବଂ ତାଙ୍କ ପରିବେଶ । ଏମିତି ବି ଦେଖା ଯାଇଛି, ଯେ ନିଶା ଛାଡି ଦଶବର୍ଷ ସ୍ୱାଭାବିକ ରହିଥିଲେ ବି ତା ପରେ ପରିବେଶ ପରିସ୍ଥିତିରେ ପଡି ପୁଣି ନିଶା ଆରମ୍ଭ କରିଛନ୍ତି । ଏଣୁ ନିଶା ଛାଡିବା ପରେ ଜଣେ ଆଉ ସେପରି ଖରାପ ପରିବେଶ, ସାଙ୍ଗ, ସାଥୀ ଓ ବାତାବରଣ ଠାରୁ ଯେତେଦୂର ସମ୍ଭବ ଦୂରେଇ ରହିବା ଉଚିତ । ଏଥିପାଇଁ ପରିବାର ଲୋକେ ବି ସର୍ବଦା ସେ ବ୍ୟକ୍ତିପ୍ରତି ସତର୍କ ନଜର ରଖିବା ଦରକାର । ବ୍ୟକ୍ତି ମଧ୍ୟ କାର୍ଯ୍ୟ ବ୍ୟସ୍ତ ରହିବା ଦରକାର । ଯେପରିକି ପୂର୍ବର ସେ ଦୁର୍ଯୋଗ ଆଉ ଥରେ ଫେରିବ ନାହିଁ ।

ଅଧିକନ୍ତୁ, 'ନାର୍‌କୋଟିକସ୍ ଅନୋନିମସ୍' (Narcotic Anonymous) ନାମକ ଗୋଟିଏ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ଅଛି, ଯାହାର ଅନେକ ଶାଖା ଆମ ଦେଶ ଏବଂ ରାଜ୍ୟରେ ବି ଅଛି । ଏହା ନିଶା ଛାଡିଥିବା, ଛାଡୁଥିବା ବ୍ୟକ୍ତିମାନଙ୍କର ସଂଗଠନ । ସେମାନେ ଏହାର ସଭ୍ୟ ହୋଇଥାନ୍ତି । ସମୟକୁ ସମୟ ନିୟମିତ ଭାବରେ ସେମାନଙ୍କର ବୈଠକ ହୋଇଥାଏ । ବୈଠକରେ ନିଶା ବିଷୟକ ଆଲୋଚନା, ସଭ୍ୟମାନଙ୍କର ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରାଯାଇଥାଏ ।

ପ୍ର. ସମାଜରେ ଏବେ ନିଶା ସମସ୍ୟା ବଢୁଛି କାହିଁକି ?

ଉ. ଏହାର ପ୍ରଧାନ କାରଣ; ବ୍ୟକ୍ତି, ସମାଜ, ସରକାର ଓ ଅନ୍ୟ ସବୁ କ୍ଷେତ୍ରରେ ମୂଲ୍ୟବୋଧର ଅବକ୍ଷୟ । ସରକାର ଏବେ ମଦ ଦୋକାନ ସଂଖ୍ୟା ବଢେଇ ଚାଲିଛନ୍ତି । ଯୁଆଡେ ଦେଖିବ, ସହରଠାରୁ ଗ୍ରାମାଞ୍ଚଳ ଯାଏ, ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ଓ ଦେଶୀ ମଦ ଦୋକାନମାନ ଖୋଲାଯାଇଛି । ଆଉ ଏହି ସରକାରୀ ମଦଦୋକାନ ଗୁଡିକୁ କେନ୍ଦ୍ର କରି ଗ୍ରାମାଞ୍ଚଳରେ ଓ ସହରାଞ୍ଚଳ ବସ୍ତିରେ ଶହ ଶହ ଜାଗାରେ ଚୋରାରେ ମଦ ବିକ୍ରି ଚାଲିଛି । ଗାଁ ଗାଁରେ ଯୁବସମାଜ ପାଖରେ ଅକ୍ଲେଶରେ ମଦ ପହଞ୍ଚି ଯାଉଛି । ସରକାରୀ କଟକଣା ଧର୍ମକୁ ଆଖିଠାର ମାତ୍ର । ଏବେ ତ ଅନେକ ପାନ ଦୋକାନ କେବିନ୍‌ମାନଙ୍କରେ ଗଞ୍ଜେଇ, ଗଞ୍ଜେଇଭର୍ତ୍ତି ସିଗାରେଟ୍, ଗୁଟ୍‌ଖା ଆଦି ନିଷିଦ୍ଧ ନିଶା ଦ୍ରବ୍ୟ ଅବାଧରେ ବିକ୍ରି ଚାଲିଛି । ଏ ପରିସ୍ଥିତିରେ ନିଶା ସେବନ ବଢିବାରେ ଲାଗିଛି । ଆଗେ ଗୁରୁଜନଙ୍କ ଆଗରେ ପାନ ଖଣ୍ଡିଏ ଖାଇବା ପାଇଁ ପିଲାମାନେ ସାହସ କରୁନଥିଲେ । ଏବେ କିନ୍ତୁ ମଦ ସାମାଜିକ ଚଳଣିର ଗୋଟିଏ ଅଙ୍ଗ ପାଲଟିଗଲାଣି । ବିନା ମଦରେ ବାହାଘର, ଭୋଜିଭାତ ଏପରିକି ଅନ୍ତେଷ୍ଟି କ୍ରିୟା ହେବା ସମ୍ଭବ ହେଉନାହିଁ । ଏ ତ ଗଲା ସାମାଜିକ ଚଳଣିରେ ପରିବର୍ତ୍ତନ । ଆଉ କିଛି ବ୍ୟକ୍ତିଗତ ସମସ୍ୟା ଯଥା ପାରିବାରିକ କଳହ, ପ୍ରେମରେ ବିଫଳତା, ପରୀକ୍ଷାରେ ବିଫଳତା, ବେକାରୀ ସମସ୍ୟା ଆଦି କାରଣ ପାଇଁ ମଧ୍ୟ ବ୍ୟକ୍ତି ନିଶା ଆଡକୁ ମନ ବଳାଇଥାଏ । ମୋଟାମୋଟି ନିଶା ପଦାର୍ଥ ସହଜରେ ପାଖରେ ମିଳୁଥିବାରୁ ଏହାର ପ୍ରସାର ବଢି ବଢି ଯାଉଛି ।

ପ୍ର. ନିଶାମୁକ୍ତି କେନ୍ଦ୍ରରୁ ବାହାରିଲା ପରେ ନିଶା ପୀଡ଼ିତମାନେ ସମାଜରେ କିପରି ଚଳୁଛନ୍ତି ?

ଉ. ହଁ, ପୁଣି ସେମାନଙ୍କ ସାମାଜିକ ଜୀବନ ସ୍ୱାଭାବିକ ହୋଇପାରୁଛି । ନିଶାଯୋଗୁ ପାଠ ଛାଡିଥିବା ଛାତ୍ରଟି ପୁଣି କଲେଜକୁ ଫେରି ପାଠପଢାରେ ମନ ଦେଉଛି । ନିଶାଯୋଗୁ ଠିକ୍ ଭାବେ କାର୍ଯ୍ୟ କରୁନଥିବା କର୍ମଚାରୀଟିଏ କାର୍ଯ୍ୟାଳୟ ଯାଇ ପୁନର୍ବାର ସୂଚାରୁରୂପେ କାର୍ଯ୍ୟ କରୁଛନ୍ତି । ନିଶା ଯୋଗୁଁ ଦାମ୍ପତ୍ୟ ଜୀବନରେ ଉଠିଥିବା ଝଡ଼ ଅପସରିଯାଇ ପୁଣି ମଧୁର ସମ୍ପର୍କ ଫେରି ଆସୁଛି । ନିଶାମୁକ୍ତ ପୁଅ ଘରକୁ ଫେରିବା ପରେ ଆଗରୁ ଚିନ୍ତାଗ୍ରସ୍ତ ବାପା ମା ଏବେ ଶାନ୍ତିରେ ଜୀବନ କାଟୁଛନ୍ତି ।

ପ୍ର. ନିଶାମୁକ୍ତ କେନ୍ଦ୍ର ପରି ଏକ ସମସ୍ୟା ବହୁଳ ଅନୁଷ୍ଠାନରେ କାମ କରିବାକୁ ଆପଣ କିପରି ଇଚ୍ଛାକଲେ ଏବଂ ଆପଣଙ୍କ ପରିବାର ସଦସ୍ୟମାନଙ୍କର ଧାରଣା ବିଷୟରେ ଟିକେ କହିବେ ।

ଉ. ପ୍ରକୃତରେ ନିଶାମୁକ୍ତି କେନ୍ଦ୍ରରେ ଯୋଗ ଦେବା ସମୟରେ ମୁଁ ଏବଂ ମୋର ପରିବାର ସଦସ୍ୟ ପ୍ରଥମେ ଟିକେ ଚିନ୍ତିତ ଥିଲୁ । କିନ୍ତୁ ପରେ ଖୁବ୍ କମ୍ ଦିନରେ ଆମର ଏ ଦୁଶ୍ଚିନ୍ତା ଦୂର

ହୋଇଗଲା । ପ୍ରଥମତଃ ସମାଜ ପାଇଁ କିଛି କାମ କରିବା ପାଇଁ ମୋ ପିଲାବେଳଠୁ ମୋ ମନରେ ଆଗ୍ରହ ଥିଲା । କ୍ରମେ ମୋ ସ୍ୱାମୀ, ମୋ ଶାଶୁ ମା ଏମାନେ ବି ମୋତେ ସର୍ବଦା ଉତ୍ସାହିତ କରୁଥିଲେ । ମୋ ମନରେ ସବୁବେଳେ ଗୋଟିଏ କଥା ଥାଏ ଯେ, ଗୋଟିଏ ବିଗିଡି ଯାଉଥିବା ପରିବାରଟିକୁ ଯଦି ମୁଁ ସଜାଡି ଦେଇପାରିଲି, ତାଠାରୁ ଅଧିକ ଆନନ୍ଦ ଆଉ କେଉଁ କାମରେ ପାଇବି ? ନିଶା ପୀଡିତକୁ ନିଶାମୁକ୍ତ କରି ପରିବାର ଭିତରେ ଯଦି ଶାନ୍ତି ଫେରେଇ ଆଣିପାରିଲି, ତାଠାରୁ ବଡ ପ୍ରାପ୍ତି, ମୋ ପାଇଁ ଆଉ କିଛି ନାହିଁ । ମୁଁ ମୋ କାମରେ ପୂରାପୂରି ସନ୍ତୁଷ୍ଟ । ମୋର ଏହି କାମ ପାଇଁ ମୋ ନିଜ ଲୋକ ତ ମୋତେ ପୂରା ସହଯୋଗ କରୁଛନ୍ତି ଏବଂ ମୋର ସାହି, ପଡିଶା ଲୋକେ ମଧ୍ୟ ସମସ୍ତେ ମୋତେ ଯଥେଷ୍ଟ ସମ୍ମାନ ଦିଅନ୍ତି ।

ପ୍ର. ଶେଷରେ ଆମର ଶ୍ରୋତାମାନଙ୍କୁ ଆପଣ କ'ଣ କହିବେ ?

ଉ. ଶେଷରେ ବିଶେଷ କରି ମହିଳାମାନଙ୍କୁ ଏବଂ ଯୁବପିଢିଙ୍କୁ ମୁଁ କହିବି ଯେ ସେମାନେ ଅଧିକ ସଚେତନ ରହନ୍ତୁ । ସବୁ ସମସ୍ୟାର ସମାଧାନ ଅଛି । ସେଥିପାଇଁ ଧୈର୍ଯ୍ୟ, ସାହସ ଓ ସତ୍‌ଚେଷ୍ଟା ଦରକାର । ଗତବର୍ଷମାନଙ୍କରେ କରୋନା ବିପତ୍ତିର ଆମେ ମୁକାବିଲା କରିଛେ । ଏ ନିଶା ସମସ୍ୟାକୁ ମଧ୍ୟ ଆମେ ମିଳିତ ଭାବେ ମୁକାବିଲା କରିପାରିବା । ନିଶା ପିଡ଼ିତଙ୍କୁ ଘୃଣା କରିବା ନାହିଁ । ସେମାନଙ୍କୁ ସୁଧୁରିବାରେ ସହଯୋଗ କରିବା । ସ୍ନେହ, ଶ୍ରଦ୍ଧା, ମାର୍ଗଦର୍ଶନ, ଚିକିତ୍ସା ଓ ପରାମର୍ଶ ଦ୍ୱାରା ପୁଣି ସେମାନଙ୍କୁ ଭଲ ମଣିଷରେ ପରିଣତ କରିଦେବା । ଆମେ ବ୍ୟକ୍ତି, ପରିବାର, ସମାଜ ସମସ୍ତେ ସଚେତନ ହେବା । ସରକାର ମଧ୍ୟ ଜନମଙ୍ଗଳ ପାଇଁ ନିଷ୍ଠାପର ଭାବରେ ନିଶାନିବାରଣ ଦିଗରେ କାମ କରିବା ଦରକାର ।

ଉପସଂହାର- ଜୀବନରେ ସମସ୍ୟାମାନ ରହିଛି, ଆଉ ରହିବ ମଧ୍ୟ । ହେଲେ ଏମିତି କିଛି ସମସ୍ୟା ଅଛି, ଯାହା ପାଇଁ ଆମେ ନିଜେ ଦାୟୀ । କଥାରେ ଅଛି- କାଦୁଅକୁ ଯିବା ନାହିଁ କି ଗୋଡ଼ ଧୋଇବା ନାହିଁ । ଅର୍ଥାତ୍ ଜାଣିଶୁଣି ସମସ୍ୟାକୁ ଡ଼ାକିବା ଅପେକ୍ଷା ସେଥିରୁ ଦୂରେଇ ରହିବା ଭଲ । ତେବେ ବର୍ତ୍ତମାନ ସମୟର ଗୋଟିଏ ବଡ଼ ଆହ୍ୱାନ ହେଉଛି ସମାଜକୁ ନିଶାମୁକ୍ତ କରିବା । ଆଜିର ନାରୀ ଚାହିଁଲେ ଏକ ନିଶାମୁକ୍ତ ସମାଜ ଗଢିବାରେ ସକ୍ଷମ ହୋଇପାରିବ ।

ଶେଷରେ ଚାଲନ୍ତୁ ଆଜି ଗାଇବା -

ଭାରତ ଜନନୀର ଯେତେ ସନ୍ତାନ ।
ଶପଥ କରରେ ଆଜି ଛାଡ଼ିବ ନିଶା,
ତୁମେ ପରା ଏ ଦେଶର ଆଶା ଭରସା ।
ବାପୁଜୀଙ୍କ ମହାମନ୍ତ୍ରେ ହୋଇ ଦୀକ୍ଷିତ,
ନିଅ ଆଜି ଏକ ହୋଇ ବଜ୍ର ଶପଥ ।
ନିଶା ହଟିବା ହେଉ ଆମର ମନ୍ତ୍ର,
ଦେଶକୁ କରିବା ଆମେ ମହାନ୍ ..
ଭାରତ ମା'ର ଯେତେ ସନ୍ତାନ...

- ୦ -

ଏହି ଆକାଶବାଣୀ କାର୍ଯ୍ୟକ୍ରମର ଭାବାତ୍ମକ ରୂପାନ୍ତରଣ କରିଛନ୍ତି- କୈଳାସ ଚନ୍ଦ୍ର ମଲ୍ଲିକ, ନିଶା ନିବାରଣ କର୍ମୀ, ରାଜକନିକା, ଜି- କେନ୍ଦ୍ରାପଡ଼ା,

ମୋ ୯୮୬୧୬୨୦୧୦୫






# ସ୍ୱାସ୍ଥ୍ୟପ୍ରଦ ପାନୀୟକୁ ସ୍ୱାଗତ

ମୂଳ ଇଂରାଜୀ ଲେଖା- **ଡା. ଶିବ କୁମାର ସରିନ୍**
ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟ,
ଅନୁବାଦ- କୈଳାସ ଚନ୍ଦ୍ର ମଲ୍ଲିକ୍

ପାନପାତ୍ରକୁ ପାନ ପାତ୍ର ସହିତ ସ୍ପର୍ଶ କରି 'ଚିଅରସ୍ ଅପ୍' ଶବ୍ଦ ଉଚ୍ଚାରଣ କରିବାର ଅର୍ଥ ବୁଝାଏ- ଏକାଠି ହୋଇ ମଉଜ କରିବା। ନିଶାପାନ ଦ୍ୱାରା ମାନସିକ ଦୁଶ୍ଚିନ୍ତା ଦୂରହୋଇ ମନରେ ଆନନ୍ଦ ଆଣିଥାଏ ବୋଲି ଅନେକ ବିଶ୍ୱାସ କରନ୍ତି। କିନ୍ତୁ ପ୍ରକୃତ କଥା ତାହା ନୁହେଁ। ନିଶା ଆମ ମସ୍ତିଷ୍କକୁ ଉଲ୍ଲସିତ କରେନାହିଁ, ବରଂ ଏହାର ନିୟନ୍ତ୍ରଣ କ୍ଷମତା ହ୍ରାସ କରିଥାଏ; ଚିନ୍ତନ ଓ ବିଚାର ଶକ୍ତିକୁ ଶୂନ୍ୟ କରିଦିଏ।

ଆମ ଦେଶରେ ମଦ୍ୟପାନ ଏକ ପ୍ରକାର ବିସ୍ଫୋରକ ସ୍ଥିତିକୁ ଆସିଗଲାଣି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଭାରତୀୟମାନଙ୍କ ମଧ୍ୟରେ ପ୍ରତି ୫ ଜଣ ମଧ୍ୟରେ ଜଣେ ମଦ୍ୟପାନରେ ଅଭ୍ୟସ୍ତ। ଅଧିକନ୍ତୁ ଅରୁଣାଚଳ ପ୍ରଦେଶ ପରି ରାଜ୍ୟରେ ପ୍ରତି ୨ଜଣରେ ଜଣେ ମଦ୍ୟପାନ କରନ୍ତି। ଆହୁରି ମଧ୍ୟ ଉଦ୍‌ବେଗର ବିଷୟ ଯେ ଭାରତରେ ଗ୍ରାମାଞ୍ଚଳର ଲୋକେ ସହରାଞ୍ଚଳ ଲୋକଙ୍କ ଠାରୁ ଅଧିକ ମଦ୍ୟ ପାନ କରନ୍ତି। ଗୋଟିଏ ଆକଳନରୁ ଜଣାପଡିଛି ଯେ, ୨୦୨୧ ମସିହାରୁ ୨୦୫୦ ମସିହା ମଧ୍ୟରେ ଦେଶରେ ମଦ୍ୟପାନଜନିତ ୨୫୮ ନିୟୁତ ଜୀବନବର୍ଷ (Life years) ଏବଂ ବାର୍ଷିକ ୧.୪୫% ମୋଟ ଘରୋଇ ଉତ୍ପାଦନ (GDP) ହ୍ରାସ ହେବ।

ଆନ୍ତର୍ଜାତୀୟ ସ୍ତରର କର୍କଟ ରୋଗ ଗବେଷଣାରୁ ଜଣାପଡିଛି ଯେ ମଦ୍ୟପାନ କର୍କଟ ରୋଗର ଏକ ମୁଖ୍ୟ କାରଣ। ୟୁରୋପ ମହାଦେଶରେ ୪୫% ଯକୃତ କର୍କଟ ରୋଗର କାରଣ ହେଉଛି ମଦ୍ୟପାନ। ଜଣେ ମହିଳା ଯଦି ଦୈନିକ ଥରେ କିମ୍ବା ୨ ଥର ମଦ୍ୟପାନ କରେ, ତାର ସ୍ତନ କର୍କଟ ହେବାର ଆଶଙ୍କା ଦେଢ଼ଗୁଣ ବଢ଼ିଯିବ। ଯଦି ଜଣେ ଦୈନିକ ୪ଥର ମଦ୍ୟପାନ କରେ ତେବେ ସେ ମୁଖଗହ୍ୱର ଓ ଖାଦ୍ୟନଳୀ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ୩ ଗୁଣ ବଢ଼ିଯାଏ। ଭାରତରେ ମଦ୍ୟପାନ ହିଁ 'ଯକୃତ ସିରୋଶିଷ' ରୋଗର ମୁଖ୍ୟ କାରଣ। ମଦ୍ୟପାନ ମଧ୍ୟ ଗର୍ଭସ୍ଥ ଶିଶୁର ସୁକ୍ଷମ ବିକାଶରେ ବାଧା ସୃଷ୍ଟି କରିଥାଏ। ମଦ୍ୟପାନ ନିଦ୍ରାହୀନତାର କାରଣ। ମଦ୍ୟପାନ ମଧୁମେହ ରୋଗର ବି ପ୍ରଧାନ କାରଣ।

ଅନେକ ପ୍ରଶ୍ନ କରନ୍ତି ଯେ ଦୈନିକ ଅତି କମରେ କେତେ ମଦ୍ୟପାନ କଲେ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ହେବନାହିଁ? ଆମେ ଜାଣିବା ଦରକାର ଯେ ଯେତେ କମ୍ ପରିମାଣ ହେଲେ ବି ମଦ୍ୟପାନ ଶରୀର ପାଇଁ କ୍ଷତିକାରକ। ଅଧୁନା ଏକ ବିଶ୍ୱସ୍ତରୀୟ ଗବେଷଣା (Lancet Study on global disease burden) ମତରେ ସୁସ୍ଥ ଜୀବନ ପାଇଁ ମଦ୍ୟପାନ ସମ୍ପୂର୍ଣ୍ଣ ନିଷେଧର ଆବଶ୍ୟକତା ଅଛି।

ଆମ ଦେଶରେ ମଦ୍ୟପାନ ଜନିତ ଯକୃତ ରୋଗରୁ ବାର୍ଷିକ ମୃତ୍ୟୁ ସଂଖ୍ୟା ୮୩୬୭ ଆକଳନ କରାଯାଇଛି। ଏହି ରୋଗୀମାନଙ୍କ ଚିକିତ୍ସା ବାବଦ ଖର୍ଚ୍ଚ ୨୦୧୭ ମସିହାରେ ସରକାରୀ ତହବିଲରୁ ଟ. ୫୫୨୦ କୋଟି ଟଙ୍କା ହୋଇଥିଲା। ସେହି ବର୍ଷ ମଦବିକ୍ରି ବାବଦ କର ଟିକସ ସରକାରୀ ତହବିଲକୁ ଟ. ୪୩୧୦ କୋଟି ଟଙ୍କା ଆସିଥିଲା। ଏହି ମଦ ଯୋଗୁଁ ସମାଜକୁ ଧନହାନୀ, ପ୍ରାଣପୀଡା ଉଭୟ ଦଣ୍ଡ ଭୋଗିବାକୁ ପଡୁଛି। ଏଣୁ ଜନତାଙ୍କ ସ୍ୱାସ୍ଥ୍ୟ ଓ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଦୃଷ୍ଟିରେ ରଖି ମଦନୀତିରେ ସୁଧାର ଆଣିବା ଉଚିତ। ଉଦାହରଣ ସ୍ୱରୂପ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା ତ ପଛର କଥା, ମଦ ଦୋକାନ ଗୁଡିକ ଯଦି ଦୂରରେ ରହନ୍ତି, ତେବେ ମଦ ବ୍ୟବହାର ଅନେକ ପରିମାଣରେ କମିଯାଆନ୍ତା। ଅଧୁନା ଆଉ ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ମଦ୍ୟପାନ ଜନିତ ଯକୃତ ରୋଗ ପୀଡିତ ବ୍ୟକ୍ତିଙ୍କ ମଧ୍ୟରୁ ୪୫% ରୋଗୀ ଜାଣିନାହାନ୍ତି ଯେ ମଦ୍ୟପାନ ଯକୃତ ରୋଗର କାରଣ ବୋଲି। ଆମ କିଶୋର ଓ ଯୁବକମାନଙ୍କ ମଧ୍ୟରେ ଏ ସମ୍ବନ୍ଧୀୟ ସଚେ଼ତନତାର ଘୋର ଅଭାବ। (ଏ ସମ୍ବନ୍ଧରେ ଉଚ୍ଚ ଶିକ୍ଷା ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ- ଏମାନେ କିଛି କାର୍ଯ୍ୟାନ୍ୱୟନ କଲେ ସୁଫଳ ମିଳନ୍ତା ନିଶ୍ଚୟ) ଅଜ୍ଞତା ବଶତଃ ଥରେ ଅଭ୍ୟାସରେ ପଡିଗଲେ ରୋଗାକ୍ରାନ୍ତ ହେଲା ପରେ ବି ସେ ବଦଭ୍ୟାସ ଛାଡିପାରୁନାହାନ୍ତି। ପରିବେଶ ପରିସ୍ଥିତିରୁ ନିଶା ଆରମ୍ଭ ହୁଏ, କ୍ରମେ ଅଭ୍ୟାସରେ ପଡିଯାଏ, ଛାଡିବା କଷ୍ଟକର ହୁଏ, ଅନେକ ସମୟରେ ମୃତ୍ୟୁରେ ଶେଷ ହୁଏ।

ଭାରତୀୟମାନଙ୍କର ପାନୀୟ ବ୍ୟବହାରରେ ଗୋଟିଏ ବୃହତ ପରିବର୍ତ୍ତନ ଅଣାଯିବା ଆବଶ୍ୟକ। ସାଧାରଣତଃ ସାରା ପୃଥିବୀରେ ପାଣି, ଚା, କଫି ଏବଂ ବିଅର ପାନୀୟ ଭାବେ ବ୍ୟବହାର କରାଯାଏ। କିନ୍ତୁ ଆମେ ଭାରତୀୟମାନେ ଚାଲନ୍ତୁ ତିନୋଟି ପାନୀୟ ଯଥା- ପାଣି, କ୍ଷୀର ଓ ଫଳରସକୁ ଆମର ପ୍ରଧାନ ପାନୀୟ ଭାବେ ଗ୍ରହଣ କରିନେବା। କ୍ଷୀର କି ଫଳରସ ମଦ ପରି ନିଶା କି ଅନାବଶ୍ୟକ ଉତ୍ତେଜନା ଆଣିବ ନାହିଁ କି ନାନାପ୍ରକାର ରୋଗକୁ ଆମନ୍ତ୍ରଣ କରିବ ନାହିଁ। ବରଂ କ୍ଷୀର ଓ ଫଳରସ ରୋଗ ନିରୋଧକ ଶକ୍ତି ପ୍ରଦାନ କରିବ। ଏହା ବାଦ୍ ଆମ ଭାରତୀୟ ସଂସ୍କୃତିରେ ଆହୁରି ଅନେକ ପ୍ରକାର ପାନୀୟ ଅଛି, ଯାହା ନିଶା ତ କରେ ନାହିଁ, ବରଂ ସ୍ୱାସ୍ଥ୍ୟକର ଏବଂ ସୁସ୍ୱାଦୁ। ଏବର ଯୁବପିଢ଼ି ଏ ପ୍ରକାର ନିର୍ଦ୍ଦୋଷ ପାନୀୟ ପ୍ରତି କ୍ରମେ ଆକର୍ଷିତ ହେବା ଉଚିତ୍ ଏବଂ କୁଳବୁଡ଼ା ବିଦେଶୀ ପାନୀୟର କୁଫଳ ବିଷୟରେ ସଚେ଼ତନ ହେବା ଉଚିତ। ଆଶା କରାଯାଏ ଆୟୁର୍ବେଦର ଏକ୍ତୁଡ଼ିଶାଳ ଭାରତ ଏ ଦିଗରେ ପୃଥିବୀକୁ ଦିନେ ଦିଗ୍‌ଦର୍ଶନ ଦେବ।

ଫୋନ୍ : ୯୮୬୧୬୨୦୧୦୫

# ମଦ ଅଭିଶାପ

୧୯୩୭ ମସିହା ଏପ୍ରିଲ ମାସରେ ଗାନ୍ଧୀଜୀ ଜଣେ ମହିଳା ସତ୍ୟାଗ୍ରହୀଙ୍କଠାରୁ ଚିଠିଟିଏ ପାଇଲେ। ଉକ୍ତ ସତ୍ୟାଗ୍ରହୀ ଗ୍ରାମାଞ୍ଚଳରେ ମଦ ବିରୋଧରେ କାମ କରୁଥିଲେ। ଚିଠିରେ ସତ୍ୟାଗ୍ରହୀ ନିଜ ଅନୁଭୂତି ଉଲ୍ଲେଖ କରିଥିଲେ। ଗାଁମାନଙ୍କରେ ମଦ ସୃଷ୍ଟି କରୁଥିବା ବିପର୍ଯ୍ୟୟ ନେଇ ଏକ ଦୃଶ୍ୟର ଏଥିରେ ବର୍ଣ୍ଣନା ଥିଲା। ଏବେ ମଧ୍ୟ ସେହି ଆବେଗିକ ଚିଠିର ପ୍ରାସଙ୍ଗିକତା ରହିଛି। ଭଉଣୀ ସତ୍ୟାଗ୍ରହୀ ଲେଖିଥିଲେ, 'ବାପୁ, ମୁଁ ଏକ ଗାଁକୁ ଯାଇଥିଲି। ସେ ଗାଁରେ ମଦ୍ୟପାନ ଜନିତ ବିଭତ୍ସ ଦୃଶ୍ୟ ଦେଖିଲି। ମହିଳାମାନେ କାନ୍ଦୁଥିଲେ। କ'ଣ କରିବେ କିଛି ଜାଣି ପାରୁନଥିଲେ। ଘରର ପୁରୁଷମାନଙ୍କ ମଦ୍ୟପାନ ଘର ଉଜାଡ଼ି ସାରିଲାଣି। ଘରୋଇ ହିଂସା, ନିର୍ଯ୍ୟାତନା, ଦାରିଦ୍ର୍ୟ ଏବଂ ସମସ୍ତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହେଉଛି ମଦ। ପୁରୁଷମାନେ ଅସତ୍ ଆତ୍ମସୁଖରେ ରହୁଛନ୍ତି, ମହିଳାମାନେ କିନ୍ତୁ ଦୁଃଖ ଓ ଅଭାବର ବୋଝ ବୋହୁଛନ୍ତି। ସମସ୍ତ ମହିଳା ମଦ ବନ୍ଦ ହେବା ଚାହାଁନ୍ତି। କିନ୍ତୁ ଦୁଃଖର କଥା, ରାଜନେତାମାନେ ମଦ ଓ ନିଶା ନିବାରଣ ନେଇ କିଛି କରୁନାହାନ୍ତି। ଗାଁସବୁ କେମିତ ଏକ ସର୍ବଗ୍ରାସୀ ଧ୍ୱଂସ ଆଡ଼କୁ ଦଉଡୁଛି। ବାପୁ, "ଆପଣ ପ୍ରବନ୍ଧ କିମ୍ବା ପାମ୍ଫଲେଟ୍ ଲେଖି ଲୋକଙ୍କୁ ମଦ୍ୟପାନରୁ ବିରତ ରହିବାକୁ ନିବେଦନ କରନ୍ତୁ।"

ମହିଳା ସତ୍ୟାଗ୍ରହୀଙ୍କ ଚିଠିକୁ ଆଧାର କରି ୧୯୩୭ ମସିହା ଏପ୍ରିଲ ୨୪ ତାରିଖ ହରିଜନ ପତ୍ରିକାରେ ଗାନ୍ଧୀଜୀ ଏକ ପ୍ରବନ୍ଧ ଲେଖିଥିଲେ। ପ୍ରବନ୍ଧର ଶିରୋନାମା ଥିଲା, 'କର୍ସ ଅଫ୍ ଡ୍ରିଙ୍କିଂ' (ମଦ୍ୟପାନର ଅଭିଶାପ)। ଗାନ୍ଧୀଙ୍କ ଉତ୍ତର ଥିଲା, "ମୁଁ ମଦ ବିରୋଧରେ ଅନେକ ଥର ହରିଜନରେ ଲେଖିଛି। ମଦ୍ୟପାନର କୁପ୍ରଭାବ ନେଇ କହିଛି। ମଦ ପିଉଥିବା ଅଧିକାଂଶ ଲୋକ କିନ୍ତୁ ହରିଜନ ପତ୍ରିକା ପଢ଼ନ୍ତି ନାହିଁ। ଯେଉଁମାନେ ପଢ଼ନ୍ତି, ସେମାନେ ମଦକୁ ଏପରି ଅନ୍ତରଙ୍ଗ ଭାବେ ଆପଣାଇ ନେଇଛନ୍ତି ଯେ ମଦ ବିରୋଧରେ କିଛି କଥା ତାଙ୍କ ଉପରେ ପ୍ରଭାବ ପକାଏ ନାହିଁ। ଦାଣ୍ଡିଯାତ୍ରା ବେଳେ ମହିଳା ସତ୍ୟାଗ୍ରହୀମାନେ ମଦ ବିରୋଧରେ ଆନ୍ଦୋଳନ କରିଥିଲେ। ମଦ ଦୋକାନ ଆଗରେ ପିକେଟିଙ୍ଗ୍ କରିଥିଲେ। ମଦ ପିଉଥିବା ଲୋକଙ୍କୁ ମଦ ଛାଡ଼ିଦେବାକୁ ବୁଝାଇଥିଲେ। ମଦ ଦୋକାନୀ ଏବଂ ମଦ ଗ୍ରାହକମାନେ କିନ୍ତୁ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ମାଡ଼ ବି ମାରିଥିଲେ। କେତେକ ମହିଳା ଜେଲ ଯାଇଥିଲେ। ଭାରତ ମଦମୁକ୍ତ ହେବା ଦରକାର। ମଦ ବିରୋଧୀ ଅଭିଯାନ କିନ୍ତୁ ଏକ ସାମୟିକ ଅଭିଯାନ ନୁହେଁ। ଏହା ଏକ ଧାରାବାହିକ ତଥା ନିରନ୍ତର ଅଭିଯାନ। ସରକାର ଓ ଶାସକବର୍ଗ

(ଡିଜିଟାଲ) ଅଭିମତ ସମ୍ପାଦକୀୟ
(ସମ୍ବାଦ ଖବରକାଗଜରେ ଫେବୃୟାରୀ ୧୧, ୨୦୨୩ରେ ପ୍ରକାଶିତ)

ମଦ ସମ୍ପୂର୍ଣ୍ଣ ବନ୍ଦ ନ କଲା ପର୍ଯ୍ୟନ୍ତ ଏ ସଂଗ୍ରାମ ଚାଲୁ ରହିବ। ମହିଳାମାନେ କେବଳ ବ୍ୟାପକ ଜନମତ ସୃଷ୍ଟି କରିପାରିବେ।"

ହରିଜନ ପତ୍ରିକାର ସେ ଦୀର୍ଘ ପ୍ରବନ୍ଧ ଭିତରେ ଗାନ୍ଧୀଜୀ ମହିଳାମାନଙ୍କୁ କିଛି ପରାମର୍ଶ ଦେଇଥିଲେ। ପରାମର୍ଶ ମଧ୍ୟରେ ଏକ ପ୍ରଶ୍ନ ଥିଲା, ମଦ ପିଉଥିବା ସ୍ୱାମୀମାନଙ୍କୁ ମଦମୁକ୍ତ କରିବାକୁ ସ୍ତ୍ରୀମାନେ କରୁଛନ୍ତି କ'ଣ? ସ୍ୱାମୀମାନଙ୍କର ପରିବର୍ତ୍ତନ ସ୍ତ୍ରୀମାନେ ହିଁ କରିପାରିବେ। କାରଣ ହେଲା, ନାରୀ ଏକ ପବିତ୍ର ଆତ୍ମା। ଏକ ନିର୍ମଳ ପବିତ୍ର ଆତ୍ମା ହିଁ ଅନ୍ୟର ହୃଦୟ ପରିବର୍ତ୍ତନ କରିପାରେ। ଗାନ୍ଧୀଙ୍କର କିନ୍ତୁ କ୍ଷୋଭ ଥିଲା, ଅନେକ ସ୍ତ୍ରୀ ସେମାନଙ୍କ ସ୍ୱାମୀଙ୍କ ବ୍ୟକ୍ତିଗତ କଥାରେ ରୁଚି ରଖିନଥାନ୍ତି। ସେମାନେ ଭାବନ୍ତି, ସ୍ୱାମୀର ସଂଶୋଧନ କରିବା ସ୍ତ୍ରୀର ଦାୟିତ୍ୱ ନୁହେଁ। ଏଇଥିପାଇଁ ଯେ, ସ୍ତ୍ରୀ ସ୍ୱାମୀର ଅଭିଭାବକ ନୁହେଁ। ଅଭିଭାବକ ଦାୟିତ୍ୱ କେବଳ ସ୍ୱାମୀମାନଙ୍କର ଅଛି। ସତ କଥା ହେଲା, ଉଭୟ ସ୍ୱାମୀ ସ୍ତ୍ରୀ ପରସ୍ପରର ପରିପୂରକ; ପରସ୍ପରର ପାପ ପୁଣ୍ୟର ଭାଗୀଦାର।

ପ୍ରବନ୍ଧର ଉପସଂହାରରେ ଗାନ୍ଧୀ ମଦ ବନ୍ଦ ପାଇଁ ବିଜ୍ଞାନ ଓ ଗବେଷଣା କଥା ଉଲ୍ଲେଖ କରିଥିଲେ, ଯଦିଓ ଗାନ୍ଧୀଙ୍କୁ ବିଜ୍ଞାନ ବିରୋଧୀ ବୋଲି ସମାଲୋଚନା କରାଯାଏ। ଗାନ୍ଧୀଙ୍କ ମତ ଥିଲା, ମଦ୍ୟପାନ କରିବା କିଛି ଲୋକଙ୍କର ଅଭ୍ୟାସ ହୋଇଯାଉଛି। ମଦ ନ ପିଇଲେ ଯେ ସେମାନେ କୌଣସି କାମ କରିପାରିବେନି, ଏପରି ଯୁକ୍ତି ଦେଉଛନ୍ତି। ମଦ ଅଭ୍ୟାସ ତେଣୁ ଏକ ସାମାନ୍ୟ ଅଭ୍ୟାସ ନୁହେଁ। ଏହାକୁ ଏକ ରୋଗ ବୋଲି ଭାବିବା ଉଚିତ ଏବଂ ଏହାର ଚିକିତ୍ସା ହେବା ଦରକାର। ଉନ୍ନତ ଚିକିତ୍ସା ନିମନ୍ତେ ଗବେଷଣା ହେବା ବି ଉଚିତ।

ସ୍ୱାଧୀନ ଭାରତରେ ସରକାରଙ୍କ ପ୍ରଥମ କାର୍ଯ୍ୟ କ'ଣ ହେବା ଉଚିତ ବୋଲି ପ୍ରଶ୍ନ ନେଇ ଗାନ୍ଧୀଙ୍କ ଉତ୍ତର ଥିଲା, ପ୍ରଥମେ ଭାରତ ମଦମୁକ୍ତ ହେବା ଦରକାର। ମଦ ହିଁ ନାରୀ ଅସୁରକ୍ଷା ଏବଂ ସମସ୍ତ ସାମାଜିକ ବିଳକ୍ଷଣର ଏକମାତ୍ର କାରଣ।

୧୯୩୯ ମସିହାରେ ବମ୍ବେର ପ୍ରଥମ ପ୍ରାଦେଶିକ ସରକାର ଯେତେବେଳେ ବମ୍ବେକୁ ମଦମୁକ୍ତ ରାଜ୍ୟ ଭାବେ ଘୋଷଣା କଲେ, ଗାନ୍ଧୀ ସରକାରଙ୍କୁ ଧନ୍ୟବାଦ ଦେଇ ଚିଠିଟିଏ ଲେଖିଥିଲେ। ପ୍ରଶଂସାପତ୍ରରେ ଗାନ୍ଧୀ ଲେଖିଥିଲେ ଯେ କେବଳ ବମ୍ବେ ବେଳାଭୂମିକୁ ସୁନ୍ଦର କରିଦେଲେ ବମ୍ବେ ସୁନ୍ଦର ହେଇଯିବନି। ବମ୍ବେ ମଦମୁକ୍ତ

ହୋଇଗଲେ ଏବଂ ବସ୍ତିରେ ନିଶା ନିବାରଣ ହେଲେ ବମ୍ବେ ପ୍ରକୃତରେ ସୁନ୍ଦର ଲାଗିବ। ଏଠି ଦାରିଦ୍ର୍ୟ କମିବ। ମଦ ପିଇଥିବା ବ୍ୟକ୍ତିର ମୁହଁ କେବେ ସୁନ୍ଦର ଦେଖାଯାଏନି।

ବମ୍ବେର ନିଶା ନିବାରଣ ନିଷ୍ପତ୍ତି ପରେ ଏଠାର ତତ୍କାଳୀନ ରାଜସ୍ୱ ମନ୍ତ୍ରୀ କରିଥିବା ବ୍ୟକ୍ତିଗତ ଅଭିଯୋଗ ଗାନ୍ଧୀଙ୍କ ନଜରକୁ ଆସିଥିଲା। ମନ୍ତ୍ରୀଙ୍କ ଅଭିଯୋଗ ଥିଲା, ମଦ ବିକ୍ରିରୁ ସରକାରଙ୍କର ବେଶୀ ରାଜସ୍ୱ ଆସେ, ସେଇ ରାଜସ୍ୱ ଅର୍ଥରେ ଜନମଙ୍ଗଳ କାର୍ଯ୍ୟ ହୁଏ, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ହୁଏ ଏବଂ କର୍ମଚାରୀମାନେ ଦରମା ଓ ପେନ୍‌ସନ୍ ପାଆନ୍ତି। ଗାନ୍ଧୀଙ୍କ ପାଲଟା ଯୁକ୍ତି ଥିଲା, ମଦ୍ୟପାନରେ ଗରିବ ଲୋକର କେତେ କ୍ଷତି ହୁଏ ତା'ର କିନ୍ତୁ ହିସାବ ହୁଏନି। ମଦ୍ୟପାନ ଜନିତ ରୋଗରେ କେତେ ଖର୍ଚ୍ଚ ହୁଏ, କେତେ ଲୋକ ମୃତ୍ୟୁବରଣ କରନ୍ତି, କେତେ ଲୋକଙ୍କ ସାମାଜିକ ପ୍ରତିଷ୍ଠା ନଷ୍ଟ ହୁଏ ତା'ର ମୂଲ୍ୟାୟନ ହୁଏନି। ବାସ୍ତବରେ ମଦ୍ୟପାନର ସାମାଜିକ କ୍ଷତି ଅମାପ। ମଦ ପିଇଥିବା ଶିଳ୍ପୀର ସୃଜନୀ ଶକ୍ତି କମିଯାଏ, ନିଶା ଖାଇଥିବା ଖେଳାଳିର କ୍ରୀଡ଼ା ପ୍ରଦର୍ଶନ ହ୍ରାସ ପାଇଥାଏ, ବ୍ୟକ୍ତିର ନୈତିକ ଓ ସାମାଜିକ ଉତ୍ଥାନ ହୋଇ ନଥାଏ। ଚୋରି ଓ ଜୁଆଖେଳ ପରି ମଦବିକ୍ରି ବି ଏକ ପାପ।

ବିଡ଼ମ୍ବନା ଯେ, ଗାନ୍ଧୀ ପରବର୍ତ୍ତୀ ଭାରତରେ ଗାନ୍ଧୀ ଦେଖିଥିବା ମଦମୁକ୍ତ ଭାରତର ସ୍ୱପ୍ନ ଏବେ ବି ଅଧୁରା ରହିଛି। ମଦ ଅଭିଶାପର ମାତ୍ରା ପ୍ରତିଦିନ ବଢୁଛି। ମଦ୍ୟପାନ ଆଉ ନିର୍ଦ୍ଦିଷ୍ଟ ଜାତି, ଧର୍ମ, ଶ୍ରେଣୀ, ଲିଙ୍ଗ ଭିତରେ ସୀମିତ ରହିନାହିଁ। ଏହା ଆଉ ସମ୍ଭ୍ରାନ୍ତପଣର ପରିଚୟ ବି ନୁହେଁ। ପୁରାଣରୁ ଯଦୁବଂଶ ଧ୍ୱଂସର କାହାଣୀ ବାରମ୍ବାର ଶୁଣୁଥିଲେ ବି ତା'ର ଯେମିତି କିଛି ପ୍ରଭାବ ନାହିଁ। ସୁତରାଂ ମଦ ନିଶାର ବନ୍ଧନରୁ ମୁକୁଳିବାର ବାଟ ସମ୍ପ୍ରତି ବ୍ୟକ୍ତି, ସମାଜ, ରାଷ୍ଟ୍ର ଖୋଜିବା ଉଚିତ।

---

# ଆମ ହାତେ ହେବ ନିଶା ବନ୍ଦୀ

ଅପର୍ଣ୍ଣା ନାୟକ
ନିଶା ନିବାରଣ କର୍ମୀ

ଆସ ଆସ ମାଆ ଭଉଣୀ ସଭିଏଁ
ହାତେ ହାତ ମିଳାଇବା,
ନିଶାମୁକ୍ତ ଗାଁଆ ପରିବାର ଗଢ଼ି
ସମାଜକୁ ବଦଳାଇବା ।୧।

ଆମ ପରିବାର ଆମରି ମନ୍ଦିର
ନିଶାକୁ କରିବା ଦୂର,
ଘରଣୀ ଆଖିରୁ ଲୁହ ଶୁଖିଯିବ
ହସିବ ଆମ ସଂସାର ।୨।

ଗାଁଆ ପରିବାର ନିଶାମୁକ୍ତ ହେଲେ
ଲକ୍ଷ୍ମୀଙ୍କର କୃପା ହେବ,
ଅଭାବ ଘୁଞ୍ଚିବ କଷଣ ସରିବ
ଘିଅ ମହୁ ଭାସୁଥିବ। ।୩।

ଗଞ୍ଜେଇ ଚରସ ମଦ ଆଦି ନିଶା
ହେଲାଣି ଅତି ପ୍ରବଳ
ବଳହାନୀ କରେ ରୋଗ ଡାକି ଆଣେ
ଆସେ ଅକାଳ ମରଣ ।୪।

ଛାଡ ଛାଡ ଭାଇ ନିଶାଦ୍ରବ୍ୟ ପାନ
ଜୀବନକୁ ଭଲ ପାଅ,
ମଣିଷ ଜନମ ଦୁର୍ଲଭ ସିନାଲୋ
ଅବାଟରେ କିମ୍ପା ଯାଅ ।୫।

ଆମ ଗାଁ ଆମ ରାଇଜ ସିନାଲୋ
ସୁନ୍ଦର କରି ଗଢ଼ିବା,
ଯୁବକ ଯୁବତୀ ମହିଳା ସମାଜ
ହାତେ ହାତ ମିଶାଇବା ।୬।

ଆମ ସରକାର ଆମେ ତ ଗଢ଼ିଛୁ
କରୁଅଛୁ ନିବେଦନ,
ଯଥାଶୀଘ୍ର ଲାଗୁ କରହେ ଆଇନ
ହେଉ ନିଶା ନିବାରଣ ।୭।

ଗାଁଆ ପରିବାର ଉଛନ୍ନ ହେଉଛି
ଦୁଃଖ କହିଲେ ନସରେ,
ମହିଳା ସମାଜ ଯାତନା ଭୋଗନ୍ତି
ଉଜୁଡି ଯାଏ ସଂସାର ।୮।

ବିହାରରେ ଯେବେ ନିଶା ନିବାରଣ
କଲେ ନୀତିଶ ସର୍କାର
ନବୀନ ବାବୁ କି ନିଦରେ ଶୋଇଲେ
ଓଡ଼ିଶା ତ ଛାରଖାର ।୯।

ପାଠୁଆ ପାଠୋଇ ଯୁବକ ଯୁବତୀ
ସଭିଏଁ ଏକାଠି ହେବା,
ମହିଳାଙ୍କ ସଙ୍ଗେ ହାତ ମିଳାଇଣ
ନିଶାବନ୍ଦୀ କରାଇବା ।୧୦।

# ଯମଜ ଭଗିନୀ- ନିଶା ଆଉ ହିଂସା

**ନିରଞ୍ଜନ ସାହୁ,** ଅବସରପ୍ରାପ୍ତ ଆଇ.ଏ.ଏସ୍

ମଣିଷ ସମାଜ କ୍ରମେ ନିଶା କବଳିତ ହେବାରେ ଲାଗିଛି ବୋଲି ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରି ଆସୁଛନ୍ତି। ନିକଟରେ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ଏକୋଇଶି ହଜାର କୋଟି ଟଙ୍କା ମୂଲ୍ୟର ହେରୋଇନ ଜବତ ହେବା ହେଉ ରେଭ୍ ପାର୍ଟିରେ ନିଶାସକ୍ତ ଥିବା ଚଳଚ୍ଚିତ୍ର ତାରକାଙ୍କର ପୁଅ ହେଉ- ଏଇ ଖବର କିଛିଦିନ ହେଲା ସମ୍ବାଦ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମାଦକ ଦ୍ରବ୍ୟର ଏପରି ଗୁଣ ଅଛି, ଯାହା ସେବନ କରିବାର କିଛି ସମୟ ଭିତରେ ତାହା ତା'ର କାମ କରି ବସେ। କିଛି ମାଦକ ଦ୍ରବ୍ୟ ସେବନ କରିବାର ଅଳ୍ପ ସମୟ ଭିତରେ ଆହରଣ କରିଥିବା ଲୋକଟି ଚୁପ୍‌ଚାପ୍ ବସିରହି ରଙ୍ଗିନ ସ୍ୱପ୍ନରେ ବିଭୋର ହୋଇଯାଏ; ଆଉ କେତେକ ନିଶାଦ୍ରବ୍ୟ ଆହରଣ କଲା ମାତ୍ରେ ତାହା ସମ୍ପୃକ୍ତ ବ୍ୟକ୍ତି ଭିତରେ ଗଭୀର ଉତ୍ତେଜନା ସୃଷ୍ଟିକରେ ଏବଂ ସେ ହିତାହିତ ଜ୍ଞାନଶୂନ୍ୟ ହୋଇଯାଏ। ଏଇ ସମୟରେ ସେ ପ୍ରେରଣାଦାତାର ଯେ କୌଣସି ଆଦେଶକୁ ବିଶ୍ୱସ୍ତ ଭୃତ୍ୟ ଭାବରେ ପାଳନ କରେ।

ମଣିଷର ମନ ଭିତରେ ଯେଉଁ ସ୍ୱାଭାବିକ ଚିନ୍ତା ଓ କାର୍ଯ୍ୟ କରିବାର ପ୍ରଣାଳୀ ରହିଛି, ତାହା ନିଶାଦ୍ୱାରା ପ୍ରଭାବିତ ହୁଏ। ଆମେ ଅନେକ ନାଟ୍ୟ ସଂଳାପରେ ଲକ୍ଷ୍ୟ କରିଛନ୍ତି ଯେ ମଦ୍ୟପର ଭାଷା ଓ ଆଚରଣ, ଯାହା ପ୍ରାୟତଃ ଅସଂଯତ ଏବଂ ବେଳେବେଳେ ଅବୋଧ, ବାହାର ଦର୍ଶକ ପାଇଁ ତାହା ହାସ୍ୟ ସୃଷ୍ଟି କରିପାରେ; ମାତ୍ର ନିଶାଗ୍ରସ୍ତ ଲୋକଟି ସେତେବେଳେ ମନେ ମନେ ଜଣେ ନବାବ୍।

ବହୁ ବର୍ଷ ତଳେ ସ୍ୱାକ୍ଷରତା ଅଭିଯାନ ସମୟରେ ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ଜଣେ ସାଧାରଣ ମଦ୍ୟପ ସହିତ ଆଲୋଚନାର ସୁଯୋଗ ମିଳିଥିଲା, କାହିଁକି ସେ ମଦ ପିଉଛନ୍ତି- ସେ ବିଷୟରେ। ସେ ମୋତେ ଯାହା କହିଲେ, ତାହା ଥିଲା ମୋର ହୋସ୍ ଉଡ଼ାଇ ଦେବା ପରି। ତାଙ୍କର କଥା ଥିଲା, ସେମାନେ ସାଧାରଣତଃ ଅଫିସରମାନଙ୍କୁ ଡରନ୍ତି; ମାତ୍ର ନିଶା ପଡ଼ିଗଲେ ଡର ଛାଡ଼ିଯାଏ। ଗୋଟେ ଯୋଶ୍ ଆସେ- ଲାଗେ ଯେମିତି ସେ ନିଜେ ଜଣେ ଅଫିସର। ଏମିତି ଅଭ୍ୟାସଟିଏ ବିଚରା ଆରମ୍ଭ କରି ଦେଇଥିଲେ ସିନା; ମାତ୍ର ଫେରି ପାରିଲେ ନାହିଁ। ମଦ ନିଶା ଛାଡ଼ିଯିବା ପରର ଅନୁଭୂତି ଅତ୍ୟନ୍ତ ଦୟନୀୟ ବୋଲି ସେ ହତାଶ ଭାବରେ ସ୍ୱୀକାର କରୁଥିଲେ ସେଦିନ।

ବହୁ କାଳରୁ ଗଞ୍ଜେଇ ଅଫିମ ଆଦି ନିଶାଦ୍ରବ୍ୟ ଆମ ଦେଶରେ ପ୍ରଚଳିତ ଥିଲା। ଗଞ୍ଜେଇକୁ କୌଣସି ଠାକୁରଙ୍କ ପ୍ରସାଦ ଭାବରେ ଅଭିହିତ କରି କିଛି ଲୋକ ଏହାକୁ ଅଜ୍ଞ ଲୋକଙ୍କ ଭିତରେ ପ୍ରସାର କରିବାରେ ସମର୍ଥ ହୋଇଥିଲେ। ଅଫିମର ଔଷଧୀୟ ଗୁଣ ଥିବାରୁ ତାହାକୁ ବେଳେବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ କିଛି ଲୋକଙ୍କୁ ନିଦାନ ଭାବରେ ଦିଆଯାଏ; ମାତ୍ର ଏନ୍‌ଡିପିଏସ୍ ଆକ୍ଟ ଆସିବା ପରେ ଏହି ଜାତୀୟ ନିଶାଦ୍ରବ୍ୟ ଏବଂ ହେରୋଇନ୍, କୋକେନ୍ ଆଦି ଡ୍ରଗକୁ ନିଷିଦ୍ଧ ଦ୍ରବ୍ୟ ଭାବରେ ଅଭିହିତ କରାଯାଇଛି। ଯଦି କେହି ଉଲ୍ଲଙ୍ଘନ କରନ୍ତି, ତାଙ୍କ ପ୍ରତି କଠିନ ଦଣ୍ଡର ପ୍ରାବଧାନ ରହିଛି ଏଇ ଆଇନରେ। ଆମର ଯୁବ ପିଢି ଏଇ ନିଷିଦ୍ଧ ଡ୍ରଗ୍ କବଳରେ ଦିନକୁ ଦିନ ପଡୁଥିବା ମଣିଷ ସମାଜର ଭବିଷ୍ୟତ ପାଇଁ ନିଶ୍ଚିତ ରୂପେ ଏକ ଶୁଭ ସୂଚନା ନୁହେଁ।

ଅନେକ ଦିନ ତଳେ ଗୋଟିଏ ଜେଲ ପରିଦର୍ଶନରେ ଯାଇଥିଲି। ଜେଲର ଅନ୍ତେବାସୀମାନଙ୍କ ଭିତରୁ ଜଣେ ମୋତେ ଗୋଟିଏ ଆପତ୍ତି ବିଷୟରେ କହିବାକୁ ଚାହିଁଲେ। ମୁଁ ଶୁଣିବାକୁ ରାଜି ହେବାରୁ ସେ ଯାହା କହିଲେ, ତାହା ମୋର ମୁଣ୍ଡ ଖରାପ କରିଦେବା ଭଳି ଥିଲା। 'ସାର୍! ଆପଣ ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଅଛନ୍ତି। ଦେଖନ୍ତୁ ମୁଁ ଦଶ ଗ୍ରାମ ଗଞ୍ଜେଇ ବିକୁଥିଲା ବେଳେ ଧରାହୋଇ ଏଠି ଆଠ ମାସ ହେଲା ରହିଛି। କେବେ ଜାମିନ୍ ମିଳିବ, ତା'ର ଠିକଣା ନାହିଁ; ମାତ୍ର ବିଦେଶୀ ମଦର କଳାବଜାର କରିଥିବା କେତେ ଲୋକ ଏଠିକୁ ଆସୁ ଆସୁ ଜାମିନ୍ ପାଇ ଦିନେ ଦୁଇଦିନ ଭିତରେ ବାହାରକୁ ଚାଲି ଯାଉଛନ୍ତି। ଗଞ୍ଜେଇ ବ୍ୟବହାର କରୁଥିବା ଲୋକ ଚୁପ୍‌ଚାପ୍ ରୁହେ, ଅପରାଧ ଭିତରକୁ ଯାଏନାହିଁ; ମାତ୍ର ବିଦେଶୀ ମଦ ପାନ କରିଥିବା ଲୋକ ଅନେକ ସମୟରେ ହିଂସାରେ ଲିପ୍ତ ହୁଏ ଏବଂ ଅପରାଧ କରେ। ଏଭଳି ପରିସ୍ଥିତିରେ ଏହା କ'ଣ ଅନ୍ୟାୟ ନୁହେଁ ଗଞ୍ଜେଇକୁ ଏନ୍‌ଡିପିଏସ୍‌ରେ ଅନ୍ତର୍ଭୁକ୍ତ କରିବା ? ମୋ ପରି ନିରୀହମାନେ ଛୋଟ ଛୋଟ ଭୁଲ୍‌ରେ ଜେଲ୍‌ରେ ସଢୁଥିବା ବେଳେ ବଡ଼ ମାଛମାନେ ଅନାୟାସରେ ଖସିଯିବା- ଏହା ଆପଣ ସରକାରଙ୍କ ଦୃଷ୍ଟିକୁ ନେବା ଦରକାର।'

ମୁଁ ଏ ବିଷୟରେ ଚିନ୍ତା କରିଛି; ମାତ୍ର କୌଣସି ନିଷ୍କର୍ଷରେ ପହଞ୍ଚି ପାରିନି। ଭାରତ ସରକାର ଅନେକ ଦିନରୁ ଗୋଟିଏ ଆଇନ କରିଛନ୍ତି, ଯାହାକୁ 'କୋଟପା' ଆଇନ କୁହାଯାଏ। ଏହାର ମୌଳିକ ଅର୍ଥ ହେଲା, କୌଣସି ଶିକ୍ଷାନୁଷ୍ଠାନର ଶହେ ଗଜ ଦୂର ଭିତରେ ସିଗାରେଟ ବା ତମାଖୁ ମିଶ୍ରିତ ଦ୍ରବ୍ୟ ବିକ୍ରୟ କରାଯାଇ ପାରିବ ନାହିଁ। ଏଥିରେ ଉଲ୍ଲଙ୍ଘନକାରୀଠାରୁ ମାତ୍ର ସର୍ବାଧିକ ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିଛି। ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଆମ ରାଜ୍ୟ ସରକାରଙ୍କ ଡ୍ରଗସ୍ କଣ୍ଟ୍ରୋଲର ନିର୍ଦ୍ଦେଶାଳୟର

ଅଧିକାରୀମାନଙ୍କ ଉପରେ; ମାତ୍ର ଏହା କେତେ କାର୍ଯ୍ୟକାରୀ ହେଉଛି, ତାହା ଆପଣମାନେ ଜାଣନ୍ତି। ଏପରିକି ଅଧିକାଂଶ ସ୍କୁଲ କଲେଜ ନିକଟରେ ଥିବା ଦୋକାନରେ ସିଗାରେଟ୍, ଗୁଟ୍‌ଖା ଆଦି ସହଜରେ ଉପଲବ୍ଧ।

କୌଣସି ନାଟକର ଗୋଟିଏ ଦୃଶ୍ୟରେ ଜଣେ ଆଉ ଜଣଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ; ମାତ୍ର ହତ୍ୟା କରିପାରୁନାହାନ୍ତି। ତାଙ୍କର ମନେ ପଡ଼ିଯାଉଛି ଜଣେ ମଣିଷ ଆଉ ଗୋଟିଏ ମଣିଷକୁ ମାରି ପାରିବ ନାହିଁ। ତେଣୁ ପ୍ରଥମେ ତାକୁ ତା'ର ନିଜର ମଣିଷପଣିଆକୁ ମାରିବାକୁ ପଡ଼ିବ। ଅତଏବ, ସେ ମଦିରା ପାନ କରୁଛି ଏବଂ କିଛି ସମୟ ଭିତରେ ହତ୍ୟା କରିବା ପାଇଁ ତା'ଭିତରେ ସାମାନ୍ୟତମ ଗ୍ଲାନିବୋଧ ରହୁନି। ଆଜିକାଲି ଯେତେ ନରସଂହାର ସଂଘଟିତ ହେଉଛି, ତା'ମୂଳରେ ମଦର ଅସ୍ତିତ୍ୱ ନିଶ୍ଚିତ ଭାବରେ ମିଳିବ।

ପ୍ରତି ମଣିଷର ଚିନ୍ତା କରିବାର ଏକ ଶକ୍ତି ଅଛି। ବିବେକ ତାକୁ ସତ୍ ଚିନ୍ତା କରିବାରେ ସାହାଯ୍ୟ କରେ ଏବଂ ଏକ ଭଲ ନିଷ୍ପତ୍ତି ଆଡ଼କୁ ଟାଣେ; ମାତ୍ର ମଦ ଚିନ୍ତା କରିବାର ଶକ୍ତିଟିକୁ ଲୋପ କରିଦିଏ। ଏଇ ନିଶା ଯେ କେବଳ ମାଦକ ଦ୍ରବ୍ୟରେ ରହିଛି, ତାହା ମଧ ଭୁଲ୍। ମଣିଷର ଅହଂକାର ଗୋଟାଏ ପ୍ରମୁଖ ନିଶା। ଆଗ କାଳରେ କୁହାଯାଉଥିଲା ଯୌବନ, ଧନ ସମ୍ପତ୍ତି, ପ୍ରଭୁତ୍ୱ ଓ ଅବିବେକିତା ଏଇ ଗୋଟିଏରୁ ଗୋଟିକୁ ମଧ ସମ୍ଭାଳିବା ମୁସ୍କିଲ। ଯଦି ଚାରିଟିଯାକ ମିଶିଗଲେ, ତା'ହେଲେ ପରିସ୍ଥିତି ହୁଏ ଅସମ୍ଭାଳ। ଏଇସବୁ ଭିତରେ ବି ଥାଏ ନିଶାଗ୍ରସ୍ତ କଲା ଭଳି ସତ୍ତା। ଏହାଛଡ଼ା ଆମର ଧର୍ମ ଶାସ୍ତ୍ରରେ ଯେଉଁ ଷଡ଼ ରିପୁ କଥା କୁହାଯାଇଛି ଏବଂ ଯାହାକୁ ସଂକ୍ଷିପ୍ତ କରି ତିନୋଟି ବୋଲି ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ସେଗୁଡ଼ିକ ଆଡ଼କୁ ଦୃଷ୍ଟି ପକାନ୍ତୁ। କାମ, କ୍ରୋଧ ଆଉ ଲୋଭ। ଏମାନେ ଯେତେବେଳେ ବ୍ୟକ୍ତିକୁ ଆକ୍ରାନ୍ତ କରନ୍ତି, ସେ କିଛି ବୁଝିପାରେନା ବା ବାସ୍ତବ ନିର୍ଣ୍ଣୟ ନେବାରେ ସମର୍ଥ ହୁଏନା। କବିବର ରାଧାନାଥ ରାୟ ଲେଖିଥିଲେ- 'ଅଙ୍ଗେ ଘୋଟିଛି ଯାର ଅନଙ୍ଗ ବାଣ/ ଚେତନ ଅଚେତନ ତାର ସମାନ।'

ଅର୍ଥାତ୍ ଯିଏ କାମ ବାଣରେ ଜର୍ଜରିତ, ସେ ଅଚେତନପ୍ରାୟ। କୌଣସି ଭୟଙ୍କର ନିଷ୍ପତ୍ତି ନେବା ତାଙ୍କ ପାଇଁ ଦୁରୂହ ନୁହେଁ। ମହାତ୍ମା ଗାନ୍ଧୀ ନିଶା କେଡ଼େ କ୍ଷତିକାରକ ଗୋଟିଏ ରାଷ୍ଟ୍ର ପାଇଁ ହୋଇପାରିବ, ତାହା ଜାଣି ପାରିଥିଲେ। ତେଣୁ ନିଶା ନିବାରଣକୁ ତାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ଭିତରେ ଗ୍ରହଣ କରିଥିଲେ; ମାତ୍ର ପ୍ରାୟ ଅଧିକାଂଶ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି ଏବଂ ନିଶାରୁ ଆସୁଥିବା ଟିକସର ମୋହରୁ ସରକାରମାନେ ନିଜକୁ ମୁକ୍ତ କରିପାରୁନାହାନ୍ତି। ପରନ୍ତୁ, ଏକଥା ସତ ଯେ ନିଶାରୁ ଯାହା ରାଜସ୍ୱ ମିଳେ, ତା'ଠାରୁ ଦେଶ ବହୁ ଗୁଣରେ ଅଧିକ କ୍ଷତିଗ୍ରସ୍ତ ହୁଏ। ଯେତେ ଦୁର୍ଘଟଣା ଆଜି ରାସ୍ତାରେ ଘଟୁଛି, ତାକୁ ଅନୁଧ୍ୟାନ କଲେ ଜଣାଯାଏ ମଦ୍ୟପାନଜନିତ ବେପରୁଆ ଗାଡ଼ି ଚାଳନା ହିଁ ଏକ ଆକସ୍ମିକ ଦୁର୍ଘଟଣାର ପ୍ରମୁଖ କାରଣ। କେତେ ପରିବାର ନିଶା ପାଇଁ ଉଜୁଡ଼ି ଯାଉଛି। କେତେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି, ତାହା ଆକଳନ କରିବା କଷ୍ଟ। ସରକାରଙ୍କ ତରଫରୁ ଅନେକ ସମୟରେ କୁହାଯାଏ ଯେ ମଦକୁ ଯଦି ନିୟନ୍ତ୍ରଣ କରା ନଯିବ, ବିଷାକ୍ତ ମଦ ଚାରିଆଡ଼େ ବ୍ୟାପିବ ଏବଂ ଏଥିରେ ବେଶି ପରିବାର କ୍ଷତିଗ୍ରସ୍ତ ହେବେ ଏବଂ ଯେହେତୁ ମଦ କ୍ଷତିକାରକ, ତାକୁ ଯେଉଁମାନେ ବ୍ୟବହାର କରିବେ, ସେମାନେ ଅଧିକ ରାଜସ୍ୱ ସରକାରଙ୍କୁ ଦେବେ; ମାତ୍ର ମଦ ଦାମ୍ ଯେତେ ବଢ଼ିଲେ ବି ଲୋକଙ୍କର ସେଥିରେ ପରବାୟ ନାହିଁ। ତେଣୁ ଆଗାମୀ ଦିନରେ ସମାଜ ଅଧିକ ହିଂସ୍ର ହେବ, ଏଥିରେ ଦ୍ୱିମତର ଅବକାଶ ନାହିଁ।

ଫୋନ୍ : ୯୪୩୮୪୮୨୯୧୧






# ଭଲ ଗାଁଟିଏ ଗଢ଼ିବା

ବିଚିତ୍ରାନନ୍ଦ ପଣ୍ଡା

ବଣ ଜଙ୍ଗଲ ପାହାଡ ଘେରା ସବୁଜିମାର ପାଦ ଦେଶରେ ଆଦିମ ଜନଜାତିଙ୍କର କୁଡ଼ିଆ ଘର ଗୁଡ଼ିକ ଆମ୍ବିକ ଛବିର ସୁଧା ବର୍ଷଣ କରେ। ଆମ ହୃଦୟର ଗଭୀରତା ଥଳହୀନ।

ମହୀନତାର ଦୃଶ୍ୟପଟ୍ଟ ଅତ୍ୟନ୍ତ, ଉଦାର, ସ୍ୱଚ୍ଛ, ନିର୍ମଳ ଓ ଭାବପୂର୍ଣ୍ଣ। ଏହାର ଫାଇଦା ଉଠାନ୍ତି ବିଭିନ୍ନ କୁଚକ୍ରୀ ଗୋଷ୍ଠୀ, ଯଥା- ଜଙ୍ଗଲ ମାଫିଆ, ଜମି ମାଫିଆ, ନକଲି ଡାକ୍ତର, ନକଲି ଅବଧାନ, ନକଲି ସେବା ଦଳ ଓ ଅସାଧୁ ସରକାରୀ କର୍ମଚାରୀ ବୃନ୍ଦ।

ନିଜେ ଜମିଦାର ହୋଇ ନିଜ ଜମିରେ ମୂଲ ଲାଗି ହାତ ପତାନ୍ତି, ସେହିମାନଙ୍କ ପାଖରେ ଯେଉଁମାନେ ଆମକୁ ଶୋଷଣ କରି ବିଷାକ୍ତ ମଦ ପିଆଇ ଆମର ସର୍ବସ୍ୱ ଲୁଟି ନିଅନ୍ତି।

ମୁଁ ବିଚିତ୍ରାନନ୍ଦ ପଣ୍ଡା, ସମ୍ପାଦକ ବୈଶାଖୀ, ପାତୁଆ, କୁଲାବିରି, କୋରାପୁଟ, ଆପଣଙ୍କ ନିକଟରେ ଅତି ସଂକ୍ଷେପରେ ଉପସ୍ଥାପିତ କରିବାକୁ ଯାଉଛି।

୧୯୮୨ରେ ମୁଁ ପବିତ୍ର କୋରାପୁଟ ମାଟିରେ ପାଦ ଥାପିଲି। ଦେଖିଲି ଦକ୍ଷିଣ ଓଡ଼ିଶାର ଏକମାତ୍ର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆମ ମାଆମାନେ ପ୍ରବଳ ନିର୍ଯାତିତା। ପୁରୁଷ ବନ୍ଧୁମାନେ କର୍ମ କୁଶଳୀର ଆଢୁଆଳରେ କେବଳ ମଦ୍ୟପାନ କରି ନିର୍ଯାତନା ଦିଅନ୍ତି ଆମ କୁଳ ବଧୂ ମାଆ ଲକ୍ଷ୍ମୀ ମାନଙ୍କୁ। ମାଆ ମାନେ ପାଷାଣ ଭଳି ସେସବୁକୁ ନୀରବରେ ସହିଯାନ୍ତି।

ମାଆ ମୋର ପ୍ରତ୍ୟହ କୁକୁଡ଼ା ଡାକିବାର ଅବ୍ୟବହିତ ପୂର୍ବରୁ ସମା ଲାଗିଥିବା ଗୋଟିକିଆ କାଠରେ ଧାନ କୁଟିବ, ଚକିରେ ମାଣ୍ଡିଆ ଘୋରିବା ଠାରୁ ଆରମ୍ଭ କରି ବାସନ ମାଜିବା, ଘର ଲିପାପୋଛା କରିବା, ରନ୍ଧାବଢା କରିବା, ଦାରୁ ଆଣିବା, ମୂଲ ଲାଗିବା, ଅଣ୍ଡିରା ମାନେ ଅସୁସ୍ଥ ହେଲେ ତାଙ୍କ ସେବା କରିବା, ଲୁଗାପଟା ସଫା କରିବା, ପିଲାଛୁଆଙ୍କ ଯତ୍ନନେବା, ଯାବତୀୟ କାର୍ଯ୍ୟ ଗୁଡ଼ିକୁ ସମ୍ପାଦନ କରୁଥିଲେ ମଧ୍ୟ ଜଣେ ପୁରୁଷ ବନ୍ଧୁର ଅତ୍ୟାଚାରକୁ ଆଦରି ନେଉଥିଲେ। ଦାରିଦ୍ର୍ୟତା ଭିତରେ ଥାଇ ମଧ୍ୟ ଏଗୁଡ଼ିକ ଦେଖି ମୁଁ ସହି ପାରିନଥିଲି। ଏ ସବୁର କାରଣ କେବଳ ମଦ ଏକଥା ମୋତେ ବୁଝିବା ପାଇଁ ସମୟ ଲାଗିଲା ନାହିଁ।

ଅବଶ୍ୟ ପୂର୍ବରୁ ଆମର ବର୍ଷୀୟାନ ଭୂଦାନ କର୍ମୀ ଗାନ୍ଧିବାଦୀ ନେତା ନିଶାକର ଦାସ ମହୋଦୟ ନିଶାମୁକ୍ତି ଆନ୍ଦୋଳନରେ ଅନ୍ୟମାନଙ୍କୁ ଏକଜୁଟ କରି, ମଦ ଭାଟି ଭାଙ୍ଗିବା, ପଥପ୍ରାନ୍ତ ସଭା କରିଥିଲେ ମଧ୍ୟ ସେଥିରେ ସଫଳ ନହୋଇ ଆକ୍ରୋଶର ଶିକାର ହେଲେ। ସେଥିରୁ କିଛି ଶିକ୍ଷାଲାଭ କଲାପରେ ଚିନ୍ତାକଲି ଏ ଉପାୟରେ ଏମାନଙ୍କୁ ନିଶାମୁକ୍ତ କରାଯାଇ ପାରିବ ନାହିଁ। ଯେକୌଣସି ଉପାୟରେ ଏମାନଙ୍କୁ ନିଶାଠାରୁ ଦୂରେଇ ରଖିବାକୁ ପଡ଼ିବ। ନହେଲେ ଏମାନଙ୍କର ସରଳତାର ସୁଯୋଗ ଉଣ୍ଡି ଅସାଧୁ ମାନଙ୍କର ସାମ୍ରାଜ୍ୟ ଗଢି ଉଠିବ।

ଏ ନର୍କରୁ ଉଦ୍ଧାର ପାଇବା ପାଇଁ ଜନ ଆନ୍ଦୋଳନ, ଭାଟି ଭାଙ୍ଗିବା ଏବଂ ଲୋକଙ୍କୁ ମେଳି କରି ସଫଳତା ପାଇବା ଆଦୌ ସମ୍ଭବ ନୁହେଁ। କାରଣ ସବୁ ଗାଁର ରାସ୍ତା ଘାଟର ବାଲି ଧୂଳି ନର୍କ ରାଜନୀତିର ଶିକାର ହେଇ ସାରିଛନ୍ତି।

ତେଣୁ ମୁଁ ସର୍ବ ପ୍ରଥମେ ଗୋଟିଏ ଅନୁଷ୍ଠାନ ଗଢ଼ିଲି। ନାମକରଣ ରଖାଗଲା ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସଂସଦର ଆଭିମୁଖ୍ୟ ଚାରୋଟି ପ୍ରସଙ୍ଗକୁ ନେଇ ଆଗକୁ ବଢିଲା, ଯଥା ନିଶାମୁକ୍ତ ପରିବାର ଗଠନ, ଓଡ଼ିଆ ଭାଷା ସୁରକ୍ଷା, ବୈଶାଖୀ ସଂସ୍କରଣ ଏବଂ ଅପସଂସ୍କୃତିରୁ ରକ୍ଷା।

ଏଇ ପରିପ୍ରେକ୍ଷୀରେ ଜନ୍ମ ନେଲା ବୈଶାଖୀ ପରିବାର। ଉକ୍ତ ପରିବାରର ଆନୁଷ୍ଠାନିକ ନିର୍ବାଚିତ କର୍ମକର୍ତ୍ତା ହେଲେ, ଯଥା- କାର୍ଯ୍ୟକାରୀ ସଭାପତି ଟୁନେଶ କୁମାର ପାତ୍ର, ଉପସଭାପତି ଶତ୍ରୁଘ୍ନ ହିକବାଡି, ସଂଯୋଜକ ଗୋପାଳ କୃଷ୍ଣ ମହାନ୍ତ, ଉପସଂଯୋଜକ ଜଗତ ଛେଣ୍ଡିଆ ଓ ଜଳନ୍ଧର ମହୋଦୟ। ବଡ଼ ଖୁସିର କଥା ବର୍ତ୍ତମାନ ଆମ ବୈଶାଖୀ ପରିବାରର ସଦସ୍ୟ ଓ ସଦସ୍ୟା ସଂଖ୍ୟା ହାରାହାରି ତିନିହଜାରରୁ ଊର୍ଦ୍ଧ୍ୱ।

ଆମ ପରିବାରକୁ ନେଇ ଆରମ୍ଭ ହେଲା, ଆଧାତ୍ମିକ ମାର୍ଗ, ଭଗବତ ଚର୍ଚ୍ଚା, ଲୋକଙ୍କ ଜୀବନ ସୁରକ୍ଷା ଓ ଆମର ହକ୍‌କୁ ନେଇ ନିଶାମୁକ୍ତି ଆନ୍ଦୋଳନର ପ୍ରଭୂତ ବିସ୍ତାର ପ୍ରକ୍ରିୟା। ଏସବୁ ଆମକୁ ଆଗକୁ ଯିବାପାଇଁ ଅନୁକୂଳ ବାତାବରଣ ସୃଷ୍ଟି କଲା। ଆମେ ଏଯାବତ୍, ନନ୍ଦପୁର ଓ ଲମତାପୁଟ ବ୍ଲକ୍‌ରେ ଚବିଶି ଗ୍ରାମସଭା ତଥା ତିନୋଟି ଗ୍ରାମକୁ ନିଶାମୁକ୍ତ ଗ୍ରାମ ଘୋଷଣା କରିବାରେ ସଫଳତା ପାଇଛୁ। ହରି ସଙ୍କୀର୍ତ୍ତନ ଓ ଆଧାତ୍ମିକ ବିଷୟ ବସ୍ତୁକୁ ମୁଖ୍ୟ ଆୟୁଧ କରି ଆମେ ଆଗେଇ ନେଲୁ। ଆମ ବିଜୟ ଯାତ୍ରାକୁ ଦୁଇଟି ଗ୍ରାମ ନିଶା ମୁକ୍ତ ଗ୍ରାମ ଘୋଷଣାରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ- ଓଡ଼ିଶା ନିଶା ନିବାରଣ ଅଭିଯାନର ମହିଳା ଶକ୍ତି ଆବାହିକା ଶ୍ରୀମତୀ ଅପର୍ଣ୍ଣା ନାୟକ (ଅପା) ଉକ୍ତ ଗ୍ରାମକୁ ମୋନା ନାମରେ ନିଶାମୁକ୍ତ ଗାଁର ଘୋଷଣା ନାମା ପାଠ କରିବା ସହିତ ନନ୍ଦପୁର ବ୍ଲକକୁ ମୋ ବାପ ଘର ବୋଲି ଘୋଷଣା କରିଥିଲେ। ତାହା ବଡ ଉନ୍ମାଦନା ସୃଷ୍ଟି କରିଥିଲା।

**ଲୋକମାନେ କେମିତି ଆକୃଷ୍ଟ ହେଲେ**

ଲୋକମାନଙ୍କୁ ଆମେ ପଚାରିଥିଲୁ- ଆମର ଭାଷା ସଂସ୍କୃତି ଭିନ୍ନ ଜିଲ୍ଲା ଠାରୁ ଅତ୍ୟନ୍ତ ବଳିଷ୍ଠ।

ଆମ ନାଟ ପୂଜା ପାର୍ବଣ ସମ୍ପୂର୍ଣ୍ଣ ନିଆରା। ଆମେ ବୀର, ଆମ

ଶୌର୍ଯ୍ୟ ଆମର ଜଙ୍ଗଲ ଜଳ, ଜମି ଓ ମୂଳ ଆଦିବାସୀଙ୍କର ମୌଳିକ ସଂସ୍କୃତି ନିଆରା। ଆମର ପ୍ରତ୍ୟେକ ଘରେ ଦୁଇଶହରୁ ପାଞ୍ଚ ଶହ ଗ୍ରାମ ପର୍ଯ୍ୟନ୍ତ ଚବିଶି କ୍ୟାରେଟ୍ ସୁନା ଗଚ୍ଛିତ ଥିଲା। ଏତେ ପ୍ରଭୂତ ସମ୍ପତ୍ତି ଥାଇ ଆମେ  ଗରିବ ହେଲୁ କେମିତି ?

ତାର ମୂଳ କାରଣ ହେଉଛି- ମଦ, ମଦ, ମଦ। ଅସାଧୁ ଲୋକମାନେ ଆମକୁ ମଦ ପିଆଇ ଆମର ସର୍ବସ୍ୱ ଲୁଟିନେଲେ। ଆମେ ହେଇଗଲୁ ସର୍ବହରା, ସେମାନେ ହେଇଗଲେ ଆମର ସାଆନ୍ତ। ଆମର ଜମି, ସୁନା, ଖଣିଜ ସମ୍ପଦ, ଜଳ ଓ ଜଙ୍ଗଲକୁ ସେମାନଙ୍କ ହାତରେ ଟେକିଦେଇ ଆମରି ଜମିରେ ମୂଲ ଲାଗି ସାଉକାରଙ୍କୁ କେତେଟା ଟଙ୍କା ପାଇଁ ହାତ ପତେଇଲୁ। ଆଉ ଆମେ ତାଙ୍କର ଦୟାର ପାତ୍ର ହେଇ ଦେଶିଆ ଭଳି ପବିତ୍ର ଶବ୍ଦକୁ ତାଙ୍କ ଠାରେ ନିଜକୁ ଅସହାୟ ମଣି ଗୋଡ଼ ତଳେ ସମର୍ପି ଦେଲୁ। ଶେଷରେ ଆମେ ତାଙ୍କର କ୍ରୀଡନକ ପାଲଟି ଗଲୁ।

ଆମେ ଏ ସମ୍ବନ୍ଧରେ କିଛିଟା ପ୍ରଶ୍ନ ତାଙ୍କୁ ପଚାରିଥିଲୁ।

୧. ତମର ସୁନା କୁଆଡେ ଗଲା ?

୨. ତମର ଜମି କିଏ ନେଲା ?

୩. ତମର ଜଳ, ଜଙ୍ଗଲ ସୁରକ୍ଷିତ କି ?

୪. ତମେ ଦେଶିଆ ଶବ୍ଦର ଅର୍ଥକୁ ନ ବୁଝି ଅସାଧୁ ଲୋକଙ୍କର ଶିକାର ହେଇ ନାହଁ କି ?

୫. ତମର କୃଷିଜାତ ଦ୍ରବ୍ୟକୁ ବେପାରୀମାନେ ମାପ, ଓଜନରେ ଠକି ତମକୁ ପ୍ରତାରଣା କରୁ ନାହାନ୍ତି କି ?

୬. ଖଣିଜ ପଦାର୍ଥରେ ଭରପୁର କୋରାପୁଟ ଗରିବ କାହିଁକି ?

୭. ତମକୁ ମଦ ପିଇଆ ତମର ହସ ଖୁସିର ସଂସାରକୁ କିଏ ଉଜାଡି ଦେଲା ?

୮. କୋଡ଼ିଏରୁ ଚାଳିଶି ବର୍ଷ ବୟସର ପିଲାମାନେ ପ୍ରତି ଗାଁରେ ବର୍ଷକୁ ପ୍ରାୟ ଦଶରୁ ପନ୍ଦର ପିଲାଙ୍କର ମୃତ୍ୟୁ ହେଇଛି ନା ନାହିଁ।

୯. ତମର ପ୍ରତିଷ୍ଠା ଓ ସମ୍ମାନକୁ ମଦ ଝୁଣି ଝୁଣି ଖାଇ ଯାଉ ନାହିଁ କି ?

୧୦. ମାରପିଟ୍, ଝଗଡ଼ା ଓ ଅସ୍ଥିରତାର ମୁଖ୍ୟ କାରଣ ମଦ, ତମେ ବୁଝି ପାରୁଛ ନା ନାହିଁ?

୧୧. ଯେଉଁ ପିଲାଟି ମଦ ପିଇ ମରିଗଲା, ତା ମାଇପି ରାଣ୍ଡ ହେଇଗଲା, ସେଥିପାଇଁ ଦାୟୀ କିଏ... କେବଳ ମଦ।

୧୨. ବିଧବା ମାଇଜୀ ଓ ତାର ପିଲାର ଭବିଷ୍ୟତ କଣ ହେବ ?

ଏହିପରି ତଥ୍ୟ ସମ୍ବଳିତ ଗ୍ରାମ ସଭା ଆମ ନିଶାମୁକ୍ତି ଅଭିଯାନର ଆଧାର ଓ ମୂଳମନ୍ତ୍ର। ଗ୍ରାମ ସଭା ଶେଷରେ ଆମେ ଗୋଟାଏ କଥା କହିଥାଉ- ଆସ ! ଆମେ ସମ୍ମିଳିତ ଭାବେ ସଂକଳ୍ପ ଓ ଶପଥ କରିବା ଆମ ଗାଁକୁ ନିଶାମୁକ୍ତ ଗ୍ରାମ ଭାବେ ଘୋଷଣା କରି ଭଲ ଗାଁଟିଏ ଗଢ଼ିବା।

ଫୋନ୍ : ୯୪୩୯୪୬୩୧୪୬

# ନର୍କ ଓ ରାକ୍ଷସ

**ବିଚିତ୍ରାନନ୍ଦ ପଣ୍ଡା**

ହରି-
ମଦ ପିଇ କରି ମଦୁଆ ହୋଇଲୁ ସଂସାର ଉଜୁଡି ଗଲା
ହଇକି ହେ ସଂସାର ଉଜୁଡି ଗଲା
ସଂସାର ଭିତରେ ସୁଖ ଶାନ୍ତି ପ୍ରୀତି
ଦେଖିବାକୁ ନ ମିଳିଲା।
ନରି- ମଦର ବେଭାର ସବୁଠୁ ଗମ୍ଭୀର
ତାକୁ ଯିଏ ପିଇ ନାହିଁ
ହଇ କି ହେ- ତାକୁ ଯିଏ ପିଇ ନାହିଁ
ନ ପିଇବା ଲୋକ
କେମିତି ଜାଣିବ
ଗୁଣ ଧର୍ମ ତାର ଭାଇ।

ହରି- ଅଳପ ବୟସ ଛୁଆ ଗୁଡା ଆଜି
ମଦ ପିଇ ନାର ଖାର
ହଇ କି ହେ - ମଦ ପିଇ ନାର୍ ଖାର
କଂଚା ବୟସରୁ ଭାରିଯାକୁ ଛାଡି
ଚାଲିଯାଏ ଯମ ପୁର।
ନରି- ଯମପୁର ପଛେ ଯିବି ମୁହିଁ ଚାଲି
ମଦକୁ ଛାଡିବି ନାହିଁ
ହଇ କି ହେ- ମଦକୁ ଛାଡ଼ିବି ନାହିଁ
ମଦ ପିଇ ଦେଲେ
ସରଗ ଦେବତା
ପିଠି ମୋ ଆଉଁସି ଥାଇ।
ହରି- ଆ ହା
ଦେବତାମାନେ ତୋ
ପିଠି ଆଉଁସି ଦଉଛନ୍ତି
ମୁଁ ମରିଯାଉଥାଏ ଲୋ।
ଘୋଡା ମୁହାଁ ନରି ଦେଖା ନା ଚାତୁରି
ହେଲୁ ତୁ ଘୋଡା ମଦୁଆ
ହଇ କି ହେ ହେଲୁ ତୁ ଘୋଡା ମଦୁଆ
ଟଙ୍କା ସୁନା ବାନା ବିକି ଜମି ବାଡ଼ି
ଫୁଟାନି ମାରୁଛୁ କିଆଁ।
ନରି- ଦୁଧ ମଦ ଦୁହେଁ ମୈତର ଭାଇ
ଦୁଧଠୁ ମଦ ବଢିଆ
ହଇକି ହେ- ଦୁଧଠୁ ମଦ ବଢିଆ
ଡୋକେ ମଦ ପିଇ ବାଟ ଚାଲୁଥିଲେ
ଲୋକେ ହୁଅନ୍ତି ଛାନିଆଁ।
ହରି- ଆରେ ହେ ନରି, ତୁ ଏ ଦିବ୍ୟ ଜ୍ଞାନ

କୋଉଠୁ ପାଇଲୁ
ନରି- ଭାଟି, ଭାଟି ମାଲିକ
ଦୁନିଆଁରେ ଯେତେ ଜ୍ଞାନ ଅଛି
ସବୁ ସେହି ଭାଟିରୁ ମିଳିବ।
କଥା ସେଥିପାଇଁ ମୁଁ ଆଉ ମୋ ପୁଅ ମିଶିକରି ପିଉଛୁ।
ମୁଁ କଣ ତୋ ବାପା ପଇସାରେ ପିଉଛି କିବେ
ତୁ ପିଇଲେ ସିନା ତା ମଜା ଜାଣିବୁ
ତୁ ତ ଟଙ୍କା ପଇସାକୁ ଚୁମୁଟି କରି ଧରିଛୁ।
ଆରେ ମଦ ନପିଇ ମଦ କୋଠା ଗାଡି ଟଙ୍କା ସୁନା ସବୁ ଅର୍ଜିଛୁ,
ଏଟା ସତ କଥା
ହେଲେ ତୁ ମଲା ବେଳେ ସେସବୁକୁ ସାଙ୍ଗରେ ନେଇଯିବୁ କିରେ ?
ନାଁ କେବେ ନୁହେଁ।
ମୋ କଥା ମାନ ତୋର ଟେନ୍ସନ୍ ଫ୍ରି ହେଇଯିବ।
ଏତିକିବେଳେ ତା ସ୍ତ୍ରୀ ଆସି ପହଂଚିଛି।
ବୁଦୁରି- ତାକୁ ଟିକେ ତୁହି
ବୁଝା, ହରି ଭାଇ
ମୋ ସଂସାର ଉଚ୍ଛନ୍ନ ହେଲା
ହରି ଭାଇ ମୋ ସଂସାର ଉଚ୍ଛନ୍ନ ହେଲା
ଜମି ବାଡ଼ି ସୁନା ପିନ୍ଧିବା ଶାଢ଼ୀକି
ମଦ ପିଇ ବିକିଦେଲା
ପୁଅ ପଢୁଥିଲା ପଞ୍ଚମରେ ପାଠ
ତାକୁ ମଦ ପିଆ ଶିଖେଇଲା
ବାପ ପୁଅ ମିଶି ମଦ ପିଇ ଆସି
ମତେ ନିତି ମାଡ ମାରିଲା
ହରି- ସୁଧୁରି ଯାଆ ତୁ
ନରିଭାଇ ମୋର କାକୁତି ମିନତି ତୋତେ
ହାଇକି ହେ... କାକୁତି ମିନତି ତୋତେ
କଥା ତୁ ମାନିଲେ ଅରଜିବୁ ଯଶ
ଧିଆନ ରଖ ତୁ ଚିତ୍ତେ।
ହଠାତ୍ ଗ୍ରାମରେ ଜଣେ ଭଦ୍ର ବ୍ୟକ୍ତି
ଧଇଁ ସଇଁ ହୋଇ କହିଲା, ଆରେ ନରିଆ,
ତୋ ପୁଅ ମରିଗଲା।
ନରିଆର ନିଶା ଉତୁରି ଯାଇଛି।
ସ୍ୱାମୀ ସ୍ତ୍ରୀ ଉଭୟେ ମୁଣ୍ଡ ପିଟି କାନ୍ଦୁଛନ୍ତି।

ନରି ହରି ଗୋଡ଼ ତଳେ ପଡି ଭୁଲ ମାଗିଛି ଏବଂ ସମାଜକୁ କିଛି ବାର୍ତ୍ତା ଦେଇଛି,... କହିଛି ଦେଖନ୍ତୁ ଭାଇମାନେ ଆଜି ମୁଁ ମଦ ପିଇ ସର୍ବହରା ହେଇଗଲି। ଶେଷରେ ମୋର ଗୋଟାଏ ବୋଲି ପୁଅ ତାକୁ ବି ହରେଇ ଦେଲି। ଘରଟା ମୋର ନର୍କ ପାଲଟି ଯାଇଥିଲା। ଜମି ବାଡ଼ି ସୁନା ସବୁ ମଦ ପିଇ ହରେଇ ଦେଲି। ମୁଁ ଏବେ ଭିକାରି ହେଇଗଲି। ମୋ ପାଖରେ ଆଉ କିଛି ନାହିଁ। ମୁଁ ବର୍ତ୍ତମାନ ସର୍ବହରା ଆପଣମାନଙ୍କୁ ନିବେଦନ କରୁଛି ଆପଣମାନେ ଏ ମଦ ରାକ୍ଷସକୁ ବଧ କରି ଏକ ସୁନ୍ଦର ପରିବାର ଗଠନ କରନ୍ତୁ, ମଙ୍ଗଳ ହେବ। ମଦ ମୁକ୍ତ ପରିବାର ଓ ନିରାମୟ ଜୀବନ। ଆସନ୍ତୁ ଆମେ ସମସ୍ତେ ଶପଥ କରିବା ଆଜିଠାରୁ ଆମେ ଆଉ ମଦ ପିଇବା ନାହିଁ।

# ମଦ ପହଞ୍ଚିବ ପାଇପ୍‌ରେ

**ପ୍ରତାପ କୁମାର ମିଶ୍ର**

ମାଆକୁ ସମ୍ମାନ, ଗାଆଁକୁ କାମର
ପ୍ରତିଶ୍ରୁତି ଦେଲେ ମାନ୍ୟବର,
ଏବେ କହିଲେଣି ଘରେ ଘରେ ମଦ
ରାଜସ୍ୱ ପାଇଁକି ଦରକାର।।
ଗୋଟିଏ ଗୁଳିରେ ଦୁଇଟି ଶିକାର
ମାଆ କାନ୍ଦୁଥିବ, ଗାଆଁ ଶେଷ,
ପରିବାର ହେବ ଭାଙ୍ଗି ଖଣ୍ଡ ଖଣ୍ଡ
ସବୁ ମୁଣ୍ଡେ ଚରିଯିବ ବିଷ।।
ତହବିଲ ଖାଲି, ଋଣ ଶହେ କୋଟି
ଚାଲିବ କେମିତି ସରକାର ?
ସବୁ ସମସ୍ୟାର ଏକ ସମାଧାନ
ମଦୁଆଙ୍କ ସଂଖ୍ୟା ବୃଦ୍ଧିକର।।
କ୍ଷେତକୁ ପାଣି କି ବେକାରେ ଚାକିରୀ
ବଦଳରେ ମଦ ବାଂଟି ଚାଲ,
କାଦମ୍ବରୀ ପାନେ ଯଦୁବଂଶ ଧ୍ୱଂସ
ମରୁଥିବେ ହୋଇ କଲବଲ!!
ସୁସ୍ଥ ମନ ସିନା ମାଗିବ ଶିକ୍ଷକ
ଡାକତର ଅବା ଗାଆଁ ରାସ୍ତା,
ସବୁ ଘରେ ଖାଲି ଶଙ୍ଖ ବାଜୁଥିବ
ଭୋଅଟ ଖଣ୍ଡିକ ହେବ ଶସ୍ତା।।
ଘରେ ଘରେ ତେଣୁ 'ମାଲ' ପହଞ୍ଚିବ
ନହେଲେ ତ ମନ ବୁଝିବନି,
ବାରବାର ବନ୍ଧୁ ଶାସନ ଦେଇଛ
ଋଣ କି ତୁମର ଶୁଝିବନି!!
ଯୁବ ବାହିନୀ ବି ନିଶା ନିବାରଣ
ବାର୍ତ୍ତା ବାଣ୍ଟୁଥିବ ପରିବାରେ,
ଯଥା ରାଜା, ତଥା ପ୍ରଜା ଯେଣୁ, ଏବେ
ମଦ ପହଞ୍ଚିବ ପାଇପ୍‌ରେ।।
ଆସିକା ଫର୍ଟିରୁ ମୁନ୍ଦେ ମାରିଦେଇ
ଗାଆଁ ଦାଣ୍ଡ ସାରା ଗଡୁଥାଆ,
ଟଙ୍କାରେ ଚାଉଳ, ପାଞ୍ଚରେ ଆହାର
ଖାଇକି ମୋହର ମାରୁଥାଅ।।

# ବୈଜ୍ଞାନିକ ସିଦ୍ଧାନ୍ତ

*(ନିଶା କବଳରେ ମଣିଷ ପୁସ୍ତକରୁ ଉଦ୍ଧୃତ)*

ବିଭିନ୍ନ ଦେଶରେ ବୈଜ୍ଞାନିକ ପରୀକ୍ଷା ଦ୍ୱାରା ଯେଉଁ ସବୁ ତଥ୍ୟ ମିଳିଛି ତାର ସାରାଂଶ ନିମ୍ନରେ ଦିଆଗଲା :

୧) ମଦ ହେଉଛି ଗୋଟିଏ ବିଷର୍ଣ୍ଣକାରୀ ନିଦ୍ରାକାରକ ପଦାର୍ଥ। ଏହା ସାଧାରଣ ଭାବେ କୁହାଯାଉଥିବା ଉତ୍ତେଜକ ନୁହେଁ। ଏହା ଗୋଟିଏ ଗାତ୍ରଦାହ କାରକ ଓ ନିସ୍ତେଜକ ଦ୍ରବ୍ୟ। ମଦ ସ୍ନାୟୁ ଦୁର୍ବଳ କରେ। ମଦ ପିଇଲେ ଯେଉଁ ଉତ୍ତେଜନା ହେଉଛି ବୋଲି କୁହାଯାଏ ତାହା ହେଉଛି ସଂଯମ ଶକ୍ତି ହ୍ରାସ ଜନିତ ବ୍ୟବହାର ଓ ବିଭିନ୍ନ ଆଶଙ୍କା ଜନିତ କାର୍ଯ୍ୟ।

୨) ମଦ ଶରୀର ଉତ୍ତାପ ବଢ଼ାଏ ନାହିଁ। ଏହା ରକ୍ତ ନଳୀର ପୃଷ୍ଠକୁ ସଂପ୍ରସାରଣ କରେ। ଫଳରେ ମଦୁଆ ଉଷୁମ ଅନୁଭବ କରେ। କିନ୍ତୁ ବାସ୍ତବରେ ଶରୀର ତାପମାତ୍ରା କମିଯାଏ। ମଦୁଆର ପ୍ରତିରୋଧ ଶକ୍ତି କମିଯାଉଥିବାରୁ ତାକୁ ସହଜରେ ଥଣ୍ଡା ଧରିଥାଏ।

୩) ମଦରେ କୌଣସି ଭିଟାମିନ୍, ପ୍ରୋଟିନ୍ କିମ୍ୱା ଲବଣ ନଥାଏ। ଏହା ଖାଦ୍ୟ ପରି କୌଣସି ଜୀବ କୋଷକୁ ଗଠନ କିମ୍ୱା ମରାମତି କରିପାରେ ନାହିଁ। ତେଣୁ ମଦକୁ ଖାଦ୍ୟ କୁହାଯିବ ନାହିଁ। ଶରୀରର କ୍ଷତି ଆରୋଗ୍ୟ କରେ ନାହିଁ କି ଶରୀର ବୃଦ୍ଧିରେ ସାହାଯ୍ୟ କରେ ନାହିଁ। ଶରୀର ଏହାକୁ ଖାଦ୍ୟ ରୂପେ ଗ୍ରହଣ କରି ନିଜ ବୃଦ୍ଧିରେ ଲଗାଇପାରେ ନାହିଁ।

୪) ମଦ ବିଷ ପରି କେନ୍ଦ୍ରୀୟ ସ୍ନାୟୁ ବିଭାଗ, ମସ୍ତିଷ୍କ ଓ ମେରୁଦଣ୍ଡର କ୍ଷତିକରେ। ଏହି ଯୋଗୁଁ ମଦ ମଣିଷର ଅନ୍ୟମାନଙ୍କ ସହିତ ସମ୍ପର୍କରେ ବ୍ୟାଘାତ ଘଟାଏ। ମଣିଷର ଯେଉଁ ପ୍ରତିଭା ତାକୁ ପଶୁଠାରୁ ଅଲଗା କରିଥାଏ ମଦ ସେହି ପ୍ରତିଭାକୁ ନିସ୍ତେଜ କରିଦିଏ। ମଦ୍ୟପାନ ଯୋଗୁ ମଣିଷ ବିଚାର କରିବାର ଶକ୍ତି ସମ୍ପୂର୍ଣ୍ଣ ହରାଏ। ବିବେକ ଶୂନ୍ୟ ଲୋକ ସବୁ ପାପ କରିଥାଏ। ମା' ଭଉଣୀ ଝିଅ ପ୍ରତି ଅତ୍ୟାଚାର କରେ।

୫) ମଦ ପିଇବା ଯୋଗୁଁ ମଣିଷର ସ୍ନାୟୁ ଉତ୍ତେଜନା ପୂର୍ବକ ଅଙ୍ଗ ବିକ୍ଷେପ (Reflex action) ଶକ୍ତି ହ୍ରାସ ହୁଏ। ବିପଦରୁ ରକ୍ଷା ପାଇବା ପାଇଁ ଥିବା ସ୍ନାୟୁ ବଳ କମିଯାଏ। ମଦ ପିଇବା ଦ୍ୱାରା ମଣିଷ ସବୁ ପ୍ରକାର କାର୍ଯ୍ୟ ଦକ୍ଷତା ହରାଏ।

୬) ମଦ୍ୟପାନ ଦ୍ୱାରା ମଣିଷ ଶରୀରର ଉନ୍ନତି ଘଟିବାର ପ୍ରମାଣ ଆଦୌ ନାହିଁ। ମଣିଷ ଯେ କୌଣସି ବୟସରେ ମଦ ପିଇଲେ ମଧ୍ୟ ଉପକାର ପାଏ ନାହିଁ।

୭) ମଦୁଆ ନିଜକୁ ଅତି ବଡ଼ ମନେ କରେ ଓ ଅନ୍ୟମାନଙ୍କ ଅପେକ୍ଷା ଉତ୍କୃଷ୍ଟ ବୋଲି ଭାବେ। ଯେ କୌଣସି ଜଟିଳ ପରିସ୍ଥିତିକୁ ସମ୍ମୁଖୀନ କରିବ ବୋଲି ଭାବିଥାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ଘଟେ ନାହିଁ। ପ୍ରକୃତ ପରିସ୍ଥିତିକୁ ଲକ୍ଷ୍ୟ କରି କାର୍ଯ୍ୟ କରିବା ଶକ୍ତି ତାର ନଥାଏ।

୮) ମଦର ପ୍ରଧାନ ପ୍ରଭାବ ହେଉଛି ଏହା ମଣିଷର ବ୍ୟବହାରକୁ ବଦଳାଇ ଦିଏ ଓ ବ୍ୟକ୍ତିତ୍ୱରେ ଆଂଚ ଆଣେ। ଯେହେତୁ ମଦ ପିଇବା ଦ୍ୱାରା ସାଧାରଣ ସଞ୍ଜମ ଶକ୍ତି ନଥାଏ ଏବଂ ବାଛ ବିଚାର ଶକ୍ତି ହ୍ରାସ ପାଇଥାଏ, ତେଣୁ ମଦୁଆ ମଦ ପିଇବା ଅବସ୍ଥାରେ ଯେଉଁ ବିଷୟରେ ସିଦ୍ଧାନ୍ତ ନେଇଥାଏ, ତାହା ବିଶ୍ୱାସ ଯୋଗ୍ୟ ନୁହେଁ। ବିଚାର ଶକ୍ତି ନଷ୍ଟ ହୁଏ। ଅଧିକ ମଦ ପିଇଲେ ଏହି ଶକ୍ତି ଅଧିକ ନଷ୍ଟ ହୁଏ।

୧୦) ଅଳ୍ପ ପରିମାଣରେ ମଦ ପିଇଲେ ମଧ୍ୟ ମଣିଷର ପ୍ରତିକ୍ରିୟା ଶକ୍ତି ଓ ସ୍ନାୟୁ ନିୟନ୍ତ୍ରଣ ଶକ୍ତି ହ୍ରାସ ପାଏ।

**ପାର୍ଟିର ସ୍ୱାର୍ଥ ପାଇଁ ନୁହଁ**
**ମାଟିର ସ୍ୱାର୍ଥ ପାଇଁ ମଦ ଦୋକାନ**
**ନିଶ୍ଚିତ ହଟିବା ଦରକାର**

–"ମଦମୁକ୍ତ ଭାରତ"

**ଲୁହାରେ କଳଙ୍କି ଲାଗିଲେ**
**ଲୁହା ନଷ୍ଟ ହୋଇଯାଉଛି**
**ସମାଜରେ ମଦ ମିଳିଲେ**
**ପରିବାର ନଷ୍ଟ ହୋଇଯାଉଛି**

**ନୁହଁ କି ?**

/mmybodisha /mmybodisha /mmybodisha 9937619499 / 78548 37253

# ମଦ୍ୟପାନ ସମ୍ବନ୍ଧରେ ବିଭିନ୍ନ ଅନ୍ଧ ବିଶ୍ୱାସ

*(ନିଶା କବଳରେ ମଣିଷ ପୁସ୍ତକରୁ ଉଦ୍ଧୃତ)*

**ମଦ ଔଷଧ କି ? –** ଔଷଧର ଗୁଣ ହେଉଛି ମଣିଷ ଶରୀରର ଅନିୟମିତତାକୁ ଦୂର କରିବ। ମଦ୍ୟପାନ ଦ୍ୱାରା ମଣିଷର କୌଣସି ରୋଗ ଭଲ ହୁଏ ନାହିଁ। ଅତୀତ କାଳରେ ଡାକ୍ତରମାନେ ମଦକୁ ବେଦନା ନାଶକ ଔଷଧ ହିସାବରେ ବ୍ୟବହାର କରୁଥିଲେ। ବର୍ତ୍ତମାନ ଉନ୍ନତ ଧରଣରେ ବେଦନା ନାଶକ ଔଷଧ ବାହାରିଲାଣି। ମଦକୁ ଔଷଧ ରୂପେ ବ୍ୟବହାର କରାଯାଉ ନାହିଁ। ୧୯୧୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଡାକ୍ତରମାନେ ସେମାନଙ୍କର ସଙ୍ଗଠନ ସଭାରେ ମଦକୁ ଡାକ୍ତରୀ ଔଷଧ ରୂପେ ବ୍ୟବହାର କରିବେ ନାହିଁ ବୋଲି ସିଦ୍ଧାନ୍ତ ନେଇଥିଲେ। କାରଣ ସେମାନେ ଜାଣିବାକୁ ପାଇଲେ ଯେ ମଦକୁ ଔଷଧ ରୂପେ ବ୍ୟବହାର କରିବାର ଯଥାର୍ଥତା ଆଦୌ ନାହିଁ।

**ମଦ୍ୟପାନ ଆରାମଦାୟକ ଓ ଉଷ୍ମଦାୟକ କି ?**

ଆଗରୁ ଆମେ ଜାଣିବାକୁ ପାଇବା ଯେ ମଦ ଶରୀର ଭିତରକୁ ଗଲାପରେ ସିଧାସଳଖ ରକ୍ତରେ ମିଶେ। ଫଳରେ ରକ୍ତବାହୀ ନଳୀଗୁଡିକ ଫୁଲିଯାଏ। ସାଧାରଣ ଅବସ୍ଥାରେ ରକ୍ତନଳୀ ଭିତର ଦେଇ ଯେତେ ରକ୍ତ ଯିବା କଥା ତାହାଠାରୁ ଅଧିକ ରକ୍ତ ପ୍ରବାହିତ ହୁଏ। ଏହା ଫଳରେ ମୁଖ ମଣ୍ଡଳ ଲାଲ ଦେଖାଯାଏ ଓ ଚର୍ମ ଉଷୁମ ପରି ହୋଇଯାଏ। ଝାଳ ମଧ୍ୟ ବୋହିପାରେ। ଏହି ଉଷୁମ ଦେହଟା କେବଳ ଅନୁଭୂତି ମାତ୍ର। ମଦୁଆ ପ୍ରକୃତରେ ଉଷୁମ ନ ହୋଇ ଉଷୁମ ଅନୁଭବ କରେ। ଶରୀର ଅଧିକ ଉତ୍ତାପ ଉତ୍ପାଦନ କରେ ନାହିଁ। ବରଂ ଅଧିକ ରକ୍ତ ପ୍ରବାହ ଯୋଗୁଁ ଚର୍ମରୁ ଉତ୍ତାପ କ୍ଷୟ ହୁଏ। ତେଣୁ ବାସ୍ତବରେ ମଦୁଆ ଦେହରୁ ଉତ୍ତାପ ବାହାରିଯାଏ କିନ୍ତୁ ଉଷୁମ ହୁଏ ନାହିଁ। ମଦ ପ୍ରାକୃତିକ ଉତ୍ତାପ ରକ୍ଷା କରିବା ଶକ୍ତିକୁ ଦୁର୍ବଳ କରିଦିଏ। ଫଳରେ ମଦୁଆ ଥଣ୍ଡା ସହ୍ୟ କରିପାରେ ନାହିଁ। ଥଣ୍ଡା ପାଗରେ ମଦୁଆର ଶୀଘ୍ର ଥଣ୍ଡା ଧରିବା ସମ୍ଭାବନା ଥାଏ।

**ମଦ ମଣିଷକୁ ସାହସୀ କରେ କି ?**

ମଣିଷ ମଦ ପିଇବା ପରେ କୌଣସି ବିପଦର ଫଳାଫଳ ଜାଣିପାରେ ନାହିଁ। ମଦ ପିଇବା ଦ୍ୱାରା ତାର ନିଷ୍ପତ୍ତି ନେବା କ୍ଷମତା ହ୍ରାସ ପାଏ। ତେଣୁ ଭଲ ଅବସ୍ଥାରେ ଯେଉଁ କାମ କରିବା ନୁହେଁ ଯେପରି କାମ ସେ କରିଥାଏ। ଏପରି କ୍ଷେତ୍ରରେ ତାକୁ ସାହସୀ ନ କହି ବୋକା କହିବା କଥା। ମଦୁଆ ଯେଉଁ ବୀରତ୍ୱ ଦେଖାଏ ତାହା ଛଳନାତ୍ମକ ଓ ଅପରିଣାମଦର୍ଶୀ ଅଟେ। ବୋକାମୀକୁ ଦୃଢତା ସହିତ ତୁଳନା କରାଯାଇ ପାରିବ ନାହିଁ। ମଦ ପିଇ ହାତୀ ଆଗକୁ ଯିବା ଉଦାହରଣରୁ ଏହା ସହଜରେ ଜଣା ପଡିବ।

**ମଦ ମଣିଷକୁ ବଳିଷ୍ଠ କରେ କି ?**

ସାଧାରଣ ଭାବରେ ସମସ୍ତେ ଭାବନ୍ତି ଯେ ମଦ ପିଇବା ଦ୍ୱାରା ଦେହରେ ବଳ ଆସେ ଓ କ୍ଳାନ୍ତି ଦୂର ହୁଏ। କିନ୍ତୁ ପ୍ରକୃତ କଥା ହେଲା ମଦ ମଣିଷର ସ୍ନାୟୁ ବିଭାଗକୁ ଦୁର୍ବଳ କରିଦିଏ ଫଳରେ ମଣିଷ କ୍ଳାନ୍ତ ହେଲା ବୋଲି ସ୍ନାୟୁ ମସ୍ତିଷ୍କକୁ ଖବର ପଠାଇ ପାରେ ନାହିଁ ଅର୍ଥାତ୍ ମଣିଷ କ୍ଳାନ୍ତ ହେଲା ବୋଲି ସତର୍କ ସଙ୍କେତ ପଠାଇ ପାରେ ନାହିଁ। ବାସ୍ତବରେ ସେ ଅଧିକ କ୍ଳାନ୍ତ ହୋଇଥାଏ। ତେଣୁ କାମ କଲା ବେଳେ ବହୁତ ଭୁଲ କରେ। ମଦ ମଣିଷର ରକ୍ତ ସଂଚାଳନ ପରିପଥରେ ପହଂଚିବା ପରେ କାରଣ ପ୍ରକ୍ରିୟା ଦ୍ୱାରା ଜଳ ଓ ଅଙ୍ଗାରକାମ୍ଳରେ ପରିଣତ ହୁଏ। ଏହା ଫଳରେ ଯେଉଁ ଉତ୍ତାପ ବାହାରେ ତାହା ଶରୀରରେ ରଖି ହୁଏ ନାହିଁ କିମ୍ବା ଶରୀରକୁ କୌଣସି ଶକ୍ତି ଯୋଗାଏ ନାହିଁ। ତେଣୁ ମଦୁଆ ପ୍ରକୃତରେ କଠିନ କାମ କରିବାକୁ ଅକ୍ଷମ ଥାଏ। ଅଜାଣତରେ କଠିନ ପରିଶ୍ରମ କରିବା ଦ୍ୱାରା ସେ ବହୁତ ହାଲିଆ ହୁଏ ଏବଂ ତାର ଶରୀର ଉପରେ ଭୟଙ୍କର ପ୍ରଭାବ ପଡିଥାଏ।

**ମଦ ମଣିଷକୁ ମହାଜ୍ଞାନୀ କରେ କି ?**

ମଦ ମଣିଷର ଜ୍ଞାନ ବୃଦ୍ଧି କରେ ବୋଲି ବହୁତ ମିଥ୍ୟା ପ୍ରଚାର ହୋଇଥାଏ। ବାସ୍ତବରେ ମଦ ନାମଯାଦା ବ୍ୟକ୍ତିଙ୍କର ମାନସିକ ଉଜ୍ଜ୍ୱଳତାକୁ ବିଲୋପ କରିଥାଏ। ମଦ ମସ୍ତିଷ୍କ ଉପରେ କୁପ୍ରଭାବ ପକାଇ ବିଚାର ଶକ୍ତି ନିୟନ୍ତ୍ରଣରେ ବାଧା ଘଟାଏ ବୋଲି ଆଗରୁ କୁହାଯାଇଅଛି। ଯୁକ୍ତିଯୁକ୍ତ ଚିନ୍ତା କରିବା ଶକ୍ତି ଉପରେ ମଦ କୁପ୍ରଭାବ ପକାଇଥାଏ। ମଦୁଆ ବକ୍ ବକ୍ କରି ଏଣୁ ତେଣୁ କଥା କହିବା କଥା ସମସ୍ତେ ଜାଣନ୍ତି। ବିଜ୍ଞ ଲୋକ ଏପରି ବ୍ୟବହାର କରନ୍ତି ନାହିଁ। ମଦ ଲେଖକମାନଙ୍କର ଲେଖା ପାଇଁ ଉତ୍ସାହିତ କରିବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ। ଲିଓ ଟଲଷ୍ଟୟ କହିଛନ୍ତି : ଏହି ଭୟଙ୍କର ମଦ ରାକ୍ଷସଠାରୁ ମୁକ୍ତି ପାଇବା ମାନବ ଜାତିର ଜୀବନରେ ନୂତନ ଯୁଗ ଆଣି ଦେବ।

# ମଦ ଯୋଗୁଁ ଅପରାଧ

*(ନିଶା କବଳରେ ମଣିଷ ପୁସ୍ତକରୁ ଉଦ୍ଧୃତ)*

ଆଗରୁ କୁହାଯାଇଛି ଯେ ମଦ ପିଇବା ଦ୍ୱାରା ମଦୁଆର ବିଚାର ଶକ୍ତି ଲୋପପାଏ। ତେଣୁ ଅନେକ ସମୟରେ ବିନା କାରଣରେ ରାଗିଉଠେ। ଘରେ ବହୁତ ଅଶାନ୍ତି ସୃଷ୍ଟି କରେ। ଘରର ମୂଲ୍ୟବାନ ଜିନିଷପତ୍ର ଫୋପାଡି ଦେଇଥାଏ। ଅଫିସ୍‌ରେ ମଧ୍ୟ ମଦୁଆ ଅଫିସର ଫାଇଲ ଫୋପାଡ଼ିବାର ଦୃଷ୍ଟାନ୍ତ ରହିଛି। ନିଶାର ପ୍ରଭାବରେ ବହୁତ କିଛି ଗଣ୍ଡଗୋଳ କରାଯାଇଥାଏ। ଘରୁ ପଇସା ଚୋରି କରିବା ସାଧାରଣ କଥା। ପିଲାମାନେ ନିଶାସକ୍ତ ହେଲେ ବାପା ପକେଟରୁ, ମା ପାଖରୁ ପଇସା ଚୋରି କରନ୍ତି। କାରଣ ନିଶାସକ୍ତ ବ୍ୟକ୍ତିମାନଙ୍କର ପଇସା ସବୁବେଳେ ଦରକାର। ଚୋରି କଲାବେଳେ ଭଲ ମନ୍ଦର ବିଚାର ନଥାଏ। ବ୍ୟବସାୟୀମାନେ ଅସତ୍ ଉପାୟ ଅବଲମ୍ବନ କରି ଅର୍ଥ ଉପାର୍ଜନ କରନ୍ତି। ଗାଳି ଗୁଲଜ ମାରଧର ଇତ୍ୟାଦି କରନ୍ତି। ବେଳେ ବେଳେ ଗଣ୍ଡଗୋଳ ଭୟଙ୍କର ରୂପ ନେଇଥାଏ। ସାଧାରଣତଃ ଦେଖା ଦେଇଛି ଯେ ମଦ୍ୟପାନ ଦ୍ୱାରା ଯୁବକମାନେ ମହିଳାମାନଙ୍କ ପ୍ରତି ଅସଦ ବ୍ୟବହାର କରନ୍ତି। ଏପରିକି ଯୌନ ଅତ୍ୟାଚାର କରନ୍ତି। ସ୍ଥାନେ ସ୍ଥାନେ ଅତ୍ୟାଚାର କଲା ପରେ ମହିଳାଙ୍କୁ ହତ୍ୟା କରନ୍ତି। ଆସାମୀମାନଙ୍କୁ ବିଭିନ୍ନ ଦଣ୍ଡ ଦିଆଯାଏ। ଏପରିକି ଫାସୀ ଦଣ୍ଡ ମଧ୍ୟ ଦିଆଯାଇଥାଏ।

ପରିବାରରେ ଜଣେ ନିଶା ସେବନ କରି ବାହାରେ ଗଣ୍ଡଗୋଳ କଲେ ବାହାର ଲୋକ ପରିବାରର ସମସ୍ତଙ୍କୁ ଗାଳି ଦିଅନ୍ତି ଓ ଦୋଷାରୋପ କରନ୍ତି। ନିଶା ସକ୍ତ ବ୍ୟକ୍ତି ମଧ୍ୟ ନିଜ ପରିବାରର ଲୋକଙ୍କୁ ଦୁଃଖ ଦେଇଥାଏ। ଘରେ ପିଲାଙ୍କ ପାଇଁ ଥିବା ଚାଉଳକୁ ନେଇ ବିକ୍ରୀ କରି ମଦ ପିଇବ। ପିଲାମାନଙ୍କୁ ସୁଷମ ଖାଦ୍ୟ ଦେବ ନାହିଁ। ପାଠପଢ଼ା ତ ଦୂରର କଥା।

ଏତ ଗଲା ନିଶାସକ୍ତ ବ୍ୟକ୍ତିଙ୍କ କଥା। ଯେଉଁମାନେ ମଦ ବ୍ୟବସାୟ କରନ୍ତି ସେମାନେ ଚୋର କାରବାର ବଢାଇବା ପାଇଁ ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଲାଞ୍ଚ ଦେଇଥାଆନ୍ତି। ପ୍ରତ୍ୟେକ ରାଜନୀତି ଦଳ ସେମାନଙ୍କ ଠାରୁ ପାର୍ଟି ଚାନ୍ଦା ଆଦାୟ କରିଥାଆନ୍ତି। ସେମାନେ ପଇସା ବଳରେ ମନ୍ତ୍ରୀମଣ୍ଡଳକୁ ହାତ ମୁଠାରେ ରଖିପାରନ୍ତି। ଏହିପରି ଭାବରେ ଦୁର୍ନୀତି ସମାଜରେ ବଢିଚାଲେ।

ଯେଉଁ ସରକାରୀ ଅଫିସର ନିଶାସକ୍ତ ଥାଏ ତାଠାରୁ ଫାଇଦା ଉଠାଇବାପାଇଁ ଲୋକମାନେ ଅଫିସରଙ୍କୁ ମଦ ବୋତଲ ଦେଇ ତାଙ୍କ କାମ ଆଦାୟ କରନ୍ତି। ଅଫିସର ଜଣକ ମଦ ବୋତଲ ପାଇବା ପରେ ବେନିୟମ କାମ କରିଥାଏ। ଏହିପରି ଭାବରେ ସମାଜରେ ଦୁର୍ନୀତି ବଢ଼ି ବଢ଼ି ଚାଲିଛି।

ମଣିଷ ନିଶାଦ୍ରବ୍ୟ ସେବନ ପରେ ଯେକୌଣସି ଅପରାଧ କରିବାକୁ କୁଣ୍ଠାବୋଧ କରେନାହିଁ। ଏପରିକି ସମାଜରେ ଯେତେ ହତ୍ୟା ଘଟଣା ଶୁଣାଯାଏ ସେଗୁଡିକରୁ ଅଧିକାଂଶ ନିଶାଦ୍ରବ୍ୟ ସେବନ ପରେ କରାଯାଇଥାଏ। ନିଶାଦ୍ରବ୍ୟ ପିଇ ନଥିଲେ ହତ୍ୟା କରିବାକୁ କୁଣ୍ଠାବୋଧ କରିବ। ତାର ବିବେକ ବାଧା ଦେବ। କିନ୍ତୁ ନିଶା କବଳରେ ଥିଲେ ଯେହେତୁ ବିବେକ ଶକ୍ତି ନଷ୍ଟ ହୋଇଥାଏ ତେଣୁ ହତ୍ୟା କରିବା ସହଜ ହୁଏ।

ପରୀକ୍ଷା କରି ଦେଖାଯାଇଛି ଯେ ସମାଜରେ ଯେଉଁ ସବୁ ଅପରାଧ ହୁଏ ସେଥିରୁ ଅଧିକାଂଶ ମଦ ପିଇବା ଯୋଗୁଁ ହୋଇଥାଏ।

| **ଅପରାଧର ପ୍ରକାର ଭେଦ** | ପ୍ରତ୍ୟେକ ଅପରାଧରୁ କେବଳ ମଦ ଦ୍ୱାରା ଘଟୁଥିବା ଅପରାଧର ଅଂଶ |
|---|---|
| ୧) କୌଣସି ଅପରାଧ କରିବା ପୂର୍ବରୁ ହାତକଡି ପଡୁଥିବା ଅପରାଧୀଙ୍କ ଭିତରୁ ଯେଉଁମାନେ ମଦ ପିଇଥାଆନ୍ତି ସେମାନଙ୍କ ସଂଖ୍ୟା | ୭୧ % |
| ୨) ଯୌନ ଅପରାଧ | ୬୦ % |
| ୩) ଚୋରୀ | ୬୫ % |
| ୪) ମଟର ଗାଡି ଚୋରି | ୬୮ % |
| ୫) ନାରୀ ଧର୍ଷଣ | ୬୯ % |
| ୬) ସିନ୍ଧି ଚୋରି | ୭୦ % |
| ୭) ଡକାୟତି | ୭୪ % |
| ୮) ବାଡେଇବା | ୮୩ % |
| ୯) ବନ୍ଧୁକ ଚାଳନା ମାରିବା | ୮୫ % |
| ୧୦) ଧାରୁଆ ଛୁରୀରେ ଆକ୍ରମଣ | ୯୩ % |

ଦେଶ ଅନୁସାରେ ଏହି ଅନୁପାତର ପରିମାଣ କିଛି କିଛି ଅଲଗା ହୋଇପାରେ।



# ମଦମୁକ୍ତି ଆନ୍ଦୋଳନ - ଏକ ସଂଗ୍ରାମୀର ଅନୁଭବ

ସତ୍ୟବ୍ରତ ପୃଷ୍ଟି

ମଦର ପ୍ରଚାର ପ୍ରସାର ବ୍ୟବସ୍ଥା ଦ୍ୱାରା ବହୁଳ ଭାବରେ ହେଉଛି, ଏଥିରେ ମଦମୁକ୍ତି ଆନ୍ଦୋଳନର ସମସ୍ତ କାର୍ଯ୍ୟକର୍ତ୍ତା ଏକମତ । ପରନ୍ତୁ ମଦମୁକ୍ତ ଓଡ଼ିଶା କିପରି ହେବ, ଏହାକୁ ନେଇ ଅନେକ ଭିନ୍ନତା ଆନ୍ଦୋଳନକାରୀଙ୍କ ମଧ୍ୟରେ ରହିଛି । ଏହି ଭିନ୍ନତାର ଜଡ଼ ହେଉଛି "ମଦ ସମସ୍ୟାକୁ ନେଇ ବୈଚାରିକ ଅସ୍ୱଷ୍ଟତା" । ମଦର ପ୍ରଚାର କରୁଥିବା ବ୍ୟବସ୍ଥା ପାଖରେ ମଦ ପ୍ରସାରକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ । କିନ୍ତୁ ମଦମୁକ୍ତି ସଂଗ୍ରାମୀର ଦ୍ୱନ୍ଦ୍ୱ ହିଁ ମଦମୁକ୍ତି ଆନ୍ଦୋଳନର ପ୍ରଥମ ବାଧକ । ମଦ ପ୍ରସାର ବ୍ୟବସ୍ଥା ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ । ପରନ୍ତୁ ସମାଜ, ବୁଦ୍ଧିଜୀବୀ, ମାତୃଶକ୍ତି, ସମସ୍ତ ଧାର୍ମିକ ଅନୁଷ୍ଠାନ, ସାମାଜିକ ସଙ୍ଗଠନମାନ ମଦ ପ୍ରସାର ବିରୋଧି । ମୋଟ ଉପରେ ସରକାରୀ ବ୍ୟବସ୍ଥାର ମୁଷ୍ଟିମେୟ ବ୍ୟକ୍ତି ମଦ ପ୍ରସାର କରୁଥିବା ବେଳେ, ସାମାଜିକ ବ୍ୟବସ୍ଥା ମଦ ପ୍ରସାରର ଘୋର ବିରୋଧି । ମଦ ବିରୋଧି ଶକ୍ତି ମଦ ପ୍ରସାର ଶକ୍ତି ଠାରୁ ଯଥେଷ୍ଟ ଅଧିକ । ତା'ପରେ ବି ମଦ ପ୍ରସାର ପ୍ରବଳ ଭାବରେ ବଢ଼ି ଚାଲିଛି । ଏହି ଅସମଞ୍ଜ ସ୍ଥିତିର କାରଣ କ'ଣ ହୋଇପାରେ ? ଟିକିଏ ସୂକ୍ଷ୍ମ ନିରୀକ୍ଷଣ କଲେ ଦୁଇଟି ମୁଖ୍ୟ କାରଣ ସାମ୍ନାକୁ ଆସିବ । ପ୍ରଥମଟି ମଦ ସମସ୍ୟାକୁ ନେଇ ବୈଚାରିକ ଅସ୍ୱଷ୍ଟତା ଓ ଦ୍ୱିତୀୟରେ ମଦ ବିରୋଧି ଶକ୍ତିର ଅସଙ୍ଗଠିତ ଅବସ୍ଥା । ସରଳରେ କହିଲେ ମଦ ପ୍ରସାର ନିଷ୍ପତ୍ତି ଅଳ୍ପ କେଇଜଣଙ୍କ ଦ୍ୱାରା ଭୁବନେଶ୍ୱରରୁ ହେଉଥିବା ବେଳେ, ମଦମୁକ୍ତି ଆନ୍ଦୋଳନ ପଂଚାୟତ ବା ଗାଁରେ ସୀମିତ । ତେଣୁ ମଦମୁକ୍ତି ଆନ୍ଦୋଳନ ପାଇଁ ଆଜିର ଆହ୍ୱାନ ଦୁଇଟି, ମଦ ସମସ୍ୟାର ବୈଚାରିକ ସ୍ୱଷ୍ଟତା ଏବଂ ମଦ ବିରୋଧୀ ଶକ୍ତିର ସଙ୍ଗଠନ ।

**ମଦ ସମସ୍ୟାର ଜଡ଼, ସମାଧାନ ଏବଂ ମଦମୁକ୍ତି ସଂଗ୍ରାମୀର ଭୂମିକା**

୧. ମଦ ସମସ୍ୟା ଏକ ଷଡ଼ଯନ୍ତ୍ର । 'ଲୋକ ମଦ ପିଅନ୍ତି ନା ଷଡ଼ଯନ୍ତ୍ର ଦ୍ୱାରା ଲୋକଙ୍କୁ ମଦ ପିଆଯାଏ ?

ଉତ୍ତର : ମଦ ସମସ୍ୟା ଉପରେ ଚର୍ଚ୍ଚା କଲାବେଳେ ସବୁବେଳେ ଗୋଟିଏ କଥା ଶୁଣିବାକୁ ମିଳେ, "ଲୋକେ ମଦ ପିଉଛନ୍ତି ବୋଲି ମଦ ମିଳୁଛି ।" ଏହି କଥାକୁ ବୁଝାଇବାକୁ ଯାଇ ସ୍ୱଘୋଷିତ ବୁଦ୍ଧିଜୀବି ଅର୍ଥନୀତିର "Demand and Supply" ର ପାଠ ପଢାନ୍ତି । କିନ୍ତୁ ସତରେ କ'ଣ କଥାଟି ଏତେ ସରଳ ! ଉପରୋକ୍ତ କଥାଟି ରଖିଲାବେଳେ ଏମାନେ କ'ଣ ବିଚାର କରନ୍ତି, ଯେ ମଦ ଗୋଟିଏ ନିଶାଦ୍ରବ୍ୟ ଆଉ ସାଧାରଣ "Demand and Supply" ଥିଓରୀ ଏ କ୍ଷେତ୍ରରେ କେତେ ମାତ୍ରାରେ ପ୍ରଯୁଜ୍ୟ ! ଆମ ଗାଁମାନଙ୍କରେ କେତେଥର ଲୋକମାନେ ଆନ୍ଦୋଳନ କରିଛନ୍ତି ନୂଆ ମଦଦୋକାନଟିଏ ଖୋଲିବାକୁ ? ଓଲଟା ମଦକୁ ବିରୋଧକରି ମାଆମାନେ ଆନ୍ଦୋଳନ କରିବା, ପୋଲିସଠାରୁ ମାଡ଼ ଖାଇବା, ଜେଲ୍ ଯିବା, ଏମିତିକି ମଦକୁ ବିରୋଧ କରି ଲୋକେ ଜୀବନ ଦେବାର ଉଦାହରଣ ଓଡ଼ିଶାରେ ଅନେକ ରହିଛି । ଏମିତିକି ଗାଁରେ ଆଗରୁ ଯଦି ଜଣେ ଦୁଇଜଣ କିଏ ମଦ ପିଉଥାଆନ୍ତି, ସରକାରୀ ମଦ ଦୋକାନ ଗାଁ ପାଖରେ ଖୋଲିବା ଫଳରେ ଦୃତ ବେଗରେ ମଦୁଆଙ୍କ ସଂଖ୍ୟା ଆଖପାଖ ଅଂଚଳରେ ବଢିବାର ଅସଂଖ୍ୟ ଉଦାହରଣ ଓଡ଼ିଶାର ପ୍ରତ୍ୟେକ ଅଂଚଳରେ ଦେଖିବାକୁ ମିଳେ । ପ୍ରତ୍ୟେକ ନିର୍ବାଚନ ସମୟରେ ମାଗଣାରେ ମଦ ବାଂଟି ଗ୍ରାମ୍ୟ ପରିବେଶରେ ନୂଆ ନୂଆ ମଦୁଆ ସୃଷ୍ଟି କରିବାର ସୁନିୟୋଜିତ ଷଡ଼ଯନ୍ତ୍ର ହୁଏ । ଆଉ ମଦ ଜାଲରେ ଥରେ ପଡ଼ି ଜୀବନସାରା ମୁକୁଳି ପାରୁନଥିବା ସେଇ ନିରୀହ ଯୁବକଙ୍କୁ ନେଇ ସରକାରୀ ମଦ ବ୍ୟବସାୟର ପସରା ମେଲେ, ଘୃଣ୍ୟ ରାଜନୀତିର ରୁଟି ସେକାହୁଏ ।

୨. ମଦ ପ୍ରସାର କାହିଁକି ? ରାଜସ୍ୱ ପାଇଁ କି ?

ଉତ୍ତର : ଲୋକେ ମଦ ପିଉଛନ୍ତି ବୋଲି ତର୍କରେ ହାରିଯାଉଥିବା ବ୍ୟବସ୍ଥା ଆଉ ତା'ର ଚେଲା ଚାମୁଣ୍ଡା ଆଉ ଗୋଟିଏ ତର୍କରେ ମଦ ବିକ୍ରୀକୁ ଯୁକ୍ତିସଂଗତ ପ୍ରମାଣ କରିବାର ପ୍ରୟାସ କରନ୍ତି । "ମଦରୁ ପ୍ରଚୁର ରାଜସ୍ୱ ମିଳୁଛି, ଆଉ ସେଇ ରାଜସ୍ୱ ଅର୍ଥରେ ଯାବତୀୟ ଜନମଙ୍ଗଳକାରୀ କାର୍ଯ୍ୟ ସମ୍ପାଦନ ହେଉଛି । ରାସ୍ତାଘାଟ, ପୋଲ ସବୁ ସେଇ ପଇସାରେ ତିଆରି ହେଉଛି । ସରକାରୀ କର୍ମଚାରୀମାନେ ସେଇ ପଇସାରୁ ଦରମା ପାଉଛନ୍ତି । ଲୋକମାନଙ୍କୁ ମାଗଣାରେ ବଂଟା ଯାଉଥିବା ଚାଉଳ, ଛଟା, ଛତା, କମ୍ବଳ, ଜୋତା ଇତ୍ୟାଦି ସବୁ ସେଇ ପଇସାରୁ ମିଳୁଛି ।" ଏହି ପ୍ରକାର ତର୍କରେ ସରକାରଙ୍କ ମଦ ପ୍ରସାରଣକୁ ବିରୋଧ କରୁଥିବା କିଛି ଲୋକେ ମଧ୍ୟ ଚୁପ୍ ହୋଇଯାଆନ୍ତି । ହେଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ, "ମଦରୁ ମିଳୁଥିବା ରାଜସ୍ୱର ପରିମାଣଟା କେତେ ?" ଆଉ ଯଦି ସତରେ ବି ମଦରୁ ଏତିକି ରାଜସ୍ୱ ମିଳୁଥାଏ, ତେବେବି ରାଜସ୍ୱ ପାଇବା ଲାଗି ମଦ ଭଳି ଏକ ଜିନିଷର ପ୍ରସାରଣ କରିବା କେତେମାତ୍ରାରେ ଯୁକ୍ତିଯୁକ୍ତ ? ଉପରୋକ୍ତ ଉଭୟ ପ୍ରଶ୍ନର ଠିକ୍ ଠିକ୍ ଉତ୍ତର କିଛି ବି ମିଳେ ନାହିଁ । ଦୀର୍ଘଦିନର ପ୍ରୟାସ ଫଳରେ ମଦ ରାଜସ୍ୱ ସମ୍ପର୍କିତ ଯେଉଁ ତଥ୍ୟ ଜଣାପଡ଼େ ତାକୁ ଯଦି ଆମେ ବୁଝିବା, ତେବେ ଜାଣିବାକୁ ପାଇବା ଯେ ମଦବିକ୍ରୀରୁ ସରକାରଙ୍କୁ ଲାଭ କମ୍ ଆଉ କ୍ଷତି ଅଧିକ ହୁଏ । ଭଲକରି ବୁଝିବା ଲାଗି ଆମେ ଯଦି ୨୦୧୯-୨୦ ଆର୍ଥିକ ବର୍ଷର ପରିସଂଖ୍ୟାନକୁ ନେବା, ତେବେ ଏହି ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାରଙ୍କ ସମୁଦାୟ

ବ୍ୟୟବରାଦ ଥିଲା ୧ ଲକ୍ଷ ୩୯ ହଜାର କୋଟି। ଆଉ ସମାନ ବର୍ଷ ଶେଷବେଳକୁ ମଦରୁ ରାଜସ୍ୱ ମିଳିଥିଲା ପାଖାପାଖି, ୩୮୦୦ କୋଟି ଯାହାକି ରାଜ୍ୟ ସରକାରଙ୍କ ସମୁଦାୟ ବ୍ୟୟ ବରାଦର ୩ ପ୍ରତିଶତରୁ ମଧ୍ୟ କମ୍। କଥା ଏତିକିରେ ସରେ ନାହିଁ। ମଦବିକ୍ରିରୁ ସରକାରଙ୍କୁ ମିଳିଥିବା ଏହି ଅର୍ଥ ସରକାରଙ୍କ ଲାଭ ନୁହେଁ, ଏହା କେବଳ ମଦରୁ ହେଉଥିବା ଉପରୋକ୍ତ ବର୍ଷର ସମୁଦାୟ ଆୟ। ମଦ ନିଗମର ହେଉଥିବା ବିଭିନ୍ନ ପ୍ରକାର ଖର୍ଚ୍ଚ ଯଥା କର୍ମଚାରୀଙ୍କ ଦରମା, ଗସ୍ତ ଖର୍ଚ୍ଚ, ବିଭାଗୀୟ ବିଜୁଳୀ ଖର୍ଚ୍ଚ, ଅନ୍ୟାନ୍ୟ କାର୍ଯ୍ୟାଳୟ ଖର୍ଚ୍ଚ ଇତ୍ୟାଦି ଗଲାପରେ ଉକ୍ତ ବର୍ଷର ସମୁଦାୟ ଲାଭ ଥିଲା ମାତ୍ର ୩୯୧ କୋଟି ଯାହାକି ସମୁଦାୟ ବ୍ୟୟ ଅଟକଳର ୧ ପ୍ରତିଶତ ମଧ୍ୟ ନୁହେଁ। ଥରେ ବିଚାର କରିବା, ଏହି ୧ ପ୍ରତିଶତ ଲାଭ ଲାଗି ଆମେ କ'ଣ ଆମ ରାଜ୍ୟର ବର୍ତ୍ତମାନ ଓ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲିଦେଇ ପାରିବା ? ଜଷ୍ଟିସ୍ ଟେକ୍ ଚାନ୍ଦଙ୍କ ରିପୋର୍ଟ ହିସାବରେ ମଦରୁ ଯଦି ଟଙ୍କାଟିଏ ସରକାରଙ୍କୁ ଆୟ ହୁଏ, ତେବେ ସମାଜ ଓ ସରକାରଙ୍କୁ ସାମଗ୍ରିକ ଭାବରେ ୧୦୦ ଟଙ୍କାର କ୍ଷତି ହୁଏ। ମଦ ଯୋଗୁଁ ଘଟୁଥିବା ସାମାଜିକ ସ୍ଖଳନ ଓ ପାରିବାରିକ ବିଶୃଙ୍ଖଳାକୁ ଆମ ସରକାରୀ କଳ ତା'ର ପରିସଂଖ୍ୟାନକୁ ନିଏ ନାହିଁ। ଯଦି ମଦରୁ ରାଜସ୍ୱ ପାଇଁ ସରକାର ମଦ ବିକୁଛନ୍ତି ତା'ହେଲେ ଅନ୍ୟ କିଛି ବି ବିକ୍ରୀ କରି ସରକାର ଜନତା ଠାରୁ ଟିକସ ନେଇପାରିବେ। ବଜାରରେ ବିକ୍ରୀ ହେଉଥିବା ପ୍ରାୟ ପ୍ରତ୍ୟେକ ସାମଗ୍ରୀରେ ସରକାର "ବସ୍ତୁ ଓ ସେବା କର" ବା GST ସଂଗ୍ରହ କରନ୍ତି। ସରକାର ଆମଠାରୁ GST ନ ନେଇ ମଦବିକ୍ରୀ କରି ଅବକାରୀ କର ନେବାକୁ ଏତେ ବ୍ୟାକୁଳ କାହିଁକି ? ଖଟିଖିଆ ମଜୁରିଆଟେ ମଦ ନ ଖାଇଲେ ସେଇ ପଇସାରେ ତା ପେଟକୁ ଭଲ ଖାଇବାର ବ୍ୟବସ୍ଥା କରିବ, ତା ସ୍ତ୍ରୀ ପାଇଁ ଶାଢ଼ୀଟିଏ କିଣିବ, ତା'ର ପିଲାଙ୍କୁ ଖେଳନା କିଣିଦେବ। ଆଉ ସବୁଥିରେ ସିଏ ସରକାରଙ୍କୁ ଟିକସ୍ ଦେବ। ମଦ ବିକ୍ରୀ ବନ୍ଦ ହେଇଗଲେ ଯେ ସରକାରଙ୍କୁ ଟିକସ୍‌ର ବିଶେଷ କିଛି କ୍ଷତି ହୁଏନାହିଁ, ତା'ର ଶ୍ରେଷ୍ଠ ଓ ସଦ୍ୟତମ ଉଦାହରଣ ହେଉଛି ଆମ ପଡ଼ୋଶୀ ରାଜ୍ୟ ବିହାର। ଆଉ ଏହି କଥା ବିହାର ସରକାର ବିଗତ ସାତ ବର୍ଷ ଧରି ବାରମ୍ବାର କହିଆସୁଛନ୍ତି, ଯାହାକି ଆମ ସରକାରଙ୍କ ମିଛୁଆ ପଣିଆକୁ ପଦାରେ ପକାଉଛି। "ମଦରୁ ରାଜସ୍ୱ ମିଛ ଆଉ ମଦ ଷଡ଼ଯନ୍ତ୍ରର ଗନ୍ଧିଆ ରାଜନୀତି ହିଁ ଏକମାତ୍ର ସତ" ବୋଲି ବାରମ୍ବାର ପ୍ରମାଣିତ ହୋଇଆସୁଛି।

୩. ମଦମୁକ୍ତି ଆନ୍ଦୋଳନ କାହା ସହ ? ପୋଲିସ୍, କଲେକ୍ଟର ନା ସରକାର ଓ ମୁଖ୍ୟମନ୍ତ୍ରୀ ସହ ?

ଉତ୍ତର : ଏହି ସରକାରୀ ପ୍ରାୟୋଜିତ ମଦ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ସଂଘର୍ଷ ହିଁ ଏକମାତ୍ର ରାସ୍ତା, ଏକଥା ପ୍ରାୟ ସଚେତନ ଜନତା ହୃଦୟଙ୍ଗମ କରିଛନ୍ତି। ସେଥିପାଇଁ ଓଡ଼ିଶାରେ ମାଲକାନଗିରି ଠାରୁ ଆରମ୍ଭ କରି ମୟୂରଭଞ୍ଜ, ଝାରସୁଗୁଡ଼ାରୁ ଯାଜପୁର ସବୁ ଆଡ଼େ ମଦ ବିରୋଧରେ ମାଆମାନଙ୍କ ଶାଣିତ ସ୍ୱର ସମୟ ସମୟରେ ଶୁଣିବାକୁ ମିଳୁଛି, ସଂଘର୍ଷର ପଦଧ୍ୱନୀ ମଦମୁକ୍ତି ସଂଗ୍ରାମ ଲାଗି ନୂତନ ଆଶା ସଂଚାର କରୁଛି। ହେଲେ ସମସ୍ୟା ରହିଯାଇଛି ଆନ୍ଦୋଳନର ବାଟକୁ ନେଇ। ପ୍ରତିଥର ଭୁଲ୍ ଦିଗରେ ଯିବା ଫଳରେ ଆନ୍ଦୋଳନ ବିଫଳ ହୋଇଛି, ଆଶା ମରିଯାଇଛି। ଗାଁମାନଙ୍କରେ ଆନ୍ଦୋଳନ ଆରମ୍ଭ ହୋଇ ଗାଁରେ ସରିଯାଉଛି ସେଇ ସରକାରୀ ଆଶୀର୍ବାଦପ୍ରାପ୍ତ ମଦ ଦୋକାନ ପାଖରେ। ମଦଦୋକାନୀର ଅଭିଯୋଗମେ ସଂଗ୍ରାମୀ ମାଆଟିକୁ ଅପରାଧୀ ସଜାଉଛି ପୋଲିସ। ମାଆ ମୋର ବନ୍ଧା ହେଉଛି, ଜେଲ୍ ଯାଉଛି, କୋର୍ଟ୍ କଚେରୀ ଝାମେଲାରେ ତା'ର ଆଗାମୀ ଜୀବନ ଦୁର୍ବିସହ ହୋଇପଡ଼ୁଛି। ଯେଉଁ ମଦମୁକ୍ତି ଆନ୍ଦୋଳନ ଲାଗି ମାଆଟି ଦିନେ ଘରୁ ବାହାରିଥିଲା, ତା'ର ସେଇଠି ଯବନିକା ପଡୁଛି। ମଦ ମାଫିଆ ପୁଣିଥରେ ମଦ ବିକୁଛି, ସରକାରୀ ଛତ୍ରଛାୟା ତଳେ ମାଲାମାଲ୍ ହେଉଛି। ଏହାହିଁ ଆମ ସମସ୍ତଙ୍କ ଗାଁର ଚିତ୍ର।

ଗଣତନ୍ତ୍ରରେ ଅହିଂସା ମାର୍ଗରେ ହିଁ ସମସ୍ୟାର ସମାଧାନ ହୋଇପାରିବ, ସେକଥା କିଛି ସଂଗ୍ରାମୀ ବୁଝିଛନ୍ତି। ହେଲେ ସେଠି "ବୈଚାରିକ ଅସ୍ୱଷ୍ଟତା" ଆନ୍ଦୋଳନକୁ ଉଚିତ୍ ମାର୍ଗରେ ନେବାରେ ପ୍ରଧାନ ପ୍ରତିବନ୍ଧକ ସାଜୁଛି। ଗାଁର ନେତୃତ୍ୱ ଆନ୍ଦୋଳନକୁ ନିକଟସ୍ଥ ଥାନା ଅଧିକାରୀଙ୍କ ପାଖକୁ ନେଇଯାଉଛନ୍ତି (ସେହିଠାରେ ସମାଧାନ ଥିବା କଥା ଭାବି)। ବେଳେ ବେଳେ ଆଉ ଟିକେ ଆଗକୁ ଯାଇ ଜିଲ୍ଲାପାଳଙ୍କୁ ନିଜ ବେଦନାର ଗାଥା ଶୁଣାଉଛନ୍ତି, ତାଙ୍କ କାର୍ଯ୍ୟାଳୟ ଘେରାଉ କରୁଛନ୍ତି ଇତ୍ୟାଦି। ହେଲେ ସତରେ କ'ଣ ସେଠାରେ ସମାଧାନ ଅଛି ! ଭୁବନେଶ୍ୱର ସଚିବାଳୟର ତୃତୀୟ ମହଲାରୁ ଯଦି ସୁନ୍ଦରଗଡ଼ ଜିଲ୍ଲାରେ ୧୦ଟି ନୂଆ ମଦଦୋକାନ ଖୋଲିବାର ନିର୍ଦ୍ଦେଶ ଯାଇଛି, ତା'ହେଲେ କ'ଣ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ସେଇ ୧୦ଟି ଦୋକାନ ପରିବର୍ତ୍ତେ ୯ଟି ବା ୧୧ଟି ଦୋକାନ ଖୋଲିବାର ସାମର୍ଥ୍ୟ ଅଛି ? ଉତ୍ତର ହେଉଛି ନା। ଜିଲ୍ଲାପାଳ ଯେଉଁ ଭ୍ରଷ୍ଟ ସରକାରୀ କଳର ଏକ ଅଂଶ, ତାହାର ମୁଖିଆ ଭୁବନେଶ୍ୱରରେ ବସି ବ୍ୟୁହ ରଚନା କରନ୍ତି। ଆଉ ସେଇ ବୁଢ଼ିଆଣୀ ଜାଲରେ ସାଧାରଣ ମଳିମୁଣ୍ଡିଆ ଛଟପଟ ହୁଏ, କଷ୍ଟ ପାଏ। ହେଲେ ମାଗଣା ଚାଉଳ, ଛତା, କମ୍ବଳ, ଜୋତା ପାଇ ଛାମୁଙ୍କର ଗୁଣଗାନ କରେ ଆଉ ମଦଭଳି ଯାବତୀୟ ସମସ୍ୟା ଲାଗି ସ୍ଥାନୀୟ ପ୍ରଶାସନ ଯଥା ପୋଲିସ, ତହସିଲଦାର, ବିଡ଼ିଓ, ସରପଂଚ, ଏସପି, ଜିଲ୍ଲାପାଳ ଇତ୍ୟାଦିକୁ ଦୋଷ ଦିଏ। ମୁଖିଆ ଆଉ ତାଙ୍କ ଭ୍ରଷ୍ଟତନ୍ତ୍ର ସବୁବେଳେ ଆଖି ଆଢୁଆଳରେ ରହିଯାଏ, ଜନତାକୁ ବୋକା ବନେଇବାରେ ସିଏ ସଫଳ ହୁଅନ୍ତି। ଜନତା ବୁଝିବାରେ ବିଫଳ ହୁଏ ଯେ ସମସ୍ୟା ସ୍ଥାନୀୟ ପୋଲିସ ଅଧିକାରୀ ବା ଜିଲ୍ଲାପାଳଙ୍କ ନିକଟରେ

ନାହିଁ, ବରଂ ଭୁବନେଶ୍ୱରରେ ବସି ମଦ ସାମ୍ରାଜ୍ୟକୁ ପ୍ରକୃତରେ ନିୟନ୍ତ୍ରଣ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଛି ବୋଲି।

୪. ସରକାରର ମଦ ପ୍ରସାର ନୀତି ବଦଳାଇବାର ଉପାୟ କ'ଣ ?

ଉତର : ଯଦି ସମସ୍ୟା ସରକାର ପାଖରେ ତା'ହେଲେ ସମାଧାନ ମଧ୍ୟ ସରକାରଙ୍କ ପାଖରେ ହିଁ ରହିଛି ବୋଲି ଆମକୁ ପ୍ରଥମେ ବୁଝିବାକୁ ହେବ। ତେବେ ସରକାର ଆମ କଥା କାହିଁକି ଶୁଣିବେ ଆଉ କେମିତି ମଦ ନୀତିରେ ପରିବର୍ତ୍ତନ ଆଣିବେ ? କିଛି ଲୋକଙ୍କ ମତରେ ସରକାର ବଦଳିଗଲେ ମଦ ପ୍ରସାରଣ ବନ୍ଦ ହେଇଯିବ। କିନ୍ତୁ ଆମ ପଡୋଶୀ ରାଜ୍ୟଗୁଡ଼ିକରେ ତ ଅନ୍ୟ ଦଳଗୁଡ଼ିକର ସରକାର ରହିଛି। ପଶ୍ଚିମ ବଙ୍ଗରେ ତୃଣମୂଳ ସରକାର, ଛତିଶଗଡ଼ରେ କଂଗ୍ରେସ, ଆନ୍ଧ୍ରରେ ୱାଇ.ଏସ.ଆର. କଂଗ୍ରେସ୍, ତେଲେଙ୍ଗାନାର ବି.ଆର୍.ଏସ୍. ତ ମଧ୍ୟପ୍ରଦେଶରେ ବିଜେପିର ସରକାର ରହିଛି; ଆଉ ଏମାନେ ସମସ୍ତେ ନିଜ ନିଜ ରାଜ୍ୟରେ ମଦ ବିକ୍ରୀ କରୁଛନ୍ତି। ତେଣୁ ସରକାର ବଦଳିଗଲେ ଯେ ମଦ ବିକ୍ରୀ ବନ୍ଦ ହେଇଯିବ ସେକଥା ଭାବିବା ବି ଭୁଲ୍। ଆଜି ଏ ସରକାର ମଦ ବିକୁଛି, କାଲି ଆଉ କେହି ଆସିଲେ ବି ସେଇ ସମାନ କାମ କରିବ। ତେବେ କ'ଣ କଲେ ମଦ ବନ୍ଦ ହେବ ? ଉତ୍ତର ଗୋଟିଏ ଜନ ଆନ୍ଦୋଳନ। ସାରା ଓଡ଼ିଶାକୁ ଏକାଠି ହେବାକୁ ପଡ଼ିବ। ଆଜିକା ଦିନରେ ପଶ୍ଚିମ ଓଡ଼ିଶାର କୌଣସି ସ୍ଥାନରେ ମଦ ବିରୋଧରେ ଆନ୍ଦୋଳନ ହେଲେ ଉପକୂଳ ଓଡ଼ିଶାର ମାଆଟି ସେଇ ସମସ୍ୟାକୁ ନିଜର ବୋଲି ଭାବିପାରୁ ନାହିଁ କି ନିଜକୁ ସେଇ ମାଆର ଜାଗାରେ ରଖି ଆନ୍ଦୋଳନକୁ ନିଜର କରିପାରୁନାହିଁ। ସମାନ କଥା ଘଟୁଛି ଯେତେବେଳେ ଉପକୂଳ ଓଡ଼ିଶାର ମାଆଟି ମଦ ପାଇଁ ରକ୍ତମୁଖା ହେଉଛି। ସେତେବେଳେ ପଶ୍ଚିମ ଓଡ଼ିଶାର ମାଆଟି ତା ପାଇଁ ଛିଡ଼ା ହୋଇପାରୁନାହିଁ। ଏମିତିକି ଆମ ପାଖ ପଂଚାୟତରେ ମଦ ବିରୋଧରେ ଆନ୍ଦୋଳନ ହେଲେ ଆମ ପଂଚାୟତର ମାଆଟି ନିଜକୁ ସେଇ ଆନ୍ଦୋଳନ ସହ ଯୋଡ଼ିବା କଥା ଚିନ୍ତା କରିପାରୁନାହିଁ। ଏହିଭଳି ଭାବେ ଓଡ଼ିଶାରେ ମଦ ବିରୋଧୀ ଆନ୍ଦୋଳନ ଛିଡ଼ି ଛାଡ଼ି ରହିଛି, ଯାହାକୁ ଯୋଡ଼ିବାର ସମୟ ଆସିଛି। ମଦ ବିରୋଧି ଶକ୍ତିମାନଙ୍କୁ ଯୋଡ଼ିବାରେ ହିଁ ସମସ୍ୟାର ସମାଧାନ। ବିହାରରେ ଏହି ଯୋଡ଼ିବାର କାମ ସଫଳ ହେଲା, ଯାହାର ଫଳ ଆମ ସମସ୍ତଙ୍କ ସାମ୍ନାରେ ଅଛି। ଆଜିକା ଦିନରେ ବିହାରରେ ମଦ ବନ୍ଦ ଲାଗି ସମସ୍ତେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ସମସ୍ତ ଶ୍ରେୟ ଦେଉଥିବା ବେଳେ, ପ୍ରକୃତରେ ଏହାକୁ ସଫଳ କରାଇବା ପଛରେ ଯେଉଁ ଜନ ଆନ୍ଦୋଳନର ପ୍ରମୁଖ ଭୂମିକା ଥିଲା ତାକୁ ଆମେ ଭୁଲିଯାଉଛେ। ଆମେ ଭୁଲିଯାଉଛେ ଯେ ସେହି ନୀତିଶ କୁମାର ନିଜର ପୂର୍ବ କାର୍ଯ୍ୟକାଳ ସମୟରେ ରାଜ୍ୟରେ ଅସଂଖ୍ୟ ନୂଆ ମଦ ଦୋକାନ ଖୋଲିଥିଲେ ବୋଲି। ଯେବେ ସେ ହୃଦୟଙ୍ଗମ କଲେ ଯେ ତାଙ୍କ ମଦନୀତି ତାଙ୍କର ଭୋଟ୍ ହରାଇବାର କାରଣ ହେବାକୁ ଯାଉଛି, ସିଏ ବିହାରରୁ ମଦ ହଟେଇଦେଲେ। ସମାନ ଘଟଣାର ପୁନରାବୃତ୍ତି ହୋଇପାରିଲେ ହିଁ ଓଡ଼ିଶା ମଦମୁକ୍ତ ହୋଇପାରିବ, ଏଥିରେ ଆଦୌ ଦ୍ୱିମତ ନାହିଁ। ରାଜନେତା କେବଳ ଗୋଟିଏ ଭାଷା ବୁଝନ୍ତି, ଭୋଟ୍‌ର ଭାଷା। ଆଉ ଉତ୍ତର ମଧ୍ୟ ସେଇ ଭାଷାରେ ଯିବା ଉଚିତ୍। ତା'ହେଲେ ଯାଇ ପରିବର୍ତ୍ତନ ଆସିବ। ଆମକୁ ସେଇ ବିହାରର ମାଆମାନଙ୍କ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିବ, ଯିଏ ବିଚ୍ ସଭାସ୍ଥଳୀରେ ନୀତିଶଙ୍କ ନିକଟରେ ଜିଦ୍ କରି କହିଥିଲେ, "ବିହାରକୁ ମଦରୁ ମୁକ୍ତ କର"। ଓଡ଼ିଶାରେ ୫୬ ହଜାରରୁ ଅଧିକ ଗାଁ ରହିଛି। ପ୍ରତି ଗାଁରୁ ଯଦି ୨ ଜଣ ଲେଖାଏଁ ବି ମଦବିରୋଧୀ ଯୁବକ ବାହାରନ୍ତି, ଆଉ ରାଜଧାନୀରେ ତାଙ୍କର ଜିଦ୍ ନେଇ ବସିଯାଆନ୍ତି, ତା'ହେଲେ ସେହି ୧ ଲକ୍ଷ ୧୨ହଜାରରୁ ଅଧିକ ଯୁବକଙ୍କ ସଂଖ୍ୟା ଯେ ବ୍ୟବସ୍ଥା ଉପରେ କି ପ୍ରକାର ପ୍ରଭାବ ପକାଇବ ତାହା ଆଉ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ଭ୍ରଷ୍ଟ ବ୍ୟବସ୍ଥା ବଦଳିବ, ମଦ ମାଫିଆଭଳି ବ୍ୟବହାର କରୁଥିବା ସରକାର ବି ଦିନେ ମଦ ବନ୍ଦ କରିବ, ଯଦି ଓଡ଼ିଆ ଜାଗିବ।

୫. ମଦ ବିରୋଧି ଶକ୍ତିର ସଙ୍ଗଠନ କିପରି ?

ଉତ୍ତର : ଉପରୋକ୍ତ ସଂଖ୍ୟା ଲାଗି ଯେଉଁ ସଂଗଠନ ଲୋଡ଼ା, ତାହା ପ୍ରଥମେ ଗାଁରୁ ହିଁ ଆରମ୍ଭ ହେବ। ମଦୁଆକୁ ବୁଝେଇ ମଦ ଛଡ଼ାଇବା, ଗାଁ ପାଖ ମଦଦୋକାନ ଭାଙ୍ଗିବା, ସରପଂଚ, ଆଇ.ଆଇ.ସି, କଲେକ୍ଟର ଇତ୍ୟାଦିଙ୍କ ପାଖରେ ମଦ ସମସ୍ୟାକୁ ନେଇ ପହଂଚିବା ବା ଗୁହାରୀ କରିବାରୁ ସେ ସବୁବେଳେ ନିବୃତ୍ତ ରହିବ। ତା'ର ଲକ୍ଷ୍ୟ କେବଳ ସେହିଭଳି ସାଥିକୁ ଖୋଜିବା ହେବ, ଯିଏ ତାରି ଭଳି ଚିନ୍ତା କରୁଛି ଆଉ ଓଡ଼ିଶାକୁ ପ୍ରକୃତରେ ମଦରୁ ମୁକ୍ତ କରିବାକୁ ଚାହୁଁଛି। ମଦ ବିକ୍ରୀକୁ ସମର୍ଥନ କରୁଥିବା ବ୍ୟକ୍ତିଙ୍କ ସହିତ ସିଏ ଅଯଥା ସଂଳାପରୁ ବିରତ ରହିବ। ଅଯଥାରେ ଆଂଚଳିକ ସ୍ତରରେ ଶତ୍ରୁ ସୃଷ୍ଟି ନ କରିବା ତା'ର ଅନ୍ୟତମ ଲକ୍ଷ୍ୟ ହେବ। କାରଣ ସିଏ ବୁଝିଥିବ, ଯେ ମଦ ସମସ୍ୟା କ'ଣ ଆଉ ତା'ର ସମାଧାନର ବାଟ କେଉଁଠି। ଆନ୍ଦୋଳନ ସବୁବେଳେ ରାଜ୍ୟସ୍ତରୀୟ ହେବ, କାରଣ ଆନ୍ଦୋଳନ ଯଦି ଆଂଚଳିକ ହୁଏ ତା'ହେଲେ ସରକାର ପୋଲିସ୍ ଲଗେଇ ତାକୁ ଅନାୟାସରେ ଦମନ କରିଦେବେ ଯାହାର ନଜିର୍ ଅତୀତରେ ଅନେକ ରହିଛି। ଜନସଚେତନତା ସୃଷ୍ଟି କରିବା, ହେଲେ ଏକ ଭିନ୍ନ ଢଙ୍ଗରେ। ଲୋକଙ୍କୁ ସେମାନଙ୍କ ଭୋଟ୍‌ର ମୂଲ୍ୟ ବୁଝେଇବା, ଆଉ ମଦ ସମସ୍ୟାର ସମାଧାନ ସହିତ ତା'ର ଖିଅକୁ ଯୋଡ଼ିବା। ତା'ପରେ ଯାଇ ଆମେ ମଦମୁକ୍ତ ଓଡ଼ିଶାର ସ୍ୱପ୍ନକୁ ବାସ୍ତବରେ ଜିଇଁ ପାରିବା।

ଓଡ଼ିଶା ମଦମୁକ୍ତି ଯୁବ ବାହିନୀ
ଫୋନ୍ : ୮୮୯୫୦୬୧୮୦୫

# ଏକ ଅନୁଭୂତିର ସ୍ପର୍ଶ

ମନମୋହନ ମିଶ୍ର

୨୦୨୨ ମସିହା ଅଗଷ୍ଟ ମାସର ଶେଷ ସପ୍ତାହ। ୨୩ ତାରିଖର ଅନ୍ଧାରୁଆ ରାତି ବାଦଲ ଢାଙ୍କି ରଖିଥିବା ଆକାଶ ଚିରା ବର୍ଷା। ମୁଁ ନିଜେ ଶୋଇବା ଘରେ ନଶୋଇ ବାହାର ବଙ୍ଗଳାରେ ସପ ତକିଆ ପକାଇ ତଳେ ଶୋଇଥାଏଁ, ଭୋର ହେବାକୁ ଅଳ୍ପ ସମୟ ପୂର୍ବରୁ ପରିଶ୍ରା ଲାଗିବାରୁ ବାଥରୁମ ଯିବାକୁ ବାହାରି ଦେଖିଲି ଦାଣ୍ଡଗେଟ କୋଣକୁ ଲାଗି ଅନ୍ଧାରୁଆ ଭିତରେ କଳା ମିଚମିଚ ହୋଇ କୌଣସି ଲୋକ ବସିଥିବାର ଦେଖିଲି। ଚମକି ଉଠି ଲାଇଟ୍ ସୁଇଚ ଦେଇ ଦେଖିଲି ଜଣେ ଅଳ୍ପ ବୟସର ମହିଳା ଆଶ୍ରୟ ନେଇ ବସିଛି। ମୁଁ ସଙ୍ଗେ ସଙ୍ଗେ ଗେଟ ଖୋଲି ଭିତରକୁ ଡାକିଲି, ପୁରା ଦେହ କାଦମାଟୀରେ ଜୁଡବୁଡ, ଚିରାଶାଢୀ ରକ୍ତାକ୍ତ ଶରୀର ଭିତରୁ ଝଟକୁ ଥାଏ ଗୋରା ତକ ତକ ସୁନ୍ଦରୀ ଗୀତାର ଦେହ। ଯୋଡାଡିହା ପଂଚାୟତ ଭଣ୍ଡାରିପାଳ ଗାଁରେ ତିନି ଭଉଣୀ ମଧ୍ୟରୁ ସାନଭଉଣୀ ଗୀତା ବେଶ ସୁନ୍ଦରୀ। ଉଚ୍ଚଶିକ୍ଷିତା ନହେଲେ ମଧ୍ୟ ଅଳପ ପାଠ ପଢିଛି, ପଂଚମ ଶ୍ରେଣୀ ପଢିଲା ପରେ ଘରର ଆର୍ଥିକ ଅନଟନ, ମାଣୋଦ୍ରମୀ ଚାଷକରି ବାପା ଘର ଚଳେଇବା ପୁଣି ଝିଅ ବାହାଘର ମଧ୍ୟରେ ପାଠପଢା ଠପ୍ ହୋଇଯାଇଥିଲା। ଘରକାମରେ ନିପୁଣା ଗୀତାକୁ ସେତେବେଳେ ୨୦ବର୍ଷ ପୁରି ସାରିଥିଲା। ଘରର ପରିସ୍ଥିତିକୁ ବିଚାର କରି ପାଖ ଗାଁ ରଥିପୁରର ରାମଚନ୍ଦ୍ର ପାତ୍ରଙ୍କ ପୁଅ ରତିକାନ୍ତଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଗୀତା, ବାପାମାଆଙ୍କର ଅଲିଅଳି ପୁଅ ଏକମାତ୍ର ରତିକାନ୍ତ, ୫ମାଣ ଜମି ଘର ବି ଅଛି। ପାଖ ବଜାରରେ ପନିପରିବା ବେପାର ଦୁଇପଇସା ରୋଜଗାର ଥିବା ଦେଖି ଗୀତାର ପରିବାର ହାତକୁ ଦୁଇହାତ କରିଥିଲେ। ସେଦିନ ବେଳକୁ ଗୀତା ୨ଟି ଛୁଆର ମାଆ। ବଡପୁଅ ୩ ବର୍ଷ ବେଳେ ସାନଝିଅ ୬ ମାସର। ରତିକାନ୍ତ ପ୍ରତ୍ୟହ ମଦଖାଇ ସ୍ତ୍ରୀ (ଗୀତା) କୁ ମାରପିଟ କରିବା, ଖଣ୍ଡିଆ ଖାବରା କରିବା ହାତ ମୋଡ଼ି ଭାଙ୍ଗିଦେବା ଭଳି ଅଘଟଣ ସହିତ ନ୍ୟାୟ, ନିଶାପ, ପଂଚାୟତ ଥାନା, ଦୌଡ଼ି ଦୌଡ଼ି ଗୀତାର ବାପା ମାଆ ଅସହାୟ ହୋଇ ପଡିଥିବା ବେଳେ ଗୀତାର ଉପର ଭଉଣୀର ସ୍ୱାମୀ ମଦଜନିତ ମୃତ୍ୟୁରେ ବିଧବା ହୋଇସାରିଥାଏ। ସେଦିନ ରତିକାନ୍ତ ହାଟସାରି ମଦପିଇ ଘରେ ପହଂଚି ଅତିର୍କିତ ଆକ୍ରମଣ କରି ମାରିଦେବାକୁ ପଣ କରିଥାଏ। କଟୁରିରେ ହାଣି କଙ୍କାଳ ଜଂଘକୁ ରକ୍ତ ଜୁଡୁବୁଡୁ କରିଦେଇଥିବା ବେଳେ ମାଆ (ଗୀତା) ନିଜ ଜୀବନ ବଂଚାଇବାକୁ କଅଁଳା ଛୁଆକୁ ଛାଡ଼ି ଅନ୍ଧାର ବର୍ଷା ରାତିରେ ଆଣ୍ଠୁଏ ଜଂଘେ ଧାନ କିଆରୀ ମଝିରେ ସାପ, ବାଘକୁ ଭୟ ନକରି ଜୀବନ ବଂଚାଇବାକୁ ରାତି ୨ଟାରେ ମୋ'ଘରେ ୩କିମି ରାସ୍ତା ଅତିକ୍ରମ କରି ପହଂଚିଛି। ଅନେକ ଅଘଟଣା ଭିତରୁ ଏହା ଅତ୍ୟନ୍ତ ହୃଦୟ ବିଦାରକ। ନିଜସ୍ୱ କ୍ଷମତା ବ୍ୟବହାର କରି ଗୀତା ପାଖରେ ତାର ଛୋଟ ଛୁଆକୁ ଆଣି ଛାଡ଼ିଲା ପରେ ବାପଘରେ ରହି ପଡ଼ୋଶୀ ଲୋକଙ୍କ ଘରେ କାମ ପାଇଟି କରି ଗୀତା ବଂଚିବାର ଭବିଷ୍ୟତ ଗଢୁଛି। ଆଂଚଳିକ ଭାବେ ଦେଖିବାକୁ ଗଲେ ସରକାରୀ ଭାବେ ଯେଉଁ ଭତ୍ତା ପ୍ରଦାନ କରାଯାଉଅଛି ସେଥିରୁ ପ୍ରାୟ ୫୦ ଭାଗ ବିଧବା ଭତ୍ତା ହୋଇଥିବା ବେଳେ ୪୦ଭାଗ ପୁରୁଷ ମୃତ୍ୟୁ ୩୫ ବର୍ଷ ମଧ୍ୟରେ ଯାହା କେବଳ ମଦ ଜନିତ କାରଣରୁ ଏବଂ ତଦନ୍ତ ସାପେକ୍ଷ। ମୟୁରଭଂଜ ଜିଲ୍ଲାର ୧୪ ଭାଗ ଲୋକ ଆଦିବାସୀ, ୧୭ ଭାଗ ଲୋକ ହରିଜନ, ପାଠ ପଢିବା ସଂଖ୍ୟା ୩୦% ମଧ୍ୟରେ ସିମୀତ। ଏଠାରେ ଆତ୍ମ ଘୋଷିତ ନେତାମାନେ ପ୍ରତ୍ୟକ୍ଷ ଭାବେ ନିଶାବେପାର କିମ୍ବା ମାସିକ ଦେୟ ଆଦାୟରେ ସନ୍ତୁଷ୍ଟ ଥାଆନ୍ତି। ଉନ୍ନୟନ ଅର୍ଥ ଭାଗବଂଟାରେ ସରିଯାଏ। ସରକାର ଯେତେବେଳେ ମହିଳାମାନଙ୍କୁ ସମ୍ମାନ ମିଳିଲା ବୋଲି ପ୍ରଚାର କରୁଛନ୍ତି, ସେତେବେଳେ ମହିଳାମାନଙ୍କ ଉପରେ ସଂଗଠିତ ଅପରାଧ କମିବାର ଦେଖାଯାଉନାହିଁ। ପୃଥିବୀର ୩ ଭାଗରୁ ଭାଗେ କ୍ଷୁଧାର୍ଥଙ୍କ ସଂଖ୍ୟା ହେଉଛି ଏ ଦେଶ ଭାରତବର୍ଷ। ଯେଉଁ ଦେଶରେ ଯୁବଛାତ୍ର ସମାଜ ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ, ହତ୍ୟା, ରାଜାହାନି, ଅପସଂସ୍କୃତି ବିରୋଧରେ ସ୍ୱର ଉତ୍ତୋଳନ କରେ ନାହିଁ ସେ ଦେଶର ଅଦୃଷ୍ଟରେ ଦୁର୍ଭାଗ୍ୟ ହିଁ ପ୍ରଥମ ଓ ଶେଷ ଲେଖା। ଏ ପାଇଁ ଏକ ଜନଗଣତାନ୍ତ୍ରିକ ବିପ୍ଳବର ଆବଶ୍ୟକତାକୁ ଏଡାଇ ଦିଆଯାଇ ପାରିବ ନାହିଁ। ବିପ୍ଳବ କୌଣସି ରକ୍ତାକ୍ତ ସଂଘର୍ଷ ନୁହେଁ କି କୌଣସି ପ୍ରତିହିଂସାର ବାହ୍ୟ ସଂଘର୍ଷ ନୁହେଁ। ଏହା କେବଳ ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ।

ମୋ:୭୦୭୭୯୫୭୦୪୬



ଇତିହାସ ପୃଷ୍ଠାରୁ

# ନିଶା ନିବାରଣ

ଲେଖକ :- ୰ ପବିତ୍ର ମୋହନ ପ୍ରଧାନ
ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ

ନିଶା ଦୁନିଆରେ ଚାରି ଯୁଗରେ ପ୍ରଚଳିତ। ବେଦ, ପୁରାଣ, ଶାସ୍ତ୍ର ଏବଂ ଇତିହାସରୁ ପ୍ରମାଣିତ ଯେ ସତ୍ୟ, ତ୍ରେତା, ଦ୍ୱାପର ଯୁଗମାନଙ୍କରେ ଏହାର ପ୍ରଚଳନ ବ୍ୟାପକ ଥିଲା। ହିନ୍ଦୁ ଦେବତା ଏବଂ ମୁନି ଋଷିମାନେ ମଧ୍ୟ ସୋମରସ ନାମକ ନିଶାକୁ କୌଣସି ନା କୌଣସି ପ୍ରକାରେ ନିଜେ ବ୍ୟବହାର କରୁଥିବାର ଏବଂ ଯଜ୍ଞରେ ଆହୁତି ଦେବାର ପ୍ରମାଣ ଅଛି। ଅତି ତାନ୍ତ୍ରିକ ଦେବୀ ପୂଜକ ବ୍ରାହ୍ମଣମାନେ ଦେବୀଙ୍କ ନିକଟରେ ନିଶା ବା ସୁରା ଅର୍ଘ୍ୟ ପ୍ରଦାନ କରି ନିଜେ ପ୍ରସାଦ ପାଇବାର ଆଜି ଆମ୍ଭେମାନେ ଦେଖୁଛୁ ଏବଂ ଶୁଣୁଛୁ। ଯଦୁବଂଶ ଧ୍ୱଂସ ବେଳେ ଯଦୁବଂଶୀୟ ଲୋକେ ସୁରାପାନରେ ଉନ୍ମତ୍ତ ଥିଲେ।

ନିଶା କହିଲେ ମଦ, ଅଫିମ, ଗଞ୍ଜେଇ ଏବଂ ଏହି ଜିନିଷମାନଙ୍କରୁ ପ୍ରସ୍ତୁତ କେତେକ ପଦାର୍ଥ, ଯଥା- ଚୌରସ ଇତ୍ୟାଦିକୁ ବୁଝାଏ। ମଦ କହିଲେ ଅଙ୍ଗୁର, ମହୁଲ, ଚାଉଳ, ଗୁଡ଼, ଆମୋନିଆ ଇତ୍ୟାଦିରୁ ପ୍ରସ୍ତୁତ ଏକ ପାନୀୟ ଦ୍ରବ୍ୟ ଓ ତାଳ, ଖଜୁରୀ ଏବଂ ସଲପ ପ୍ରଭୃତି ଗଛର ରସକୁ ବୁଝାଏ। ବର୍ତ୍ତମାନ ଅଫିମ, ଗଞ୍ଜେଇର ବ୍ୟବହାର ତ ଅନେକ ପରିମାଣରେ ଆୟତ୍ତ ହୋଇଗଲାଣି। କେତେକ ଲୋକ ଗଞ୍ଜେଇକୁ କୌଣସି ନା କୌଣସି ପ୍ରକାରେ ବ୍ୟବହାର କରୁଛନ୍ତି। ପୌରୁଷ, ମନୁଷ୍ୟତା, ନୈତିକତା ଏବଂ ମନୁଷ୍ୟର ଶାରୀରିକ ଓ ଆର୍ଥିକ ସୁସ୍ଥି ବିଚାରରୁ ସମସ୍ତ ପ୍ରକାର ନିଶା ସର୍ବାଦୌ ବର୍ଜନୀୟ। ଔଷଧାର୍ଥେ ଏହାର ସଂଯତ ଏବଂ ପରିମିତ ବ୍ୟବହାର ହୋଇପାରେ।

କିନ୍ତୁ ଏ ସମସ୍ତ ପ୍ରକାର ନିଶା ଅପେକ୍ଷା ମଦ୍ୟପାନ ଅତ୍ୟନ୍ତ କ୍ଷତିକାରକ ଅଟେ। ଏହା ମାନବର ଶରୀର ହାନି ସଙ୍ଗେ ତାର ମନୁଷ୍ୟତା, ନୈତିକତା, ସାମାଜିକତା ଏବଂ ଆର୍ଥିକ ସ୍ଥିତିକୁ ନଷ୍ଟ କରିଦିଏ। ଯେ କୌଣସି ପ୍ରକାର ମଦ୍ୟପାନ ବ୍ୟକ୍ତି, ଜାତି ଏବଂ ସମାଜ ପକ୍ଷରେ ଘୋର କ୍ଷତିକାରକ ଅଟେ। ଏହି ହେତୁରୁ ଆମ ହିନ୍ଦୁ ସମାଜରେ ସୁରା ପାନ ଅତି କଠୋର ଭାବେ ମନା। ହିନ୍ଦୁ ଉଚ୍ଚ ବର୍ଣ୍ଣର ଲୋକଙ୍କ ପକ୍ଷେ ମଦ୍ୟପାନର ଦଣ୍ଡ ଥିଲା ଜାତି-ବାସନ୍ଦ ଏବଂ ସାମାଜିକ ନିନ୍ଦା ଓ ଅପମାନ। କ୍ରମେ କ୍ରମେ ଜାତି ପ୍ରଥା ଲୋପ ପାଇ ଆସିଲା। ତେଣୁ ସେଥିପ୍ରତି କେହି ଖାତିରି କରୁ ନାହାନ୍ତି। ବାକି ରହିଲା ସାମାଜିକ ନିନ୍ଦା ଓ ଅପମାନ। ବର୍ତ୍ତମାନ ଯୁଗରେ ତ କେତେକ ସମାଜପତି ଏବଂ ଶାସନପତି ସୁରା ପାନରେ ମଗ୍ନ ହେଲେ। ତେଣୁ ଆଦର୍ଶ କିଏ ଦେଖାଇବ ଯେ ସାଧାରଣ ଲୋକେ ସୁରାପାନଠାରୁ ଦୂରରେ ରହିବେ ବା ତାକୁ ପରିତ୍ୟାଗ କରିବେ। ପାଶ୍ଚାତ୍ୟ ଶିକ୍ଷା ଏବଂ ସଭ୍ୟତା ଆମ ସଭ୍ୟତା ଏବଂ ସଂସ୍କୃତିକୁ ତଳେ ପକାଇ ଅବାଧରେ ଅଗ୍ରଗତି କରିବାରୁ ମଦ୍ୟପାନ ସଙ୍ଗେ ବହୁ ସାମାଜିକ କଟକଣାର ବିଲୋପ ସାଧନ ହେଲା।

ପୂର୍ବୋକ୍ତିମତେ ଆମ ହିନ୍ଦୁ ସମାଜରେ ମଦ୍ୟପାନର ବ୍ୟବହାର ଥିଲେ ସୁଦ୍ଧା ତାହା ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ଏବଂ ବିଶେଷ ଉଦ୍ଦେଶ୍ୟରେ ସୀମିତ ପରିମାଣ ଏବଂ ସଂଯତ ଭାବେ ପାନ କରାଯାଉଥିଲା। ଅନ୍ୟ ସଂପ୍ରଦାୟରେ ମଧ୍ୟ ମଦ୍ୟପାନକୁ ପ୍ରଶ୍ରୟ ଦିଆଯାଉନଥିଲା। ଯେଉଁମାନେ ସମାଜର ଶୃଙ୍ଖଳା-ବିରୋଧୀ ହୋଇ ଶାସ୍ତ୍ରୀୟ, କୌଳିକ ଏବଂ ପ୍ରଚଳିତ ପ୍ରଥା ଓ ନିର୍ଦ୍ଦେଶର ବାହାରେ ଶରାବ ପାନ ସଙ୍ଗେ ଅଭକ୍ଷ ଭକ୍ଷଣପୂର୍ବକ ଗର୍ହିତ ଆଚରଣ ପ୍ରଦର୍ଶନ କଲେ ସେମାନେ ଅଛୁଆଁ ହୋଇ ରହିଲେ। ଦେବତାମାନଙ୍କ ମଧ୍ୟରେ ଯେଉଁମାନେ ବେ-ସାମାଜିକ ଓ ଅସଂଯତ ଆଚରଣ ପୂର୍ବକ ମଦିରା ପାନ ଇତ୍ୟାଦି ଗର୍ହିତ କାର୍ଯ୍ୟ କଲେ ଦେବତାମାନେ ତାଙ୍କୁ ଦାନବ ବୋଲି କହିଲେ। ଦିତିଙ୍କ ପୁଏ ଏହିପରି ଆଚରଣ ଦେଖାଇବାରୁ ଦାନବ ଆଖ୍ୟା ପାଇଲେ।

ମଦ୍ୟ ଏବଂ ଅନ୍ୟାନ୍ୟ ନିଶା ଦ୍ରବ୍ୟ ବ୍ୟବହାର ନିମନ୍ତେ ଯୁଗଧର୍ମ ଏହିପରି ଥିଲା। କିନ୍ତୁ ମହାତ୍ମାଗାନ୍ଧି ଯେତେବେଳେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଏ ଜାତି ଜନତାକୁ ସଂଗଠିତ କରିବାକୁ ଲାଗିଲେ ସେ ଦେଖିଲେ ଯେ, ମଦ୍ୟପ ଏବଂ ନିଶାଖୋର ଲୋକଙ୍କୁ ନେଇ ସେ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ କିପରି ଆନ୍ଦୋଳନ କରିବେ କିମ୍ବା ଆନ୍ଦୋଳନ ଚଳାଇଲେ ସଫଳତା କିପରି ମିଳିବ। ନିଶା ବ୍ୟବହାର ଦ୍ୱାରା ମାନବିକ, ବ୍ୟକ୍ତିଗତ ଏବଂ ଜାତୀୟ ଅପକାରିତା ଉପଲବ୍ଧି କରି ସେ ତାଙ୍କର ନାନା ଜାତୀୟ ଯୋଜନା ମଧ୍ୟରୁ ଅସ୍ପୃଶ୍ୟତା ଦୂରୀକରଣ ଏବଂ ନିଶା ନିବାରଣକୁ ଅଗ୍ରାଧିକାର ଦେଇଥିଲେ। ସେଥିପାଇଁ ୧୯୨୦-୨୧ ଏବଂ ୧୯୩୦-୩୨ ଅସହଯୋଗ ଓ ସତ୍ୟାଗ୍ରହ ଆନ୍ଦୋଳନ ବେଳେ ନିଶା ନିବାରଣ ନିମନ୍ତେ ତୀବ୍ର ଏବଂ ବ୍ୟାପକ ସତ୍ୟାଗ୍ରହ ନିଜେ କରି କରାଇଥିଲେ। ଉଦ୍ଦେଶ୍ୟ ଅତି ମହତ ଥିଲା। ଏକା କାଣ୍ଡକେ ବ୍ରିଟିଶ ଶତ୍ରୁ ମରିବ ଏବଂ ମାନବିକତା ଓ ସାମାଜିକତାର ଆଭ୍ୟନ୍ତରୀଣ ଶତ୍ରୁ ନିଶା ବନ୍ଦ ହେବ। ନିଶା ନିବାରଣ କଂଗ୍ରେସ ଆନ୍ଦୋଳନର ଏକ ରାଜନୈତିକ, ସାମାଜିକ ଏବଂ ମାନବିକ ମୂଲ୍ୟବୋଧ ଆନ୍ଦୋଳନ ଥିଲା। କଂଗ୍ରେସ ଲୋକେ ନିଶା ବ୍ୟବହାର ନ କରିବାକୁ କଂଗ୍ରେସର ସାମ୍ବିଧାନିକ ନୀତି-ନିର୍ଦ୍ଦେଶ ଥିଲା। ନିଶା-ପାନ କରୁଥିବା ବ୍ୟକ୍ତି କଂଗ୍ରେସର ପ୍ରାଥମିକ ସଭ୍ୟ ହେବାରୁ ବଞ୍ଚିତ ହେଉଥିଲେ। ଗାନ୍ଧିଜୀଙ୍କର ଅଷ୍ଟାଦଶ ରଚନାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ନିଶା ନିବାରଣ, ସାମ୍ପ୍ରଦାୟିକତା ଦୂରୀକରଣ ଏବଂ ଖଦୀ ପରିଧାନମାନ ଶୀର୍ଷସ୍ଥାନ ଅଧିକାର କରିଥିଲା। କଂଗ୍ରେସ ଲୋକେ ନିଜେ ତ ନିଶା ଦ୍ରବ୍ୟ ବ୍ୟବହାର କରିବେ ନାହିଁ, ବରଂ ଦୈନିକ ନିଶା ନିବାରଣ ନିମନ୍ତେ ସଭା ସମିତି କରି ଏବଂ କରାଇ ତାହା ନିବାରଣ

ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବାର ସାମ୍ବିଧାନିକ ନିର୍ଦ୍ଦେଶ ଥିଲା।

ସ୍ୱାଧୀନତା ଆସିଲା। ଗାନ୍ଧିଜୀଙ୍କର ଦେହାନ୍ତ ହୋଇଗଲା। ଗାନ୍ଧି ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ କ୍ରମେ କ୍ରମେ ଜରା-ମରଣର ପାତ୍ର ହୋଇ ପଡ଼ିଲେ। ପଣ୍ଡିତ ଜବାହରଲାଲ ନେହେରୁଙ୍କର ସର୍ବମୟ ପ୍ରଭାବ ଦେଶରେ ବିରାଜମାନ କଲା। ସେ ତ ଜୀବନର ଆଦର୍ଶ ଗ୍ରହଣ ବୟସରେ (mimicing and emulating age) ବିଦ୍ୟାଧ୍ୟୟନ ନିମନ୍ତେ ପାଶ୍ଚାତ୍ୟ ଦେଶରେ, ବିଶେଷତଃ ଇଂଲଣ୍ଡରେ ରହି ଭାରତୀୟ ବାତାବରଣ, ସମାଜ ଏବଂ ସଂସ୍କୃତି ଅପେକ୍ଷା ପାଶ୍ଚାତ୍ୟ ହାୱା, ବେଷ୍ଟନୀ ଏବଂ ସଂସ୍କୃତିରେ ଅଧିକତର ଅନୁପ୍ରାଣିତ ହେଲେ। ଅଧ୍ୟୟନ କାଳ ବ୍ୟତୀତ ଅନ୍ୟାନ୍ୟ ସମୟରେ ମଧ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ବହୁତ ସମୟ ପରିଭ୍ରମଣ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ସଙ୍ଗେ ଭାରତର ପ୍ରଧାନମନ୍ତ୍ରୀ ହେଲେ। ତାଙ୍କ ଚାରିପାଖେ ଯେଉଁମାନେ କ୍ରମେ କ୍ରମେ ଘେରିଗଲେ ସେମାନେ ଅଧିକାଂଶ ପାଶ୍ଚାତ୍ୟ ଶିକ୍ଷା-ସଂସ୍କୃତିର ଅନୁରାଗୀ। ତେଣୁ ଗାନ୍ଧିଜୀଙ୍କ ପରେ ତାଙ୍କ (ଗାନ୍ଧିଜୀଙ୍କର) ମହତ୍ ଆଦର୍ଶମାନ କ୍ଷୁର୍ଣ୍ଣ ହେବାକୁ ଲାଗିଲା। କଂଗ୍ରେସ ଭିତରେ ମଦ୍ୟପାନ ପ୍ରବେଶ କଲା। ଫଳତଃ କେନ୍ଦ୍ର ଏବଂ ରାଜ୍ୟମାନଙ୍କରେ ନିଶା ନିବାରଣର ମଦ୍ୟପାନ ଅଂଶକୁ ଅଧିକତର ଦୃଢ଼ୀକରଣ କରାଇବା ପରିବର୍ତ୍ତେ କ୍ରମଶଃ ଢିଲା ଏବଂ ଶୀଥିଳ କରାଗଲା। ଏଣେ କଂଗ୍ରେସ ଶାସନ ଗାଦିରେ ଥିବାରୁ ଆସନ ଏବଂ ପଦ ମର୍ଯ୍ୟାଦା ଓ ଅନ୍ୟାନ୍ୟ ଲାଭ-ପ୍ରାପ୍ତି ଉଦ୍ଦେଶ୍ୟରେ ବହୁ ଲୋକ କଂଗ୍ରେସ ଭିତରେ ପ୍ରବେଶ କରିବାକୁ ଇଚ୍ଛୁକ ହେଲେ ଏବଂ ପ୍ରବେଶ କରିଗଲେ। ସେମାନଙ୍କ ମଧ୍ୟରୁ ମଦ୍ୟପମାନେ କଂଗ୍ରେସର ନିଶା ନିବାରଣ ନୀତିକୁ ଆଦୌ ପସନ୍ଦ କଲେ ନାହିଁ। ତେଣେ ଦେଶର ସରକାରୀ ଆୟ-ବୃଦ୍ଧି ନିମନ୍ତେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ବରାବର ବାଧ୍ୟ କଲେ ଯେ, ନିଶା ନିବାରଣ ଯୋଜନା ଉଠାଇ ଦେଇ ନିଶା ପ୍ରସାରଣ ବ୍ୟବସ୍ଥା କରାଯାଉ।

ଆମ ଓଡ଼ିଶାରେ ମଧ୍ୟ ଏହିପରି ଅବସ୍ଥା ହେଲା। ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଗେର ନିଶା ନିବାରଣର ସପକ୍ଷରେ ଗଲାବେଳକୁ ଅନ୍ୟ କେତେକ କଂଗ୍ରେସ ନେତା ଓ ତାଙ୍କ ଅନୁଗାମୀମାନେ ନିଶା ପ୍ରସାରଣର ସପକ୍ଷରେ ଥିଲେ। ତଥାପି ଓଡ଼ିଶାରେ କେତେକାଂଶରେ ନିଶା ନିବାରଣର ସରକାରୀ ବ୍ୟବସ୍ଥା ଥିଲା।

ନିଶା ନିବାରଣ ସମେତ କେତେକ ଅନୀତି ଏବଂ ନାନା ବହୁମୁଖୀ ଦୁର୍ନୀତି କଂଗ୍ରେସରେ ପ୍ରବେଶ କରିବା କାରଣରୁ ଆମ୍ଭେମାନେ କଂଗ୍ରେସ ପରିତ୍ୟାଗ କରି ଜନ-କଂଗ୍ରେସ ନାମରେ ଏକ ନୂତନ ରାଜନୈତିକ ଦଳ ଗଠନ କଲୁ। ୧୯୬୭ ସାଧାରଣ ନିର୍ବାଚନରେ ଓଡ଼ିଶାରୁ କଂଗ୍ରେସ ହାରିଲା। ତେଣୁ ଜନ-କଂଗ୍ରେସ ଓ ସ୍ୱତନ୍ତ୍ର ଦଳମାନଙ୍କର ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ସ୍ୱତନ୍ତ୍ର ଦଳର ନୀତି ନିଶା ପ୍ରସାରଣ, କାରଣ ଏକେ ତ ସ୍ୱତନ୍ତ୍ର ଦଳ କଂଗ୍ରେସ ଦଳର ନିଶା ନିବାରଣ ନୀତିକୁ ପ୍ରଥମରୁ ବାରଣ ଏବଂ ପ୍ରତିରୋଧ କରି ଆସିଛି। ଦ୍ୱିତୀୟତଃ ନିର୍ବାଚନ ବେଳେ ଆଦିବାସୀ, ହରିଜନ ଏବଂ ମଦ୍ୟପମାନଙ୍କୁ ପ୍ରତିଶ୍ରୁତି ଦେଇ ଆସିଥାନ୍ତି ଯେ, ଉକ୍ତ ଦଳ କ୍ଷମତାକୁ ଆସିଲେ ନିଶା ନିବାରଣ ଉଠାଇ ଦେଇ ନିଶା ପ୍ରସାରଣ କରିବ। ଅଧିକନ୍ତୁ ସ୍ୱତନ୍ତ୍ର ଦଳର ନେତା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ଥାଇ ଅର୍ଥ ବିଭାଗର ମନ୍ତ୍ରୀ ଥିବାରୁ ସରକାରୀ ଆୟବୃଦ୍ଧି ନିମନ୍ତେ ନିଶା ପ୍ରସାରଣ ହେବା ଉଚିତ୍ ବୋଲି ଦୃଢ଼ମତ ଉପସ୍ଥାପିତ କରୁଥାନ୍ତି। କିନ୍ତୁ ସେମାନେ କଂଗ୍ରେସର ପ୍ରତିପକ୍ଷ ହେଲେ ସୁଦ୍ଧା ବରାବର କହୁଥାନ୍ତି ଯେ, ଯଦି କଂଗ୍ରେସରୁ ଜାତ ଜନ-କଂଗ୍ରେସ ନିଶା ନିବାରଣ ନୀତି ଉଠାଇ ଦେଇ ନିଶା ପ୍ରସାରଣ ନୀତିକୁ ରାଜି ହୁଅନ୍ତି ତେବେ ନିଶା ନିବାରଣ ନିୟମ ରଦ୍ଦ କରାଯାଇ ନିଶା ପ୍ରସାରଣ ନିୟମ ଚାଲୁ କରାହେବ। ଏଥିପାଇଁ ଆମ ଜନ-କଂଗ୍ରେସ ଦଳର ବିଶେଷ ବୈଠକ ବସିଲା।

ଜନ-କଂଗ୍ରେସ କଂଗ୍ରେସରୁ ସମ୍ଭୂତ। କଂଗ୍ରେସରେ ନିଶା ପ୍ରସାରଣ ସମେତ ନାନା ଅନୀତି ଏବଂ ଦୁର୍ନୀତିର ପ୍ରବେଶ କାରଣରୁ ଆମ୍ଭେମାନେ କଂଗ୍ରେସ ପରିତ୍ୟାଗ କରି ଗାନ୍ଧୀ ନୀତିରେ ଶାସନ ତଥା ସମାଜ ଚଳାଇବା ଏବଂ ଗଢ଼ିବା ଉଦ୍ଦେଶ୍ୟରେ ଜନ-କଂଗ୍ରେସ ଗଠନ କରିଛୁ। ତହିଁରେ ପୁଣି ଆମ୍ଭେମାନେ ପ୍ରାୟ ସମସ୍ତେ କଂଗ୍ରେସର ପୁରୁଣା ଲୋକ। କେତେକ ୧୯୩୦-୩୨ ସତ୍ୟାଗ୍ରହ ଆନ୍ଦୋଳନଠାରୁ କଂଗ୍ରେସ ବ୍ୟକ୍ତି ଅଟନ୍ତି। ଆଉ କେହି କେହି ୧୯୨୦-୨୧ ଠାରୁ ଅସହଯୋଗ ଆନ୍ଦୋଳନ ଦିନୁ କଂଗ୍ରେସ କର୍ମୀ। ନିଶା ନିବାରଣ ନୀତି ରଦ୍ଦ କରି ନିଶା ପ୍ରସାରଣ ନୀତିକୁ କାର୍ଯ୍ୟକାରୀ କରାହେବ କି ନାହିଁ ସେ ସମ୍ପର୍କରେ ଆମ ଜନ-କଂଗ୍ରେସ ଦଳ ଏକ ନିର୍ଦ୍ଦିଷ୍ଟ ମତ ଦେବାକୁ ପଡ଼ିବ। ଏତେବେଳକୁ ଏ ସମ୍ପର୍କରେ ଜନ-କଂଗ୍ରେସରେ ଦୁଇମତ ଦେଖାଯାଉଥାଏ। ସ୍ୱତନ୍ତ୍ର ଦଳ ନିଶା ପ୍ରସାରଣ ପାଇଁ ଉଦ୍‌ଗ୍ରୀବ, କିନ୍ତୁ ଜନକଂଗ୍ରେସର ସ୍ୱୀକୃତିକୁ ଅପେକ୍ଷା କରିଥାଆନ୍ତି। ସ୍ୱତନ୍ତ୍ର ଦଳ ନାନା ଉପାୟରେ ଆମ ଦଳର କେତେକ ନେତାଙ୍କ ଉପରେ ଚତୁର୍ଦ୍ଦିଗରୁ ପ୍ରଭାବ ପକାଉ ଥାଆନ୍ତି। ବିହାରର ବଡ଼ ମଦ-ଠିକାଦାର ଦୁଇଜଣ ନୋଟ ବିଡ଼ା ଧରି ଧାଁ ଧପଡ଼ ଏବଂ ଲସର ପସର ହେଉଥାନ୍ତି। ସ୍ୱତନ୍ତ୍ର ଦଳ ଉକ୍ତ ଠିକାଦାରମାନଙ୍କର ଅପ୍ରତ୍ୟକ୍ଷ ପ୍ରତିନିଧି ରୂପେ କାମ କରୁଥାନ୍ତି। ମୋର ନିର୍ଦ୍ଦିଷ୍ଟ ଖବର ଯେ, ସଢ଼େଇକଳାରେ ଏକ ରାଜଭବନରେ ବିହାରୀ ମଦ-ଠିକାଦାରଙ୍କର କେତେକ ରାଜନୈତିକ ନେତାଙ୍କ ସଙ୍ଗେ ଓଡ଼ିଶାରେ ନିଶା ପ୍ରସାରଣ ନିମନ୍ତେ ନେଣ ଦେଣ ଚାଲିଥାଏ।

ପୂର୍ବୋକ୍ତମତେ ନିଶା ନିବାରଣ କିମ୍ବା ନିଶା ପ୍ରସାରଣ ସମ୍ପର୍କରେ ମତ ଦେବା ନିମନ୍ତେ ଆମ ଜନ-କଂଗ୍ରେସ ଦଳର ଏକ ଜରୁରୀ ବୈଠକ ବସିଲା। ବୈଠକରେ ୩୦ଜଣ ସଭ୍ୟ ଉପସ୍ଥିତ ଥିଲେ। ସେଥିରୁ ୧୫ ଜଣ ନିଶା ନିବାରଣ ବିପକ୍ଷରେ, ଅର୍ଥାତ୍ ନିଶା ପ୍ରସାରଣ ସପକ୍ଷରେ ମତ ପ୍ରକାଶ କଲେ। ମୁଁ ଏବଂ ସର୍ବଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ, ନୀଳାମ୍ବର

ଦାସ, ଭଗବାନ ବେହେରା ଓ ଓଗେର ୧୫ଜଣ ନିଶା ନିବାରଣ ସପକ୍ଷରେ ଦୃଢ ମତ ପ୍ରକାଶ କରିଥିଲୁ। ସର୍ବଶ୍ରୀ ଡ଼.ମହତାବ ଓ ବନମାଳୀ ପଟ୍ଟନାୟକ ଓଗେର ୧୫ ଜଣ ନିଶା ପ୍ରସାରଣ ସପକ୍ଷରେ ମତ ପ୍ରକାଶ କରିଥିଲେ। ଏକଥା କ୍ୟାବିନେଟ୍ ସଭାରେ ମଧ୍ୟ ଆଲୋଚିତ ହେଲା। ଆମ ଜନ-କଂଗ୍ରେସ ଦଳରେ ନିଶା ନିବାରଣ ସମ୍ପର୍କରେ ଏ ଦ୍ୱିମତକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଦଳ ଉତ୍ସାହିତ ହେଲେ। ତେଣୁ କ୍ୟାବିନେଟ୍ ସଭାରେ ସ୍ୱତନ୍ତ୍ର ଦଳର ମନ୍ତ୍ରୀମାନେ ଏକଯୁଟ ହୋଇଗଲେ। ଆମ ମନ୍ତ୍ରୀମାନଙ୍କ ମଧ୍ୟରେ ମୁଁ ଏବଂ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ନିଶା ନିବାରଣ ସପକ୍ଷରେ ଓ ନିଶା ପ୍ରସାରଣ ବିପକ୍ଷରେ ମତ ପ୍ରକାଶ କଲୁ। କିନ୍ତୁ ସଂଖ୍ୟାଧିକ ଭୋଟରେ ନିଶା ନିବାରଣ ନୀତି ଉଠିଗଲା ଏବଂ ନିଶା ପ୍ରସାରଣ ନୀତି ଗୃହୀତ ହେଲା।

ଆମ ଜନ-କଂଗ୍ରେସ ଦଳରୁ ଯେଉଁମାନେ ନିଶା ପ୍ରସାରଣ ସପକ୍ଷରେ ମତ ପ୍ରକାଶ କଲେ ସେମାନେ ଯୁକ୍ତି ଦେଖାଇଲେ ଯେ, ଯେହେତୁ ନିଶା ନିବାରଣ ସତ୍ତ୍ୱେ ନିଶା ପ୍ରସାରଣ ଦ୍ରୁତ ଗତିରେ ଚାଲିଛି ଏବଂ ଓଡ଼ିଶାରେ ସରକାରୀ ଆୟ କ୍ଷୟ ହେବା ସଙ୍ଗେ ନିଶା ପ୍ରସାରଣ ଥିବା ପଡ଼ୋଶୀ ଆନ୍ଧ୍ର ଏବଂ ବିହାର ପ୍ରଭୃତି ରାଜ୍ୟମାନଙ୍କରେ ଅବକାରୀ ବିଭାଗର ସରକାରୀ ଆୟ ବଢୁଛି ତେଣୁ ନିଶା ନିବାରଣର ପ୍ରୟୋଜନୀୟତା ନାହିଁ। ସେମାନଙ୍କ ଯୁକ୍ତିରେ ଆପାତତଃ କିଛି କାରଣ ଅଛି।

ସ୍ୱତନ୍ତ୍ର ଦଳର ଲୋକେ ନିଶା ପ୍ରସାରଣ ପାଇଁ ତ ନିଶ୍ଚୟ ମତ ଦେବେ ଏବଂ ଦେଇଥାନ୍ତେ। କିନ୍ତୁ ଯେତେ କାରଣ ସଂଗତ ଓ ଅର୍ଥନୈତିକ ଯୁକ୍ତି ଦେଖାନ୍ତୁ ନା କାହିଁକି କଂଗ୍ରେସର ନେତୃସ୍ଥାନୀୟ ବ୍ୟକ୍ତିମାନେ ନିଶା ପ୍ରସାରଣ କରାଇବା ସୁନ୍ଦର ହୋଇନାହିଁ। ଆମ ମିଳିତ ମନ୍ତ୍ରୀମଣ୍ଡଳ ସମୟରେ ଓଡ଼ିଶାରୁ ଆଂଶିକ ନିଶା ନିବାରଣ ଉଠିଯାଇ ତାହାର ପ୍ରସାରଣ ହେବା ଦ୍ୱାରା ମୋର ଏବଂ ମୋର ସହମତାବଲମ୍ବୀମାନଙ୍କ ମନରେ ଦାରୁଣ ଆଘାତ ଜନ୍ମିଲା। ସେଥିପାଇଁ ମୁଁ ଏବଂ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ମନ୍ତ୍ରୀମଣ୍ଡଳ ସଭାରେ ନିଶା ନିବାରଣ ନୀତି ଉଠାଇ ଦେବା ନିଷ୍ପତ୍ତିରେ ଯେଉଁ ପୃଥକ ମତ ପୋଷଣ କରି ବିରୋଧ କରିଥିଲୁ ତାହା ପ୍ରକାଶ୍ୟ ଭାବେ ଖବର କାଗଜରେ ପ୍ରକାଶ କରିଥିଲୁ। ସାଧାରଣତଃ ମନ୍ତ୍ରୀମଣ୍ଡଳର ନିଷ୍ପତ୍ତି ସମ୍ପର୍କରେ କେଉଁ ମନ୍ତ୍ରୀ କେଉଁ ସମସ୍ୟାର ସପକ୍ଷ କିମ୍ବା ବିପକ୍ଷରେ ମତ ପ୍ରକାଶ କଲେ କିମ୍ବା ନିରପେକ୍ଷ ରହିଲେ ତାହା ପ୍ରକାଶ କରାଯାଏ ନାହିଁ। ଏହା ପୃଥିବୀର ପ୍ରଚଳିତ ପ୍ରଥା। କିନ୍ତୁ ଏ ସମସ୍ୟାରେ ଆମ୍ଭମାନଙ୍କ ମନରେ ଆଘାତ ଜନ୍ମିବାରୁ ମୁଁ ଏବଂ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ମନ୍ତ୍ରୀମଣ୍ଡଳର ଅନୁମତି କ୍ରମେ ଖବରକାଗଜ ଜରିଆରେ ପ୍ରକାଶ କଲୁ ଯେ ଆମ୍ଭେମାନେ ନିଶା ନିବାରଣ ଦ୍ୱାରା ବ୍ୟକ୍ତି, ଜାତି ତଥା ଜନତାର ପ୍ରଭୂତ ଉପକାର ହେବ। ମନରେ ଅତି ଅଶାନ୍ତି ଜନ୍ମିଲା। ମନ୍ତ୍ରୀ ପଦରୁ ଇସ୍ତଫା ଦେବା ନିମନ୍ତେ ସ୍ଥିର କରୁଥିଲି। କିନ୍ତୁ ଦେଖିଲି, ରାଜନୀତି କଲେ ଯେଉଁ ଦଳରେ ରହିବି ଏହି ଅବସ୍ଥାର ସମ୍ମୁଖୀନ ହେବି। ତେଣୁ ଦୃଢ ପ୍ରତିଜ୍ଞା ହେଲି ଯେ ସରକାରୀ ଭାବେ ନିଶା ପ୍ରସାରଣ ହେଲେ ସୁଦ୍ଧା ବେ-ସରକାରୀ ଭାବେ ନିଶା ପ୍ରସାରଣର ବିରୋଧ ନିମନ୍ତେ ଜନମତ ସୃଷ୍ଟି କରିବି।

ନିଶା ନିବାରଣ ବିରୋଧରେ ଯେତେ ସୁନ୍ଦର ଯୁକ୍ତି ଥିଲେ ସୁଦ୍ଧା ମନସ୍ତାତ୍ତ୍ୱିକ ଓ ଅର୍ଥନୈତିକ ବିଚାରରୁ ପ୍ରବଳ ପ୍ରଚାର ଓ ଉତ୍ତମ ଆଦର୍ଶ ପ୍ରଦର୍ଶନ କରାଗଲେ ନିଶା ନିବାରଣ ସପକ୍ଷରେ ଆଶାନୁରୂପ ସଫଳତା ମିଳିପାରିବ। ଏଥିପାଇଁ ସରକାରୀ କ୍ଷମତା ଓ ପ୍ରଭାବ ପ୍ରୟୋଗ ଅପେକ୍ଷା ବେ-ସରକାରୀ ପ୍ରଚାର ଓ ପ୍ରଭାବ ବହୁପରିମାଣରେ ଫଳପ୍ରଦ ହେବ ବୋଲି ନିଶ୍ଚିତ ଆଶା। ଏକ ସମୟରେ ମହାତ୍ମା ଗାନ୍ଧୀ ଏବଂ କଂଗ୍ରେସ ଏହା କରିପାରିଥିଲେ। ଉତ୍ତମ ଶିକ୍ଷାର ଅଭାବ ସଙ୍ଗେ ପାରିବାରିକ ଓ ସାମାଜିକ କଟକଣା ନଥିବାରୁ କେତେକ ସଂପ୍ରଦାୟରେ ନିଶା, ବିଶେଷତଃ ସୁରାପାନର ପ୍ରସାର ପ୍ରଚୁର ଅଛି। ଏହି ଶ୍ରେଣୀର ପୁରୁଷଲୋକେ ନିଜ ଚାଷବାସ କିମ୍ବା ମୂଳ ମଜୁରୀରୁ ଯାହା କିଛି ରୋଜଗାର କରନ୍ତି ସେଥିରୁ ପ୍ରାୟ ଅର୍ଦ୍ଧେକ ମଦ୍ୟପାନରେ ନଷ୍ଟ କରନ୍ତି। କିନ୍ତୁ ସେମାନଙ୍କର ସ୍ତ୍ରୀ, ଛୁଆ ପିଲା ଏବଂ କୁଟୁମ୍ବର କେହି କେହି ପୁରୁଷ ଲୋକ ବରାବର ଆପତ୍ତି କରନ୍ତି ଯେ ମଦ ବ୍ୟବସାୟ ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଅନ୍ତୁ। ଏହିପରି ଆପତ୍ତି ମୁଁ ପ୍ରାୟ ସର୍ବତ୍ର ଶୁଣିଛି ଏବଂ ଦେଖିଛି। କିନ୍ତୁ ଅତ୍ୟନ୍ତ ଦୁଃଖର କଥା ଯେ, ମଦର ପ୍ରସାର ପାଇଁ ପ୍ରୋକ୍ତ ଅଶିକ୍ଷିତ ଶ୍ରେଣୀର ବ୍ୟକ୍ତିଙ୍କ ଅପେକ୍ଷା ଶିକ୍ଷିତ ଉଚ୍ଚ ବର୍ଣ୍ଣର ଲୋକେ ଏବଂ ବିଶେଷତଃ ରାଜନୀତିଜ୍ଞମାନେ ଅଧିକତର ପରିମାଣରେ ସ୍ୱର ଉତ୍ତୋଳନ କରୁଛନ୍ତି ଓ ଯେଉଁମାନେ ନିଶା ପ୍ରସାରଣର ବିରୋଧ କରନ୍ତି ତାଙ୍କୁ ସମାଲୋଚନା ପୂର୍ବକ ବାଧା ଦେଉଛନ୍ତି। ତେଣୁ ସୁରାପାନ ବିରୋଧରେ ବ୍ୟକ୍ତି, କୁଟୁମ୍ବ, ଗ୍ରାମ ଏବଂ ସମାଜ ସ୍ତରରୁ ନିନ୍ଦା ସୂଚକ ହାୱା ସୃଷ୍ଟି କଲେ ବହୁ ପରିମାଣରେ ସଫଳତା ମିଳନ୍ତା।

ନିଶା ନିବାରଣ ବହୁଳ ପରିମାଣରେ ସଫଳ ହେବ, ଯଦି ସମଗ୍ର ଭାରତରେ ଏକ ସମୟରେ ଏ ସମ୍ପର୍କରେ କଡ଼ା ଆଇନ ଲାଗୁ ହୋଇ ଉକ୍ତ ଆଇନକୁ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରାଯିବ। କିନ୍ତୁ ଯେହେତୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅନ୍ୟାନ୍ୟ କେତେକ ଅଫିସର ଏହାର ନିବାରଣର ବିରୋଧୀ ଏବଂ କେହି କେହି ଏହି କାରବାର ହେଲେ ନାନା ଉପାୟରେ ଆର୍ଥିକ ଲାଭ ପାଆନ୍ତି, ତେଣୁ ସାଧୁତା ଏବଂ ଆନ୍ତରିକତାର ସହିତ ଏହା ଜାରି କରିବା କଠିନ ଅଟେ। ତଥାପି ଶାସକ ଦଳ କିମ୍ବା ଦଳମାନେ ସାଧୁ ଇଚ୍ଛା କଲେ ତାହା ସମ୍ୟକ ପରିମାଣରେ କରିପାରନ୍ତେ।

ମଦ୍ୟପାନ ନିବାରଣର ଅନ୍ୟ ଏକ ଉପାୟ ହେଉଛି ବିଦେଶୀ ମଦ ଆମଦାନୀ ଅତ୍ୟନ୍ତ ସୀମିତ ଏବଂ ଆୟତ୍ତାଧୀନ କରିବା। ଅବଶ୍ୟ ଅନ୍ୟ ଦେଶର ଆଗନ୍ତୁକମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଆମଦାନୀ

କରାହୋଇଥିବା ମଦିରା ଦେଶର ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଥାନ୍ତା। ବିଦେଶୀମାନେ ରହୁନଥିବା ହୋଟେଲରେ ମଦ ଦୋକାନ ଖୋଲା ନହୁଅନ୍ତା। ଏ ଦେଶରେ ମଦ ନାହିଁ ବୋଲି ଯଦି ମଦୁଆ ଦେଶରେ ବହୁତ ଲୋକେ ପରିଭ୍ରମଣରେ ଆମ ଦେଶକୁ ନ ଆସିବେ ତେବେ ନ ଆସନ୍ତୁ। ହଜାର ହଜାର ହିପି ପରିଭ୍ରମଣରେ ଆସି ଆମ ଦେଶରେ ନିତାନ୍ତ ବେ-ସାମାଜିକ ଭାବେ ଚଳାବୁଲା କରି ଆମ ଦେଶର ଯୁବକ ଯୁବତୀ ଏବଂ କିଶୋର କିଶୋରୀଙ୍କ ଉପରେ କୁ-ପ୍ରଭାବ ନ ପକାଇବା ଅତି ଉତ୍ତମ। ସରକାରୀ ବୈଦେଶିକ ଅତିଥି, ଅନ୍ୟ ଦେଶର କବି, ଐତିହାସିକ, ସାମ୍ବାଦିକ, ଭୂତତ୍ତ୍ୱବିତ୍, ପରିବ୍ରାଜକ ପ୍ରଭୃତିଙ୍କ ପାଇଁ ପୂର୍ବୋକ୍ତମତେ ବ୍ୟବସ୍ଥା ତ ଥିବ। ତେଣୁ ସେମାନେ ଆସିଲେ ତାଙ୍କର ବ୍ୟବହାର ନିମନ୍ତେ କୌଣସି ଅସୁବିଧା ହେବ ନାହିଁ। ଏହା ସତ୍ତ୍ୱେ ଏ ଦେଶରେ ଯଦୃଚ୍ଛା ମଦ୍ୟ ପ୍ରାପ୍ତିର ବ୍ୟବସ୍ଥା ନାହିଁ ବୋଲି ଯଦି ମଦୁଆ ଦେଶର ଲୋକେ ପରିଭ୍ରମଣରେ ନ ଆସିବେ, ନ ଆସନ୍ତୁ। କ୍ଷତି କିଛି ହେବ ନାହିଁ।

ଅବାଧରେ ମଦ ନ ମିଳିବା ଯୋଗୁଁ ବିଦେଶୀ ପରିବ୍ରାଜକଙ୍କ ସଂଖ୍ୟା କମିବାରେ ଯେଉଁ ପରିମାଣରେ ବିଦେଶୀ ମୁଦ୍ରା ଅର୍ଜନର ହ୍ରାସ ହୁଅନ୍ତା, ବେଶୀ ବିଦେଶୀ ମଦ ଆମଦାନୀ ନହେଲେ ପ୍ରାୟ ଅନୁରୂପ ପରିମାଣରେ ବିଦେଶୀ ମୁଦ୍ରା ଖର୍ଚ୍ଚ କମି ଯାଆନ୍ତା। ନିଶା ନିବାରଣ ବଶତଃ ପ୍ରାଦେଶିକ ଏବଂ କେନ୍ଦ୍ରୀୟ ଆୟର ଯେଉଁ ପରିମାଣରେ କ୍ଷତି ଘଟନ୍ତା ଅନ୍ୟ ଉପାୟରେ ତାହା ବର୍ଦ୍ଧିତ କରାଯାଇପାରନ୍ତା। ନିଶା ନିବାରଣ ଜନିତ ଆର୍ଥିକ କ୍ଷତି ତୁଳନାରେ ମାନବିକ ଏବଂ ସାମାଜିକ ଲାଭ ସଙ୍ଗେ ପ୍ରଚୁର ଆର୍ଥିକ ବ୍ୟୟ ମଧ୍ୟ ବନ୍ଦ ହୁଅନ୍ତା। ସୁରାପାନ ବଶତଃ ଯେଉଁ ପରିମାଣରେ ଅଣ-ଉତ୍ପାଦନକାରୀ ଖର୍ଚ୍ଚ ହୁଏ ତାହା ବସ୍ତୁତଃ ବନ୍ଦ ହୋଇ ଉକ୍ତ ଅର୍ଥ ଉତ୍ପାଦନକାରୀ ଖର୍ଚ୍ଚରେ ବ୍ୟବହୃତ ହୁଅନ୍ତା। ମଦ୍ୟପାନ ହେତୁ ସମାଜରେ ହାଣ, କାଟ, ମାର, ପିଟ, ନାରୀ, ଦାରୀ, ଚୋରୀ, ଖୁନୀ, ଡକାୟତୀ ଏବଂ ପକେଟମାରୁ ଇତ୍ୟାଦି ଗର୍ହିତ ଅପରାଧମାନ ଘଟୁଛି। ସେଥିପାଇଁ ଅଧିକ ପୋଲିସ୍, ମାଜିଷ୍ଟ୍ରେଟ୍, କୋର୍ଟ, କଚେରୀ ଏବଂ ଜେଲଖାନା ବ୍ୟବସ୍ଥା ଇତ୍ୟାଦିରେ ଖର୍ଚ୍ଚ ବଢୁଛି। ସୁରାପାନ ହେତୁ ସ୍ୱାସ୍ଥ୍ୟ ଭଙ୍ଗ କାରଣରୁ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ବଢୁଛି। ନିଶା ନିବାରଣ ହେଲେ ମଦ୍ୟପାନ ଜନିତ ସମସ୍ୟାର ସମ୍ମୁଖୀନ ଓ ସମାଧାନ ନିମନ୍ତେ ବିସ୍ତାର ଖର୍ଚ୍ଚରୁ ସରକାର ରକ୍ଷା ପାଇ ଯାଆନ୍ତେ। ତେଣୁ ନିଶା ପ୍ରସାରଣ କାରଣରୁ ଜାତୀୟ ଆର୍ଥିକ, ସାମାଜିକ ଏବଂ ମାନବିକ କ୍ଷତି ଅପେକ୍ଷା ନିଶା ନିବାରଣ ହେତୁ ଉକ୍ତ ବିଷୟ ମାନଙ୍କରେ ଅଧିକତର ଲାଭ ହୁଅନ୍ତା।

ନିଶା ନିବାରଣ ନିମନ୍ତେ ସମସ୍ତ ଚେଷ୍ଟା ସତ୍ତ୍ୱେ ଯଦି ବାଧ୍ୟତଃ ନିଶା ପ୍ରସାରଣ କରାଯାଏ ତେବେ ସରକାର ନିଜେ କାରଖାନା ବା ଡ଼ିଷ୍ଟିଲେରୀ ଖୋଲି ଅଳ୍ପ ପରିମାଣ ଆଲକୋହଲ୍ ଥିବା ସୁରା ପ୍ରସ୍ତୁତ କରି ବିଧିବଦ୍ଧ ନିୟମରେ ବିକ୍ରି କରନ୍ତୁ। ଯେ ମଦ୍ୟ ପାନ କରିବ ସେ ଲାଇସେନ୍ସ ନେଇ ତାହା କରୁ। ଲାଇସେନ୍ସ ନଥିବା ଲୋକ ତାହା ପାନ କଲେ ସମୁଚିତ ଭାବେ ଦଣ୍ଡିତ ହେଉ। ତାଡ଼ି ଇତ୍ୟାଦି ମଦ ଆକାରରେ କେହି ନ ପିଅନ୍ତୁ। ତାଳ, ଖଜୁରୀ, ସଲପ, ଏବଂ ମହୂଲ ରସରେ ଗୁଡ଼ ଏବଂ ଚିନି ତିଆରି ହେଉ। ଯଦି ଏହି ରସକୁ ପିଆଯିବ ତେବେ ସରବତ୍ କିମ୍ବା ନୀରା ଆକାରରେ ବିକ୍ରି ହେଉ ଓ ପିଆଯାଉ। ଏ ପ୍ରକାର ନୀତିର ବହିର୍ଭୂତ କାର୍ଯ୍ୟ କଲେ ବିକ୍ରେତା ପାଇଁ କଠିନ ଶାସ୍ତିର ବ୍ୟବସ୍ଥା ରହୁ। ଏତେ କଟକଣା କରି ଆନ୍ତରିକତାର ସହିତ ପ୍ରଚାରପୂର୍ବକ ବଡ଼ ଲୋକେ ନିଜେ ମଦ ନ ପିଇ ଉତ୍ତମ ଆଦର୍ଶ ଦେଖାଇଲେ ସୁରାପାନ ଅନେକ ପରିମାଣରେ କମିଯିବ।

ଉପର୍ଯ୍ୟୁକ୍ତ ସମସ୍ତ ବିଚାରରୁ ମୁଁ ହୃଦବୋଧ କରିଛି ଯେ ନିଶା ନିବାରଣ ସବୁ ଦିଗରୁ ଦେଶ ଏବଂ ଜାତି ପକ୍ଷେ ଅତ୍ୟନ୍ତ ମଙ୍ଗଳକାରକ ଅଟେ। ତେଣୁ ଏହାକୁ ଅତ୍ୟନ୍ତ ଦୃଢ ଭାବେ କାର୍ଯ୍ୟକାରୀ କରିବା ଦରକାର। କେବଳ ସରକାରୀ ସ୍ତରରେ ଏହା ସଫଳତାର ସହିତ ହାସଲ ହୋଇପାରିବ ନାହିଁ। ପୂର୍ବୋକ୍ତମତେ ବେ-ସରକାରୀ ଭାବେ ସୁରା ପାନର ସର୍ବାଙ୍ଗୀନ ଅପକାରିତା ବିଷୟରେ ବହୁଳ ପ୍ରଚାର ସଙ୍ଗେ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ଉତ୍ତମ ଆଦର୍ଶ ପ୍ରଦର୍ଶନ କରାହେଲେ ବହୁ ଲୋକ ମଦିରା ପାନରୁ କ୍ଷାନ୍ତ ହୁଅନ୍ତେ ଏବଂ ନୂତନ କରି କିଶୋର କିଶୋରୀ ଓ ଯୁବକ ଯୁବତୀ ଏହା ପାନ କରନ୍ତେ ନାହିଁ। ସରକାର ଶୁଣନ୍ତୁ କିମ୍ବା ନ ଶୁଣନ୍ତୁ ମୁଁ ଏବଂ ମୋର ମତାବଲମ୍ବୀମାନେ ସରକାରଙ୍କ ଉପରେ ପ୍ରଭାବ ପକାଇବା କର୍ତ୍ତବ୍ୟରେ ହେଳା କରିବୁ ନାହିଁ ବୋଲି ଦୃଢ ପ୍ରତିଜ୍ଞ ହୋଇ ବେ-ସରକାରୀ ଭାବେ ସମାଜ ପାଇଁ ଉତ୍କୃଷ୍ଟ ଆଦର୍ଶ ପ୍ରଦର୍ଶନ କରିବୁ। ମୋର ଆଶା ଏବଂ ଭରସା ଯେ ଆଜି ଯଦି ସରକାର ଏବଂ ମଦ୍ୟପବୃନ୍ଦ ନିଶା ନିବାରଣ ନୀତିକୁ ପସନ୍ଦ କରୁନାହାନ୍ତି, କାଲି ଅବଶ୍ୟ ବାଧ୍ୟ ହୋଇ ତାହା କରିବେ।

ଉପର୍ଯ୍ୟୁକ୍ତ ମତେ ଆଶା ଭରସା କରିବାର ମୋର ବିଶେଷ ଅନୁଭୂତି ଏବଂ ଦୂରଦୃଷ୍ଟି ଅଛି। ସମୟ ଥିଲା, ଯେତେବେଳେ ଶିକ୍ଷିତ ଲୋକେ ମୌଳିକ ଶିକ୍ଷା ନୀତିର ଘୋର ପ୍ରତିବାଦ କରୁଥିଲେ। କିନ୍ତୁ ବର୍ତ୍ତମାନ ଯେତେବେଳେ ଉକ୍ତ ଲୋକେ ଦେଖି ପାରୁଛନ୍ତି ଯେ, ଅଧୁନା ପ୍ରଚଳିତ ଶିକ୍ଷା ପଦ୍ଧତି ଦ୍ୱାରା ପାଠୁଆ ଅକର୍ମା ସମସ୍ୟା ତୀବ୍ର ଭାବେ ସୃଷ୍ଟି ହୋଇ ନାନାବିଧ ସାମାଜିକ ଏବଂ ଶାସନତାନ୍ତ୍ରିକ ସମସ୍ୟା ଉପୁଜୁଛି ସେମାନେ ପୁଣି ସେହି ମୌଳିକ ଶିକ୍ଷା ପଦ୍ଧତି ଆଡ଼କୁ ମତିଗତି ଢାଳୁଛନ୍ତି। ସେହିପରି ଯେଉଁ ଶିକ୍ଷିତ ବ୍ୟକ୍ତି, ରାଜନୀତିଜ୍ଞ ଓ ସରକାରୀ କର୍ତ୍ତୃପକ୍ଷମାନେ ଆଜିର ନିଶା ନିବାରଣର ପ୍ରତିବାଦ ଏବଂ ପ୍ରତିରୋଧ କରୁଛନ୍ତି ସେହିମାନେ ହିଁ ଅଳ୍ପ କେତେ ବର୍ଷ ଭିତରେ ବୁଝି ପାରିବେ ଯେ, ନିଶା ନିବାରଣ ବ୍ୟକ୍ତି ଏବଂ ସମାଜ ପକ୍ଷେ ଅତ୍ୟନ୍ତ ହିତକର ଅଟେ। ପୂର୍ବେ ପାଠୁଆ ଏବଂ ଉଚ୍ଚ ବର୍ଣ୍ଣର ପୁରୁଷ ଲୋକେ ମଦ୍ୟପାନ କରୁନଥିଲେ। ଯଦି କେହି କରୁଥିଲେ ତେବେ ଲୁଚାଇ କରି ତାହା କରୁଥିଲେ। ଆଜି କିନ୍ତୁ ଅବସ୍ଥା

ତାହା ନୁହେଁ। ଏବେ ଉଚ୍ଚ ବର୍ଣ୍ଣ ଏବଂ ଶିକ୍ଷିତ ଲୋକେ ମଦ୍ୟପାନକୁ ସଭ୍ୟ ବୋଲି ଧରି ନେଲେଣି। ଯେ ମଦ ନ ପିଉଛି ସେ ମରହଟ୍ଟୀ ଲୋକ ବୋଲି ଆଖ୍ୟାୟିତ ହେଉଛି। ପୂର୍ବେ ସ୍ତ୍ରୀଲୋକ ତ ମଦ ପିଉନଥିଲେ। ଏପରିକି ଜାତିରେ ମଦ୍ୟପାନ ମନା ନ ଥିବା ଆଦିବାସୀ ଏବଂ ହରିଜନ ଶ୍ରେଣୀର ସ୍ତ୍ରୀଲୋକମାନେ ମଦ୍ୟପାନ ତ କରନ୍ତି ନାହିଁ, ବରଂ ତାଙ୍କ ପୁରୁଷମାନଙ୍କୁ ମନା କରନ୍ତି ଯେ ସେମାନେ ମଦ୍ୟପାନ ନ କରନ୍ତୁ। କିନ୍ତୁ ଏବେ କେହି କେହି ପାଠୋଇ ଯୁବତୀ ମଦ ପିଇଲେଣି। ଅନେକ ପାଠୁଆ ଯୁବକ ତ ପିଇବାରେ ଧୁରନ୍ଧର। କେତେକ ମନ୍ତ୍ରୀ, ଏମ୍.ପି. ଏବଂ ଏମ୍.ଏଲ୍.ଏ. ମଧ୍ୟ ସୁରାପାନରେ ଉତ୍ତମ ରୂପେ ଅଭ୍ୟସ୍ତ ଥିବାର ଦେଖାଯାଉଛି। ତଥାକଥିତ ନୀଚ ବର୍ଣ୍ଣର ଶିକ୍ଷିତ ଲୋକେ ଅଭକ୍ଷ୍ୟ ଭକ୍ଷଣ ଏବଂ ଅଗମ୍ୟ ଗମନରୁ କ୍ଷାନ୍ତ ହେଲାବେଳେ ଉଚ୍ଚବର୍ଣ୍ଣ ବୋଲାଉଥିବା ଶିକ୍ଷିତ ଲୋକେ ସେଥିରେ ବେଶୀ ଅଭ୍ୟସ୍ତ ହେଉଛନ୍ତି। ଫଳତଃ ଦିନ ଆସିବ ଯେତେବେଳେ ସମାଜରେ ସ୍ତ୍ରୀ ପୁରୁଷ ପ୍ରାୟ ଅଧିକାଂଶ ନିଶାରେ ମଗ୍ନ ହୋଇ ମାତାଲ ହେବା ସଙ୍ଗେ ବହୁ ସମସ୍ୟା ସୃଷ୍ଟି କରିବେ। ମୁଁ ଜାଣେ କେହି କେହି ସ୍ତ୍ରୀ ମୁଖ୍ୟମନ୍ତ୍ରୀ ମଦ୍ୟପାନ କରନ୍ତି। ଏହା ଫଳରେ ଉକ୍ତ ସ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଆସପାଶରେ ଥିବା ଶିକ୍ଷିତା ସ୍ତ୍ରୀ ମଧ୍ୟ ମଦ୍ୟପାନରେ ଅଭ୍ୟସ୍ତ ହେଉଛନ୍ତି। ଜଣେ ଚିଫ୍ ସେକ୍ରେଟାରୀ ମଦ୍ୟପ ଥିବାର ମୋତେ ପୂରା ଜଣା। ତେଣୁ ତାଙ୍କ ଅମଳରେ ବହୁ ଯୁବକ ଆଇ.ଏ.ଏସ୍. ଅଫିସର ମଦ ପିଇଗଲେ। ସେହିପରି ସ୍ତ୍ରୀ ମୁଖ୍ୟମନ୍ତ୍ରୀ ସରାବ ପାନ କଲେ ଅନେକ ସ୍ତ୍ରୀ ତାଙ୍କ ପ୍ରଭାବରେ ମଦ୍ୟପାନ କରିବାର ବିଶେଷ ଆଶଙ୍କା ଏବଂ ଅବକାଶ ଅଛି। ଭବିଷ୍ୟତର ଅଳ୍ପ କେତେ ବର୍ଷ ମଧ୍ୟରେ ନିଶା ପ୍ରସାରଣ ଅବାଧରେ ଚାଲିବ। ଫଳରେ ବହୁ ସ୍ତ୍ରୀ ପୁରୁଷ ମଦ୍ୟପ ହୋଇ ମାତାଲ ହେବେ। ସାମାଜିକ ଏବଂ ଶାସନତାନ୍ତ୍ରିକ ଦୋଷ ଦୁର୍ବଳତା ବଢ଼ିବ। ଚିତ୍କାର ହେବ ନିଶା ନିବାରଣ ନିମନ୍ତେ। ସେତେବେଳେକୁ ଲେଡ଼ି ଗୁଡ଼ କହୁଣୀକୁ ବହି ଯାଇଥିବ। ଶତ ଚେଷ୍ଟା କଲେ ମଧ୍ୟ ନିଶା ନିବାରଣ ହୋଇ ପାରୁନଥିବ, ଆଜି ଯେପରି ଆନ୍ତରିକ ଇଚ୍ଛା କଲେ ସୁଦ୍ଧା ବର୍ତ୍ତମାନର ଶିକ୍ଷା ପଦ୍ଧତି ବଦଳାଇ ପାରୁନାହାନ୍ତି। ତେଣୁ ବେଳ ଥାଉ ଥାଉ ଆଜିଠାରୁ ସର୍ବାନ୍ତଃକରଣରେ ନିଶା ନିବାରଣ କରିବା ବିଧେୟ।

*(ଏହି ଲେଖା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଆତ୍ମଜୀବନୀରୁ ଉଦ୍ଧାର କରାଯାଇଛି, ଲେଖା ସମୟ ୧୯୬୭ ରୁ ୭୧)*

# ଧନ୍ୟ ନବକୃଷ୍ଣ ଚୌଧୁରୀ ବାବୁ

ଗୀତା ଦାସ

ଓଡ଼ିଶା ତିରିଶି ଜିଲ୍ଲାର ମଧ୍ୟରେ
ଆମ ଜଗତ୍‌ସିଂହପୁର
ଶିକ୍ଷା, ଦୀକ୍ଷା, ଯଶ, କୀର୍ତ୍ତି ସମାହାରେ
ସତେ ଜଗତରେ ସାର।
କେତେ ଜ୍ଞାନୀ, ଗୁଣୀ, ବୀର ଚୂଡ଼ାମଣି
ଆସିଛନ୍ତି ଏ ଭୂମିକୁ,
ଭଲ କର୍ମବଳେ ଅବନୀ ମଣ୍ଡଳେ
ରହିଲେ କାଳ କାଳକୁ।
ଆମ ମାଟି ଆମ ସରଗ ସମାନ
ରୂପେ ସେ ଭାରି ସୁନ୍ଦରୀ,
ବେଳକାଳ ବଳେ ବିଶ୍ୱ ଅଭିନେତା
ଅଭିନୟେ ଅବତରି।
ନବକୃଷ୍ଣ ଚଉଧୁରୀ ବାବୁ ଆମ
କୀରତିମୟ ପୁରୁଷ,
କାଳ କାଳ ପାଇଁ ଇତିହାସ ବୁକେ
ରଖିଯାଇଛନ୍ତି ଯଶ।
ଉଣେଇଶ ଏକ ନଭେମ୍ବର ମାସ
ତେଇଶି ତାରିଖଠାରେ,
ଜଗତସିଂହପୁର ତରିକୁନ୍ଦ ପାଖ
ଖେରସେ ଜନମିଥିଲେ।
ପିତା ଗୋକୁଳ ଆନନ୍ଦ ଚଉଦୁରୀ
ଆଇନର ବ୍ୟବସାୟୀ,
ପୁତ୍ରଭାତେ ପାଇ ଆନନ୍ଦେ ଅଧିର
ଭବିଷ୍ୟତର ଆଶାୟୀ।
ପିଲାଦିନେ ବହୁ ଖେଳ କସରତ
ତା'ପରେ ଶିକ୍ଷା ଆରମ୍ଭ,
ଚଉଦ ବରଷେ ହୋଇଥିଲା ଶେଷ
ତହୁଁ ଉଚ୍ଚ ଅଭିଳାଷ।
ରାଜନୀତି କ୍ଷେତ୍ରେ ଉନ୍ନତ ଯୋଦ୍ଧା ସେ
ସ୍ୱାଧୀନତାର ସଂଗ୍ରାମୀ,
ଜ୍ଞାନର ଗାରିମା ଭୂମିଠାରୁ ଭୂମା
ବୀର, ଦକ୍ଷ, ପରାକ୍ରମୀ।
ସ୍ୱତନ୍ତ୍ର ଓଡ଼ିଶା ଗଠନର ପରେ
ତିର୍ତ୍ତୋଲ ଏର୍ସମା ମନ୍ତ୍ରୀ,
ସ୍ୱାଧୀନତା ପରେ କେନ୍ଦ୍ରାପଡ଼ାଠାରେ
ବିଜୟୀ ରାଜସ୍ୱମନ୍ତ୍ରୀ

ମୋ : ୭୦୦୮୩୮୦୦୩୬
କୁଜଙ୍ଗ, ଜଗତ୍‌ସିଂହପୁର

ଇତିହାସ ପୃଷ୍ଠାରୁ

# ୨୮/୧୦/୨୦୦୬ ଦିନ "ଓଡ଼ିଶା ନିଶା ନିବାରଣ କମିଟି" ର ପ୍ରେସ୍ ବିଜ୍ଞପ୍ତି

ଗତ ବର୍ଷ ଅକ୍ଟୋବର ୨ ତାରିଖରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ସମାଜସେବୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ବହୁ ବିଶିଷ୍ଟ ନାଗରିକ, ଲୋକପ୍ରତିନିଧି ଓ ବିଭିନ୍ନ ବର୍ଗର ପ୍ରତିନିଧି ମିଳିତ ଭାବେ ସରକାରଙ୍କୁ ତାଙ୍କ ନିଶା ପ୍ରସାର ନୀତି ବଦଳାଇ ୧୯୫୬ ମସିହାରେ ନିଶା ନିବାରଣ ଆଇନକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ଏହି ନୈତିକ ଚାପକୁ ଏଡ଼ାଇବା ପାଇଁ ବର୍ତ୍ତମାନର ସରକାର ଏହି କମିଟିର ଅନ୍ୟ ଦାବି, ଘୋଷଣା କରିଥିବା ୨୦୦୦ ନୂଆ ମଦ ଦୋକାନ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର କରିଥିଲେ, ମାତ୍ର ସଦା ସର୍ବଦା ନିଶା ପ୍ରସାର ନିମିତ୍ତ ବଳବତ୍ତର ରଖିବା ପାଇଁ ଅହରହ ଉଦ୍ୟମ କରି ଚାଲିଲେ। ସେହି ବର୍ଷ ମଧ୍ୟରେ ମଦ ପିଇ ବହୁ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ବା ଅନ୍ଧ ହୋଇଯାଇଥିଲେ। ତଥାପି ସରକାରଙ୍କର ଚେତା ପଶୁନାହିଁ। ସରକାର ୧୯୧୫ ମସିହାର ବିହାର-ଓଡ଼ିଶା ଅବକାରୀ ଆଇନରେ (ଯାହା ବସ୍ତୁତଃ ହୋଇଅଛି) ସଂଶୋଧନ ଆଣି ବିଦ୍ୟାଳୟ, ଦେବାଳୟ, ହାଟ ବାଟ, ବଜାର ଇତ୍ୟାଦି ଜନବହୁଳ ଅବଧିରେ ମଦ କାରବାର କରିବାର ଏବଂ ପ୍ରଚାର କରିବାର ବ୍ୟବସ୍ଥା କରିଛନ୍ତି। ବିନା ଲାଇସେନ୍ସରେ ମଦ ଦୋକାନ ଖୋଲିବାର ଆଇନଗତ ବ୍ୟବସ୍ଥା ଜନସ୍ୱାର୍ଥ ବିରୋଧି ହୋଇଥିଲେ ମଧ୍ୟ ତାହା ବିଧାନସଭାରେ ଆଇନ ପରିସରଭୁକ୍ତ ହୋଇଅଛି।

ରାଜ୍ୟ ସରକାରଙ୍କ ସହ ତାଳ ମିଳାଇ କେନ୍ଦ୍ର ସରକାର ରାଜ୍ୟ ରାଜ୍ୟ ମଧ୍ୟରେ ଅବାଧ ମଦ କାରବାରର ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ନିଶା ନିବାରଣ କମିଟି ବର୍ଷେକାଳ ହାରିଗୁହାରି କରିସାରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିଧାୟକମାନଙ୍କୁ ସ୍ମାରକପତ୍ର ମାନ ଦିଆଯାଇ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ରାଜ୍ୟରେ ଖୋଲିଥିବା ସମସ୍ତ ମଦ ଦୋକାନ ଦେଶର ସମ୍ବିଧାନ ଏବଂ ଓଡ଼ିଶାର ନିଶାନିବାରଣ ଆଇନର ପରିପନ୍ଥି ଏବଂ ଏହା ଜନସ୍ୱାର୍ଥ ବିରୋଧି ମଧ୍ୟ। ଏହି ମଦ ପ୍ରସାର ନୀତି ଜନସ୍ୱାର୍ଥ ବିରୋଧି। ଏହି ସଂକ୍ରାନ୍ତରେ ଗତ ବିଧାନସଭା ବସିଥିବାବେଳେ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ ସହିତ ଗୋଟିଏ ପ୍ରତିନିଧି ଦଳ ମାନ୍ୟବର ବାଚସ୍ପତିଙ୍କ ସହିତ ଏସବୁ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଏବଂ ମାନ୍ୟବର ବାଚସ୍ପତି ଏହି ସଂଶୋଧନ ବିଧେୟକରେ ସ୍ଥାନ ପାଇଥିବା ବିନା ଲାଇସେନ୍ସରେ ଦୋକାନ ଖୋଲିବା ଧାରା ବିଷୟରେ ବିଧାନସଭାରେ ଥିବା ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଅବକାରୀ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଆମ୍ଭମାନଙ୍କୁ ସବୁ ବିଷୟରେ ଅବଗତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୯୧୫ ଅବକାରୀ ଆଇନର ଏହି ସଂଶୋଧିତ ଧାରା ବିଧାନସଭାରେ ବିନା ବାଧାରେ ଗୃହୀତ ହୋଇଯାଇଛି।

ଉପରୋକ୍ତ ପରିପ୍ରେକ୍ଷୀରେ ଓଡ଼ିଶା ନିଶା ନିବାରଣ କମିଟିର ବିଭିନ୍ନ ଅଂଚଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଗୋଟିଏ ବୈଠକ ୨୫/୧୦/୨୦୦୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ସବୁ ଅଞ୍ଚଳରୁ ଆସିଥିବା ପ୍ରତିନିଧିମାନଙ୍କର ମତ ଓ ସମର୍ଥନ ସହିତ ଏହି ଆନ୍ଦୋଳନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ସ୍ଥିରିକୃତ ହୋଇ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ଗୃହୀତ ହୋଇଥିଲା।

୧) ଜନମତ ସୃଷ୍ଟି ପାଇଁ ଗାନ୍ଧୀଙ୍କ ଜନ୍ମ ଦିବସ ଅକ୍ଟୋବର ୨ ତାରିଖ ଠାରୁ ବିଶ୍ୱ ଦାରିଦ୍ର୍ୟ ଦୂରିକରଣ ଦିବସ (୧୭/୧୦/୨୦୦୬) ନିଶା ନିବାରଣ ପକ୍ଷ ପାଳନ କରାଯିବ।

୨) ଉପରୋକ୍ତ ୨ ତାରିଖ ଦିନ ନିଶା ନିବାରଣ ପାଇଁ ଚେଷ୍ଟିତ ଥିବା ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷମାନେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ନିଶା ନିବାରଣ ତଥା ଦାରିଦ୍ର ଦୂରୀକରଣ ପାଇଁ ଶପଥ ନେବେ।

୩) ୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଜନମତକୁ ଜାଗ୍ରତ କରିବାକୁ ନିଜ ନିଜ ଅଞ୍ଚଳରେ କାର୍ଯ୍ୟକ୍ରମ ଗ୍ରହଣ କରିବେ। ସେଥିପାଇଁ ସେହି ଅଞ୍ଚଳରେ ଥିବା ବ୍ୟକ୍ତି ସମୂହ ଧାରଣା, ପଥପ୍ରାନ୍ତ ସଭା, ନାଟକ ଏବଂ ସଂଗୀତ ଜରିଆରେ ପଦକ୍ଷେପ ନେବେ। ଏହି ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତାଙ୍କର ପରିବାରର ଲୋକମାନଙ୍କୁ ନିଶା ନିବାରଣ ବିଷୟରେ ପତ୍ର ଜରିଆରେ ଅବଗତ କରାଇବେ।

୪) ସମ୍ବିଧାନର ରକ୍ଷକ ମାନ୍ୟବର ରାଷ୍ଟ୍ରପତିଙ୍କୁ ଗୋଟିଏ ପତ୍ର ଲେଖିବାକୁ ସ୍ଥିର କରାଗଲା ଏବଂ ଏଥିପାଇଁ ପ୍ରସ୍ତାବିତ ପତ୍ରକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଗଲା। ଏହି ପକ୍ଷ ମଧ୍ୟରେ ବିଭିନ୍ନ ଅଞ୍ଚଳର ଲୋକ ଏବଂ ଲୋକ ହିତକାରୀ ଅନୁଷ୍ଠାନମାନେ ଦସ୍ତଖତ ସଂଗ୍ରହ କରି ୧୬ ତାରିଖ ସୁଦ୍ଧା କମିଟିର କେନ୍ଦ୍ର ଅଫିସକୁ ପଠାଇବାକୁ ଅନୁରୋଧ କରାଗଲା।

୫) ୧୭ ତାରିଖ ଦିନ ବିଭିନ୍ନ ଅଞ୍ଚଳର ଲୋକ ରାଷ୍ଟ୍ରପତିଙ୍କୁ ଲେଖା ହୋଇଥିବା ଏହି ଚିଠିର କପି, ସ୍ଥାନୀୟ ସରକାରଙ୍କର ଉଚ୍ଚପଦାଧିକାରୀଙ୍କୁ ସମର୍ପଣ କରିବାକୁ ଅନୁରୋଧ କରାଗଲା। ଏହି ୧୭ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ବିଷୟରେ ପ୍ରତିନିଧିମାନେ ୧୨ ତାରିଖ ସୁଦ୍ଧା ତାଙ୍କର ମତାମତ ଓ ପ୍ରସ୍ତାବ କେନ୍ଦ୍ର ଅଫିସକୁ ଜଣାଇବେ ଏବଂ ତାହା ସହିତ ସଂପର୍କ ସ୍ଥାପନ କରି ରାଜଧାନୀରେ ସ୍ଥିରୀକୃତ କାର୍ଯ୍ୟସୂଚୀରେ (ଯାହାକି ସମସ୍ତ ବ୍ୟକ୍ତି ଏବଂ ଅନୁଷ୍ଠାନକୁ ଜଣାହେବ) ସକ୍ରିୟ ସହଯୋଗ କରିବାକୁ ଏହି ସଭାରେ ସ୍ଥିରୀକୃତ ହେଲା।

୬) ଓଡ଼ିଶାର ବିଭିନ୍ନ ଅଂଚଳରେ ମଦ ବିରୋଧରେ ହେଉଥିବା ଆନ୍ଦୋଳନ ଏବଂ ଆନ୍ଦୋଳନକାରୀମାନଙ୍କୁ ବଧାଇ ଜଣାଇ ଉକ୍ତ

ନିଶାନିବାରଣ ପକ୍ଷରେ ଜନଜାଗରଣ ପାଇଁ ସବୁପ୍ରକାର ପଦକ୍ଷେପ ନେବାକୁ ଅନୁରୋଧ କରାଗଲା।

୭) ସରକାର ଚୋରା ମଦ ବିକ୍ରୀର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପ୍ରଚାର ଓ ଜନସାଧାରଣଙ୍କୁ ପ୍ରତାରିତ କରିବାର ଚେଷ୍ଟାରୁ ନିବୃତ ରହିବାକୁ କମିଟି ତରଫରୁ ଚେତାବନୀ ଦିଆଗଲା। ଏହି ପ୍ରକାର କାରବାର ସଂବିଧାନ, ଆଇନ ଏବଂ ଉଚ୍ଚ ନ୍ୟାୟାଳୟର ବିଚାର ପରିପନ୍ଥୀ ହୋଇଥିବାରୁ ଏ ଦିଗରେ ସରକାର କାର୍ଯ୍ୟ ନକଲେ ଜନସାଧାରଣ ସଂବିଧାନ, ଆଇନ ଏବଂ ଉଚ୍ଚ ନ୍ୟାୟାଳୟର ବିଚାରକୁ କାର୍ଯ୍ୟକାରୀ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରାଗଲା।

ସରକାରଙ୍କର ଏହି ଜନବିରୋଧି ନୀତି ପରିହାର କରିବାକୁ ଲୋକଶକ୍ତିର ଜାଗରଣ ହିଁ ଦରିଦ୍ର ଓଡ଼ିଶାର ଜନସାଧାରଣଙ୍କର ସ୍ୱାର୍ଥସାଧନ କରିପାରିବ ଏବଂ ରାଜନୈତିକ ଦଳମାନଙ୍କୁ ତାଙ୍କର ବିବେକରେ ପଡିଥିବା ଚାବି ଖୋଲିବାକୁ ସମର୍ଥ ହେବ।

ଓଡ଼ିଶା ନିଶାନିବାରଣ କମିଟି,
ବାଖରାବାଦ, କଟକ-୨

# ନିଶା ଓ ନିଶା

ସୁନନ୍ଦା ମହାନ୍ତି,

ମଣିଷର ପରିଚୟ ତାର ପୋଷା ଓ ନିଶାରୁ କେବେ ନିଶା ଓ ପେଷା ଭିନ୍ନ ଭିନ୍ନ ତ କେବେ ଅଭିନ୍ନ। ପେଷା କହିଲେ ବୃତ୍ତି, ନିଶା କହିଲେ ଯାହା ମଣିଷର ଅନ୍ୟ ଏକ ଗୁଣ ଓ ଗରିମା, ତାହା ହୁଏତ କବିତା ଲେଖିବା, ଗଛ ଲଗାଇବା, ସାଧୁ ସନ୍ଥଙ୍କ ପାଖକୁ ଯିବା, ଗୀତ ଗାଇବା, ବହି ପଢିବା, କ୍ରିକେଟ ଖେଳିବା, ଖେଳ ଦେଖିବା ଇତ୍ୟାଦି ଇତ୍ୟାଦି ଅନେକ ଗୁଣ, ସେହି ଗୁଣ ଆଧାରରେ ଜଣେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ବ୍ୟକ୍ତିଗତ ବା ସାମାଜିକ ବା ରାଜନୈତିକ କି ଧାର୍ମିକ ହିସାବରେ, ତାହା ଦ୍ୱାରା ମଣିଷର ମୂଲ୍ୟ ବଢେ, ସମୟ ତା ପଛରେ ଦୌଡେ, ଅବସର ଜୀବନରେ ଦ୍ୱନ୍ଦ କି ବିଶାଦ ନଥାଏ, ଯେଉଁଠି ନିଶା ଓ ପେଷା ଏକ ସେଠି ତ ମଣିଷ ଜୀବନ ସମ୍ପୂର୍ଣ୍ଣ ଧନ୍ୟ।

ଏଠି ଆଉ ଗୋଟିଏ ନିଶା କଥା ଆଲୋଚନା କରିବା, ଯାହା ବ୍ୟକ୍ତିଗତ, ସାଂସାରିକ, ସାମାଜିକ ମୂଲ୍ୟବୋଧ ହରାଇ ମଣିଷକୁ ପଶୁ ତୁଲ୍ୟ କରିଦେଇଥାଏ, ସେହି ମଣିଷର ପରିଚୟ କେବେ ମଦ୍ୟପ, ଜୁଆଡି, ଗଞ୍ଜୋଡ଼, ଅଫିମ ସେବନକାରୀ, ମାଦକ ସେବନକାରୀ, ଗୁଟଖା ଗ୍ରହଣକାରୀ, ଧୁମପାନକାରୀ, ତମାଖୁ ସେବନକାରୀ ଇତ୍ୟାଦି ସେହି ବ୍ୟକ୍ତି ସମାଜର କଳଙ୍କ। ଦେହ ଓ ମସ୍ତିଷ୍କ ତାହାର ସୁସ୍ଥ ନୁହେଁ, ଭଲ ମନ୍ଦର ବିଚାର ତା ପାଖେ ନଥାଏ, ବିଶୃଙ୍ଖଳିତ କାର୍ଯ୍ୟକଳାପ, ଆଚରଣ ଓ ଉଚ୍ଚାରଣରେ ଅସଂଗତି ତଥା ସମସ୍ତଙ୍କୁ ପ୍ରବୃତ୍ତିକୁ ଆପଣେଇ ସେ ଭୁଲିଯାଏ ଦାୟିତ୍ୱ, କର୍ତ୍ତବ୍ୟ ହୁଏ ବିପଥଗାମୀ। ପିଲାମାନେ ତାର ଖାଦ୍ୟ ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ସୁବିଧାରୁ ବଞ୍ଚିତ ହୋଇ ନିଷ୍ପେସିତ ଜୀବନ ଯାପନ କରିବା ସହ ନୈତିକ ମୂଲ୍ୟବୋଧ ସହ ସାମାଜିକ ସ୍ଥିରତା ହରାଏ ନିଜେ ବ୍ୟକ୍ତି ଓ ତା'ର ପରିବାରବର୍ଗ।

ବ୍ୟକ୍ତି ସଚେତନ ହେବା ଦରକାର, ଏବଂ ତା ପାଇଁ ତା ପରିବାର ଛାରଖାର ହେବାକୁ ଦେବା ଅଧିକାର ତାର ନାହିଁ ବୋଲି ଭାବିବା ଉଚିତ। ଶିକ୍ଷା ସ୍ୱାସ୍ଥ୍ୟ, ରୋଗ ପ୍ରତିଷେଧକ ଶକ୍ତି, ନିଜର ଓ ନିଜ ପରିବାରର ଆର୍ଥିକ ସ୍ଥିତି ବଢ଼ାଇବା ବଦଳେ ନିମ୍ନଗାମୀ କରିବା ଉଚିତ ନୁହେଁ। ପ୍ରଥମତଃ ଆତ୍ମ ସଂଯମତା, ଆତ୍ମ ଅନୁଶୀଳନୀ କରିପାରିଲେ ଜଣେ ନିଶା ସେବନରୁ ବିରତ ରହିପାରିବ। ସେ ବୁଝିବା ଦରକାର, ଥିଲେ ଥାଉ ପଛେ ଗୁଣ ହଜାର.... ଚରିତ୍ର ନଥିଲେ ସବୁ ଅସାର। ଦ୍ୱିତୀୟରେ ପରିବାରର ସଦସ୍ୟମାନଙ୍କର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଭରା ବୁଝାମଣା ଜଣକୁ ବାଟକୁ ଆଣିପାରିବ। ପରିବାର ଭିତରେ ଯେଉଁ ପ୍ରେମ ତାହା ସ୍ୱର୍ଗୀୟ, ସେହି ସ୍ୱର୍ଗୀୟ ଗୁଣ ଆଧାରରେ ବୁଝେଇବାକୁ ପଡ଼ିବ, ଝିଅଟିଏ ଯାହାର ଅଛି ସେ ତା ବାପା ଭାଇଙ୍କୁ ଠିକ ବାଟକୁ ଆଣିବାକୁ ବହୁ ଉଚିତ ପଦକ୍ଷେପ ଆପଣେଇ ଶୃଙ୍ଖଳିତ କରିବାକୁ ଚେଷ୍ଟା କରିପାରିବ, ସେଇଥିପାଇଁ ତ କୁହାଯାଏ ଝିଅ ଦୁଇ କୁଳର ହିତ। ତୃତୀୟତଃ ବିଭିନ୍ନ ସ୍ୱୟଂଶାସିତ ଅନୁଷ୍ଠାନର ବ୍ୟକ୍ତି ବିଶେଷ ଏ ଦିଗରେ ଉତ୍ତମ ପଦକ୍ଷେପ ନେଇ ନିଶା ନିବାରଣରେ ସହାୟକ ହେବା ଉଚିତ, ସରକାରୀ ଓ ବେସରକାରୀ ସଂସ୍ଥାର ଯୁବପିଢି ସେମାନଙ୍କ ନିଷ୍ଠା, ଚେଷ୍ଟା ଓ ପ୍ରଚେଷ୍ଟା ଦ୍ୱାରା ମଧ୍ୟ ନିଶା ନିବାରଣ କରିବାରେ ସମର୍ଥ ହୋଇପାରିବେ।

ମଣିଷକୁ ନେଇ ଦେଶ ଓ ଜାତି, ଭାଷା, ପରମ୍ପରା ଓ ସଂସ୍କୃତି। ତେଣୁ ଶିକ୍ଷାନୁଷ୍ଠାନ ଭଳି ମଣିଷ କାରଖାନା ମଧ୍ୟ ଏ ଦିଗରେ ଯତ୍ନବାନ ହୋଇ ଭବିଷ୍ୟତ ପିଢ଼ିକୁ ସତସଙ୍ଗ ସହ ନିଶାର ଦାରୁଣ ଓ ଭୟାଭୟ ପରିସ୍ଥିତିରୁ ମୁକୁଳି ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ସହ, ସେମାନେ ନିଜ ଗ୍ରାମ, ସହର ବଜାରରେ ସଚେତନତା ବାର୍ତା ଦେଲେ ବ୍ୟକ୍ତି ବିଶେଷ ଶୀଘ୍ର ଗ୍ରହଣ କରିବେ ସେମାନଙ୍କୁ କାରଣ ଛାତ୍ର ଛାତ୍ରୀଙ୍କ ଅଭିଭାବକମାନେ ସ୍କୁଲକୁ ଦେବାଳୟ ଓ ଛାତ୍ରଛାତ୍ରୀମାନଙ୍କୁ ଦେବଦୂତ ଭଳି ମାନିଥାଆନ୍ତି। ତେଣୁ ବିଦ୍ୟାଳୟରୁ ଶିଖିଥିବା ଜ୍ଞାନ କୌଶଳକୁ ଆପଣେଇ ନିଜକୁ ଓ ପରିବାର ସଦସ୍ୟ କାହାରିକୁ ବା ନିଜ ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ନିଶା ରୂପକ ମାଦକ ଦ୍ରବ୍ୟଠାରୁ ଦୂରେଇ ରଖିବା ଏକାନ୍ତ କାମ୍ୟ ଓ ଶ୍ରେୟ ଅଟେ, ଯାହା ମଣିଷ ସମାଜ ପାଇଁ ବରଦାନ ସଦୃଶ ହେବ।

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୨୭

ଇତିହାସ ପୃଷ୍ଠାରୁ

# କାନ୍ ଖୋଲ୍‌କର୍ ଶୁନ୍ ସରକାର୍ (୮)

ତ୍ରିଲୋଚନ କାନୁନଗୋ

ରାଜ୍ୟରେ 'ମଦମୃତ୍ୟୁ' କେବେ କେବେ ଘଟିଲେ ସମ୍ବାଦ ସରବରାହମାନ ଚଳଚଞ୍ଚଳ ହୋଇ ଉଠନ୍ତି। 'ସମ୍ବାଦ'ପତ୍ରମାନଙ୍କରେ ଏହି ଦାରୁଣ ଘଟଣାମାନ ପ୍ରଥମ ପୃଷ୍ଠାରେ ପ୍ରଚାରିତ ହୁଏ। ଇଲେକ୍ଟ୍ରୋନିକ୍ ମିଡିଆମାନଙ୍କରେ ଏହି ଦୁଃଖଦ ଘଟଣାମାନଙ୍କର ଦୃଶ୍ୟାବଳୀ ପ୍ରସାରିତ ହୁଏ। ସରକାରରେ ଟିକିଏ ହଲଚଲ ସୃଷ୍ଟିହୁଏ। ବିରୋଧୀ ଦଳମାନ ସାମୟିକ ଭାବରେ ପାଟି ଖୋଲନ୍ତି। ଧୂର୍ତ୍ତତାର ଚରମ ନିଦର୍ଶନ ସ୍ୱରୂପ ସରକାର 'ମଦମୃତ୍ୟୁ'ର କାରଣ ଏବଂ ନିରାକରଣ ନିମନ୍ତେ ଏକ କମିଶନ ନିଯୁକ୍ତ କରିଦିଅନ୍ତି। ପୂର୍ବର କମିଶନମାନଙ୍କ ବିଚାର ଏବଂ ସୁପାରିଶ ଗୁଡ଼ିକ ଜନସାଧାରଣଙ୍କ ଦୃଷ୍ଟିକୁ ଅଣାଯାଏ ନାହିଁ। ସୁପାରିଶ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହା କେହି ଜାଣନ୍ତି ନାହିଁ। ସବୁ ଚୁପଚାପ- ଆଉ ଗୋଟିଏ 'ମଦମୃତ୍ୟୁ' ଘଟଣା ପର୍ଯ୍ୟନ୍ତ। ଗଣତନ୍ତ୍ରର ଏହା ଏକ ଉପହାସ। 'ମଦମୃତ୍ୟୁ' ନିମନ୍ତେ ମଦ ପ୍ରସାର କରୁଥିବା ସରକାର ଯେ ସମ୍ପୂର୍ଣ୍ଣ ଦାୟୀ- ଏହି ନିଛକ ସତ୍ୟ, ସମ୍ମିଳିତ କଣ୍ଠରୁ ଶୁଭୁନାହିଁ। କିଛି ମହିଳାଙ୍କର କ୍ଷୀଣ ସ୍ୱର ପବନରେ ଯେପରି ମିଳାଇ ଯାଉଛି।

ସରକାରଙ୍କ ମଦ ପ୍ରସାର ନୀତି ଫଳରେ ମଝିରେ ମଝିରେ କେବଳ 'ମଦମୃତ୍ୟୁ ଘଟଣା ଯେ ଦୃଷ୍ଟିକୁ ଆସୁଛି ସେତିକି ନୁହେଁ, ମଦ ପିଇ ନିତି ପ୍ରତି ରାଜ୍ୟର ଲକ୍ଷ ଲକ୍ଷ ରୋଜଗାର କରିବା ବୟସର ବ୍ୟକ୍ତି ରୁଗ୍ଣ ଓ ଅକର୍ମଣ୍ୟ ହୋଇଯାଉଛନ୍ତି। ମାନବ ସମ୍ବଳର ବିକାଶ ପରିବର୍ତ୍ତେ ସରକାରଙ୍କର ମଦ ପ୍ରସାର ନୀତି ଫଳରେ ମାନବ ସମ୍ବଳର ବିନାଶ ଘଟୁଛି। କର୍ମ କରିବା ବୟସ ପନ୍ଦରରୁ ଷାଠିଏ ବର୍ଷ ବୟସ ମଧ୍ୟରେ ନିୟୁତାଧିକ ମଣିଷ ଅକର୍ମଣ୍ୟ ହୋଇପଡିବା ସମାଜ ନିମନ୍ତେ ସବୁଠାରୁ ବଡ ବୋଝ। ଏହା ସରକାର ନ ବୁଝିଲେ ଆମେ ଏକ ଉପହସିତ ଗଣତନ୍ତ୍ରରେ ନାହୁଁ???

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (W.H.O) ର ହିସାବ ଅନୁଯାୟୀ ସମଗ୍ର ପୃଥିବୀରେ ମ୍ୟାଲେରିଆ ଏବଂ ମିଳିମିଳା (Measles) ରେ ଯେତେ ବ୍ୟକ୍ତି ମରୁଛନ୍ତି ଓ ଅକର୍ମଣ୍ୟ ହୋଇଯାଉଛନ୍ତି, କେବଳ ମଦ ସେତିକି ସଂଖ୍ୟକ ବ୍ୟକ୍ତିଙ୍କର ମୃତ୍ୟୁ ଏବଂ ଅକର୍ମଣ୍ୟତା ନିମନ୍ତେ ଦାୟୀ। ଧୂଆଁପତ୍ର ଓ ଚରସ ଆଦି ବେଆଇନ୍ ନିଶାଦ୍ରବ୍ୟ (illegal drugs) ଦ୍ୱାରା ଯେତେ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି ଏବଂ ବିକଳାଙ୍ଗ ଓ ଅକର୍ମଣ୍ୟ ହୋଇଯାଉଛନ୍ତି ତା'ଠାରୁ ଢେର ଅଧିକ ବ୍ୟକ୍ତି ମଦ୍ୟପାନ ଫଳରେ ମରୁଛନ୍ତି ଓ ବିକଳାଙ୍ଗ ହେଉଛନ୍ତି। ମୋର ନିଜର ହିସାବ ଅନୁଯାୟୀ ଓଡ଼ିଆରେ ହରିଜନ ଓ ଆଦିବାସୀ ସଂପ୍ରଦାୟର ୧୫ରୁ ୬୦ ବର୍ଷର ପୁରୁଷମାନଙ୍କ ମଧ୍ୟରେ ଶତକଡ଼ ୫୦ ଭାଗରୁ ଉର୍ଦ୍ଧ୍ୱ ପୁରୁଷ ମଦ୍ୟପ ଏବଂ ଅନ୍ୟ ସଂମ୍ପ୍ରଦାୟର ପୁରୁଷମାନଙ୍କ ମଧ୍ୟରୁ ଶତକଡ଼ା ୩୦ ଭାଗ ମଦ୍ୟପାନ କରିଥାନ୍ତି। ଏହି ହିସାବରେ ସ୍ତ୍ରୀ ଲୋକମାନଙ୍କ ହିସାବକୁ ବାଦ ଦେଇଛି, କାରଣ ମଦ୍ୟପ ସ୍ତ୍ରୀଲୋକଙ୍କ ସଂଖ୍ୟା ନଗଣ୍ୟ। ସେ ଯାହା ହେଉ ମଦ ମଣିଷକୁ ରୁଗ୍ଣ, ବିକଳାଙ୍ଗ ଏବଂ ଅକର୍ମଣ୍ୟ କରିବାରେ ଓ ଅକାଳରେ ମୃତ୍ୟୁ ମୁଖକୁ ଠେଲିବାରେ ଏକ ଭୟାନକ କାରଣ ହୋଇପଡିଛି।

ଅଭ୍ୟାସଗତ ମଦ୍ୟପମାନେ ଖୁବ୍ ଶୀଘ୍ର ନିମ୍ନଲିଖିତ ରୋଗମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ପଡନ୍ତି। ଏହା ଡାକ୍ତର ମାନଙ୍କର ମତ।

୧. ପରିପାକ ବିଭାଗ (Gaestro Intestinal Track-G.I.T.)

ପାଟିଠାରୁ ମଳଦ୍ୱାର ପର୍ଯ୍ୟନ୍ତ ପ୍ରାୟ ୨୭ ଫୁଟର ମୋଡି ମୋଡି ହୋଇଥିବା ଏହି ନଳୀକୁ ଖାଦ୍ୟ ଜୀର୍ଣ୍ଣ କରୁଥିବା ପରିପାକ ବିଭାଗ ବା Digestive System କୁହାଯାଇଥାଏ। ଏହାକୁ G.I.T ମଧ୍ୟ କୁହାଯାଏ।

କ) ଯେଉଁମାନେ ଅଧିକ ଦିନ ଧରି ମଦ୍ୟପାନ କରନ୍ତି ସେମାନଙ୍କର ପ୍ରଥମ ଦଶ ଇଂଚ ଖାଦ୍ୟନଳୀରେ ପ୍ରଦାହ ବା ଘା' ହୋଇଥାଏ। ଏହି ରୋଗକୁ ଓ ସୋଫାଗାଇଟିସ୍ (Oesophagitis) କୁହାଯାଇଥାଏ।

ଖ) ପାକସ୍ଥଳୀର ପ୍ରଦାହ ଓ ଘା (Gastritis ଏବଂ Ulcers) ମଦ୍ୟପମାନଙ୍କର ପାକସ୍ଥଳୀ (Small Intestive) ରେ ଖୁବ୍ ଶୀଘ୍ର ପ୍ରଦାହ (Gastritis) ଓ ଘା' (Ulcers) ହୋଇଯାଇଥାଏ।

ଗ) ଖାଦ୍ୟ ନଳୀ ଓ ପାକସ୍ଥଳୀରେ ହାଇଡ୍ରୋକ୍ଲୋରିକ୍ ଏସିଡ୍ (HCL) ନିର୍ଗତ ହୋଇ ଖାଦ୍ୟକୁ କୋମଳ କରିଦିଏ ଏବଂ ଜୀବାଣୁ ନଷ୍ଟ କରିଥାଏ। ଅଭ୍ୟାସଗତ ମଦ୍ୟପମାନଙ୍କର ଏହି ଅମ୍ଳ (Acid) କ୍ଷରଣ କମିଯାଏ କିମ୍ବା ବନ୍ଦ ହୋଇଯାଏ। ଫଳରେ ଖାଦ୍ୟ ହଜମ ହେବାରେ ବାଧାପ୍ରାପ୍ତ ହୁଏ। ଏ ପ୍ରକାର ରୋଗକୁ ଆକ୍ଲୋରୋହାଇଡ୍ରିଆ (Achloro hydria) କୁହାଯାଇଥାଏ।

ଘ) ମଦ୍ୟପମାନଙ୍କର ଅଗ୍ନ୍ୟାଶୟ (Pancrea) ରେ ମଧ୍ୟ ପ୍ରଦାହ ହୋଇଥାଏ। ଏହାକୁ ପାଙ୍କ୍ରିଆଟାଇଟିସ୍ (Chronic Pancreatitis) କୁହାଯାଏ।

ଙ) ଯକୃତରେ ରୋଗ ବା ପ୍ରଦାହ ହେଲେ ତାହାକୁ ହେପାଟାଇଟିସ୍ କୁହାଯାଇଥାଏ। ମଦ୍ୟପମାନଙ୍କର ଏହି ଜଣ୍ଡିସ୍ ବା ହଳଦିଆ କାମଳ ରୋଗ ବିଶେଷ ଭାବରେ ହୋଇଥାଏ।

ଚ) ଜଳୋଦରୀ (Cirrhosis of Liver) ଅଭ୍ୟାସଗତ ମଦ୍ୟପମାନଙ୍କର ଯକୃତରେ କ୍ଷତ ହୋଇ ଏହି ରୋଗ ହୋଇଥାଏ। ଗୋଦର ଗୋଡରେ ଯେପରି ଛୋଟ ଛୋଟ ଆଳୁ ପରି ଫୁଲି ଯାଇ ପୁଜ

ହୋଇଯାଇଥାଏ, ଏହି ଜଳୋଦରୀ ରୋଗରେ ସେହିପରି ଯକୃତ (Liver) ରେ ଆଳୁ ପରି ଫଳି ଯାଇଥାଏ ଏବଂ ପେଟଟି ଫୁଲି କରି ରହିଥାଏ।

୨. ହୃତପିଣ୍ଡ ଏବଂ ରକ୍ତ ସଂଚାଳନ ବିଭାଗ (Cardio Vascular system)

କ) ଅତ୍ୟଧିକ ମଦ୍ୟପାନ ତଥା ଅଧିକ ଦିନ ଧରି ମଦ୍ୟପାନ କଲେ ହୃତ୍‌ପିଣ୍ଡର ମାଂସପେଶୀ (Muscle) କାମ କରିପାରନ୍ତି ନାହିଁ। କୋମଳ ଓ ଶୀଥିଳ ହୋଇଯା'ନ୍ତି। ଯାହା ଫଳରେ ହୃଦାଘାତ (Heart Failure) ହୋଇଥାଏ। ଏହି ରୋଗକୁ Munich Beer Heart Cardio Myopathy କୁହାଯାଏ।

ଖ) ମଦ୍ୟପମାନେ ଖୁବ୍ ଶୀଘ୍ର ଉଚ୍ଚ ରକ୍ତଚାପ (Hypertension) ରୋଗରେ ପୀଡିତ ହୋଇଥାନ୍ତି ଏବଂ ସେମାନଙ୍କର ହୃଦାଘାତ (Heart Attack) ହୋଇଥାଏ ଏହାକୁ Coronary Heart Disease କୁହାଯାଏ।

୩. ଶ୍ୱାସ-ପ୍ରଶ୍ୱାସ ବିଭାଗ (Respiratory System)

କ) ମଦ୍ୟପର ଶରୀରର ସମସ୍ତ ବିଭାଗ (system) ଅବ୍ୟବସ୍ଥିତ ଏବଂ ଅସନ୍ତୁଳିତ ହୋଇପଡେ। ଖାଦ୍ୟ ଶ୍ୱାସନଳୀରେ ସମୟେ ସମୟେ ପଶିଯାଏ, ଫଳରେ ଫୁସ୍‌ଫୁସ୍‌ରେ ପ୍ରଦାହ ହୋଇଥାଏ। ଏହାକୁ Aspiration Pneumonia (ଆସପିରେସନ୍ ନିଉମୋନିଆ) ରୋଗ କୁହାଯାଏ।

ଖ) ମଦ୍ୟପର ଫୁସ୍‌ଫୁସ୍‌ରେ ଘା (Lung Abscess) ହୋଇଯାଏ ଏବଂ ତାହା ମୃତ୍ୟୁର କାରଣ ହୋଇଥାଏ।

ଗ) ଯକ୍ଷ୍ମା ରୋଗ (TB) ର ଅନ୍ୟ କାରଣମାନଙ୍କ ସହ ଅତିରିକ୍ତ ମଦ୍ୟପାନ ମଧ୍ୟ ଏକ ବିଶେଷ କାରଣ

୪. ରୋଗପ୍ରତିରୋଧକ ଶକ୍ତି ବିଭାଗ (immune System)

ଶରୀରରେ ବିଭିନ୍ନ ପ୍ରକାର କୋଷ (Cell) ଅଛନ୍ତି ଯେଉଁମାନେ ରୋଗ ପ୍ରତିରୋଧ କରିଥାନ୍ତି। ମଣିଷ ପୁଷ୍ଟିକର ଖାଦ୍ୟ ଖାଇ ଏବଂ ନିୟମିତ ବ୍ୟାୟାମ ଆଦି କରି ତା'ର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ କିନ୍ତୁ ମଦ୍ୟପାନ କରିବା ଦ୍ୱାରା ସେହି କୋଷ ଅଣୁଗୁଡିକ ମଧ୍ୟ ଅସନ୍ତୁଳିତ ହୋଇଯା'ନ୍ତି ଏବଂ ଠିକ୍ ଭାବରେ କାର୍ଯ୍ୟ କରି ନପାରିବା ଫଳରେ ମଦ୍ୟପର ରୋଗ ପ୍ରତିରୋଧ ଶକ୍ତି ହ୍ରାସ ପାଇଯାଏ। ସେ ରୋଗଗ୍ରସ୍ତ ହୋଇପଡେ।

୫. ବିପାକ (Metabolism)

ବଞ୍ଚିରହିବା ନିମନ୍ତେ ଶରୀରରେ ଯେଉଁ ସବୁ କାର୍ଯ୍ୟ ଚାଲିଛି, ମଦ୍ୟପର ଶରୀରରେ ସେହି କ୍ରିୟା ଅସନ୍ତୁଳିତ ଏବଂ ପ୍ରତିହତ ହୋଇଥାଏ।

୬. ଅସ୍ଥି ବିଭାଗ (Skeletal) ମଦ୍ୟପ ବ୍ୟକ୍ତି ମାଂସ ପେଶୀ ପ୍ରଦାହ ହେବା ଏକ ସ୍ୱାଭାବିକ ଘଟଣା। ଏହାକୁ Alcoholic Myopathy (ଆଲିକହଲିକ୍ ମାଇଓପାଥି) ବୋଲି କୁହାଯାଏ। ଏହି ରୋଗରେ ମାଂସପେଶୀର ଘୋଳାବିନ୍ଧା ଖୁବ୍ ଜୋରରେ ହୁଏ। ସ୍ଥାନେ ସ୍ଥାନେ ଫୁଲିଯାଏ ଓ ଫଳିଯାଏ।

୭. ମସ୍ତିଷ୍କ ବିଭାଗ (Central Nervous System)

ଅଭ୍ୟାସଗତ ମଦ୍ୟପର ସ୍ନାୟବିକ ଦୁର୍ବଳତା ଦେଖାଦିଏ। ମସ୍ତିଷ୍କପ୍ରଦାହ ହେତୁ ହାତଗୋଡ ଥରେ। ଆଖିକୁ ଦିଶେ ନାହିଁ। ବାତ ମାରିବା ରୋଗ ଦେଖା ଦିଏ। ଏହାକୁ ମୁର୍ଗୀବାତ (Seizures) କୁହାଯାଏ। ମଦ୍ୟପର ହାତଗୋଡ ଥରିବ (Korsakoff's Syndrome) ପାଗଳାଙ୍କ ପରି ପ୍ରଳାପ କରିବ ଏବଂ ଲଙ୍ଗଳା ମୁକୁଳା ହୋଇପଡିବ (Wermickis Encephalopathy)

୮. ପ୍ରଜନନ ବିଭାଗ (Reproductive system)

ଅତ୍ୟଧିକ ମଦ୍ୟପାନ ଫଳରେ ଅଣ୍ଡକୋଷ ଶୁଖିଯିବ, ଗୁଲିଗୁଡିକ ଛୋଟ ହୋଇଯିବ। ଏହାକୁ Testicular Atrophy କୁହାଯାଏ। ଯୌନାଙ୍ଗ ଶୀଥିଳ ଏବଂ ନରମ ହୋଇଯିବ। ଯୌନକ୍ରିୟା ନିମନ୍ତେ ମାନସିକ ଇଚ୍ଛା ଥିଲେ ମଧ୍ୟ ଯୌନାଙ୍ଗ ଦୃଢ ଏବଂ ଶକ୍ତ ହେବ ନାହିଁ। ସେଥିପାଇଁ ମଦ୍ୟପ ବିଷୟରେ କୁହାଯାଇଥାଏ- ମଦ ଯୌନ କ୍ରିୟାର ଇଚ୍ଛା ସୃଷ୍ଟି କରେ, କିନ୍ତୁ କାର୍ଯ୍ୟତଃ ଅସମର୍ଥ କରାଇଥାଏ।

୯. ଦୃଷ୍ଟି ଶକ୍ତି ବିଭାଗ (Effects on eye) ମଦ୍ୟପର ଆଖିରେ ପରଳ ମାଡିଯିବା ତ୍ୱରିତ ହୋଇଥାଏ। ଅକାଳରେ ଅନ୍ଧ ହୋଇଯିବା ମଦ୍ୟପର ସାଧାରଣ ଘଟଣା।

୧୦. ମାନସିକ ବିକୃତି (Organic Mental Disorder) ଅଭ୍ୟାସଗତ ମଦ୍ୟପ ପାଗଳ ପ୍ରାୟ ହୋଇଯାଏ। ତା'ର ମୁଣ୍ଡ କାମ କରେ ନାହିଁ।

ମଦ୍ୟପର ସମସ୍ତ ରୋଗ ଏବଂ ଲକ୍ଷଣ ଡାକ୍ତରମାନଙ୍କର ମତ। ଏଥିରେ ଅତିରଂଜନ ବା ଅତିଶୟୋକ୍ତି ନାହିଁ। ମଦ ନ ପିଉଥିବା ଲୋକଙ୍କର ଯେ ଉପରୋକ୍ତ ରୋଗମାନ ହୋଇ ନଥାଏ ତା'ନୁହେଁ, କିନ୍ତୁ ସେ ସଂଖ୍ୟା ଖୁବ୍ କମ୍। ମଦ୍ୟପର କିନ୍ତୁ ଏ ସମସ୍ତ ରୋଗ ନିଶ୍ଚିତ ସାଥୀ। ସମାଜର ଏକ ବିଶେଷ ଅଂଶ ଏହିପରି ରୋଗରେ ମଦ୍ୟପାନ ଯୋଗୁ ଅକର୍ମଣ୍ୟ ହୋଇପଡିବ ଏବଂ ସରକାର ଏହାର ପ୍ରତିକାର କରିବା ପରିବର୍ତ୍ତେ ମଦ ପ୍ରସାର କରିବେ ଏହା ଅସହ୍ୟ ଏବଂ ଅକ୍ଷମଣୀୟ, ଓଡ଼ିଶାରେ କର୍ମକ୍ଷମ ବୟସ (୧୫ ବର୍ଷରୁ ୬୦ ବର୍ଷ)ର ମଦ୍ୟପଙ୍କ ସଂଖ୍ୟା ୩୦ ରୁ ୪୦ ଲକ୍ଷ ହେବ ବୋଲି ହିସାବ କରାଯାଉଛି।

ସେହି ଡାକ୍ତରମାନେ ପୁଣି କହିଛନ୍ତି ସାମୟିକ ଭାବରେ ମଦ ପିଇଥିଲେ ମଧ୍ୟ ମଦ୍ୟପାନ କରିଥିବା ବ୍ୟକ୍ତିର ରକ୍ତରେ ଶତକଡ଼ା ୦.୦୫ ଭାଗ ମଦ (Alcohol) ଥିଲେ ଅର୍ଥାତ୍ ଏକ ଲିଟର ରକ୍ତରେ ୦.୦୦୫ ଗ୍ରାମ୍ ମଦ ବା ୫ ମିଲିଗ୍ରାମ ମଦ ଥିଲେ ବ୍ୟକ୍ତିର ଚିନ୍ତା ବିଚାରଧାରା ଏବଂ ନିଜ ଉପରେ ନିୟନ୍ତ୍ରଣ ଇତଃସ୍ତତଃ ହୋଇ ଯାଇଥାଏ। ଶତକଡ଼ା

୦.୧୦ ଭାଗ ମଦ ରକ୍ତରେ ଥିଲେ, ମସ୍ତିଷ୍କର ସ୍ୱାଭାବିକ ପରିଚାଳନା ବେଢଙ୍ଗିଆ ହୋଇଯାଏ। ରକ୍ତରେ ଶତକଡ଼ା ୦.୨୦ ଭାଗ ଆଲକହଲ ଥିଲେ ବ୍ୟକ୍ତିର ମସ୍ତିଷ୍କ ସମ୍ପୂର୍ଣ୍ଣ ନିମ୍ନଗାମୀ ହୋଇଯାଏ, ସକରାତ୍ମକ ଓ ପ୍ରଗତିଶୀଳ ଚିନ୍ତା ବା ବିଚାରଧାରା ତା ପକ୍ଷରେ ସମ୍ଭବପର ହୋଇପାରେ ନାହିଁ। ମଦର ଅନୁପାତ ରକ୍ତରେ ଶତକଡ଼ା ୦.୩୦ ଭାଗ ହେଲେ ମସ୍ତିଷ୍କ ଗୋଳମାଳିଆ ହୋଇଯାଇ ଆଖି ମୁଦି ହୋଇଯାଏ ଓ ନିଦ୍ରାତୁଲ୍ୟ ଜଡ଼ ହୋଇଯାଏ। ଅନୁପାତ ଶତକଡ଼ା ୦.୪୦ରୁ ୦.୫୦ ହେଲେ ବ୍ୟକ୍ତି ସମ୍ପୂର୍ଣ୍ଣ ଅଚେତ ଅବସ୍ଥାକୁ ଚାଲିଯାଏ। ଅନୁପାତ ତା'ଉପରକୁ ଚାଲିଗଲେ ଶ୍ୱାସ ପ୍ରଶ୍ୱାସ ନେବା ମଦ୍ୟପ ପକ୍ଷରେ କଷ୍ଟକର ହୋଇପଡେ ଏବଂ ତା'ର ମୃତ୍ୟୁ ଘଟେ।

ଅଖାଦ୍ୟ, ଅର୍ଦ୍ଧାହାର, ଅନାହାର, ପୁଷ୍ଟିହୀନତା ଏବଂ ମଦ ସମେତ ଅନ୍ୟାନ୍ୟ ନିଶା ଓଡ଼ିଶାର ପ୍ରାୟ ଅର୍ଦ୍ଧେକ ଲୋକଙ୍କୁ ରୁଗ୍ଣ, ଅକ୍ଷମ ଏବଂ ଅକର୍ମଣ୍ୟ କରିଦେଉଛି। କେଉଁ ଜିଲ୍ଲାରେ ଏ ପ୍ରକାର ବ୍ୟକ୍ତିଙ୍କ ସଂଖ୍ୟା ଅର୍ଦ୍ଧାଧିକ, ଆଉ କେଉଁଠାରେ ଅର୍ଦ୍ଧେକରୁ କମ୍। ଯୋଜନା ଏହିମାନଙ୍କ ହିତ ନିମନ୍ତେ କରାଯିବାର ପ୍ରାଥମିକତା ଥିଲା ଓ ଅଛି। ଯେମିତି ଜଣାଯାଏ ବିଭିନ୍ନ ସମୟରେ ନିର୍ବାଚନ ଗଣତନ୍ତ୍ର ସରକାରମାନେ ଏମାନଙ୍କୁ ଜାଣିଶୁଣି ଅବହେଳା କରିଛନ୍ତି। ଲୋକଙ୍କୁ ସୁସ୍ଥ ଏବଂ କର୍ମକ୍ଷମ କରିବା ନିମନ୍ତେ 'ମଦ' ବନ୍ଦର ସର୍ବାଦୌ ଆବଶ୍ୟକତା ରହିଛି। କର୍ମହୀନତା ଦୂର କରିବା ନିମନ୍ତେ ନିରନ୍ତର କର୍ମଯୋଗାଣ ଏବଂ ଉତ୍ପାଦନଶୀଳ କର୍ମ ସୃଷ୍ଟି ଦାରିଦ୍ର୍ୟ ଦୂରୀକରଣର 'ଭଗବତ୍ ଗୀତା'। ସଂପ୍ରତି ଗରିବ ଓ ଦିନ ମଜୁରିଆଙ୍କ ନିମନ୍ତେ ଯେଉଁ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରାଯାଇଛି, ତାହା ସେମାନଙ୍କର ଦାରିଦ୍ର୍ୟ ଦୂର କରିବା ନିମନ୍ତେ ନୁହେଁ। ସେମାନଙ୍କୁ ଅନାହାର, ଅର୍ଦ୍ଧାହାର ଓ ପୁଷ୍ଟିହୀନତାରୁ ମୁକ୍ତି ଦେବା ତଥା ସେମାନଙ୍କୁ ସ୍ୱଚ୍ଛଳ କରିବା ନିମନ୍ତେ ସର୍ବନିମ୍ନ ଦୈନିକ ମଜୁରୀର ସୁସ୍ଥ ସଂଶୋଧନ ଦରକାର। ଏ ସଂକ୍ରାନ୍ତରେ ବାରାନ୍ତରେ ଆଲୋଚନା କରାଯାଇପାରେ।

– ୦ –

ବି.ଦ୍ର.: ମଦ ବିରୋଧୀ ଭାବେ ବେଶ୍ ଜଣାଶୁଣା ଏବଂ କଟକର ମୁରବୀ ତଥା ବରିଷ୍ଠ ରାଜନେତା ପ୍ରଣମ୍ୟ ତ୍ରିଲୋଚନ କାନୁନ୍‌ଗୋଙ୍କ ଗତ ୨୧.୦୪.୨୦୨୩ ତାରିଖରେ ସ୍ୱର୍ଗବାସ ହୋଇଯାଇଛି। ଉପରୋକ୍ତ ଲେଖାଟି ସେ ବହୁବର୍ଷ ପୂର୍ବରୁ ଧରିତ୍ରୀ ସମ୍ବାଦପତ୍ରରେ ପ୍ରକାଶିତ ହେବା ପାଇଁ ଲେଖିଥିଲେ ଯାହାର ଏକ କପି ଜଷ୍ଟିସ୍ ଚୌଧୁରୀ ପ୍ରତାପ କେଶରୀ ମିଶ୍ରଙ୍କ ନିକଟରୁ ପ୍ରାପ୍ତ ହେବାପରେ ପ୍ରାସଙ୍ଗିକତା ପ୍ରୟୋଜନୀୟତା ଦୃଷ୍ଟିରୁ ପୁଣିଥରେ ଆମ୍ଭର ଏହି ସ୍ମରଣିକାରେ ସ୍ଥାନିତ କରିବା ଉଚିତ ମନେ କଲୁ। ଉଭୟଙ୍କ ନିକଟରେ ସମ୍ପାଦନା ମଣ୍ଡଳୀ କୃତଜ୍ଞ।

(ସମ୍ପାଦନା ମଣ୍ଡଳୀ)

# ନିଶା

ଅତିଶ କୁମାର ରାଉତ

ଚା' ନିଶା ନୁହେଁ ବଢାଏ ପ୍ରୀତି
ପାନ ଧୂମପାନ ଆର୍ଥିକ କ୍ଷତି –୧
ତମାଖୁ, ଗୁଡ଼ାଖୁ, ଗୁଣ୍ଡି ଖଇନି
ଅକାଳରେ କରେ ସେ ପ୍ରାଣହାନି –୨
ଅଫିମ ଗଞ୍ଜେଇ ଭାଙ୍ଗ ଆବର
ବିଶ୍ୱାସି ହେବେନି ସେ କାଳ କାଳ – ୩
କଥା କହି ନେବେ ମନକୁ ମୋହି
କଥା ଦେଇ କଥା ରଖନ୍ତି ନାହିଁ – ୪
ଦଶ ପଚାଷ ଟଙ୍କା ପାଇବା ପାଇଁ
ପାଣିରେ ଦେବେ ସେ ସର ପକାଇ – ୫
ନିଶା ପାଖ ଯାଅ ନାହିଁ ପରତେ
ଯେତେ ନିଶା ସବୁ ଖରାପ ନିଶ୍ଚେ – ୬
ସବୁଠାରୁ ଦୁଷ୍ଟ ନିଶାଟି ଜାଣ
ଖାଇବନି କେବେ ବାପ ମା' ରାଣ–୭
ଭୁଲକରି କେବେ ଯିଏବି ଖାଏ
ବେଳ କାଳ ନାହିଁ ଜୀବନ ଯାଏ –୮
ସେ ନିଶା ଚିହ୍ନେନି ବାପ, ମା' ଭାଇ
ଝଗଡା କରାଏ ପଇସା ପାଇଁ – ୯
ପୁଅ, ଝିଅ, ସ୍ତ୍ରୀ ଅବା ଭଉଣୀ
ସେ ନିଶା ଖାଇଥିଲେ କିଛି ମାନେନି – ୧୦
ଯେତେ ଭଲ ହେଉ ଖାଇଲେ ନିଶା
ବୁଡ଼ି ଯାଏ ତାର ସବୁ ବେଉଷା – ୧୧
ସେ ନିଶା ଖାଅନା ଯିଏବି କୁହେ
ନିଶାଡ଼ିଟି ତା'ର ଜୀବନ ନିଏ – ୧୨
କହି ପାରିବ କି ତା ନାମ ଭାଇ
ସମାଜର କ୍ଷତି ପାଇଁ ସେ ଦାୟୀ – ୧୩
ସେହି ନିଶା ନାମ ସମସ୍ତେ ଜାଣ
ଖାଇବନି **'ମଦ'** ଦେଲି ମୁଁ ରାଣ – ୧୪

ମଦମୁକ୍ତି ଯୁବବାହିନୀ କଟକ,
ଫୋନ୍ : ୯୦୯୦୮୮୫୦୨୬

ଇତିହାସ ପୃଷ୍ଠାରୁ

# ଓଡ଼ିଶାରେ ତଥ୍ୟର ଖଣି

ଶ୍ରୀ ସାହୁଙ୍କ ଲେଖା- ଆଜି ଗାନ୍ଧୀଜୟନ୍ତୀ ପରିପ୍ରେକ୍ଷୀରେ ତାଙ୍କର ନିଶାବର୍ଜନ ପ୍ରତି ସୈଦ୍ଧାନ୍ତିକ ଭାବନା ନେଇ ବିଭିନ୍ନ ସ୍ତରରେ ଆଲୋଚନା ହେବ। କାରଣ ନିଶାବର୍ଜନ ସ୍ୱାଧୀନତା ଆନ୍ଦୋଳନ ବେଳେ ଏକ ପ୍ରମୁଖ ନୀତି ଥିଲା। ଏବେ ଆମ ରାଜ୍ୟରେ ନିଶା ନିବାରଣ ଦାବି ଜୋର ହେଉଛି। ବିଶେଷ କରି ବିହାରରେ ସମ୍ପୂର୍ଣ୍ଣ ନିଶା ନିବାରଣ ପରେ ଓ ଗୁଜୁରାଟରେ ଷାଠିଏ ଦଶକରୁ ନିଶା ନିବାରଣକୁ ଦେଖି ଏହି ଦାବି ଜୋର ଧରିଛି। ଅବଶ୍ୟ ଯେଉଁ ରାଜ୍ୟରେ ନିଶା ନିବାରଣ ହେଇଛି ସେଇ ରାଜ୍ୟବାସୀ ନିଶା ବର୍ଜନ କରିଛନ୍ତି କି ନା ତାର ତଥ୍ୟ ମୋ ପାଖରେ ନାହିଁ।

୧୯୩୭ରୁ ଆମ ଦେଶରେ ନିଶା ନିବାରଣ ଆଇନ ଥିଲା, ତାହା କେମିତି ଉଠିଲା ସେ ସମ୍ପର୍କରେ ବଡ଼ଚଣାର ପୂର୍ବତନ ବିଧାୟକ, ପୂର୍ବତନ ସମାଜବାଦୀ ନେତା, ଜଣେ ଜନସେବା ପାଇଁ ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ସମର୍ପଣ କରିଥିବା ଓ ଶେଷରେ ନିଜର ଅଙ୍ଗକୁ ଦାନ ଦେଇଥିବା ଜଣେ ମହାନ ମାନବତାବାଦୀ ଡାକ୍ତର ଜଗନ୍ନାଥ ଦାସଙ୍କ ଆତ୍ମଜୀବନରୁ (ଜନୈକ ଗ୍ରାମ୍ୟ ଚିକିତ୍ସକର ପଶ୍ଚାତ ଚିନ୍ତା ଓ ଅନୁଭୂତି) କିଛି ଅଂଶ ଉଦ୍ଧୃତି କରୁଛି –

ଶ୍ରୀ ଦାସଙ୍କ ଆତ୍ମଜୀବନୀରୁ .. ଏ ଅଞ୍ଚଳରେ ଯେଉଁ ଯୁବକ ଗୋଷ୍ଠି ନିଶା ନିବାରଣ ପାଇଁ ଆନ୍ଦୋଳନ କରିଛନ୍ତି, ସେମାନଙ୍କ ଗୋଟିଏ ସଭାକୁ ମୋତେ ନିମନ୍ତ୍ରଣ କରି ଆସିଥିଲେ। ମୁଁ କହିଲି, ନିଶା ପ୍ରଚଳନ ଯୋଗୁଁ ଖୋଦ ସରକାର ଓ କ୍ଷମତାଶାଳୀ ବ୍ୟକ୍ତିମାନେ ଏତେ ଉପକୃତ ହେଉଛନ୍ତି ଯେ ନିଶା ନିବାରଣ ଆନ୍ଦୋଳନ ଏଯୁଗରେ ଫଳପ୍ରଦ ହେବା ସମ୍ଭବପର ହେଉନାହିଁ।

୧୯୬୭ ମସିହାରେ ମୁଁ (ଶ୍ରୀ ଦାସ) MLA ହେବା ସମୟରେ ଓଡ଼ିଶାରେ ନିଶା ନିବାରଣ ଆଇନ 1937 ମସିହା କଂଗ୍ରେସ ବେଳୁ ଥିଲା। ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ହରେକୃଷ୍ଣ ମହତାବଙ୍କ ମିଳିତ ସରକାର ମଦ ବିକ୍ରି ଆରମ୍ଭ କଲେ।

ଶ୍ରୀ ବିଜୟ ସାହୁଙ୍କ କଲମରୁ –

ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତି ଖଲ୍ଲିକୋଟ ଶିଳ୍ପୀଙ୍କ ଦ୍ୱାରା କରାଇବା ପାଇଁ ମୁଁ ହରେକୃଷ୍ଣ ମହତାବବାବୁଙ୍କ ପୁରୁଣା ଭୁବନେଶ୍ୱର ଘରକୁ ଯାଇଥିଲି। ସେତେବେଳେ ତାଙ୍କ ସଙ୍ଗରେ ଅନ୍ୟ ଭଦ୍ରବ୍ୟକ୍ତିମାନେ ଆଲୋଚନା କରୁଥିବାରୁ ମୁଁ ବାହାରେ ଅପେକ୍ଷା କରିଥିଲି। ମୁଁ ଶୁଣି ପାରିଲି, ମହତାବବାବୁ ଫୋନରେ ଅବକାରୀ ମନ୍ତ୍ରୀ ଶାନ୍ତନୁବାବୁଙ୍କୁ ଡାକି କହୁଥିଲେ "ବିହାରରୁ ଏହି ଭଦ୍ରଲୋକମାନେ ଆସିଛନ୍ତି, ତାଙ୍କ କଥା ବୁଝିବେ"।

କିଛି ଦିନ ପରେ ଅବକାରୀ ମନ୍ତ୍ରୀ ଶାନ୍ତନୁ କୁମାର ଦାସ Assembly ରେ ବିଲ ଆଣିଲେ, "ମଦ prohibition ଉଠାଇ ମଦଦୋକାନୀଙ୍କୁ ମଦ ବିକ୍ରୀ ପାଇଁ ଲାଇସେନ୍ସ ଦିଆଯିବ। ବିଧାୟକମାନେ ଆପତି କଲେ, ୧୯୩୭ ମସିହାରେ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ମଦର ବ୍ୟବହାର ବନ୍ଦ କରିଥିଲା। ଗ୍ରାମରେ ଖଜୁରୀ ରସ ମଦ ବନ୍ଦ କରି ରସରେ ଗୁଡ଼ ଓ ମିଶ୍ରି କରାଯାଉଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ରାଜଗୋପଲଚାରୀ ସରକାରଙ୍କ ମଦବିକ୍ରୀ ବନ୍ଦରୁ ଆୟ ବନ୍ଦ ହେବାରୁ ନୂଆକରି Sales Tax ପ୍ରଚଳନ କରିଥିଲେ।

ବିଧାନସଭାରେ ମହତାବ ବାବୁ ମଦ ଲାଇସେନ୍ସ ବାବଦରେ ବିଧାୟକମାନଙ୍କୁ ବୁଝେଇ କହିଥିଲେ, "ମଦ ଚୋରା କାରବାର ହେଉଛି, ତାକୁ ନିୟନ୍ତ୍ରଣ କରିବା ପାଇଁ ଲାଇସେନ୍ସ ଦରକାର। ଏବେ ଲୋକେ ଅଧିକ ମଦ ପିଉଛନ୍ତି, ଲାଇସେନ୍ସ ହେଲେ କମିଯିବ। ଏ ଅବୋଧ ଯୁକ୍ତିକୁ ବିଧାନସଭା ମାନି ନେଲା।

ମୁଁ Assembly Lobby ରେ ଶାନ୍ତନୁବାବୁଙ୍କୁ ପଚାରିଲି, ଏପରି ବିଲ କାହିଁକି ଆଣିଲେ ? ପୂର୍ବରୁ ଆପଣ ନିଜେ ମଦ ଦୋକାନ ଆଗରେ ନିଜେ Picketing କରୁଥିଲେ ? ସେ ଉତର ଦେଲେ ମହତାବ ବାବୁଙ୍କ ଚାପରେ ଆଣିଲି।



# ନିଶାର ପ୍ରାବଲ୍ୟ ଦାରିଦ୍ର୍ୟର ମୁଖ୍ୟ କାରଣ

**ଅର୍ଜ୍ଜୁନ ଚରଣ ସାମନ୍ତରାୟ**

ପରିସଂଖ୍ୟାନରୁ ଜଣାପଡେ ପ୍ରତିବର୍ଷ ରାଜ୍ୟ ବଜେଟରେ ଯେତିକି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ କରାଯାଏ ତାର ଶତକଡ଼ା ୩ ଭାଗ ମାତ୍ର ନିଶା ରାଜସ୍ୱରୁ ମିଳିଥାଏ। ଗତବର୍ଷ ଓଡ଼ିଶା ରାଜ୍ୟର ବଜେଟ ଥିଲା ଏକଲକ୍ଷ କୋଡିଏ ହଜାର କୋଟି ଗତବର୍ଷ ନିଶା ରାଜସ୍ୱରୁ ମିଳିଥିଲା ୪୦୦୦ କୋଟିରୁ କମ୍ ଯାହାକି ଶତକଡ଼ା ୩ ଭାଗ ବି ନୁହେଁ। ଏଥିରୁ ସ୍ପଷ୍ଟ ଅନୁମେୟ ନିଶା ରାଜସ୍ୱରୁ ଦେଶ ଚଳେ ନାହିଁ। ପ୍ରତ୍ୟେକ ରାଜନୈତିକ ଦଳ ନିର୍ବାଚନ ବୈତରଣୀ ପାର ହେବା ପାଇଁ ମଦ୍ ମାଂସ ଦେଇ ଜଗନ୍ନାଥଙ୍କ ନାମରେ ଶପଥ କରାଇ ଭୋଟ ନେଇଥାନ୍ତି। ଫଳରେ ଗଣତନ୍ତ୍ର ଶାସନ ବିପନ୍ନ ହୋଇପଡୁଛି ଓ ଧନୀ ଅଧିକ ଧନୀ ହେଉଛି ଗରିବ ଅଧିକ ଗରିବ ହେଉଛି।

ଭାରତରେ ବିହାର ରାଜ୍ୟ ନିଶା ପ୍ରସାରଣରେ ଏକ ମୁଖ୍ୟ ରାଜ୍ୟ। ଏହି ରାଜ୍ୟରେ ସମସ୍ତ ମଦ ମାଫିଆ, ମଦ ପ୍ରସ୍ତୁତକାରୀ ବ୍ୟକ୍ତି ବିଶେଷ ପଡୋଶୀ ରାଜ୍ୟମାନଙ୍କରେ ମଧ୍ୟ ନିଶା ବ୍ୟବସାୟ କରିଥାନ୍ତି। ବିହାର ରାଜ୍ୟରେ ପ୍ରତିବର୍ଷ ୭ ଆଠହଜାର କୋଟିରୁ ଅଧିକ ନିଶା ରାଜସ୍ୱରୁ ମିଳେ। ସେଠାରେ ଶ୍ରମିକ ଓ ଅଧିକାଂଶ ସାଧାରଣ ଲୋକ ଯାହା ରୋଜଗାର କରିଥାନ୍ତି ତାକୁ ନିଶା ଖାଇବାରେ ଖର୍ଚ୍ଚ କରି ଘରେ ସ୍ତ୍ରୀ ଲୋକମାନଙ୍କ ସଙ୍ଗେ ମାଡ କଳି ଓ ଅଶାନ୍ତି ସୃଷ୍ଟି କରୁଥିଲେ। ସମାଜରେ ଯେତେପ୍ରକାର ଦୁର୍ଘଟଣା, ବଳାତ୍କାର, ଡକାୟତି ଓ ଗଣବଳାତ୍କାର ସବୁର ମୂଳରେ ନିଶା ବୋଲି ମହିଳା ଓ ସଚେତନ ନାଗରିକମାନେ ଅନୁଭବ କରୁଥିଲେ। ମହିଳାମାନେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଏହି ବିଷୟରେ ଅବଗତ କରିଥିଲେ କେତେକ ମହିଳା ସଂଗଠନ ଓ ବୁଦ୍ଧିଜୀବୀମାନେ ଆନ୍ଦୋଳନ କରୁଥିଲେ। ଯାହା ଫଳରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଗତ ୬ ବର୍ଷରୁ ଅଧିକ କ୍ଷମତାରେ ରହିବା ସଙ୍ଗେ ସଙ୍ଗେ ନିଶା ନିବାରଣ ଆଇନ କରି ମଦକୁ ଅନେକଟା ନିୟନ୍ତ୍ରଣରେ ରଖିପାରିଛନ୍ତି।

ମାତ୍ର ଓଡ଼ିଶା ଭଳି ଗରିବ ରାଜ୍ୟରେ ନିଶାର ପ୍ରାବଲ୍ୟ ବଢ଼ି ବଢ଼ି ଚାଲିଛି। ଘରେ ଘରେ ମହିଳାମାନେ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଭୋଗ କରୁଅଛନ୍ତି। ମାତ୍ର ୪୦୦୦ କୋଟି ନିଶାରୁ ମିଳୁଥିବା ରାଜସ୍ୱକୁ ଖଣିରୁ ବକେୟ ୬୦,୦୦୦ କୋଟି ପାଣିରୁ ବାକି ୧୦,୦୦୦ କୋଟି ଓ ବିଦ୍ୟୁତ୍ ପରି ବିଭିନ୍ନ ବିଭାଗରୁ ଆଦାୟ କଲେ ମାତ୍ର ଚାରି ହଜାର କୋଟି ଭରଣା କରି ନିଶା ନିବାରଣ କରି ଓଡ଼ିଶାକୁ ଦାରିଦ୍ର୍ୟତାରୁ ମୁକ୍ତ କରାଯାଇପାରନ୍ତା। ଓଡ଼ିଶା ଗୁଜୁରାଟ, ବିହାର ପରି ନିଶାମୁକ୍ତ ହୋଇପାରନ୍ତା।

**ଆଡଭୋକେଟ୍, ୭୯୭୮୬୮୮୭୮୦**

ଗାନ୍ଧିଜୀ ଓଡ଼ିଶାର ବିଭିନ୍ନ ଅଂଚଳ ଭ୍ରମଣ ଅବସରରେ ଓଡ଼ିଶାର ସାଧାରଣ ଲୋକମାନଙ୍କର ଦାରିଦ୍ର୍ୟ ଦେଖି ସ୍ତମ୍ଭିଭୂତ ହୋଇଥିଲେ। ଏହାର ଅର୍ଥ ନୁହେଁ ଭାରତର ଅନ୍ୟ ରାଜ୍ୟରେ ଦାରିଦ୍ର୍ୟ ନଥିଲା। ମାତ୍ର ଓଡ଼ିଶାରେ ଅତ୍ୟଧିକ ଥିଲା। ଆଳସ୍ୟ ଓ ନିଶା ଆମ ରାଜ୍ୟର ଦାରିଦ୍ର୍ୟର ପ୍ରମୁଖ କାରଣ। ନିଶାଗ୍ରସ୍ତ ଲୋକ ରୋଜଗାରର ଓ ପରିବାରର ସମସ୍ତ ଅର୍ଥ ନିଶା ଖାଇବା ଦ୍ୱାରା ନଷ୍ଟ କରିଥାଏ।

ଜଣେ ନିଶାଗ୍ରସ୍ତ ମଣିଷ ଦୈନିକ ନିଶା ପାଇଁ ଟ. ୧୦୦ ରୁ ଟ. ୨୦୦ ଖର୍ଚ୍ଚ କରିଥାଏ। ଅତଏବ ମାସକୁ ଟ.୫୦୦୦ (ପାଂଚ ହଜାରରୁ ଅଧିକ ଖର୍ଚ୍ଚ କରିଥାଏ। ବର୍ଷକୁ ୬୦ ହଜାର ଓ ୨୦/୨୫ ବର୍ଷରେ ଜଣେ ନିଶାଗ୍ରସ୍ତ ବ୍ୟକ୍ତି ୨୦ ରୁ ୨୫ ଲକ୍ଷ କରି ସମଗ୍ର ପରିବାରକୁ ଆର୍ଥିକ ଦୂରାବସ୍ଥା ମଧ୍ୟକୁ ଠେଲି ଦେଇଥାଏ ପରବର୍ତ୍ତୀ ସମୟରେ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ୪୦ରୁ ୪୫ ବର୍ଷ ବୟସ ପୂର୍ବରୁ ରୋଗାଗ୍ରସ୍ତ ହୋଇ ମୃତ୍ୟୁ ବରଣ କରେ। ନିଶାଗ୍ରସ୍ତ ବ୍ୟକ୍ତି ଖାଲି ଘରେ ନୁହେଁ ଗାଁରେ, ଗଣ୍ଡାରେ ବିଭିନ୍ନ ପ୍ରକାର ଗଣ୍ଡଗୋଳ ଅଶାନ୍ତି ସୃଷ୍ଟି କରିଥାଏ। ପିଲାମାନେ ଅର୍ଥନୈତିକ କାରଣରୁ ଶିକ୍ଷା ଓ ସ୍ୱାସ୍ଥ୍ୟରୁ ବଞ୍ଚିତ ହୁଅନ୍ତି ଓ ଦାରିଦ୍ର୍ୟ ମଧ୍ୟରେ ଜୀବନଯାକ କଷ୍ଟ ଭୋଗ କରିଥାନ୍ତି।

ଗାନ୍ଧିଜୀ ସର୍ବଦା କହୁଥିଲେ ସ୍ୱାଧୀନତା ପରର ପ୍ରଥମ କାର୍ଯ୍ୟ ହେବା ଆବଶ୍ୟକ ନିଶାକୁ ହଟାଇବା ବା ନିବାରଣ କରିବା। ମାତ୍ର ସ୍ୱାଧୀନତା ପରେ ସେ କ୍ଷମତାରୁ ଦୂରେଇ ରହିବା ଫଳରେ ସ୍ୱାଧୀନତା ପରେ ଯେଉଁମାନେ କ୍ଷମତାକୁ ଆସିଲେ ସେ ନିଶା ନିବାରଣ ପରିବର୍ତ୍ତେ ନିଶା ପ୍ରସାରଣ କରିଥିଲେ। ମାଓସେତୁଙ୍ଗ ଚୀନ୍‌ରେ ନିଶା ନିବାରଣ ପାଇଁ Opium War ଅଫିମ ଯୁଦ୍ଧ ଘୋଷଣା କଲେ ଓ ନିଶାକୁ ନିବାରଣ କରିଥିଲେ। ମାତ୍ର ଆମ ଦେଶରେ ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା, କୁଟୀର ଶିଳ୍ପ, ନିଶାନିବାରଣ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆମ ରାଜ୍ୟରେ ଜଣେ ବିଶିଷ୍ଟ ଗାନ୍ଧିବାଦୀ ଓ ମାର୍କସବାଦୀ ନେତା ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତରଫରୁ ବିଭିନ୍ନ ଜିଲ୍ଲାରେ ନିଶା ନିବାରଣ ପାଇଁ କାର୍ଯ୍ୟକ୍ରମ କରିବା ଅବସରରେ ଆମ୍ଭେମାନେ ବିଭିନ୍ନ ଆଦିବାସୀ ଗ୍ରାମ ଗସ୍ତ କରିଛୁ। ସେଠାରେ ନିଶାଗ୍ରସ୍ତ ହୋଇ ପୁରୁଷ ଲୋକମାନେ ରୋଗରେ ପଡି ଅଧାବୟସରୁ ମୃତ୍ୟୁମୁଖରେ ପଡୁଛନ୍ତି ଫଳରେ ପ୍ରତ୍ୟେକ ଗ୍ରାମମାନଙ୍କରେ ଅର୍ଦ୍ଧାଧିକ ମହିଳା ବିଧବା ଓ ପରିବାରଗୁଡିକ ଦାରିଦ୍ର୍ୟ ଭିତରେ ଦୁଃଖ କଷ୍ଟ ଭୋଗ କରୁଅଛନ୍ତି। ଓଡ଼ିଶାରେ ଅଧିକାଂଶ ସାଧାରଣ ଲୋକ ଓ ବୁଦ୍ଧିଜୀବୀମାନଙ୍କ ଧାରଣା ନିଶା ରାଜସ୍ୱରୁ ଦେଶର ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁଛି, ତେଣୁ ନିଶା ପ୍ରସାରଣ ଏକାନ୍ତ ଆବଶ୍ୟକ। ମାତ୍ର

# ନିଶାମୁକ୍ତ ଓଡ଼ିଶା

**ମଧୁସୂଦନ ମିଶ୍ର**

ନିଶାମୁକ୍ତ ଭାରତ ଓ ମଦମୁକ୍ତ ମଣିଷ ଖୋଜୁ ଖୋଜୁ ପର୍ଯ୍ୟଟକଙ୍କ ଭୂସ୍ୱର୍ଗ ବୋଲାଉଥିବା ଥାଇଲ୍ୟାଣ୍ଡର କଥା ମନେପଡେ। ଥାଇଲ୍ୟାଣ୍ଡର ପଟାୟା ସହରର walking street ର ସେହି ଦୃଶ୍ୟ ସାରା ସୁନ୍ଦରୀଙ୍କୁ ନେଇ ମତୁଆଲା ରାତି। ରାତିର ରଙ୍ଗୀନ ଆଲୋକରେ ବେଫିକର ପର୍ଯ୍ୟଟନ। ରାତିର ତାତିରେ ବେଲଗାମ ପର୍ଯ୍ୟଟକ। ରାତି ଶେଷ ପ୍ରହର, ଜିକିମିକି ଆଲୁଅ ବୁଝିଯାଏ ସକାଳର ଉଦଭାସିତ କିରଣରେ। ସୂର୍ଯ୍ୟାଲୋକର ପର୍ଯ୍ୟଟନର କିରଣ ବିଛୁରିତ ହୋଇ କେତେବେଳେ କୋରାଲ ଆଇଲ୍ୟାଣ୍ଡ ଉପରେ ପଡେ ତ କେତେବେଳେ ଫ୍ଲୋଟିଂ ମାର୍କେଟ ଉପରେ। ବିକାଶର ପଥ କେତେକ ସୁଗମ ତାହା ପରିସ୍ଫୁଟିତ ଦେଖାଦେଇଥାଏ। ଆଗକୁ ଆଗକୁ ଆଗାନ୍ତି ଥାଇଲାଣ୍ଡ ବାସିନ୍ଦା, ଦୁଇ ଦୁଇ ଭାଟ୍ (Bhat) ରୋଜଗାର କରି ଧନୀ ରାଷ୍ଟ୍ର ଭାବରେ ଉଭା ହେବା ପାଇଁ କର ଲେଉଟାଉଛନ୍ତି। ସେ ସବୁକୁ ନେଇ ବିଡା ବିଡା ଟଙ୍କା ଓ ବିକାଶର ସ୍ୱପ୍ନ ଦେଖିଥାନ୍ତି ଥାଇଲାଣ୍ଡବାସୀ। ଆଜି ବି ସେଠାରେ ପରମ୍ପରା ଉଜ୍ଜୀବିତ ରହିଛି। ପରମ୍ପରାକୁ ପାଥେୟ କରି ଲୋକେ ବଞ୍ଚିଛନ୍ତି। କିନ୍ତୁ ଆମର ଅଫିସରିଆ ବାବୁ କୋରାଲ ଆଇଲ୍ୟାଣ୍ଡ ବା ଫ୍ଲୋଟିଂ ମାର୍କେଟକୁ ନେଇ ପର୍ଯ୍ୟଟନର ବିକାଶ ଦେଖିପାରନ୍ତିନି ଦେଖନ୍ତି ରାତିର ସେହି ସୁରା ସୁନ୍ଦରୀର ଦୃଶ୍ୟ। ସରକାରୀଆ ବାବୁ ସରକାରୀ ଟଙ୍କାରେ ମତୁଆଲା ହୋଇଥାନ୍ତି ରାତି ତମାମ ଆଉ ଦିନରେ ହୋଟେଲ ବେଡରେ ବେଫିକର କିଛି ବେଲଗାମ ଦୃଶ୍ୟରେ ମଜିଯାଇ ଭିନ୍ନ ତଥା ପରମ୍ପରାକୁ ନେଇ ବିକାଶ ଜାଣିପାରନ୍ତିନି ବା ଜାଣିବାକୁ ଚିନ୍ତା କରନ୍ତି ନାହିଁ। ଆଉ ସ୍ୱପ୍ନ ଦେଖନ୍ତି ଭାରତରେ ସୁରା ସୁନ୍ଦରୀଙ୍କୁ ନେଇ ପର୍ଯ୍ୟଟନ। ତାର ନିଛକ ପରିକଳ୍ପନାକୁ ଓଡ଼ିଶାରେ ମୁଣ୍ଡ ଟେକିଲା ପର୍ଯ୍ୟଟନ ସହର, ଆଧାତ୍ମିକ ସହର ପୁରୀରେ ମଦକୁଡୁଆ ପରିକଳ୍ପନାର ଚିନ୍ତା ନେଇ କିନ୍ତୁ ଜଗତଗୁରୁ ଶଙ୍କରାଚାର୍ଯ୍ୟ, ଗୁରୁଜୀଙ୍କ ଆଶୀର୍ବାଦରେ ହଜିଗଲା ସରକାରିଆ ବାବୁଙ୍କ ସ୍ୱପ୍ନର ମଦକୁଡୁଆ ପରିକଳ୍ପନା ସୁରା ସୁନ୍ଦରୀର। ତଥାପି ସରକାରୀଆ ବାବୁଙ୍କର କିଛି ମାସତଳେ ଚୁରୁମାର ହୋଇଥିବା ସ୍ୱପ୍ନ ପୁଣି ତେଜିଛି ନିଆଁ ସ୍ୱପ୍ନ ଶେଷ କରିବା ପାଇଁ ମଙ୍ଗ ଧରିବାକୁ ଚେଷ୍ଟା ମଦକୁଡୁଆର। ପୁରୀକୁ ପଟାୟା କରିବାର ସ୍ୱପ୍ନ। ତାରି ଭିତରେ କିଛି ବୁଦ୍ଧିଜୀବୀ ଓ କିଛି ସମାଜସେବୀଙ୍କ ପ୍ରଚେଷ୍ଟା ହଜାଇଦେଇଛି ଏହି ସ୍ୱପ୍ନ। କିନ୍ତୁ କଣ କରିବା ସତରେ କଣ ଆମ ସ୍ୱପ୍ନ ପୂରଣ ହେବ ମଦମୁକ୍ତ ହେବ ଓଡ଼ିଶା। ଏସବୁ ସ୍ୱପ୍ନ ଭଳି ଲାଗୁଛି ପୁରୀ ସହରରେ ବୁଲିବା ସମୟରେ ଦେଖେ ଗ୍ରୋସରୀ ଦୋକାନରେ ଭିଡ଼ ନାହିଁ, ଦେଖେ ଖିର ଦୋକାନରେ ଭିଡନାହିଁ କିନ୍ତୁ ମଦଦୋକାନରେ ଲମ୍ବା ଧାଡି। ଧାଡିରେ ଠିଆ ହୋଇ ମଦ କିଣୁଛନ୍ତି ଗରିବ ଗୁରୁବା ଓ ଧନୀକ ଶ୍ରେଣୀୟ ଲୋକ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ଧାଡିରେ ଠିଆ ହେଲେ ଲୋକଙ୍କୁ ବେଶ କଷ୍ଟ ଲାଗୁଛି। କିନ୍ତୁ ମଦ କିଣିବା ସମୟରେ ଧାଡ଼ିରେ ଠିଆ ହେବା ସହଜ ଲାଗୁଛି। ଏସବୁ ଦୃଶ୍ୟ ଦେଖିଲେ ଲାଗୁଛି କଳିଯୁଗର ଅନ୍ତ ଆସିଗଲା। କୁହାଯାଏ କଳିଯୁଗ ଅନ୍ତ ହେଲେ ଆସିବ ସତ୍ୟଯୁଗ। ସତ୍ୟଯୁଗ ଆସିବା ପୂର୍ବରୁ ପାପର ଘଡା ପୂର୍ଣ୍ଣ ହେବ। ପୁଣ୍ୟବନ୍ତଙ୍କ ନିଆଁର ଆଁରେ ସମସ୍ତେ ପୋଡି ଛାରକାର ହେବେ। ଏହାରି ଭିତରେ ସହରକୁ ଲାଗିଥିବା ଗାଁ କଥା ମନେପଡିଲେ ମନରେ ଭିନ୍ନ ଏକ ବିଶାଦ ମାଡି ଆସୁଛି। ରାତିର ଅନ୍ଧାରରେ ଗାଁ ଯୁବକର ଉନ୍ମତକାଣ୍ଡ, ଝିଅ ବୋହୂ ଭୟଭୀତ। ଲୋକେ ଗାଁ ଛାଡି ସହର ମୁହାଁ ହେଉଛନ୍ତି। ଭଦ୍ରଲୋକ ମାନଙ୍କର ଗାଁର ମୋହ ରହିଛି କିନ୍ତୁ ଅନ୍ଧାର ଭିତରେ ଓ ମର୍ମସ୍ପର୍ଶୀ ରାତି ଦେଖିଲେ ଭୀତତ୍ରସ୍ତ ମଣିଷ। ଜଣେ ବିଦେଶୀ କହୁ କହୁ କହିଲେ ଭାରତର ଲୋକ କେମିତି ମଦ ପିଇଥାନ୍ତି। କିଭଳି ବାରାତ ବରଯାତ୍ରୀ ଯିବା ସମୟରେ ଅନ୍ଧାରରେ କାର୍‌ର ଛାତ ଉପରେ ତ କେତେବେଳେ କାର୍ ଡିକିରେ ସୁରା ଓ ସବାବ। ଏସବୁ ଦିବ୍ୟ ପଦାର୍ଥ ପିଇ ସହସ୍ର ସିଂହର ବଳ ଦେଖାଇଥାନ୍ତି। ଜଣେ ଦୁଇ ଜଣ ଏପଟକୁ ସେପଟ ଅନାଇ କିଏ କାଳେ ଦେଖିନେବ ଭୟ ଭିତରେ ଯୁବ ଉଦାମତା ପ୍ରତୀୟମାନ କରାଇଥାନ୍ତି। ସେହି ବାଟରେ ଝିଅ ବୋହୁ ଯାଉଥିବା ବେଳେ ଟାହିଟପରା ଶୁଣି ଆଖିବୁଜି ଚାଲିଯାଆନ୍ତି। ଆଉ ପିକିନିକ ନାଁରେ ପୁରୀରୁ କୋଣାର୍କ ମେରାଇନ ଡ୍ରାଇଭିଂ ରାସ୍ତାର ରାମଚଣ୍ଡୀ ଠାକୁରାଣୀଙ୍କ ଚାରିପାଖ ପଡିଆ ସୁରା ସବାବରେ ଓଦା, ବଣଜଙ୍ଗଲରେ ଯୁଆଡେ ଅନାଇବେ ସିଆଡେ ମଦ ଧରି ବସିଛନ୍ତି ଯୁବକ। ଉଦାମତାରେ ଫାଟି ପଡୁଥାଏ ପୁରା ପରିବେଶ। ସହରର ସାହି ବସ୍ତି ଗଳି କନ୍ଦି ସବୁଠି ଖୁଲମଖୁଲା ଖୋଲିଗଲାଣି ମଦ ଦୋକାନ, ଯୁବକମାନେ ମଦ ପିଇ ଜୀବନକୁ ଛାରକାର କରିଦେଉଛନ୍ତି। ଜୀବନ ଆରମ୍ଭରୁ ଜୀବନକୁ ଜଳାଞ୍ଜଳି ଦେଇଦେଉଛନ୍ତି। କେବଳ ଯୁବକ ନୁହନ୍ତି ଛୋଟ ଛୋଟ ବସ୍ତି ପିଲାମାନେ ମଧ ଆକ୍ରାନ୍ତ ହୋଇ ଜୀବନକୁ ଜିଇଁବା ପୂର୍ବରୁ ଜୀବନକୁ ମାରିଦେଉଛନ୍ତି। ସରକାର ରାଜସ୍ୱ ଚିନ୍ତା କରୁଛନ୍ତି କିନ୍ତୁ ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣାରେ ଅନେକଙ୍କ ଜୀବନଦୀପ ଲିଭିଯାଉଛି। ମଦ ଓ ଗୁଟଖା ଖାଇ କ୍ୟାନସରରେ ଆକ୍ରାନ୍ତ ହୋଇ ଜୀବନ ହରାଉଛନ୍ତି ଏବଂ ପରିବାର ନିସ୍ୱ ହୋଇଯାଉଛନ୍ତି। ଏବେ ପର୍ଯ୍ୟଟନ ସହରରେ ମଦକୁଡୁଆ ଯୋଜନା କରିବା ପାଇଁ ପୁଣି ଚେଷ୍ଟା କରାଯାଉଛି। ମଦ ପିଇ ପର୍ଯ୍ୟଟକମାନେ ସମୁଦ୍ରରେ ଉନ୍ମତ କାଣ୍ଡ କରିବେ ପ୍ରତିଦିନ ସମୁଦ୍ରରେ ଦୁର୍ଘଟଣା ହେଉଛି କିଛି ସମୟରେ ପର୍ଯ୍ୟଟକଙ୍କର ଜୀବନଦୀପ ଲିଭିଯାଉଛି। ଏବେ ମଦ କୁଡିଆ ସମୁଦ୍ରକୂଳରେ ସରକାର ଖୋଲିଦେଲେ କିଛିନହେଲେ ୩୦/୪୦

କିଲୋମିଟର ପରିଧିରେ ଥିବା ପୁରୀ ସହର ସହ ଅନ୍ୟ ସବୁ ସମୁଦ୍ରକୂଳ ପର୍ଯ୍ୟଟନ ସ୍ଥଳ ଅନ୍ତତଃ ୧୦୦ ଖଣ୍ଡ ଗାଁର ବେକାର ଯୁବକ ଯୁବତୀ ବୁଲିବା ନାଁରେ ଖୋଲା ଖୋଲି ମଦ ପିଇବା ସହ ବ୍ୟକ୍ତି ସ୍ୱାଧୀନତାର ଦୁରୁପଯୋଗ ଯେ ନକରିବେ କିଏ କହିବ।

ଏହା ପରବର୍ତ୍ତୀ ଆଶଙ୍କା, ଖରାବେଳଟାରେ ବା ସନ୍ଧ୍ୟାପରେ ଏହି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀ ନିଶାର ପ୍ରଭାବ ସହ ସମୁଦ୍ର ପାଣିରେ ପଶିବା ପରେ କେତେବେଳେ ଯେ ଜୀବନ ନ ଚାଲିଯିବ କିଏ ବା ସେ କଥା କହିପାରିବ? ସରକାର ଏହି ମଦକୁଡ଼ିଆ ଯୋଜନାରୁ କ'ଣ ଅଧିକ ରାଜସ୍ୱ ବା ପର୍ଯ୍ୟଟନର ବିକାଶ କରିବେ ସେ କଥା ପରେ ଜଣାପଡ଼ିବ, କିନ୍ତୁ ଏହା ସତ୍ୟ ଯେ ଆମ ପାଖଗାଁ ପିଲାଙ୍କର ଜୀବନ ଗଲେ ବା ସେମାନେ ଅତ୍ୟାଚାରିତ ହେବା ପରବର୍ତୀ ଅବସ୍ଥାରେ ବାପ ମା'ମାନେ ଏହାକୁ ସହି ପାରିବେ ତ? ତେଣୁ ସମୟ ଉପଗତ, ଆମେ ସମସ୍ତେ ଆମ ଭବିଷ୍ୟତ ପିଢ଼ୀର ସୁରକ୍ଷା ପାଇଁ ଏକତ୍ରୀତ ହୋଇ ନିଶାରାକ୍ଷସ ବିରୁଦ୍ଧରେ ପାରୁପର୍ଯ୍ୟନ୍ତ ଲଢ଼େଇ କରିବା।

ଏଭଳି ଘଟଣା ସାରା ଓଡ଼ିଶାର, ସାରା ଭାରତରେ ଯେଉଁ ଦେଶରେ ଲୋକ ଖାଇବାକୁ ପାଉନାହାନ୍ତି ବୋଲି ଖାଦ୍ୟସୁରକ୍ଷାରେ ଟଙ୍କିକିଆ ଚାଉଳ ଦିଆଯାଉଛି ସେଠି ଲୋକମାନେ ମଦ ପିଇ ନିଜ ଜୀବନକୁ ଜଳାଞ୍ଜଳି ଦେଇଦେଉଛନ୍ତି। କଣ ସତରେ ଆମେ ପରିବର୍ତନ ହେଇପାରିବା ନାହିଁ ମଦ ଓ ବିଭିନ୍ନ ପ୍ରକାର ନିଶା ଛାଡ଼ିପାରିବା ନାହିଁ? ସରକାର କ'ଣ ମଦ, ଗଞ୍ଜେଇ, ଗୁଟଖା ସମ୍ପୂର୍ଣ୍ଣ ବନ୍ଦ କରିବେନି? ବିଶ୍ୱାସ ଅଛି ସରକାର ସଚେତନ ହେବେ, ନିଶାମୁକ୍ତ ଭାରତ ଗଠନ ହେବ, ସୁସ୍ଥ ସମାଜରେ ଆମେ ସମସ୍ତେ ବଞ୍ଚିବା।

ସୋସିଆଲ ମିଡିଆ ସମ୍ପାଦକ
ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ

# ବୁଲା ଫକୀରର ଝୁଲାମୁଣି

ତୁଷାରକାନ୍ତ

ଆମ ସାମ୍ବିଧାନିକ ବ୍ୟବସ୍ଥା ମୁତାବକ ମହାମହିମ ରାଷ୍ଟ୍ରପତି ଦେଶର ସବୁଠାରୁ ବଡ ସମ୍ମାନଜନକ ବ୍ୟକ୍ତି ହୋଇଥିବାରୁ, ଆମ ଓଡ଼ିଶାର ଗୌରବ ତଥା ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ 'ଓଡ଼ିଶାକୁ ମଦମୁକ୍ତ କରାଯାଉ' ଆହ୍ୱାନକୁ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ ଗ୍ରହଣ କରି ଓ ଏହା କିପରି ସଫଳ ହେବ, ସେ ବାବଦରେ ମହାମହିମଙ୍କୁ ପଚାରି ଏଭଳି ଆହ୍ୱାନକୁ ଅଚିରେ କାର୍ଯ୍ୟକାରୀ କରାଇବା ଉଚିତ।

"ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)" ସଙ୍ଗଠନ ସହିତ ଜଡ଼ିତ ଥାଇ ମୁଁ କିଛିକାଳ "ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ" ପାଇଁ ହେଉଥିବା ଆନ୍ଦୋଳନରେ ଭାଗ ନେଇଥିଲି।

ଏହା ଉପରେ କେହି ଜଣେ (ନାମ ମନେ ପଡୁନି) "ସମଗ୍ର ଦେଶରେ ନିଶା ନିବାରଣ ନହୋଇ କାଁ ଭାଁ କେଉଁଠି କେଉଁଠି ହେଲେ ତାହା ସଫଳ ହେବନାହିଁ, ଯେମିତି ଗୁଜୁରାଟରେ ସମ୍ପୂର୍ଣ୍ଣ ସଫଳ ହେଉନାହିଁ" ବୋଲି କହିବାର ଶୁଣି "ମୋନା"ର କର୍ମକର୍ତାମାନଙ୍କ ସହ ଆଲୋଚନା କରିଥିଲି।

ତଦନୁଯାୟୀ ସଂସ୍ଥାର ଅଧ୍ୟକ୍ଷ, ଗାନ୍ଧିବାଦୀ ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପଦ୍ମ ଚରଣ ନାୟକ ମହାଶୟଙ୍କ ତା୨୨.୦୩.୨୦୧୮ରିଖରେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ଭେଟି ଏ ଦିଗରେ ସବୁ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରି ସମଗ୍ର ଦେଶରେ ନିଶା ନିବାରଣ ଆଇନ ପ୍ରଚଳନ କରେଇବା ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ।

ଏହି ସାକ୍ଷାତକାର ଉପରେ ସମ୍ମାନୀୟ ପ୍ରଧାନମନ୍ତ୍ରୀ ନିଜର ଟ୍ୱିଟର ହ୍ୟାଣ୍ଡଲରେ ଲେଖିଥିଲେ "Have a wonderful interaction with the eminent freedom fighter, Gandhian and ex-MLA of Odisha, Sri Padma Charan Nayak. He has lived a life of simplicity and service. His efforts to free society from social evils, including alcoholism (ମଦ୍ୟପାନ) are inspiring.

ଯଶସ୍ୱୀ ପ୍ରଧାନମନ୍ତ୍ରୀ ତା ୨୨.୦୩.୨୦୧୮ରିଖରେ "ଶ୍ରୀ ପଦ୍ମ ଚରଣ ନାୟକ ମଦ୍ୟପାନ ଭଳି ସାମାଜିକ ପାପ ହଟାଇବା ଦିଗରେ ଯାହା କରୁଛନ୍ତି ତାହା ଉତ୍ସାହଜନକ ଭଳି ଟ୍ୱିଟ କରିବାର ପାଂଚ ବର୍ଷ ପୁରିଯିବା ପରେ ଏ ଦିଗରେ କିଛି ହୋଇଥିବା କଥା ମୋତେ ଜଣାନାହିଁ। ହୁଏତ, "ଭଗବାନଙ୍କ ବିଚାରରେ ଡେରି ହୋଇପାରେ- ଅନ୍ଧାର ନାହିଁ, ମୋଟେ ନହେବା ଠାରୁ ଡେରିରେ ହେବା ଭଲ, ଡେରିର ଫଳ ମିଠା ଇତ୍ୟାଦି ବାଣୀ ଆଧାରରେ ଏଥିପାଇଁ ଡେରି ହେଉଛି।

ତେବେ ମହାମହିମ ରାଷ୍ଟ୍ରପତି "କେବଳ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ହେବା"କୁ ଆହ୍ୱାନ ଦେବାକୁ ଆମ ମୁଖ୍ୟମନ୍ତ୍ରୀ ସଫଳ କରାଇଲେ ହୁଏତ ମହାମହିମ ନିଜ ଜନ୍ମିତ ରାଜ୍ୟର ଉଦାହରଣ ଦେଇ ସବୁ ରାଜ୍ୟରେ ଏପରି ଆହ୍ୱାନ ଦେବେ, ଯଦ୍ୱାରା ସମଗ୍ରଦେଶରେ ନିଶା ନିବାରଣ କାର୍ଯ୍ୟକାରୀ ହେବ।

ଏପରି ହେଲେ ଯେହେତୁ ନବୀନଜୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ, ତେଣୁ ସେ ଏପରି କରିବା ପାଇଁ ଏହି ଲେଖାଟିକୁ ତାଙ୍କ ପାଖକୁ ପଠେଇବାର ପ୍ରତିଶ୍ରୁତି ଦେଉଛି।

ଏ ଦିଗରେ ଜଗତରନାଥ ଜଗନ୍ନାଥେ ନବୀନଜୀଙ୍କୁ ଭରସା ହେବାକୁ/ସଠିକ ମାର୍ଗ ପ୍ରଦର୍ଶନ କରିବାକୁ ପ୍ରାର୍ଥନା କରୁଛି।

ଜୟଜଗନ୍ନାଥ। ଧନ୍ୟ ଆପଣଙ୍କ ଲୀଳା।

ଫୋନ୍ : ୮୮୯୫୮୫୭୩୧୮

# ନିଶାର ସ୍ୱରୂପ

କୁନ୍ତଳା କୁମାରୀ ବିଶ୍ୱାଳ

'ପାନ, ବିଡ଼ି ନୁହେଁ ଛୋଟିଆ ନିଶା
ଜଣାପଡେ ନାହିଁ ଟାଣେ ପଇସା।'

ଏହି ଉକ୍ତିଟି ବାଲ୍ୟକାଳରେ ମୋ ଗୁରୁଜୀ ବିଦ୍ୟାଳୟର ଶ୍ରେଣୀ ଗୃହରେ ବୁଝାଇଥିଲେ। ସେତେବେଳେ ତାହା କେତେଦୂର ବୋଧଗମ୍ୟ ଥିଲା ତାହା ମୋତେ ଜଣା ନାହିଁ। କ୍ରମେ ବୟସ ଓ ସମୟ ମୋତେ ନିଶା ସମ୍ବନ୍ଧରେ ସମ୍ୟକ୍ ଧାରଣା ହେଲା। ମାତ୍ର ସବୁ ନିଶା ସଂପର୍କରେ ମୋର ଧାରଣା ସ୍ୱଷ୍ଟ ନଥିଲା। ଏବେ ବୁଝିବା ବେଳକୁ ନିଶା ରାକ୍ଷସର ଭୟବହତା ମୋତେ ମର୍ମାହତ କରୁଛି। ନିଶା ଯୋଗୁଁ ମଣିଷକୁ ଦାଣ୍ଡର ଭିକାରୀ କରି ଦେଉଛି। ତଦ୍ୱାରା ସମାଜ, ପରିବାର ଅନେକ କ୍ଷତିଗ୍ରସ୍ତ ହେଉଛନ୍ତି।

ପାନ, ବିଡ଼ି, ଚା, ଗୁଡ଼ାଖୁ ନିଶା ରୂପେ ଗଣାଯାଏ। ସେହି ପ୍ରକାର ନିଶାସେବନ କଲେ କେବଳ ବ୍ୟକ୍ତି ବିଶେଷଙ୍କ କ୍ଷତି ହୋଇଥାଏ। ପରିବାରର କ୍ଷତିଟା ଏତେ ଲୋକଲୋଚନକୁ ଆସେ ନାହିଁ। ଆଜି ଯେଉଁ ନିଶା କଥା କହିବାକୁ ଯାଉଛି ତାହା 'ମଦ' ନିଶା। ଆମ ଉଜ୍ଜ୍ୱଳ ଭବିଷ୍ୟତ, ଉତ୍ତର ଦାୟାଦ, ସୁନେଲି ସ୍ୱପ୍ନମାନେ ସେହି ନିଶା କବଳରେ କବଳିତ ହୋଇ ଅନ୍ଧକାରକୁ ଟାଣି ହେବା ସହିତ ଆମକୁ ଜୀବନ୍ତ ଦଗ୍ଧ କରୁଛନ୍ତି।

ଯେଉଁମାନେ ଆଜିର କଳି ଆସନ୍ତା କାଲିର ପ୍ରସ୍ଫୁଟିତ ପୁଷ୍ପ, ସେହିମାନେ ହିଁ ମଦ ନିଶାରେ ନିଜର, ପରିବାରର, ସମାଜର କ୍ଷତି ସାଧନ କରୁଛନ୍ତି। ପୁଅର ମାଆ, ସ୍ତ୍ରୀର ସ୍ୱାମୀ, ଭଉଣୀର ଭାଇ ସମସ୍ତେ ନିଶା ପ୍ରଭାବରେ ଆକ୍ରାନ୍ତ। ସେମାନଙ୍କ ପାଇଁ ଯେତେ ଉପାୟ ଅବଲମ୍ବନ କଲେ ସୁଦ୍ଧା ନିଜ ପିଲାଙ୍କୁ ନିଶା କବଳରୁ ମୁକ୍ତ କରିପାରୁନାହାନ୍ତି। ଫଳରେ ସେମାନେ ସମାଜର ଭୟଙ୍କର କ୍ଷତି କରିଚାଲିଛନ୍ତି। ନିଶାଗ୍ରସ୍ତ କିଶୋର, ଯୁବକ ଅକାଳରେ, ଅସମୟରେ ସଂସାର ଛାଡ଼ି ଚାଲି ଯାଉଛନ୍ତି। ଆପଣମାନେ ସବୁ ଜାଣି ବୁଝି ନୀରବ ରହୁଛନ୍ତି। ସରକାରୀ ସ୍ତରରେ ମଦର ପ୍ରଚାର ପ୍ରସାର ବହୁଗୁଣିତ ହେଉଛି। ଦୁଃଖିନୀ ମାଆ, ଭଉଣୀଙ୍କ ଆର୍ତ୍ତ ଚିତ୍କାର ସରକାରଙ୍କୁ ପ୍ରଭାବିତ କରି ପାରୁନାହିଁ। ତାହାହିଁ ଦୁଃଖ ଓ ପରିତାପର ବିଷୟ।

ଆଜି ଯେଉଁ ଦୁର୍ଘଟଣା ସବୁ ପ୍ରତିଦିନ ଘଟି ଚାଲିଛି। ନାରୀ ନିର୍ଯ୍ୟାତନା, ଅପହରଣ ବ୍ୟଭିଚାର ସବୁରି ମୂଳରେ ଏହି ନିଶା ସେବନ ପୂର୍ଣ୍ଣମାତ୍ରାରେ ଦାୟୀ। ସରକାରୀ କାର୍ଯ୍ୟକ୍ରମରେ ପେଟି ପେଟି ମଦର ପ୍ରଚଳନ ସମସ୍ତଙ୍କୁ ଭଲ ରୂପେ ଗୋଚର। ଅଧୁନା ବାହାଘର ଭଳି ଶୁଭ କାର୍ଯ୍ୟରେ କିମ୍ବା ଶବ ଶ୍ମଶାନକୁ ନେଲାବେଳେ ମଦର ଆବଶ୍ୟକତା ଯୁବଗୋଷ୍ଠୀଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିରୁ ସମାଜର କ୍ଷତି କୁଆଡ଼କୁ ତାହା ସହଜରେ ଅନୁମେୟ।

ପୁତ୍ର କନ୍ୟାମାନଙ୍କୁ ଆତ୍ମଜ, ଆତ୍ମଜା କୁହାଯାଏ। ସେମାନଙ୍କ ପିତା, ମାତାଙ୍କ ଶରୀର ସହିତ କେବଳ ସଂପର୍କ ଥାଏ ତାହା ନୁହେଁ ସେମାନେ ଜନ୍ମଦାତ୍ରୀ ଆତ୍ମାସହ ନିବିଡ଼ ଓ ଘନିଷ୍ଠ। ସେହି ପ୍ରିୟ ପୁତ୍ର, ଆତ୍ମଜ ନିଶାର ଶିକାର ହୋଇ ପିତା, ମାତାଙ୍କୁ ହତ୍ୟା କରିବାକୁ ପଛାଉ ନାହାନ୍ତି। ଆଜି ପିତା-ପୁତ୍ରର ମଧୁର ସଂପର୍କ ସୁଦୂର ପରାହତ। ସୁତରାଂ ମଦ କବଳରୁ ସନ୍ତାନଙ୍କୁ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ସମାଜ, ପରିବାର ସର୍ବୋପରି ରାଜ୍ୟକୁ ଏହି ମହାବିପଦରୁ ରକ୍ଷା କରିବା ଆମର ବଡ଼ କର୍ତ୍ତବ୍ୟ। ନାରୀମାନେ କିୟତ୍ ପରିମାଣରେ 'ମଦ'ର ଭୟାବହତା ହୃଦୟଙ୍ଗମ କରିପାରିଛନ୍ତି। ତେଣୁ ବିଭିନ୍ନ ସହରରେ ପଲ୍ଲୀ ଗ୍ରାମରେ ଥିବା ମଦ ଦୋକାନଙ୍କୁ ଭଙ୍ଗାରୁଜା କରିବା ପାଇଁ ଆଗେଇ ଆସୁଛନ୍ତି। ହେଲେ ପୁରୁଷ ସମାଜର ପ୍ରୋତ୍ସାହନ ଏଥି ନିମନ୍ତେ ସମ୍ପୂର୍ଣ୍ଣ ଆବଶ୍ୟକ। ଆମେ ସମସ୍ତେ ଏକଜୁଟ ହେଲେ, ସରକାରଙ୍କ ଉପରେ ନିଶ୍ଚୟ ପ୍ରଭାବ ପଡ଼ିବ। ଏଥିରେ ସନ୍ଦେହ ନାହିଁ। 'ଏକତା ହିଁ ବଳ' ଏହାକୁ ଆମକୁ ପ୍ରମାଣ କରିବାକୁ ପଡ଼ିବ। ଗୁଜୁରାଟ, ବିହାର ଭଳି ଓଡ଼ିଶାରେ ମଦ ବନ୍ଦ ହେବ ନିଶ୍ଚୟ। ସେଥିପାଇଁ ଆମର ପ୍ରଚେଷ୍ଟା, ମନୋବଳ ଦୃଢ଼ ଇଚ୍ଛାଶକ୍ତି ଜାଗ୍ରତ କରିବାକୁ ପଡ଼ିବ। ତାହେଲେ ଅଚିରେ ଆମେ ଆମ ଲକ୍ଷ୍ୟରେ ପହଂଚିପାରିବା। ସରକାରଙ୍କୁ ମୋର ନିବେଦନ ସେ ଓଡ଼ିଶା ରାଜ୍ୟକୁ ଓଡ଼ିଆ ଜାତିକୁ ଏହି ଦୁର୍ଦ୍ଦିନରୁ ରକ୍ଷା କରନ୍ତୁ।

ଫୋନ୍ : ୯୯୩୮୯୧୮୩୪୭



# "ମୋନା"ର ବାର୍ଷିକ ବିବରଣୀ

## (୨୦୧୯ ରୁ ୨୦୨୩)

ଉପରୋକ୍ତ ବର୍ଷଗୁଡିରେ "ସଂଗ୍ରାମ ସରିନାହିଁ" ମାଗାଜିନ୍‌ଟି ବାହାରି ପାରିନଥିବାରୁ ଆମେ କାର୍ଯ୍ୟକ୍ରମ ଗୁଡିକୁ ସାଧାରଣ ଜନତାଙ୍କ ଅବଗତି ନିମନ୍ତେ ଉପସ୍ଥାପିତ କରୁଛୁ। ଏ ମଧ୍ୟରୁ ୨୦୧୯-୨୦ରେ ଆମ୍ଭର କାର୍ଯ୍ୟକ୍ରମ "ମଦମୁକ୍ତ ଭାରତ" ମାଗାଜିନ୍‌ରେ ପ୍ରକାଶିତ ହୋଇଛି। ୨୦୨୦-୨୩ ବର୍ଷଗୁଡିକରେ କାର୍ଯ୍ୟକମ ହୋଇଥିଲେ ବି "ସଂଗ୍ରାମ ସରିନାହିଁ" ଛପା ହୋଇ, ପାରିନଥିବାରୁ ଏ ଆଲେଖ୍ୟ ଉପସ୍ଥାପନା କରାଯାଉଛି। କରୋନା ବିଭିଷିକା ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ରହିଥିବାରୁ କାର୍ଯ୍ୟକ୍ରମ କମ୍ ଥିଲା ଓ ମାଗାଜିନ୍ ଛପା କାମ ମଧ୍ୟ ହୋଇପାରିନଥିଲା।

୨୦୧୯-୨୦ରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସର୍ବଭାରତୀୟ ସଂଗ୍ରାମ ନିମନ୍ତେ ଏକ ଜାତୀୟ ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଏହାର ନାମ "ମଦ ମୁକ୍ତ ଭାରତ" (Liquor free India) ଏ ଉପଲକ୍ଷେ ଦିଲ୍ଲୀରେ ଏକ ସର୍ବଭାରତୀୟ ସମ୍ମିଳନୀ ତା୧୬.୦୨.୨୦୨୦ରେ ଅନୁଷ୍ଠିତ ହେବା ସହ ପରଦିନ ତା ୧୭.୦୨.୨୦୨୦ଦିନ ଜନ୍ତରମନ୍ତରଠାରେ ଏକ ଧାରଣା କାର୍ଯ୍ୟକ୍ରମ ଉପରାନ୍ତେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଆସିଥିଲେ ଓ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାର। ଏହି ଜାତୀୟ ସଂଗଠନର ଆବାହକ ହୋଇଥିଲେ ଆମର ପ୍ରିୟ ସଭାପତି "ପଦ୍ମ ଚରଣ ନାୟକ"। ଏହାର ବିଶଦ୍ ବିବରଣୀ "ମଦ ମୁକ୍ତ ଭାରତ" ମାଗାଜିନ୍‌ରେ ପ୍ରକାଶିତ।

### କାର୍ଯ୍ୟକ୍ରମ ୨୦୨୦-୨୧

| ସ୍ଥାନ | ବିବରଣୀ ସମ୍ୟକ ଭାବେ |
|---|---|
| କେନ୍ଦ୍ରାପଡ଼ା, କଟକ | ମହିଳା ଦିବସ ଉପଲକ୍ଷେ ସମାବେଶ, ସଚେତନତା ରାଲି |
| ନିଆଳି, ବାରଙ୍ଗ, କଣ୍ଟାପଡ଼ା<br>କଟକ ଜିଲ୍ଲା, | ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଦିବସ ଉପଲକ୍ଷେ ସଚେତନତା ସଭା<br>ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଭା |
| ଦୌଲତପୁର, ଅନ୍ନପାଳ, ଗୋବିନ୍ଦପୁର<br>ଦୋଳସାହି (ଭଦ୍ରକ ଜିଲ୍ଲା) | ଜନ ସଚେତନତା ସଭା |
| ଡାବାସପୁଟ ଗ୍ରା.ପ : କୁଲାବିରା, ବ୍ଲକ୍<br>ନନ୍ଦିପୁର, ଜି, କୋରାପୁଟ | ଉକ୍ତ ଗ୍ରାମକୁ ମଦମୁକ୍ତ ବୋଲି ଘୋଷଣା କରାଗଲା। ମୋନାର ମହିଳା ଶାଶଖାର ସଂପାଦକ ଅପର୍ଣ୍ଣା ନାୟକ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନାରାୟଣ ପଣ୍ଡା ସ୍ମୃତି ସଂସଦ ଓ ବୈଶାଖୀ ପରିବାରର ମିଳିତ ଆନୁକୂଲ୍ୟରେ ବିଶେଷତଃ ବିଚିତ୍ରାନନ୍ଦ ପଣ୍ଡା ଓ ଅନ୍ୟକର୍ମୀଙ୍କ ଉଦ୍ୟମରେ ଏହା ହୋଇଥିଲା। |
| ଗ୍ରା.ପ : ବାଲଡା, ଜି:-କୋରାପୁଟ<br>ଗ୍ରା-ମାଳୀଭୀମଡୋଲ | ଅପର୍ଣ୍ଣା ନାୟକଙ୍କ ଯୋଗଦାନରେ ଅନୁଷ୍ଠିତ ହୋଇଥିଲା ମହିଳା ସମାବେଶ |
| ଗ୍ରା.ପ. କୁଲାର ସିଠ. ଗ୍ରାମ : ସିଂହପୁଟ | ମହିଳା ସମାବେଶ |
| ମାଳି ଭୀମ ଡୋଲ | ଏହି ଗ୍ରାମକୁ ନିଶାମୁକ୍ତ ଘୋଷଣା କରାଯାଇଥିଲା (ଯୋଗ ଦେଇଥିଲେ ଅପର୍ଣ୍ଣା ଅପା) |

## କାର୍ଯ୍ୟକ୍ରମ ୨୦୨୧-୨୨

| ସ୍ଥାନ | ବିବରଣୀ ସମ୍ୟକ ଭାବେ |
|---|---|
| ଗ୍ରା- କୋମଣ୍ଡ, ବ୍ଲକ୍, ଓଡ଼ଗାଁ ଜିଲ୍ଲା- ନୟାଗଡ଼ | ସ୍ଥାନୀୟ ସ୍ୱର୍ଗତ ରଘୁନାଥ ପ୍ରଧାନଙ୍କ ଉଦ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଯୋଗ ଦେଇଥିଲେ ଅପର୍ଣ୍ଣା ଅପା ଓ ପଦ୍ମ ବାବୁ |
| ପୁରୀ | ସରକାରଙ୍କ ଘୋଷିତ "ବେଳାଭୂମି ମଦ କୁଡିଆ ଯୋଜନାକୁ" ବିରୋଧ କରି ଲଗାଏତ ୧୦ଦିନ ପୁରୀ ସହର ଓ ପାଖ ଗାଁମାନଙ୍କରେ ସଚେତନତା ସଭା ଓ ବିରୋଧ ପାଇଁ ଲଢେଇ । ଶେଷରେ ସରକାର ଏହାକୁ ଉଠେଇ ନେଇଥିଲେ । ଏହି ମଦ କୁଡିଆ ଯୋଜନାକୁ ବିରୋଧ କରିବାକୁ ଆମର ସ୍ୱେଚ୍ଛାସେବୀ ବାହିନୀ ଅନେକ ସଭା କରିଛନ୍ତି, କଲେକ୍ଟର ତଥା ଶଙ୍କରାଚାର୍ଯ୍ୟଙ୍କୁ ଭେଟିଥିଲେ । ପୁରୀ ଛଡା ବରହମ୍ପୁର, ଗୋପାଳପୁର, ପାତିସୁନାପୁର, ବାଲେଶ୍ୱର, ତାଳଚୁଆ, ଚନ୍ଦନେଶ୍ୱର ଓ ପାରାଦ୍ୱୀପକୁ ଯାଇ ସଭା କରି ଏହି ସରକାରୀ ପଲିସିକୁ ବିରୋଧ କରାଯାଇଥିଲା ଓ ସେଠିକାର ସରକାରୀ ଉଚ୍ଚତମ ଅଫିସରଙ୍କୁ ସ୍ମାରକପତ୍ର ଦିଆ ହୋଇଥିଲା । |
| ରେମୁଣା, ବାଲେଶ୍ୱର, କପ୍ତିପଦା, ସାଇଲୋ, ବଡ଼ବିଲ, ହରିଚନ୍ଦନପୁର, ନିଆଳି, ବାରଙ୍ଗ, କଂଟାପଡ଼ା, | ଜନସଚେତନତା ସଭା |
| ଘଟିପିରି, ଢେଙ୍କାନାଳ | ଜନସଚେତନତା ସଭା |
| ପୁରୀ ଟାଉନ୍ | ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ । ଏ ସଂକ୍ରାନ୍ତ ସର୍ବଶେଷ ବିବରଣୀ ମାଗାଜିନ୍‌ରେ ଅନ୍ୟ ପୃଷ୍ଠାରେ ଉପଲବ୍ଧ |
| ଯାଜପୁର ଟାଉନ୍ | ଯାଜପୁରର କଳାଟିଆରୁ ଯାଜପୁର ଟାଉନ୍‌କୁ ପ୍ରା ୪୫ କି.ମି. ଜନସଚେତନତା ପଦଯାତ୍ରା ଅନୁଷ୍ଠିତ । ଶେଷରେ ଯାଜପୁରରେ ଏକ ଜନସଭା ହୋଇଥିଲା । |
| ଖୋର୍ଦ୍ଧା | ଖୋର୍ଦ୍ଧା ଜିଲ୍ଲା ସମ୍ମିଳନୀ ଓ କମିଟି ଗଠନ |
| ଭୁବନେଶ୍ୱର | ଭୁବନେଶ୍ୱର ସହର ସମ୍ମିଳନୀ ଓ କମିଟି ଗଠନ |
| ପୁରୀ | ପୁରୀ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର |
| ଭଦ୍ରକ | ଭଦ୍ରକ ଜିଲ୍ଲା ସମ୍ମିଳନୀ |

## କାର୍ଯ୍ୟକ୍ରମ ୨୦୨୧-୨୨

| ସ୍ଥାନ | ବିବରଣୀ ସମ୍ୟକ ଭାବେ |
|---|---|
| କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ |
| ରାଜସୁନାଖଲା, ନୟାଗଡ଼ | ସଚେତନତା ସଭା |
| ଦିଲ୍ଲୀ | 'ମଦମୁକ୍ତ ଭାରତ'ର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଓ ଆମ ପ୍ରତିନିଧିଙ୍କ ଯୋଗଦାନ |
| ମାଳପୁରା, ଢେଙ୍କାନାଳ | ଜନସଭା |
| ଢେଙ୍କାନାଳ | ଜନସଭା |
| ଯାଜପୁର ଟାଉନ, ଦଶରଥପୁର, ଅଦାଳିଆ (ଯାଜପୁର ଜିଲ୍ଲା) | ଜନସଭା |
| ମଙ୍ଗଳପୁର ଓ ସୁଜନପୁର, ଯାଜପୁର | ଜନସଭା |
| ସାଆଁଳ କଲେଜ, ଭଦ୍ରକ | ଛାତ୍ରମାନଙ୍କ ସଚେତନତା ସଭା |
| ବରୀ, ଯାଜପୁର | ଜନସଭା |
| ଆଖୁଆ ପଦା, ଯାଜପୁର | ଜନସଭା |
| ଅଗ୍ରାଳି କଲେଜ, ଭଦ୍ରକ | ଛାତ୍ରସଭା |
| ଧୁସୁରୀ, ଭଦ୍ରକ | ଛାତ୍ରସଭା |
| ଆଖଣ୍ଡଳମଣି କଲେଜ, ଭଦ୍ରକ | ଛାତ୍ରସଭା |
| ପାଟପୁର, ବାରଙ୍ଗ, କଟକ ଜିଲ୍ଲା | ମହିଳା ସମାବେଶ |
| ପାଟପୁର, ବାରଙ୍ଗ, କଟକ ଜିଲ୍ଲା | ମହିଳା ସମାବେଶ |
| କାକଟପୁର, ପୁରୀ | ମହିଳା ସମାବେଶ |
| ଅଠାନ୍ତର, ବାଲିପାଟଣା, ଖୋର୍ଦ୍ଧା | ମହିଳା ସମାବେଶ |

## କାର୍ଯ୍ୟକ୍ରମ ୨୦୨୨-୨୩

| ସ୍ଥାନ | ବିବରଣୀ ସମ୍ୟକ ଭାବେ |
|---|---|
| ଭୁବନେଶ୍ୱର (ତପୋବନ ବସ୍ତି) | ମହିଳା ସମାବେଶ |
| କଣ୍ଟାପଡ଼ା ଓ ନିଆଳି, କଟକ | ଗାନ୍ଧି ଜୟନ୍ତୀ ଉତ୍ସବ ପାଳନ |
| ପୂର୍ବକଚ୍ଛ, ସାଲେପୁର, କଟକ | ମହିଳା ସମାବେଶ |
| ସମ୍ବଲପୁର | ସମ୍ବଲପୁର ଜିଲ୍ଲା ସମ୍ମିଳନୀ |
| ଧାମନଗର, ଭଦ୍ରକ | ଧାମନଗର ଏକ କମିଟି ଗଠନ |
| ବାଙ୍ଗାଲୋର | ଏଠାରେ ମଦମୁକ୍ତ ଭାରତର ଦକ୍ଷିଣ ଜୋନ୍‌ର କମିଟି ମିଟିଂ ଓ ଏଥିରେ ଆମର ଯୋଗଦାନ |
| ଭୁବନେଶ୍ୱର | ନବବାବୁଙ୍କ ଜନ୍ମଜୟନ୍ତୀ ପାଳନ |
| ଉଦଳା (ମୟୂରଭଞ୍ଜ) | ବରିଷ୍ଠ ନାଗରିକ ମଂଚ ଓ ସଚେତନତା ସଭା |
| କେନ୍ଦ୍ରାପଡ଼ା | ଯୁବ ଦିବସ ଉପଲକ୍ଷେ ଯୁବ ଚେତନା ସମାବେଶ |
| ଛଣଘର (ଖୋର୍ଦ୍ଧା) | ଜନଚେତନା ସଭା |
| ଭୁବନେଶ୍ୱର | ତପୋବନ ବସ୍ତିରେ ସଭା |
| ଭୁବନେଶ୍ୱର | ଗାନ୍ଧୀ ପାର୍କରେ ଧାରଣା |
| ଭୁବନେଶ୍ୱର | ତପୋବନ ବସ୍ତିରେ ପୁଣି ସଭା |
| ସାଲେପୁର | ଗାୟତ୍ରୀ ପରିବାରଙ୍କ ସହ ବୈଠକ |
| ଖଟଖୁରା, ଢେଙ୍କାନାଳ | ସାଧାରଣ ସଭା |
| ଜଗନ୍ନାଥପୁର, ଢେଙ୍କାନାଳ | ସାଧାରଣ ସଭା |
| ସୁରପ୍ରତାପପୁର, ଢେଙ୍କାନାଳ | ସାଧାରଣ ସଭା ଓ ର୍ୟାଲି |
| ଢେଙ୍କାନାଳ ଟାଉନ୍ | ର୍ୟାଲି ଓ ଜନସଭା |

## କାର୍ଯ୍ୟକ୍ରମ ୨୦୨୨-୨୩

| ସ୍ଥାନ | ବିବରଣୀ ସମ୍ୟକ ଭାବେ |
|---|---|
| ମୋତୋ କଲେଜ, ଭଦ୍ରକ | ଛାତ୍ର ସଚେତନତା ସଭା |
| ଘଣ୍ଟେଶ୍ୱର କଲେଜ, ଭଦ୍ରକ | ଛାତ୍ର ସଚେତନତା ସଭା |
| ଭଦ୍ରକ କଲେଜ | ଛାତ୍ର ସଚେତନତା ସଭା |
| କେଳାସାହି, ବାରସର, ଭଦ୍ରକ | ଜନ ସଭା |
| କେନ୍ଦ୍ରାପଡ଼ା | ଦିଲ୍ଲୀ କମିଟିର ମିଟିଂ |
| ବଗଡା, କେନ୍ଦ୍ରାପଡ଼ା | ଜନ ସଭା |
| କେନ୍ଦ୍ରାପଡ଼ା | ଗାଂଧୀ ମୂର୍ତି ପାଖରେ ନିଶାମୁକ୍ତି ଦାବିରେ ଗଣଧାରଣା |
| ରାଜନଗର, କେନ୍ଦ୍ରାପଡ଼ା | ରାଲି ଓ ଗଣସଭା |
| ରାଜକନିକା, କେନ୍ଦ୍ରାପଡ଼ା | ଛାତ୍ର ସଚେତନତା ସଭା |
| ଭଦ୍ରକ | ଭଦ୍ରକ ଜିଲ୍ଲା କମିଟି ବୈଠକ |
| ରେମୁଣା, ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ ଓ ମୟୁରଭଂଜ ଜିଲ୍ଲାର କର୍ମୀ ସମ୍ମିଳନୀ ଓ ଏକ ଜୋନାଲ କମିଟି ଗଠନ ଏହି ସଭାରେ ପ୍ରାୟ ୨୦୦ କର୍ମୀ ଯୋଗ ଦେଇଥିଲେ। ଏହା ବିଶେଷତଃ ମନମୋହନ ମିଶ୍ରଙ୍କ ଉଦ୍ୟମରେ ଅନୁଷ୍ଠିତ। |



ଇତିହାସ ପୃଷ୍ଠାରୁ

# Odisha Nishanibarana Committee
# Bakharbad, Cuttack-2

To Oct. 2005

Hon'ble Chief Minister.

Government of Orissa,

Naveen Niwas,

Bhubaneswar

Sir,

The decision of your Government to open two thousand liquor shops in the State rends the conscience of the people of the State. People are already in agony due to the Excise Policy pursued by your Government as well as previous Governments except that of Late Biju Pattanaik during a short period due to Public agitation after the liquor tragedy of Cuttack. This decision has added salt to the injury.

The Excise Policy of the State is playing havoc among the people of the State, the detail facts and figures need not be elaborated. This policy is contrary to the mandate of our Constitution, Cherished values of our freedom struggle and ethos of our culture. Under Directive Principles of state policy in part IV. Article-47, our constitution gives the mandate as "..........the state shall endeavour to bring about Prohibition of the consumption of intoxicating drinks and of drugs which are injurious to health".

Contrary to the mandate of the constitution of India, the State has been endeavoring to expand the use of intoxicating drinks and drugs as evident from the fact that since the promulgation of the constitution in 1950 till 2000 AD. though the population of the Country has increased by four times, food production by three and half times, literacy by four times and earning per head by eight times, the consumption of IMFL has increased by more than six hundred fifty times and that of country liquor by more than four thousand fifty times.

Mahatma Gandhi, the Father of the Nation did not mince words to declare, "if I was appointed as dictator for one hour for all India the first thing I would do would be to close without compensation all the Liquor Shops and destroy all the "Toddy Pals His Clarion Call Prohibition at any cost was not given effect and the consequences have become visibly desastros.

It is not an emotive issue but a serious matter to brood over from the Socio-Economic point of view. It is an undisputed fact that liquor, whether Foreign made or Country made, has shattered millions of families. The people and the down trodden are the worst sufferers Large part of their small income serves the liquor bill of the liquor vendor and the women and children of such victims spend nights and days without a morsel of food. We presume you are aware of such precarious state of affairs prevalent in the society of both urban and rural areas. Those who drink IMFL mostly belong to richer sections of the society. Their obsessesion with liquor: resulted in broken homes, way-ward defiant children, moanful wives and bleak future. The more you spread liquor, the more goons and criminals are created in the society. Country liquor gets its victim in poor sections of the society, particularly the Backwards, Dalits, Harijans

and Adivasis. It has made their life hell. It is not a fact that they need it hence it should be made available. It is available at hand hence they get addicted. The normal theory of economics regarding demand and supply is not applicable for liquor trade- more you supply liquor more would be demand. It is not a demand oriented trade it is rather a supply oriented trade- more to the detriment of the society.

It may be useful to bring to your notice the fact that in 1956. in view of the abject poverty and other socio-economic factors of Orissa. O.L.A. passed an act known as "Orissa Prohibition Act 1956 which is yet to be operative because the executive has not notified the date as required by law. History will hug you if you get it done.

Later a Committee was set up under the Chairmanship of Dr. P.K. Parija an emblem of education in Orissa. His recommendation is required to be looked into for finding out the undesirability of liquor trade and culture. Another report by Justice Teckchand, which strongly recommends for total prohibition needs due consideration by any welfare State worth the name. You might earn a rupee from state excise but the state is losing a lot even economically for spread of liquor trade. The society is shattered and looks at its democratic Government helplessly.

In 2000-2001. revenue from state excise was 1 2.6% of the state's total revenue. In 2003-2004 it increased to 2.85% of the total revenue. In 2005-2006 you have increased the budget estimate from State Excise to Rs 500 Crores from Rs. 290 Crores of the previous year. State Revenue shall be more but the loss to the society will be much larger than the financial gain. We hope you would not like to dispense with the welfare of the society. More revenue can be earned by plugging the loopholes in the administrative system and curtailing corruption that is spread all over. The Vigilance Dept and C.B.I. are only touching the tip of the ice- burg. New avenues are there to be tapped. Central Government can be compelled to enhance the royalty from minerals. A liquor free State will attract more tourists.

You shall agree with us that Excise Duty on Liquor is not at all a desirable and respectable tap of earning revenue of our State at the cost of our society. The easy availability and spread of liquor nullifies the effects of all the welfare measures and schemes taken up by both the State and the Central Government for the upliftment of the poor thereby causing huge loss to the State as well as Country's Economy. Women, Children and unemployed young men are the worst victims of the present excise policy.

The other argument, apart from additional revenue, in support of the present Excise Policy, is that prohibition of liquor will enhance trade in spurious Liquor which is more injurious to the health of addicted people, and as the neighbouring States have not enforced Prohibition, the requirement of addicted people shall encourage liquor traffic from such States. We have already given a glimpse of statistics which will indicate that increase of supply of liquor during the last 50 years has resulted in increasing the number of people picking of this habit. So more the supply, more is the demand i.e.

people are addicted and trapped because of the additional supply of liquor. We are aware that the wrong policy pursued with regard to the prohibition has brought about the present unfortunate situation which cannot be stopped like switching off an Electric light, but can be reversed in a phased manner, with appropriate education being imparted to different segments as being done for spreading the massage for health, child care or any other social welfare measures. The finance for implementing the policy for achieving ultimate prohibition of liquor within a time frame can be arranged by diverting a small portion from the expenses on welfare activities by tightening the over heads for such activities. That can be done if the work of implementing agencies is monitored by people committed for achevang the social goal and peh legal trading or pepiction of porous lique Onc pection of he is considered as social welfare activity for giving wal and coc justices to the people of a welfare Stated the read of his considered as crime against the idy, the people violating Law should be dealt in similar manner as is provided for curbing any other crime. Once the decision for appropriate legidation made, object of curbing this crime can be achieved No Got worth it can justify spread of liquor trade or mption of poor on the ground of ineffectiveness of the implementing agencies. The appropriate legislation supported by required motivation for curbing the wrong doers will have salutary effect on people addicted with such shameful and dangerous habit But all these are possible to be achieved only by a strong political will. The lack of political will to take steps in that direction is evident from not giving effect to Orissa Prohibition Act. 1956, even if the report of Dr P K Parija Committee and of Justice Teckchumi Committee have strongly recommended for achieving total prohibition. It is needless to state that most of the people habituated with liquor have not the means to bring liquor from outside the State This can only be possible if liquor is imported by traders, for making it available to people addicted with liquor. The vigilance of the implementing agencies has to be strengthened to stop such illegal liquor trading from outside the State or manufacturing of Liquor inside the State. It is also needless to state that the consumption of liquor will be reduced to a very small percentage once total Prohibition is imposed as a result of which the aim of the constitution for achieving Social and Economic Justice can be achieved and benefit of different scheines can reach the real beneficiaries.

Therefore, we are convinced that the policy of spread and consumption of liquor can be scrapped by a strong political will aided by an appropriate legislation and proper motivation of the most vulnerable section of the society imparted through appropriate publicity and education.

The latest argument advanced in support of opening of new additional shop, as published in the media, is to the effect that the additional new liquor shop are opened only where there are illicit liquor sale outlets. Therefore it can safely concluded that the Government wants people to drink liquor only from Goverment licenced shops, instead of the illicit liquor sale outlets. Therefore opening additional liquor shops only legalised and encourage opening of further illicit liquor outlet, to

be succeeded by Government Licenced shops, till the Government outlet reaches every nook and corner of the State There can not be a better joke than the argument advanced by the government. This argument in support of opening liquor shops, speaks only the inefficiency and ineffectiveness of the government machinery and a government which is unable to control illegal action/crimes in accordance provision of law constitution, looses the right to govern the State.

We will like to draw your attention to the oath taken by your good self and member of your Ministry to uphold the constitution. Enforcing prohibition comes under the chapter IV. of constitutions which provides for Directive principles of State Policy in order to achieve the Aims of preamble, of the constitution of India, which includes social & economic justice. The Directive Principles and the Fundamental Rights have been held as two wheels of the chariot that is the constitution. So the present Excise Policy is a clear violation of the Directive Principles, therefore violative of your Oath to uphold the constitution. Therefore we request you to act according to your Oath for upholding the constitution, by pursuing a policy aiming at total Prohibition for the sake of people of the State in general and poor poverty stricken people in particular.

Therefore this representation is made to you in compliance to the resolution passed unanimously by representatives of different social organisations and people of all sections of the society who came from every nook and corner of the State to attend the meeting, called for the purpose and held on the Gandhi Jayanti day, the 2nd October 2005 at Gunanidhi Bhawan, Cuttack. As resolved therein, we put forth the following demands:-

1. That to achieve the aim of a welfare State by giving social and economic Justice and avoiding the health hazards of the people as ordained by the constitution the present Excise Policy, in expanding the liquor trade and avoiding to enforce total prohibition should immediately be reversed.

2. The present Excise Policy including the decision of opening additional two thousand foreign liquor shops is not only immoral but also goes against the principle formulated by great thinkers and leaders of the society whose credibility and standing is a part of History of India and as such requires a total review for achieving the object set out in Orissa Prohibition Act 1956.

3. That the present Excise Policy and the decision of pening additional two thousand shops if given effect to, will frustrate the aim of number of schemes formulated for alleviating the proverty and the reducing the crime rate and health hazards and uplifting of women and as such as a first step for consideration and giving effect to earlier demands, the decision of opening of two thousand liquor shops should immediately be scrapped.

We hope and expect that your Government should consider the above said demands expediously and decision taken by your Government on the afore said demands be published in the media or be communicated to Annapurna Moharana, Bakharabad, Cuttack-2 or communicated to the Odisha Nisanibarana Committee, Bakharabad, Cuttack-2

**Smt. Annapurna Maharana**

President of Odisha Nisanibarana Committee

# Nitish Kumar & Congress to undertake pan Bihar prohibition awareness yatras

Bihar Chief Minister Nitish Kumar and the State unit of the Congress party are scheduled to embark on separate yatras across Bihar from January 5, 2023.

Mr. Kumar will begin his yatra across the State from Bettiah, district headquarters of West Champaran district, on January 5, Earlier, following the Saran hooch targedy in which 38 people died, Mr. Kumar, while asserting that drinking illicit liquor was bad and those who drank it in the State would die, had said that he would embark on a yatra once again to make people aware of the benefits of prohibition.

